# ପ୍ରଜାତନ୍ତ୍ର
## The Prajatantra

76th YEAR OF PUBLICATION

ପ୍ରଜାତନ୍ତ୍ର ପ୍ରଚାର ସମିତି

ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ

ମୀନାବଜାର | ମୂଲ୍ୟ: ୨୦ଟଙ୍କା ମାତ୍ର

ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ

fb.com/prajatantra.pracharsamity.9 | @the_prajatantra | theprajatantra@yahoo.com | www.theprajatantra.org

୭୬ବର୍ଷ ❑ ସଂଖ୍ୟା-୩୦୫ ● କଟକ ● ଗୁରୁବାର ● ୨୨ ଜୁନ୍-୨୦୨୩ ● କର୍କଟ ୦୬ ● ସାଲ୍ ୧୪୩୦

CUTTACK ● THURSDAY ● 22 JUNE-2023 ● RNI Regd.No.4001/57

ମୂଲ୍ୟ : ₹୫ ଟଙ୍କା


# ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ବିହାର ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା ଧମକ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏବଂ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଜୀବନରୁ ମାରିଦେବାକୁ ଧମକ ମିଳିଛି । ବାହାର ଜିଲ୍ଲା ପୋଲିସକୁ ଜଣେ ବ୍ୟକ୍ତି ଦୁଇଥର ଧମକ ଦେଇଥିଲା । କଲ୍ ପାଇବା ପରେ ତୁରନ୍ତ ଏକ ଟିମ୍ ଗଠନ କରାଯାଇଥିଲା ।

କଲ ହିଷ୍ଟ୍ରି ଜରିଆରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ଆରମ୍ଭ କରିଥିଲା । ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି । ତା ନାମ ସଂଜୟ ବର୍ମା । ପରିବାର ସଦସ୍ୟ କହିଛନ୍ତି ଯେ, ସଂଜୟ ରାତିରୁ ମଦ୍ୟପାନ କରୁଥିଲା । ପୋଲିସ ସଂଜୟଙ୍କୁ ଖୋଜୁଛି । ସେ ଦିଲ୍ଲୀର ମାଦିପୁର ଅଂଚଳର ବାସିନ୍ଦା । ଡିସିପି ହରେନ୍ଦ୍ର ସିଂ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ବିହାରର ମୁଖ୍ୟମନ୍ତ୍ରୀଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବା ବ୍ୟକ୍ତିଙ୍କଠାରୁ ଆଜି ପୋଲିସ ଦୁଇଟି ପିସିଆର କଲ ପାଇଛି । ଦିଲ୍ଲୀ ପୋଲିସ କହିଛି ଯେ, କଲ୍ କରୁଥିବା ବ୍ୟକ୍ତିଙ୍କୁ ଚିହ୍ନିବା ପାଇଁ ଏକ ଟିମ୍ ନିୟୋଜିତ କରାଯାଇଛି ।

# ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ନଡ୍ଡା

ଭୁବନେଶ୍ୱର: ଦୁଇ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ଜଗତ୍ ପ୍ରକାଶ ନଡ୍ଡା । ୨୨ତାରିଖ ଅପରାହ୍ନ ୪ଟାରେ ଶ୍ରୀ ନଡ୍ଡା ଝାରସୁଗୁଡା ବିମାନ ବନ୍ଦରରେ ପହଂଚିବା ପରେ ଝାରସୁଗୁଡା ଜିଲ୍ଲା କାର୍ଯ୍ୟାଳୟକୁ ସିଧାସଳଖ ଗସ୍ତ କରି ବରଗଡ ଲୋକସଭା କ୍ଷେତ୍ରରେ ପ୍ରମୁଖ କାର୍ଯ୍ୟକର୍ତାଙ୍କ ସହ ବୈଠକ ଓ ଆଲୋଚନା କରିବେ । ୨୩ ତାରିଖ ଦିନ ଶ୍ରୀ ନଡ୍ଡା ବୁର୍ଲାରୁ ବାହାରି ସିଧାସଳଖ ଭବାନିପାଟଣାଠାରେ ପହଂଚିବା ପରେ ଅଧିଷ୍ଠାତ୍ରୀ ଦେବୀ ମାଁ ମାଣିକେଶ୍ୱରୀଙ୍କୁ ଦର୍ଶନ କରି ଆଶୀର୍ବାଦ ନେବେ । ଏହା ପରେ ସ୍ଥାନୀୟ ଲାଲବାହାଦୁର ଶାସ୍ତ୍ରୀ ଷ୍ଟାଡିୟମରେ ମୋଦି ସରକାରଙ୍କ ୯ ବର୍ଷ ପୂର୍ତୀ ଅବସରରେ ଅନୁଷ୍ଠିତ ମହାଜନସମ୍ପର୍କ ସମାବେଶରେ ଯୋଗ ଦେବେ । ଏହା ପରେ ରାଷ୍ଟ୍ରୀୟ ଅଧକ୍ଷ ଶ୍ରୀ ନଡ୍ଡା ସ୍ଥାନୀୟ ଅଂଚଳର ବିଶିଷ୍ଟ ବ୍ୟକ୍ତି ଏବଂ କଳାହାଣ୍ଡି ଲୋକସଭା କ୍ଷେତ୍ରର ପ୍ରମୁଖ କାର୍ଯ୍ୟକର୍ତାଙ୍କ ସହ ବୈଠକ ଓ ଆଲୋଚନା କରିବେ ।



# ରାଜ୍ୟ କ୍ୟାବିନେଟ୍‌ରେ ୧୫ ପ୍ରସ୍ତାବ ପାରିତ

ଭୁବନେଶ୍ୱର (ପିପିଏସ୍): ରାଜ୍ୟ କ୍ୟାବିନେଟ୍‌ର ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୧୫ଟି ପ୍ରସ୍ତାବ ପାରିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାକୁ ଅନୁମୋଦନ ମିଳିଛି । ସେହିଭଳି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସବୁ ଗାଁକୁ ରାସ୍ତା ନିର୍ମାଣକୁ ଅନୁମୋଦନ ମିଳିଛି ।ଦୁର୍ଗମ ପାର୍ବତ୍ୟ ଅଞ୍ଚଳ, ନକ୍ସଲ ପ୍ରଭାବିତ ଅଞ୍ଚଳକୁ ସଂଯୋଗୀକରଣ, ଅପହଞ୍ଚ ଓ ଅସଂଯୋଜିତ ଗ୍ରାମାଞ୍ଚଳକୁ ମୁଖ୍ୟ ସଡ଼କ ସହ ଯୋଡ଼ିବା ଏହି ଯୋଜନାର ଲକ୍ଷ୍ୟ । ଏହି ଯୋଜନାରେ ୩୬୧ କିମି ରାସ୍ତା ହେବ । ମୋଟ ୯୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ବୈଠକ ସମ୍ପର୍କରେ ସୂଚନା ଦେଇଥିଲେ ।ଶ୍ରୀ ଜେନା କହିଛନ୍ତି ଯେ, ପୁରୀକୁ ଐତିହ୍ୟ ସହରରେ ପରିଣତ କରିବା ପାଇଁ 'ଅବଢ଼ା' ଯୋଜନା ଲାଗୁ ହୋଇଛି । ଏହି ଯୋଜନାର ଅଟକଳ ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ୩୨୦୮ କୋଟିର ବ୍ୟୟବରାଦକୁ ୪୨୨୪.୨୨ କୋଟିକୁ ବୃଦ୍ଧି ନିଷ୍ପତ୍ତି ହୋଇଛି । ସେହିପରି ଗଞ୍ଜାମ ଶୀତଳାପଲ୍ଲୀରେ ହସ୍ପିଟାଲ ପାଇଁ ଟାଟାକୁ ୪୩ ଏକର ଜମି ଦିଆଯିବ । ନାମମାତ୍ର ଅର୍ଥରେ ଟାଟା ଷ୍ଟିଲକୁ ମିଳିବ ଜମି । ରାୟଗଡ଼ା ମଝିଘରିଆଣି ମନ୍ଦିର ବିକାଶ ପାଇଁ ୬ ଏକର ଜମି ଦିଆଯିବ । କ୍ୟାବିନେଟ୍ ବୈଠକରେ ସଉରା ଭାଷାକୁ ସମ୍ବିଧାନର ୮ମ ଅନୁଚ୍ଛେଦର ସାମିଲ ପାଇଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି । ଏନେଇ କେନ୍ଦ୍ରକୁ ପ୍ରସ୍ତାବ ପଠାଯିବ । ଅନୁସୂଚିତ ଜାତ ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ସଉରା ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ ପାଇଁ ପ୍ରସ୍ତାବ ପାରିତ କରାଯାଇଛି । ସେହିପରି ଭାରତୀୟ ସମ୍ବିଧାନରେ ଅନ୍ତର୍ଭୁକ୍ତ ହେଲେ ସଉରା ଭାଷା ଓ ସଂସ୍କୃତିର ବିକାଶ ହେବ । ସେହିପରି ସଉରା ଭାଷାର ସଂରକ୍ଷଣ ଓ ପ୍ରଚାରପ୍ରସାର ହୋଇପାରିବ । ବିଭିନ୍ନ ପ୍ରସଙ୍ଗରେ ଲେଖା ପ୍ରକାଶନ ହୋଇପାରିବ । ଏହି ନିଷ୍ପତ୍ତିରେ ୫ ଲକ୍ଷ ସଉରାଭାଷାଭାଷୀ ଲୋକ ଉପକୃତ ହେବେ । ୧୯୩୦ ମସିହାରେ ସଉରା ଲିପି ଆରମ୍ଭ ହୋଇଥିଲା । ଭାରତ ସରକାରଙ୍କୁ ରାଜ୍ୟ ସରକାର ଅନେକ ଥର ବିଭିନ୍ନ ଆଦିବାସୀ ଭାଷା ଯଥା 'ହୋ, ମୁଣ୍ଡାରି ଓ ଭୂମିଜ'କୁ ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ଅନୁରୋଧ କରିଛନ୍ତି । କିନ୍ତୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏ ବାବଦରେ କୌଣସି ପଦକ୍ଷେପ ନିଆଯାଇ ନାହିଁ ।

## ବିଜେଡି ନେତାଙ୍କୁ କାର୍ ମଡ଼ାଇ ହତ୍ୟା

ଗଞ୍ଜାମ:ବିଜେଡି ନେତାଙ୍କୁ କାର୍ ମଡାଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି । ?ଏପରି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଖମ୍ବାରି ଗାଁରେ । ମୃତ ବ୍ୟକ୍ତି ଜଣଙ୍କ ହେଲେ ପୂର୍ବତନ ସରପଞ୍ଚ ତଥା ଯୁବ ବିଜେଡି ନେତା ଲଳିତ ମୋହନ ମହାପାତ୍ର । ଗତକାଲି ନିଜ ଅଞ୍ଚଳର ଜଣେ ଯୁବକଙ୍କ ସହ ଲଳିତଙ୍କର କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା ।ପରେ ଲଳିତ ସେଠାରୁ ନିଜ ବାଇକରେ ପଳାଇ ଆସିଥିଲେ । ଘରକୁ ଫେରିଲା ବେଳେ ସଂପୃକ୍ତ ଯୁବକ ଜଣଙ୍କ ଲଳିତ ବାଇକ୍‌କୁ କାରରେ ପିଛା କରିଥିଲା । ଗାଁ ସ୍କୁଲ ଓ ପଞ୍ଚାୟତ ମଧ୍ୟବର୍ତ୍ତୀ ଅଞ୍ଚଳରେ ତାଙ୍କ ଉପରେ କାର ମଡ଼ାଇ ଦେଇଥିଲା । ପରେ ନିଜ କାରରେ ଲଳିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ମେଡିକାଲରେ ଭର୍ତ୍ତି କରିଥିଲା ସଂପୃକ୍ତ ଯୁବକ । ପରେ ସେଠାରୁ ଫେରାର ହୋଇଯାଇଥିଲା । ଡାକ୍ତରଖାନାରେ ଲଳିତଙ୍କର ମୃତ୍ୟୁ ଘଟିଥିଲା ।

# ଦୁଇ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ



ଭୁବନେଶ୍ୱର:ଏଣିକି ତାତିରୁ ମିଳିବ ମୁକ୍ତି । ରାଜ୍ୟରେ ଭିଷଣ ଗ୍ରୀଷ୍ମ ପ୍ରବାହ କାରଣରୁ ଲୋକେ ହନ୍ତସନ୍ତ ହୋଇଗଲେଣି । ସକାଳ ହେଉ ହେଉ ଗୁଳୁଗୁଳି ସାଙ୍ଗକୁ ଭିଷଣ ଖରା ଅତିଷ୍ଟ କରିସାରିଲାଣି । ତେବେ ଆଉ ୨ଦିନ ପରେ ଏହି ତାତିରୁ ମୁକ୍ତି ମିଳବ ବୋଲି ସୂଚନା ଦେଇଛନ୍ତି ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସ ।ପାଣିପାଗ ବିଜ୍ଞାନୀ ଉମାଶଙ୍କର ଦାସଙ୍କ ସୂଚନା ଆଧାରରେ, ଆଗାମୀ ଦୁଇ ଦିନରେ ଓଡ଼ିଶା ଛୁଇଁବ ମୌସୁମୀ ! ମୌସୁମୀ ପାଇଁ ପାଗ ଅନୁକୂଳ ରହିଛି । ଦକ୍ଷିଣ ପଶ୍ଚିମ ଦିଗରୁ ବାୟୁ ପ୍ରବାହିତ ହେଉଛି । ଆଗାମୀ ଦୁଇ ଦିନ ଭିତରେ ଆହୁରି କମିବ ରାଜ୍ୟର ତାପମାତ୍ରା । ବାୟୁମଣ୍ଡଳରେ ଜଳୀୟବାଷ୍ପର ପରିମାଣ ବୃଦ୍ଧି ପାଇଛି । ତାପମାତ୍ର ଆଗ ଅପେକ୍ଷା କମିଛି । ଗତ ଦୁଇ ଦିନର କିଛି ଜିଲ୍ଲାରେ ବର୍ଷାର ପରିମାଣ ବୃଦ୍ଧି ପାଇଛି ଏବଂ ଆଗାମୀ ଦୁଇ ଦିନରେ ଏହା ଆହୁରି ବୃଦ୍ଧି ପାଇବ । କୋରାପୁଟ, ନବରଙ୍ଗପୁର, ଗଞ୍ଜାମ ଏବଂ ଗଜପତି ଜିଲ୍ଲାରେ ବର୍ଷାର ମାତ୍ର ଅଧିକ ରହିବ । କୋରାପୁଟ ଆଉ ନବରଙ୍ଗପୁରର କିଛି ଅଞ୍ଚଳରେ ପ୍ରବଳ ବର୍ଷା । ରେକର୍ଡ କରାଯାଇଛି । ନବରଙ୍ଗପୁରରେ ୭୪ ମିମି ବର୍ଷା ରେକର୍ଡ କରାଯାଇଛି । ହିଟ ୱେଭ ପାଇଁ କୌଣସି ସୂଚନା ନାହିଁ । ୨୨ ତାରିଖ ଠାରୁ ପ୍ରାୟ ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ରହିବ ଏବଂ ୨୩ ଏବଂ ୨୪ ରେ କିଛି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷାର ଅନୁମାନ କରାଯାଉଛି ଯେମିତିକି ୭ସେମିରୁ ୨୦ ସେମି ପର୍ଯ୍ୟନ୍ତ ରହିବ । ସକାଳ ୮:୩୦ ସୁଦ୍ଧା ୮୩ ପ୍ରତିଶତ ଆଦ୍ରତା ରହିଥିଲା । ପଶ୍ଚିମ ଓଡ଼ିଶାର କିଛି ଜିଲ୍ଲାରେ ୪୦ ପ୍ରତିଶତ ତାପମାତ୍ରା ରହିବ କିନ୍ତୁ ହିଟ୍ ୱେଭ ସ୍ଥିତି ରହିବ ନାହିଁ । ଆଶା କରାଯାଉଛି ଯେହେତୁ ବର୍ଷାର ପରିମାଣ ବୃଦ୍ଧି ପାଇବ ତେଣୁ ଆଗାମୀ ଦୁଇ ଦିନରେ ତାପମାତ୍ରା ଆହୁରି କମିବ ।

## ଶରଧାବାଲିରେ ତିନି ରଥ
# ଆଜି ଶ୍ରୀଜୀଉଙ୍କ ଆଡପ ବିଜେ

ପୁରୀ : ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଲା ତିନି ରଥ । ଅଧାରେ ଅଟକିଥିବା ଦର୍ପଦଳନ ଓ ନନ୍ଦିଘୋଷ ରଥକୁ ଶ୍ରଦ୍ଧାଳୁମାନେ ଟାଣି ନେଇ ଆଜି ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲଗାଛନ୍ତି । ଗତକାଲି ବଳଭଦ୍ରଙ୍କ ତାଳଧ୍ୱଜ ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଲାଗିଥିଲା । ତେବେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ମାଉସୀ ମାଆ ଛକ ଓ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ବଡ଼ଶଙ୍ଖ ନିକଟରେ ଅଟକି ଥିଲା । ଆଜି ସକାଳୁ ପୁଣି ଥରେ ରଥଟଣା ଆରମ୍ଭ ହୋଇଥିଲା । ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଏକାଠି ହୋଇ ରଥ ଟାଣିବାର ସୁଯୋଗ ପାଇଛନ୍ତି । ଆଜି ଓ ଆସନ୍ତାକାଲି ମଧ ଦିନ ତମାମ ଶ୍ରୀଜିଉଙ୍କୁ ରଥ ଉପରେ ଦର୍ଶନ କରିପାରିବେ ଶ୍ରଦ୍ଧାଳୁ । କାଲି ସଂଧ୍ୟାରେ ଶ୍ରୀଜିଉମାନେ ଗୋଟି ପହଣ୍ଡିରେ ଆଡପ ମଣ୍ଡପ ବିଜେ ସୂଚନାଯୋଗ୍ୟ, ଠିକଣା ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗତକାଲି ରଥ ନପହଞ୍ଚି ପାରିବା ନେଇ ବହୁ ଭକ୍ତ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଅସନ୍ତୋଷ ପ୍ରକାଶ କରିଥିଲେ । ଶାସ୍ତ୍ରରେ ଉଲ୍ଲେଖ ଥିବା ମତ ଓ ବହୁବର୍ଷ ଧରି ଚାଲି ଆସୁଥିବା ବ୍ୟବସ୍ଥା ଭିତରେ ଅନ୍ତର ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସେମାନେ ମତ ପ୍ରକାଶ କରିଥିଲେ ।



## ଧରାପଡ଼ିଲେ କନିଷ୍ଠ ଯନ୍ତ୍ରୀ

ସମ୍ବଲପୁର: ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଜଣେ ମହିଳା କନିଷ୍ଠ ଯନ୍ତ୍ରୀ । ତାଙ୍କ ନାଁ ପ୍ରଣତି ସାହୁ । ସେ ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକରେ ନିଯୁକ୍ତ ହୋଇଛନ୍ତି ।ବିଲ୍ ପାସ୍ କରାଇ ଦେବା ପାଇଁ କନିଷ୍ଠ ଯନ୍ତ୍ରୀ ପ୍ରଣତି ସାହୁ ଜଣେ ଠିକାଦାରଙ୍କୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ସେ ଏ ସଂପର୍କରେ ଭିଜିଲାନ୍ସକୁ ଜଣାଇଥିଲେ । ପ୍ରଣତି ସାହୁ ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ଚଢ଼ାଉ କରି ତାଙ୍କୁ ଧରିଥିଲେ । ତାଙ୍କ ଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି ।

## ପୁଲିସର ଦାୟିତ୍ୱହୀନତା
# ଖାଡ଼ା ଉପାସ ରହିଲେ ମହାପ୍ରଭୁ

ପୁରୀ: ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ରଥା ରୁଢ଼ ଠାକୁରଙ୍କ ନୀତି କରିବାରେ ଚାଲିଛି ମନମାନି । ସକାଳୁ ଏଯାଏଁ ଖାଡ଼ା ଉପାସ ଚତୁର୍ଦ୍ଧାମୂର୍ତ୍ତି । ପୁଲିସ ବିଭାଗ ଓ ଏହାର ଅଧିକାରୀଙ୍କ ମନମାନି ଯୋଗୁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି । ସକାଳ ୯ଟାରୁ ୧୧ଟା ଭିତରେ ସକାଳ ଭୋଗ ବା ବଲ୍ଲଭ ଭୋଗ ଠାକୁରଙ୍କ ପାଖରେ ହେବା କଥା । ହେଲେ ତାହା ହୋଇପାରିନି । ସୂଚନା ମୁତାବକ, ଆଜି ସକାଳେ ଶ୍ରୀଗୁଣ୍ଡିଚା ମନ୍ଦିର ଆଗରେ ରଥାରୁଢ଼ ଶ୍ରୀବଳଭଦ୍ରଙ୍କର ଓ ବାଟରେ ଅଟକି ରହିଥିବା ରଥାରୁଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କ ମଙ୍ଗଳ ଆଳତି, ମଇଲମ, ତଡ଼ପ ଲାଗି, ଅବକାଶ ପୂଜା ସକାଳ ୮ଟା ୫ ସୁଦ୍ଧା ସରିଥିଲା । ଏହାପରେ ବଲ୍ଲଭ ଭୋଗ ହେବା କଥା । ହେଲେ ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ଲାଗିବା ପରେ ବଲ୍ଲଭ ଭୋଗ କରିବାକୁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିଲା । ତେଣୁ ବଡ଼ଶଙ୍ଖ ଠାରେ ଅଟକିଥିବା ଦେବୀ ସୁଭଦ୍ରାଙ୍କ ରଥ ଓ ଶ୍ରୀଗୁଣ୍ଡିଚା ମନ୍ଦିର ଆଗରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥକୁ ଭିଡ଼ିବା କାର୍ଯ୍ୟ ଆରମ୍ଭ ହୋଇଥିଲା । ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ରଥ ୧୦.୨୫ରେ ଓ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ୧୦.୩୫ରେ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଥିଲା । ଏହାପରେ ଠାକୁରଙ୍କ ବଲ୍ଲଭ ଭୋଗ କରିବା ନିମନ୍ତେ ଜେଟିପି ସମ୍ପୃକ୍ତ ସେବକଙ୍କୁ ଆଣିବାକୁ ଯାଇଥିଲେ । ହେଲେ ବଲ୍ଲଭ ଭୋଗରେ ସମ୍ପୃକ୍ତ ସେବକଙ୍କୁ ନେଇ ଆସିବା ବେଳେ ମାର୍କେଟ ଛକ ଓ ବଡ଼ଶଙ୍ଖ ଛକରେ ପୁଲିସ ବାଧକ ସାଜିଥିଲା । ଡ୍ରେସ୍ ? କୋର୍ଡ ଓ ପାସ୍ ଥିଲେ ହେଁ ଜେଟିପି କିମ୍ବା ସେବକଙ୍କୁ ଛାଡ଼ି ନଥିଲେ ଉପସ୍ଥିତ ପୁଲିସ ଅଧିକାରୀମାନେ । ତେଣୁ ପୁଲିସ କରିଥିବା ଏହି ବ୍ୟାରିକେଟ ଠାରୁ ହିଁ ଜେଟିପି ଓ ସେବକମାନେ ଘରକୁ ଫେରି ଯାଇଥିଲେ । ତେଣୁ ଠାକୁରଙ୍କ ପାଖରେ ବଲ୍ଲଭ ଭୋଗ ହୋଇପାରି ନାହିଁ ଓ ଠାକୁର ରଥ ଉପରେ ଉପବାସ ରହିଛନ୍ତି । ଗତକାଲି ମହାପ୍ରଭୁ ରଥରେ ବସିବା ପୂର୍ବରୁ ଖାହାକିଛି ଖାଇକି ଆସିଥିଲେ । ସେବେଠୁ ଏଯାଏଁ କିଛି ବି ଖାଇ ନାହାନ୍ତି । ରଥ ଟଣା ସରିବା ପରେ ଅଫିସରମାନେ ଘରକୁ ଚାଲି ଯାଇଥିଲେ । ଏବାବଦରେ ଉପଯୁକ୍ତି ଦୃଷ୍ଟି ଦେଇ ନ ଥିଲେ । ତେବେ ଶେଷ ଖବର ସୁଦ୍ଧ ପୁରୀ ଉପଜିଲ୍ଲାପାଳ ଠାକୁରଙ୍କ ନୀତିକୁ ଆଗେଇ ନେବା ନିମନ୍ତେ ସେବାୟତ ଓ ପୁଲିସ ଅଧିକାରୀ ଭିତରେ ସମନ୍ୱୟ ରକ୍ଷା ନିମନ୍ତେ ଆଲୋଚନା କରୁଥିବା ଜଣାପଡ଼ିଛି ।

## ପୁଣି ଅସମ୍ମାନ, ଟ୍ରଲିରେ ବୁହାହେଲା ଶବ

କଟକ:କଟକ ସହରରେ ଟ୍ରଲିରେ ବୁହାହେଲା ଶବ । ଦୁଇ ଦିନ ତଳେ କଟକ ଶେଖ ବଜାର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ତେବେ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନଥିବା ବେଳେ ଶବ ପଡି ରହିଥିଲା । ଖବରପାଇ କିଛି ସ୍ୱେଚ୍ଛାସେବୀ ସଂଗଠନ ସଦସ୍ୟ ମୃତ ବ୍ୟକ୍ତିଙ୍କୁ ଟ୍ରଲିରେ ବୋହି ସତୀଚଉରା ମଶାଣୀକୁ ନେଇ ଶବ ସତ୍କାର କରିଥିଲେ ।ଏଠି ପ୍ରଶ୍ନ ଉଠୁଛି ପ୍ରଶାସନିକ ସ୍ତରରେ ଶବ ପଡି ରହିଥିଲେ ବି ଏହାର ସତ୍କାର କରାଗଲାନି କାହିଁକି ।କିଛି ଦିନ ପୂର୍ବରୁ ମଧ ଏକ ଶବକୁ ଅସମ୍ମାନ କରାଯାଇଥିବା ଖବର ସାମ୍ନାକୁ ଆସିଥିଲା । ଶବକୁ ମିଳିନଥିଲା ମହାପ୍ରୟାଣ ଗାଡ଼ି । ଷ୍ଟ୍ରେଚରରେ ମରଶରୀରକୁ ୮ କିଲୋମିଟର ବାଟ ଟାଣି-ଟାଣି ନେଇଥିଲେ ପରିବାର ଲୋକ ।

# ସିଂହଦ୍ୱାରରେ ରୁପା ଛାଉଣୀ କାମ ଆରମ୍ଭ

ପୁରୀ:ଶ୍ରୀମନ୍ଦିରର ସିଂହଦ୍ୱାରରେ ନୂତନ ରୁପା ଛାଉଣୀ ଦ୍ୱାର ବସାଇବାକୁ ଆଜି ଠାରୁ କାମ ଆରମ୍ଭ ହୋଇଛି । ମହାପ୍ରଭୁ ଆଡ଼ପ ମଣ୍ଡପକୁ ଯାତ୍ରାରେ ବାହାରି ଯାଇଥିବାରୁ ଏହି ସମୟ ଭିତରେ ରୂପା ଛାଉଣୀ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି ।ଏବେ ସିଂହଦ୍ୱାରରେ ପୁରୁଣା ପିତଳ ଛାଉଣୀ ଦ୍ୱାର ରହିଛି । ଏହି ସ୍ଥାନରେ ନୂଆ ଦୁଆର ଲାଗିବ । ମୁମ୍ବାଇର ଜଣେ ଦାତା ନୂଆ ରୁପା ଛାଉଣୀ ଦ୍ୱାର ପାଇଁ ରୁପା ଦାନ କରିଛନ୍ତି । ବର୍ମାଟିକ୍ କାଠରେ ନୂଆ ଦ୍ୱାର କରାଯାଉଥିବା ବେଳେ ଏହା ଉପରେ ରୁପା ଛାଉଣୀ କରାଯିବ । ପୂର୍ବରୁ ଶ୍ରୀମନ୍ଦିର ସାତପାହାଚ ଦ୍ୱାର, ଜୟବିଜୟ ଦ୍ୱାର, କଳାହାଟ ଦ୍ୱାର, ବେହରଣ ଦ୍ୱାର, ଭୋଗମଣ୍ଡପ ଦ୍ୱାରା ପ୍ରଭୃତି ସ୍ଥାନରେ ନୂଆ କରି ବର୍ମାଟିକ୍ କାଠରେ ନୂଆ ଦ୍ୱାର କରାଯିବା ସହ ଏହା ଉପରେ ରୁପା ଛାଉଣୀ କରାଯାଇଛି ।



## ସମ୍ପାଦକୀୟ

ଚୀନ୍‌କୁ ସଠିକ୍ ସନ୍ଦେଶ

## ବାଟେଘାଟେ



କଟକ ଚାନ୍ଦିନୀ ଚଉକରେ ଏବେ
ରଥ ଯାତ୍ରାର ଗହଳି
ରଥ ଟଣା ବେଳେ ଶୁଭୁଥିଲା ଖାଲି
ହରିବୋଲ ହୁଳହୁଳି
ମାଉସୀ ମା ଘରେ ଅଟକିଲା ରଥ
ହେବ ନବ ଦିନ ଲୀଳା
କଳା ଠାକୁର ସେ କଳାର ଦେବତା
ଦେଖାଇବେ ତାଙ୍କ କଳା
ପୋଡ଼ପିଠା ଖାଇ ବାହୁଡି ଆସିବେ
ହସିବ ରତନ ବେଦୀ
ଲକ୍ଷ୍ମୀ ଠାକୁରାଣୀ ରଥକାଠ ଭାଙ୍ଗି
ହୋଇଯିବେ ପ୍ରତିବାଦୀ ।

-ରାହୀ

# ଓଡ଼ିଶା ସୀମାରେ ପୁଣି ଆନ୍ଧ୍ର
# ଜମି ମାପଚୁପକୁ ସ୍ଥାନୀୟ ଲୋକଙ୍କ ବିରୋଧ



ଭୁବନେଶ୍ୱର : ଓଡ଼ିଶା ସୀମାରୁ ନଜର ହଟାଉନାହିଁ ଆନ୍ଧ୍ର । ସୀମାନ୍ତବର୍ତ୍ତୀ ଲୋକଙ୍କୁ ନିଜର କରି ଓଡିଶାର ଗାଁକୁ ନିଜ ଅକ୍ତିଆରକୁ ନେବା ପାଇଁ ଅହରହ ଉଦ୍ୟମ କରୁଛନ୍ତି ଆନ୍ଧ୍ରପ୍ରଦେଶ ଅଧିକାରୀ । ତଥାପି ପ୍ରଶାସନ କିମ୍ବା ସରକାରଙ୍କ ପକ୍ଷରୁ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ । ସ୍ଥାନୀୟ ଲୋକ ସୀମାକୁ ସୁରକ୍ଷା ଦେଉଛନ୍ତି ।ଗତକାଲି ଆନ୍ଧ୍ର ପ୍ରଦେଶର ଅଧିକାରୀମାନେ ଗଜପତି ଜିଲ୍ଲା ରାୟଗଡ ବ୍ଲକ ଗଙ୍ଗାବାଡ ପଞ୍ଚାୟତର କେତେକ ଗାଁରେ ମାପଚୁପ କରୁଥିଲେ । ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିବାରୁ ଅଧିକାରୀମାନେ ଅଧାରୁ ମାପଚୁପ୍ ବନ୍ଦ କରିଛନ୍ତି । କାମ ବନ୍ଦ କରିବା ସହ ସ୍ଥାନୀୟ ଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି । ଗଙ୍ଗାବାଡ ପଞ୍ଚାୟତର ଅଧିକାଂଶ ଗାଁକୁ ନିଜ ଅକ୍ତିଆରକୁ ନେବା ପାଇଁ ଦୀର୍ଘଦିନ ହେଲା ଉଦ୍ୟମ ଚଳାଇଛି ଜଗନମୋହନ ରେଡି ସରକାର ।ଆନ୍ଧ୍ରର ଅଧିକାରୀମାନେ ଅନେକ ଥର ଅନୁପ୍ରବେଶ କରି ଲୋକଙ୍କୁ ବିଭିନ୍ନ ଯୋଜନାରେ ସାମିଲ କରି ପ୍ରଲୋଭିତ କରିବାକୁ ଚେଷ୍ଟା କରିଛନ୍ତି । ଏବେ ସ୍ଥାନୀୟ ଲୋକଙ୍କୁ ଜମି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି । ଆନ୍ଧ୍ର ଅଧିକାରୀମାନେ ବାରମ୍ବାର ଓଡିଶା ସୀମାରେ ପଶି ଲୋକଙ୍କୁ ଲୋଭ ଦେଖାଉଥିବା ବେଳେ ଗଜପତି ଜିଲ୍ଲା ପ୍ରଶାସନ କି ରାଜ୍ୟ ସରକାରଙ୍କ ପକ୍ଷରୁ ସେମିତି କିଛି ଠୋସ୍ ପଦକ୍ଷେପ ନିଆଯାଉନାହିଁ । ତେବେ ସୀମାକୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ବୋଲି ବରିଷ୍ଠ କଂଗ୍ରେସ ନେତା ବିଜୟ ପଟ୍ଟନାୟକ କହିଛନ୍ତି ।

## ଗଣଦୁଷ୍କର୍ମ ମାମଲାରେ ୪ ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

କଟକ : ଡକାୟତି ପାଇଁ ଘରେ ପଶି ମହିଳାଙ୍କୁ ଗଣଦୁଷ୍କର୍ମ କରିବା ମାମଲାରେ ୪ ଜଣ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି କଟକ ଜିଲ୍ଲା ଦୌରା ଜଜ । ଏହାସହ ସମସ୍ତ ଅଭିଯୁକ୍ତଙ୍କୁ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଅଧିକ କାରାଦଣ୍ଡାଦେଶ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ୨୦୧୬ ମସିହା ଜୁଲାଇ ୨୬ ତାରିଖରେ କଟକ ସଦର ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା । ୪ ଅଭିଯୁକ୍ତ ଭଦ୍ରକ ଜିଲ୍ଲାର ସଞ୍ଜୟ ଦାସ, ଜଗା ଦାସ, ଗଦାଧର ଦାସ ଓ ଦିଲ୍ଲୀପ ଦାସ କଟକ ବାୟାଲିଶି ମୌଜା ଝିଙ୍କିରିଆରେ ଏକାଠି ହୋଇ ବିଭିନ୍ନ ଘର ଉପରେ ନଜର ରଖିଥିଲେ । ଠିକ୍ ? ସମୟରେ ମହିଳାଙ୍କ ସ୍ୱାମୀ କୌଣସି କାମରେ ବାହାରକୁ ଯାଇଥିଲେ । ଏହାର ସୁଯୋଗ ନେଇ ୪ ଅଭିଯୁକ୍ତ କବାଟ ତାଡି ଘର ଭିତରେ ପଶି ଥିଲେ ।

## ରାଜ୍ୟର ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ବ୍ୟବସ୍ଥା
# ଶବକୁ ଦିଆଗଲା ଅକ୍ସିଜେନ୍




ଝାରସୁଗୁଡା: ମୃତ ଲୋକକୁ ଦିଆଗଲା ଅକ୍ସିଜେନ ଚିକିତ୍ସା । ଚିକିତ୍ସାରେ ଅବହେଳାରୁ ମହିଳାଙ୍କ ମୃତ୍ୟୁ ପରେ ଦୋଷ ଲୁଚାଇବାକୁ ଯାଇ ହସ୍ପିଟାଲ୍ କର୍ତ୍ତୃପକ୍ଷ ଅକ୍ସିଜେନ ଲଗାଇଥିବା ଅଭିଯୋଗ କରିଛନ୍ତି ମୃତକଙ୍କ ପରିବାର ଲୋକେ । ମୃତକ ହେଉଛନ୍ତି ବ୍ରଜରାଜନଗରର ଆରତୀ ଘୋଷ ।ଏହି ଘଟଣାକୁ ନେଇ ଝାରସୁଗୁଡାଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚାପା ଉତେଜନା ଦେଖାଦେଇଛି ।ଆରତୀଙ୍କ ଝିଅ ସୁସ୍ମିତା କହିଛନ୍ତି, ଗତ ଶୁକ୍ରବାର ତାଙ୍କ ମା' ଉଚ୍ଚ ରକ୍ତ ଚାପ ଓ ଡାଇବେଟିସ ଜନିତ ସମସ୍ୟା ଦେଖାଦେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଗତକାଲି ସକାଳେ ଆରତୀଙ୍କ ରକ୍ତ ପରୀକ୍ଷା କରାଯାଇଥିଲା । କିନ୍ତୁ ରିପୋର୍ଟ ସଂପର୍କରେ ପରିବାର ଲୋକଙ୍କୁ ଅବଗତ କରାଯାଇନଥିଲା ।ଦିନ ପ୍ରାୟ ଅଢେଇଟା ସମୟରେ ନର୍ସ ଆସି ତାଙ୍କୁ ଇଞ୍ଜେକ୍ସନ ଦେଇଥିଲେ । ଏହା ପରଠାରୁ ତାଙ୍କ ଅବସ୍ଥା ବିଗିଡ଼ିଥିବା ମୃତକଙ୍କ ଝିଅ ସୁସ୍ମିତା ଅଭିଯୋଗ କରିଛନ୍ତି । ସନ୍ଧ୍ୟା ୭ଟାରେ ସାଲାଇନ ଦିଆଯିବା କଥା । ସାଲାଇନ ଆଣି ବେଡ୍ ପାଖରେ ବି ରଖାଯାଇଥିଲା । କିନ୍ତୁ ସାଲାଇନ ଲଗାଯାଇନଥିଲା । ପରିବାର ଲୋକେ ଅଭିଯୋଗ କରିବା ପରେ ରାତି ୧୦ଟା ବେଳେ ଆରତୀଙ୍କୁ ସାଲାଇନ ଲଗାଯାଇଥିଲା ।କିଛି ସମୟ ପରେ ଡାକ୍ତର ଆସି ତାଙ୍କୁ ମୃତ ଘୋଷଣା କରିଥିଲେ । କିନ୍ତୁ ଡାକ୍ତର ତାଙ୍କ ଡେଥ ରିପୋର୍ଟରେ ମୃତ୍ୟୁ ସମୟ ବି ରାତି ୧୦ଟା ଉଲ୍ଲେଖ କରିଛନ୍ତି । ଏହାବାଦ ରାତି ପ୍ରାୟ ସାଢେ ୧୧ଟା ଯାଏ ଆରତୀଙ୍କୁ ବେଡ଼ରେ ଅକ୍ସିଜେନ ମାସ୍କ ଲଗାଇ ଡାକ୍ତର ଅକ୍ସିଜେନ ଦେଉଥିବାର ଦୃଶ୍ୟ ବି ଦେଖିବାକୁ ମିଳିଥିଲା ବୋଲି ତାଙ୍କ ଝିଅ କହୁଛି । ହସ୍ପିଟାଲରେ ମୃତ ବ୍ୟକ୍ତିଙ୍କ ଚିକିତ୍ସାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ମୃତକଙ୍କ ଝିଅ ସୁସ୍ମିତା । ଡାକ୍ତରଖାନା କର୍ତୃପକ୍ଷ ଦୋଷ ଲୁଚାଇବାକୁ ଯାଇ ବିଭିନ୍ନ ନାଟକ କରୁଥିବା ସେ ଅଭିଯୋଗ କରିଛନ୍ତି ।




# ପାଠ ପ୍ରତି ପ୍ରେରିତ କରିବ ରୋବୋଟ୍



ବୈଜ୍ଞାନିକମାନେ ଏଭଳି ଏକ ରୋବୋଟ୍ ତିଆରି କରିଛନ୍ତି, ଯାହା ଅମାନିଆ ପିଲାଙ୍କୁ ପଢାପ୍ରତି ପ୍ରେରିତ କରିବାରେ ସାହାଯ୍ୟ କରିବ। ମିନି ନାମକ ଏହି ରୋବୋଟ୍ ପ୍ରକୃତରେ ପିଲାଙ୍କୁ କେଉଁ ସମୟରେ କେଉଁ ପୁସ୍ତକ ପଢ଼ିବା ଉଚିତ୍, ତାହା ଜଣାଇବ। ଏହାଛଡ଼ା ମନ ଚଞ୍ଚଳ ଥିଲେ, ସେମାନଙ୍କୁ ସ୍ଥିର କରିବାକୁ କାହାଣୀ କହିବା ସହ ମଣିଷଙ୍କ ଭଳି ତା' ଉପରେ ପ୍ରତିକ୍ରିୟା ମଧ୍ୟ ଦେଇପାରିବ।କହିବାକୁ ଗଲେ, ଏହା ପିଲାଙ୍କ ସହ ଜଣେ ଉତ୍ତମ ବନ୍ଧୁର ସମ୍ପର୍କ ସ୍ଥାପନ କରିପାରିବ। ଏଣିକି ଅଭିଭାବକଙ୍କ ପିଲାଙ୍କ ପଢ଼ା ସମସ୍ୟାରୁ ଛୁଟି ମିଳିବ। ଖୁବ୍‌ଶୀଘ୍ର ଏହି ରୋବୋଟ୍ ଘରର ଏକ ଅଂଶ ପାଲଟିବାକୁ ଯାଉଛି। ଆମେରିକାର ୱିସ୍କୋସିନ୍-ମେଡିସିନ୍ ୟୁନିଭର୍ସିଟିରେ ସ୍ନାତକ ଛାତ୍ର ଜୋସେଫଙ୍କ ମତରେ, ରୋବୋଟ୍ ସହ ପିଲାଙ୍କ ମିତ୍ରତା ଖୁବ୍ ଭଲ ରହିବ ବୋଲି ଆଶା କରାଯାଉଛି।

## ଦହି ଭଲ୍ଲା



ଆବଶ୍ୟକ ସାମଗ୍ରୀ: ସିଝା ଆଳୁ, କଟା ପିଆଜ, ଧନିଆ ପତ୍ର, କଞ୍ଚା ଲଙ୍କା, ଲୁଣ, ବ୍ରେଡ୍, ଦହି, ପୁଦିନା, ଧନିଆପତ୍ର, ଲଙ୍କା, ଜିରା ଗୁଣ୍ଡ, ତେନ୍ତୁଳି ଭୁଜିଆ ଓ ବ୍ଲାକ୍ ସଲ୍ଟ ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ସିଝା ଆଳୁକୁ ଭଲଭାବରେ ଚକଟି ଦିଅନ୍ତୁ। ପରେ ସେଥିରେ କଟା ପିଆଜ, ଧନିଆ ପତ୍ର, କଞ୍ଚା ଲଙ୍କା ଓ ସ୍ୱାଦ ଅନୁସାରେ ଲୁଣ ପକାଇ ଗୋଳାଇ ଦିଅନ୍ତୁ। ପରେ ବ୍ରେଡ୍ ( ପାଉଁରୁଟି) ଆଣି ତାର ସାଇଟ୍ ଅଂଶ ଗୁଡ଼ିକ ବାହାର କରି ଦିଅନ୍ତୁ। ପରେ ତାକୁ ପାଣିରେ ଦୁଇ ମିନିଟ୍ ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ଏହାପରେ ବ୍ରେଡରୁ ପାଣିକୁ ବାହାର କରି ଦେଇ ଆଳୁ ସିଝାରେ ଚକଟି ଦିଅନ୍ତୁ। ତାକୁ ଗୋଲ ଗୋଲ କରି ବରା ଭଳି ତିଆରି କରି ଏକ ପାତ୍ରରେ ରଖନ୍ତୁ। ତା' ଉପରେ ଅଧିକ କରି ଦହି ପକାଇ ଦିଅନ୍ତୁ। ତା'ପରେ ସେଥିରେ ପୁଦିନା ଓ ଧନିଆପତ୍ରରେ ତିଆରି ହୋଇଥିବା ଚଟଣି, ତେନ୍ତୁଳି ଚଟଣି ଓ ଲଙ୍କା ଓ ଜିରା ଗୁଣ୍ଡ ଓ ବ୍ଲାକ୍ ସଲ୍ଟ ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଦହି ଭଲ୍ଲା।

# ହରମୋନ ସନ୍ତୁଳନ ନ ରହିଲେ ଲାଗେ ଚିଡଚିଡା



ବିଶେଷକରି ପିରିୟଡ୍ସ, ଗର୍ଭାବସ୍ଥା ଓ ମେନୋପଜ୍ ସମୟରେ ହର୍ରମୋନ୍ ଅସନ୍ତୁଳନ ବେଶୀ ଦେଖା ଦେଇଥାଏ । ହର୍ରମୋନ୍‌ଜନିତ ପରିବର୍ତ୍ତନ କୌଣସି ଏକ ନିର୍ଦ୍ଦିଷ୍ଟ ବୟସରେ ହୋଇ ନଥାଏ । ଲକ୍ଷଣ ତ ଚିନ୍ତା, ଅବସାଦ ଓ ଏକଲାପଣ ଅନୁଭବ କରିବା ତ ବାରମ୍ବାର ମୁଡ୍ ପରିବର୍ତ୍ତନ ତ ବହୁ ମାତ୍ରାରେ କେଶ ଝଡିବା ତ ଭଲ ନିଦ ନ ହେବା, ଯୌନ ଇଚ୍ଛା କମିବା ତ ଓଜନ ବଢିବା ତ ଋତୁସ୍ରାବରେ ଅନିୟମିତତା ତ ତ୍ୱଚାରେ ଲୋମ ଓ ବ୍ରଣ ହେବା ୦ ହର୍ମୋନ୍ କ'ଣ ? ହର୍ରମୋନ୍ ଶରୀରର ଏକ ରାସାୟନିକ ମେସେଞ୍ଜର, ଯାହା ଶରୀରର ବିଭିନ୍ନ ଅଙ୍ଗ ଓ ଟିସୁଗୁଡିକୁ କୁଶଳତାପୂର୍ବକ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥାଏ । ହ ରମୋନ୍ ଅସନ୍ତୁଳନର ପ୍ରଭାବ ତ୍ୱଚାଠାରୁ ଆରମ୍ଭ କରି କେଶ ଯାଏ ଦେଖିବାକୁ ମିଳିଥାଏ । ବିଶେଷକରି ମହିଳାମାନଙ୍କ କ୍ଷେତ୍ରରେ ପିରିୟଡ୍ସ, ଗର୍ଭାବସ୍ଥା ଓ ମେନୋପଜ ସମୟରେ ହର୍ମୋନ୍ ସନ୍ତୁଳନ ବେଶି ବିଗିଡିଥାଏ । ଡାଏଟ୍ ଯଦି ଆପଣ ଏମିତି ପରିବର୍ତ୍ତନ ଲକ୍ଷ୍ୟ କରୁଥାନ୍ତି, ତେବେ ପ୍ରଥମେ ନିଜ ଡାଏଟ୍‌ରେ ପରିବର୍ତ୍ତନ ଆଣନ୍ତୁ । ଡାଏଟ୍‌ରୁ ସେହି ଖାଦ୍ୟଗୁଡିକୁ ହଟାଇ ଦିଅନ୍ତୁ, ଯାହା ହର୍ମୋନ୍‌ଅସନ୍ତୁଳନରେ ମୁଖ୍ୟ ଭୂମିକା ତୁଲାଇଥାଏ । ଚାଲନ୍ତୁ ଦେଖିବା ହର୍ମୋନାଲ୍ ଅସନ୍ତୁଳନକୁ ନିୟନ୍ତ୍ରିତ କରିବା ପାଇଁ କେଉଁ ଖାଦ୍ୟକୁ ସାମିଲ୍ କରିବା ଓ କେଉଁ ଖାଦ୍ୟକୁ ତାଲିକାରୁ ବାଦ୍ ଦେବା । ଚା' କଫି, ଚକୋଲେଟ୍ କୋଲ୍ଡ ଡ୍ରିଙ୍କ୍ସ୍ ଆଦି ଅଧିକ ଖାଇବା ଦ୍ୱାରା ମହିଳାମାନଙ୍କ ଶରୀରରେ ଏଡ୍ରେନାଲ୍ ଗ୍ରନ୍ଥି ଅଧିକ ସକ୍ରିୟ ହୋଇଥାଏ । ଫଳରେ ହର୍ମୋନ୍ କ୍ଷରଣ ବଢିଥାଏ । ଅଧିକ ପୋଷକ ତତ୍ତ୍ୱ ଥିବା ଖାଦ୍ୟ ନେବା ଆବଶ୍ୟକ । ଫଳରେ ଶରୀରକୁ ଆବଶ୍ୟକ ମାତ୍ରାର ଭିଟାମିନ୍, ମିନେରାଲ୍ ଓ ପ୍ରୋଟିନ୍ ଆଦି ମିଳିପାରିବ । ନିୟମିତ ଖାଦ୍ୟରେ ସତେଜ ପନିପରିବା ଓ ଫଳମୂଳ ନେବା ଆବଶ୍ୟକ । ଖାଦ୍ୟରେ ପରିବା ଯେପରିକି ଗାଜର, ବନ୍ଧାକୋବି ଓ ବ୍ରୋକେଲୀର ମାତ୍ରା ବଢାଇ ଦିଅନ୍ତୁ । ଗ୍ରୀନ୍-ଟିରେ ଥିବା ପ୍ରାକୃତିକ ଏଲ- ଥିୟାନାଇନ୍ ହର୍ରମୋନ୍‌କୁ ସନ୍ତୁଳିତ ରଖିଥାଏ । ନିୟମିତ ଖାଦ୍ୟରେ ଓଟ୍ସ ଓ ହଦି ସାମିଲ୍ କରନ୍ତୁ । ଶରୀରରେ ପାଣିର ଅଭାବ ହେବାକୁ ଦିଅନ୍ତୁନି । ସେହିପରି ନଡ଼ିଆ ପାଣି ମଧ୍ୟ ପିଇପାରିବେ । ସୂର୍ଯ୍ୟମୂଖୀ ବୀଜ, ଅଣ୍ଡା ଓ ଚିକେନ୍‌ରେ ଥିବା ଓମେଗା ୩ ଓ ୬ ମିଳିଥାଏ, ଯାହା ହମୋନ୍ ସନ୍ତୁଳନକୁ ବଜାୟ ରଖିଥାଏ । ବିଭିନ୍ନ ଜଙ୍କ ଫୁଡ୍, ପ୍ରୋସେସିଂ ଫୁଡ୍ ଓ ଅଧିକ କ୍ୟାଲୋରୀଯୁକ୍ତ ଖାଦ୍ୟଠାରୁ ଦୂରେଇ ରହିବା ଜରୁରି । ଏସବୁ ଖାଆନ୍ତୁନି ତ ହରମୋନ୍ ଅସନ୍ତୁଳନ ହୋଇଥିଲେ ଖାଦ୍ୟରେ ବାଇଗଣ, ଆଳୁ, ଲଙ୍କା, ଟମାଟୋ ଆଦି ପରିବାର ମାତ୍ରାକୁ କିଛିଦିନ ପାଇଁ କମ୍ କରି ଦିଅନ୍ତୁ । ତ ସେହିପରି ବିଭିନ୍ନ ପ୍ରୋସେସିଂ ପ୍ୟାକେଜ୍ ମାଂସଠାରୁ ଦୂରେଇ ରହିବା ଉଚିତ୍ । ଗର୍ଭବତୀ ମହିଳା ବା ହର୍ମୋନାଲ୍ ଅସନ୍ତୁଳନରେ ପୀଡିତ କୌଣସି ମହିଳା ଷ୍ଟେଭିଆଠାରୁ ଦୂରେଇ ରହିବା ଆବଶ୍ୟକ । ଏହା ହେଉଛି ଏକ ପ୍ରାକୃତିକ ମିଠା ଜିନିଷ, ଯାହା ଖୁବ୍ କ୍ଷତିକାରକ । ତ ସେହିପରି ସୋୟା ଓ ଦୁଗ୍ଧ ଜାତୀୟ ଖାଦ୍ୟଠାରୁ ମଧ ଦୂରେଇ ରୁହନ୍ତୁ । ଅଧିକ ଲୁଣ ଓ ଲୁଣଜାତୀୟ ଖାଦ୍ୟଠାରୁ ଯଥାସମ୍ଭବ ଦୂରେଇ ରହିବା ଆବଶ୍ୟକ ।

# ଫ୍ରାନ୍ସରେ କାମ କରିବ ୟୁପିଆଇ ଓ ରୁପେ କାର୍ଡ

ବିଦେଶରେ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟର୍ରଫେସ୍(ୟୁପିଆଇ) ସେବାର ଚାହିଦା ଢ଼େର ମାତ୍ରାରେ ବୃଦ୍ଧି ପାଉଛି । ସମ୍ପ୍ରତି ସିଙ୍ଗାପୁର, ୟୁଏଇ, ଭୁଟାନ ଏବଂ ନେପାଳରେ ଏହି ସେବା ଉପଲବ୍ଧ ଥିବାବେଳେ ଏବେ ଏଥିରେ ଯୋଡ଼ି ହେବାକୁ ଯାଉଛି ଫ୍ରାନ୍ସ । କେନ୍ଦ୍ର ଯୋଗାଯୋଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି ଯେ, ଖୁବ୍‌ଶୀଘ୍ର ଫ୍ରାନ୍ସରେ ୟୁପିଆଇ ଏବଂ ରୁପେ କାର୍ଡ ସେବା ଉପଲବ୍ଧ ହେବ । ଏଥିପାଇଁ ନ୍ୟାସ୍‌ନାଲ ପେମେଣ୍ଟ୍ସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ)ର ଇଣ୍ଟରନ୍ୟାସ୍‌ନାଲ ଆର୍ମ ଫ୍ରାନ୍ସର ଲାଇରା ନେଟ୍‌ୱର୍କ ସହ ଅନୁବନ୍ଧିତ ହୋଇଛି । ମାସକୁ ଭାରତରେ ୫୫୦ କୋଟି ୟୁପିଆଇ କାରବାର ହେଉଛି । ଏହା ଭାରତ ପାଇଁ ଏକ ବଡ଼ ସଫଳତା । ଆଜି ଫ୍ରାନ୍ସ ସହ ସାକ୍ଷର ହୋଇଥିବା ଏମ୍‌ଓୟୁ ବିଶ୍ୱ ବଜାରରେ ୟୁପିଆଇକୁ ପରବର୍ତ୍ତୀ ସ୍ତରକୁ ନେବା ପାଇଁ ବଡ଼ ଉପଲବ୍ଧି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଏଯାବତ୍ ସିଙ୍ଗାପୁର, ୟୁଏଇ, ଭୁଟାନ ଏବଂ ନେପାଳ ଭଳି ଦେଶ ଭାରତର ୟୁପିଆଇ ପେମେଣ୍ଟ ସିଷ୍ଟମ୍‌କୁ ଗ୍ରହଣ କରିଛନ୍ତି । ତେବେ ଏନ୍‌ପିସିଆଇ ଇର୍ଣ୍ଟନ୍ୟାସ୍‌ନାଲ ଆଗକୁ ଆମେରିକା, ୟୁରୋପୀୟ ରାଷ୍ଟ୍ର ଏବଂ ପଶ୍ଚିମ ଏସିଆରେ ୟୁପିଆଇ ସେବାର ସମ୍ପ୍ରସାରଣ ପାଇଁ କଥାବାର୍ତ୍ତା ଚଳାଇଥିବା ଜଣାପଡ଼ିଛି । ଏନ୍‌ପିସିଆଇ ଇଣ୍ଟରନ୍ୟାସ୍‌ନାଲ ଏବଂ ଲାଇରା ନେଟ୍‌ୱର୍କ ମଧ୍ୟରେ ହୋଇଥିବା ବୁଝାମଣା ଦ୍ୱାରା ଭାରତୀୟ ପର୍ଯ୍ୟଟକମାନେ ଫ୍ରାନ୍ସ ଗସ୍ତ ବେଳେ ସହଜରେ ପେମେଣ୍ଟ କରିପାରିବେ । ଫ୍ରାନ୍ସରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଜାୱେଦ ଅସ୍‌ରଫ କହିଛନ୍ତି ଯେ, ବର୍ତ୍ତମାନ ସମୟରେ ୟୁପିଆଇ ଟ୍ରାଞ୍ଜାକ୍‌ସନ ଅନେକ ମାତ୍ରାରେ ସହାୟକ ହେଉଛି । ସେ ନିଜର ଏକ ବ୍ୟକ୍ତିଗତ ଅଭିଜ୍ଞତାକୁ ସେୟାର କରିଛନ୍ତି ଏବଂ କହିଛନ୍ତି ଯେ, ଥରେ ସେ ଜଣେ ଡାକ୍ତରଙ୍କ ନିକଟକୁ ଯାଇଥିଲେ । ଡାକ୍ତରଙ୍କ ପାଉଣା ଦେବା ପାଇଁ ତାଙ୍କ ନିକଟରେ କ୍ୟାସ କିମ୍ବା ଚେକ୍ ? ନ ଥିଲା । ଡାକ୍ତରଜଣକ ତାଙ୍କୁ କ୍ୟାସ କିମ୍ବା ଚେକ୍‌ରେ ପେମେଣ୍ଟ କରିବା ପାଇଁ କହିଥିଲେ । ତେଣୁ ତାଙ୍କୁ ଏଟିଏମ୍ ଯାଇ ଟଙ୍କା ଉଠାଇବାକୁ ପଡ଼ିଥିଲା । ଏହା ପରେ ଯାଇ ସେ ଡାକ୍ତରଙ୍କ ପାଉଣା ଦେଇ ପାରିଥିଲେ । ଏବେ ୟୁପିଆଇ ଫ୍ରାନ୍ସକୁ ଆସିବା ଦ୍ୱାରା ଏଭଳି ପରିସ୍ଥିତିକୁ ଏଡାଯାଇପାରିବ ବୋଲି ଜାୱେଦ କହିଛନ୍ତି ।

# ଆଜିର ରାଶିଫଳ

**ମେଷ**
ବ୍ୟବସାୟରେ ଆଗକୁ ବଢ଼ିବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ। କଳା, ସାହିତ୍ୟରେ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ସ୍ଥିତି ଦୁଃଶ୍ଚିନ୍ତାର କାରଣ ହେବ। ମହିଳାମାନେ ମାନସିକ ଅଶାନ୍ତି ମଧ୍ୟରେ ସମୟ କଟାଇବେ।

**ବୃଷ**
ଗୃହିଣୀମାନେ ନିଜ କାର୍ଯ୍ୟରେ ଲାଗି ରହିବେ। ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଗୃହକାର୍ଯ୍ୟରେ ମନ ଦେବେ। ନିଜ ଲୋକଙ୍କ ଦ୍ୱାରା ଅପଦସ୍ତ ହୋଇପାରନ୍ତି। ଶତ୍ରୁ ଆଗରେ ନହେଲେ ମଧ୍ୟ ପଛରେ ନାନା ପ୍ରକାର କଥା କହିବେ।

**ମିଥୁନ**
କୌଣସି ପରିସ୍ଥିତିରେ ମଧ୍ୟ ଯାହା କହିବେ ଟିକିଏ ଭାବିଚିନ୍ତି କୁହନ୍ତୁ ଅଭାବ ପୂରଣ ସକାଶେ ବନ୍ଧୁଙ୍କୁ ଦ୍ୱାରସ୍ଥ ହେବେ। ସ୍ତ୍ରୀ, ପ୍ରତିଦ୍ୱନ୍ଦ୍ୱୀ, ଦାମ୍ପତ୍ୟ ଓ ଯାତ୍ରା ସମ୍ପର୍କରେ ଦୁଶ୍ଚିନ୍ତା ବଢ଼ିପାରେ। ଅପରାହ୍ନରେ ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିପାରନ୍ତି।

**କର୍କଟ**
ଅର୍ଥ ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ମିଳିବ। ମହିଳାମାନେ ବୁଦ୍ଧି ପ୍ରୟୋଗ କରି କାମ କରିବେ। ଛୋଟପିଲାମାନେ ପଢ଼ାପଢ଼ିରେ ମନ ଦେବେ।ସମ୍ପର୍କକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି।

**ସିଂହ**
ସୁପରାମର୍ଶ କଥା କହି ଦିନଟି ଆନନ୍ଦ ପାଇବେ। କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି କରିବେ। ସ୍ୱାସ୍ଥ୍ୟହାନି କାମକୁ ପ୍ରତିରୋଧ କରିବ। ସେଥିପାଇଁ ଅନ୍ୟମାନଙ୍କୁ କୈଫିୟତ୍ ଦେବାକୁ ପଡ଼ିବ।

**କନ୍ୟା**
ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ଠିକଣା ଜାଗାରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପଡ଼ିବେ। ଯେତେ ଭଲ କାମ କରିଲେ ମଧ୍ୟ ପ୍ରଶଂସା ବଦଳରେ ଖାଲି ଅଭିଯୋଗ ପାଇବେ।

**ତୁଳା**
ବ୍ୟବସାୟରେ କ୍ଷତି ସହିବେ। ଗୃହକାର୍ଯ୍ୟରେ ଲିପ୍ତ ରହିବେ। ନ୍ୟାୟୋଚିତ୍ତ ପରାମର୍ଶ ଏବଂ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ବିଛା**
ପଛକଥା ନ ଭାବି ବର୍ତ୍ତମାନର ପରିସ୍ଥିତିକୁ ସାମ୍‌ନା କରିବାକୁ ଚେଷ୍ଟା କରିବେ। ପିଲାମାନଙ୍କ ବିବାହ ସମ୍ପର୍କୀୟ ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବ।

**ଧନୁ**
ପରିଚିତ ଲୋକଙ୍କଠାରୁ ଅଧିକ ଲାଭ ମିଳିବ କିନ୍ତୁ ସଞ୍ଚୟ କମ୍ ହେବ ଓ ଖର୍ଚ୍ଚ ଅଧିକ ହେବ । ବିରୋଧୀମାନେ କ୍ଷତି କରିବାରେ ଅସଫଳ ହେବେ । ମିତ୍ରଙ୍କ ସହଯୋଗରେ ସ୍ଥିତି ସମ୍ଭାଳି ନେବେ ।

**ମକର**
ସାମାଜିକ ପ୍ରତିଷ୍ଠା, ମାନ ସମ୍ମାନ ବୃଦ୍ଧି ପାଇବ । ଶୁଭ ସମ୍ବାଦ ପାଇ ଉତ୍ସାହିତ ହେବେ । କର୍ମକ୍ଷେତ୍ରରେ ବରିଷ୍ଠ ବ୍ୟକ୍ତିଙ୍କ ସହ ସୁସମ୍ପର୍କ ଫଳରେ ପ୍ରଶଂସା ପାଇବେ । ଶ୍ରେଷ୍ଠ ବ୍ୟକ୍ତିଙ୍କ ସହ ସାକ୍ଷାତ ହେବା ଦ୍ୱାରା ବ୍ୟବସାୟରେ ବୃହତ ଲାଭ ହେବ ।

**କୁମ୍ଭ**
ସମସ୍ତ କାର୍ଯ୍ୟରେ ନିଜର ପ୍ରଭାବ ବଳରେ ସଫଳତା ମିଳିବ । କାର୍ଯ୍ୟରେ ଯୋଗଦେଇ ଅନ୍ୟର ଦୁଃଖ ଦୁର୍ଦ୍ଦଶା ଦୂର କରିବାକୁ ପ୍ରୟାସ କରିବେ । ଆର୍ଥିକ ଦିଗରୁ ଉନ୍ନତି ହେବା ଫଳରେ ନୂତନ ପଦାର୍ଥ ସଂଗ୍ରହ କରିପାରନ୍ତି ।

**ମୀନ**
ସାବଧାନ ରୁହନ୍ତୁ । ସୁଯୋଗ ହାତପାହାନ୍ତାରେ ଥିଲେ ମଧ୍ୟ ଶେଷ ସମୟରେ ବ୍ୟସ୍ତ ହେବ । ବ୍ୟବସାୟ ବାଣିଜ୍ୟ କାରବାର ଯୋଗେ ବହୁତ ଚିନ୍ତିତ ରହିବେ । ପରିବାରର ସମ୍ପର୍କୀୟଙ୍କ କୌଣସି ଘଟଣା ଯୋଗୁଁ ବ୍ୟସ୍ତିବ୍ୟସ୍ତ ହୋଇପାରନ୍ତି ।

# ଗଙ୍ଗା ବିଶ୍ୱର ସବୁଠୁ ସଙ୍କଟଗ୍ରସ୍ତ ନଦୀ

ଗଙ୍ଗା ନଦୀକୁ ଦେଶର ସବୁଠୁ ପବିତ୍ର ନଦୀର ମାନ୍ୟତା ମିଳିଛି । ଏହାର ଉନ୍ନତିକରଣ ପାଇଁ କେନ୍ଦ୍ର ସରକାର 'ନମାମି ଗଙ୍ଗେ' ଭଳି ପରିଯୋଜନା ମାଧ୍ୟମରେ ବିପୁଳ ପରିମାଣରେ ଧନ ବ୍ୟୟ କରୁଛନ୍ତି । ଏହାସତ୍ତ୍ୱେ ଆନ୍ତର୍ଜାତିକ ସ୍ତରର ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଏନ୍‌ଜିଓ (ୱର୍ଲ୍ଡ ୱାଇଡ ଫଣ୍ଡ) ଏହାକୁ ଦୁନିଆର ସବୁଠୁ ସଙ୍କଟଗ୍ରସ୍ତ ନଦୀର ମାନ୍ୟତା ଦେଇଛି । ଅନ୍ୟ ନଦୀମାନଙ୍କ ପରି ଏଠାରେ ମଧ୍ୟ ପ୍ରଥମେ ବନ୍ୟା ଏବଂ ପରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେଉଥିବାରୁ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଗଙ୍ଗାକୁ ସଙ୍କଟଗ୍ରସ୍ତ ନଦୀର ଆଖ୍ୟା ଦେଇଛି । ଋଷିକେଷ ପାଇଁ ହିଁ ଗଙ୍ଗା ପ୍ରଦୂଷିତ ହେଉଛି । ଗଙ୍ଗା ନଦୀ ପାର୍ଶ୍ୱରେ ଥିବା ଚନ୍ଦ୍ରଭାଗା, ମାୟାକୁଣ୍ଡ, ଶ୍ରୀରାମ ଝାଣ୍ଡୀ ବସ୍ତିରେ ଶୌଚାଳୟ ନାହିଁ। ତେଣୁ ଏହି ଅଳିଆ ମଧ୍ୟ ଆସି ଗଙ୍ଗା ଜଳରେ ମିଶିଥାଏ । ଋଷିକେଶରୁ ନେଇ କୋଲକାତା ପର୍ଯ୍ୟନ୍ତ ଗଙ୍ଗା ନଦୀ ପାର୍ଶ୍ୱରେ ପରମାଣୁ ବିଜୁଳି ଘରଠୁ ଆରମ୍ଭ କରି ରସାୟନିକ କାରଖାନା ରହିଛି । ଯେଉଁଥିପାଇଁ ଗଙ୍ଗାନଦୀ ଲଗାତାର ଭାବେ ପ୍ରଦୂଷିତ ହେଉଛି ।



# ଖୁବ୍ ଖାଆନ୍ତୁ ଗୁପ୍‌ଚୁପ୍

ଗୁପ୍‌ଚୁପ୍ ନାଁ ଶୁଣିବା ମାତ୍ରକେ ପାଟିରୁ ଲାଳ ବାହାରିଆସେ। ଅଧିକାଂଶ ସମୟରେ ଏହାକୁ ଖାଇବା ଦ୍ୱାରା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ ବୋଲି କୁହାଯାଏ। କିନ୍ତୁ ଏଣିକି ଯଦି କେହି ଆପଣଙ୍କୁ ଗୁପ୍‌ଚୁପ୍ ଖାଇବାରୁ ବିରତ ରହିବାକୁ କୁହନ୍ତି, ତେବେ କିଛି ନ ଶୁଣି ଖୁବ୍ ଖାଆନ୍ତୁ ଗୁପ୍‌ଚୁପ୍। କାରଣ ଏକ ଗବେଷଣାରୁ ଜଣାପଡ଼ିଛି, ଗୁପ୍‌ଚୁପ୍ ଅନେକ ସ୍ଥିତିରେ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ସାମାନ୍ୟ ସାବଧାନତା ଅବଲମ୍ବନ କଲେ, ଗୁପ୍‌ଚୁପ୍ ଖାଇବାର ମଜା ବି ଉଠେ ତା'ସାଙ୍ଗକୁ ସ୍ୱାସ୍ଥ୍ୟ ସମସ୍ୟା ବି ଦୂରେଇଥାଏ। ଜଣାପଡ଼ିଛି, ଗୁପ୍‌ଚୁପ୍ ସେବନ ଦ୍ୱାରା ଓଜନ ହ୍ରାସ ହୋଇଥାଏ। ଓଜନ ହ୍ରାସ ନିମନ୍ତେ ଯଦି ଏହାର ସେବନ କରୁଛନ୍ତି, ତେବେ ଏଥିରେ ମିଠାର ଆଦୌ ବ୍ୟବହାର କରନ୍ତୁ ନାହିଁ। ପୁଦିନା, ହିଙ୍ଗୁ, ଲେମ୍ବୁ ଏବଂ କଞ୍ଚା ଆମ୍ବ ଯେତେ ପରିମାଣରେ ଏଥିରେ ରହିବ, ଓଜନ ସେତେଶୀଘ୍ର ହ୍ରାସ ହେବ। ତା'ଛଡ଼ା ଗୁପ୍‌ଚୁପ୍ ପାଇଁ ବ୍ୟବହୃତ ପାଣିରେ ଥିବା ରାଗ ଏବଂ ଖଟା ଅଂଶ ମୁହଁ ଛାଲ ସମସ୍ୟା ଭଲ କରିଥାଏ। ଏଥିରେ ମିଶିଥିବା ଜଳଜିରା, ପୁଦିନା ଏବଂ କଇଁଆ ପେଟ ପରିଷ୍କାର କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ଭ୍ରମଣ ସମୟରେ ଯଦି ଏସିଡିଟି ସମସ୍ୟା ଉପୁଜୁଥାଏ, ତେବେ ନିଶ୍ଚିନ୍ତ ହୋଇ ଏହାର ସେବନ କରନ୍ତୁ।



# ସ୍ୱାସ୍ଥ୍ୟ ପାଇଁ ଉପଯୁକ୍ତ ଫଳ

ଯେଉଁଥିପାଇଁ ମଧୁମେହ ରୋଗୀଙ୍କୁ ବିଶେଷ କରି ଖାଦ୍ୟପେୟ ନେଇ ଅଧିକ ଯତ୍ନବାନ ହେବାକୁ ପଡ଼ିଥାଏ । କାରଣ ଅଧିକାଂଶ ଖାଦ୍ୟର ସିଧାସଳଖ ପ୍ରଭାବ ତାଙ୍କ ଶରୀର ଉପରେ ପଡ଼ିଥାଏ। କିନ୍ତୁ ଏମିତି କିଛି ଫଳ ଅଛି ଯାହାକି ମଧୁମେହ ରୋଗୀଙ୍କ ପାଇଁ ବେଶ୍ ଉପକାରୀ। ସେଓ- ସେଓରେ ଭାରି ମାତ୍ରାରେ ସଲ୍ୟୁବଲ ଫାଇବର ରହୁଥିବାରୁ ଏହା ମଧୁମେହ ରୋଗୀଙ୍କୁ ସଂକ୍ରମଣରୁ ରକ୍ଷା କରିଥାଏ । ଏହାସହ ଏଥିରେ ଏକ ପ୍ରକାର ଶ୍ୱେତସାର ଥିବାରୁ ରକ୍ତ ସର୍କରାକୁ ନିୟନ୍ତ୍ରଣ କରିଥାଏ । ତରଭୁଜ - ଏଥିରେ କୌଣସି ପ୍ରକାର ଫେଟ କିମ୍ବା କୋଲେଷ୍ଟ୍ରୋଲ ନଥାଏ। କିନ୍ତୁ ଭରପୂର ମାତ୍ରାରେ ଭିଟାମିନ୍ ଓ ମିନେରାଲ୍ ରହୁଥିବାରୁ ମଧୁମେହ ରୋଗୀଙ୍କ ପାଇଁ ଉପକାରୀ । ତରଭୁଜରେ ଥିବା ତନ୍ତୁ ପାଚନକ୍ରିୟାକୁ ଠିକ୍ କରିବା ସହ କୋଲେଷ୍ଟ୍ରୋଲ୍ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ପାଚିଲା ଅମୃତଭଣ୍ଡା - ଏଥିରେ ଥିବା ଆଣ୍ଟିଅକ୍ସିଡ଼େଣ୍ଟ ଶରୀରର କୋଷିକାକୁ ଦୁର୍ବଳ ହେବାରୁ ରକ୍ଷା କରିବା ସହ ହୃଦୟ ଓ ନର୍ଭସ୍ ସିଷ୍ଟମକୁ ସୁରକ୍ଷିତ ରଖିଥାଏ। ପିଜୁଳି - ପିଜୁଳିରେ ଥିବା ପୋଟାସିୟମ୍ ରକ୍ତଚାପକୁ ନିୟନ୍ତ୍ରଣ ରଖିବାର କାମ କରିଥାଏ। ଏହାସହ ମଧୁମେହ ଟାଇପ-୨ ବିପଦକୁ ମଧ କମ୍ କରିଥାଏ। ବେଦନା -ମଧୁମେହ ରୋଗୀଙ୍କ କ୍ଷେତ୍ରରେ ହୃଦ୍‌ଘାତ ହେବାର ସମ୍ଭାବନା ଅଧିକ ରହିଥାଏ । ତେଣୁ ସେମାନଙ୍କ ପାଇଁ ବେଦନା ଉପକାରୀ । ଏହା କଲେଷ୍ଟ୍ରୋଲ୍ ମାତ୍ରାକୁ କମ୍ କରି ମଧୁମେହକୁ ନିୟନ୍ତ୍ରଣ କରିବାରେ ସହାୟୀ ହୋଇଥାଏ ।

## ଫିଲ୍ମ ଟକ୍

# ରିଲେସନସିପ୍ କଥା ସ୍ୱୀକାର କଲେ ତମନ୍ନା



ତମନ୍ନା ଭାଟିଆ ଏବଂ ବିଜୟ ବର୍ମା। ଦୁହିଁଙ୍କ ସମ୍ପର୍କ ଦୀର୍ଘ ଦିନ ଧରି ଚର୍ଚ୍ଚାରେ ରହିଆସିଛି। ବିଜୟଙ୍କ ସହ ଥିବା ସମ୍ପର୍କକୁ ନେଇ ତମନ୍ନା ଭାଟିଆ ମୁହଁ ଖୋଲି କହିଛନ୍ତି। ଆଜ୍ଞା ହଁ ସତ କଣ ତାହା ମାନି ଯାଇଛନ୍ତି। ବର୍ତ୍ତମାନ ଏକ ସାକ୍ଷାତକାରରେ ତମନ୍ନା ନିଜେ ବିଜୟଙ୍କ ସହ ସମ୍ପର୍କ ବିଷୟରେ ଖୁଲାସା କରିଛନ୍ତି। ତମନ୍ନା ଭାଟିଆ-ବିଜୟ ବର୍ମା ପରସ୍ପର ସହ ଅନେକ ଥର ନଜର ଆସିଛନ୍ତି। ଅନେକ ଇଭେଣ୍ଟରେ ତମନ୍ନା ଭାଟିଆ ଏବଂ ବିଜୟ ଧର୍ମାଙ୍କୁ ଏକାଠି ଦେଖିବାକୁ ମିଳିଛି ।ଏହି ରୁମର୍ଡ କପଲମାନେ ପ୍ରାୟତ ମିଡିଆ ସାମ୍ନାରେ ପୋଜ୍ ଦେବାର ଦେଖିବାକୁ ମିଳିଥିଲା। ଏହି ସମୟରେ ତମନ୍ନା ବିଜୟଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ଅନେକ କଥା ସେୟାର କରିଛନ୍ତି। ଆପଣ ଏହା ଶୁଣି ଖୁସି ହେବେ । ଶେଷରେ ତମନ୍ନା ଅଭିନେତା ବିଜୟ ଭର୍ମାଙ୍କ ସହ ତାଙ୍କ ସମ୍ପର୍କକୁ ନିଶ୍ଚିତ କରିଛନ୍ତି। ଅଭିନେତ୍ରୀ କହିଛନ୍ତି ଯେ ସେ ଏବଂ ବିଜୟଙ୍କ ମଧ୍ୟରେ ସବୁକିଛି ଫିଲ୍ମ 'ଲଷ୍ଟ ଷ୍ଟୋରୀ ୨'ର ସେଟରୁ ଆରମ୍ଭ ହୋଇଥିଲା। ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ଦୁହେଁ ଏକାଠି ଅଭିନୟ କରିଥିଲେ ଏବଂ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅମିତ ରବିନ୍ଦ୍ରନାଥ ଶର୍ମା, କନକୋନା ସେନଶର୍ମା, ଆର ବାଲ୍କି ଏବଂ ସୁଜୟ ଘୋଷ। ଗୋଆରେ ଚାଲିଥିବା ନୂଆ ବର୍ଷ ପାର୍ଟୀରେ ତମନ୍ନା -ବିଜୟଙ୍କୁ କିସ୍ ଦେଉଥିବାର ଭିଡିଓ ସାମ୍ନାକୁ ଆସିଥିଲା। ଏହା ପରେ ଗୁଜବ ଆସିବାକୁ ଲାଗିଲା ଯେ ଉଭୟଙ୍କ ସମ୍ପର୍କ ଅଛନ୍ତି।

# ଜାତିସଂଘ ମୁଖ୍ୟାଳୟରେ ଯୋଗାଭ୍ୟାସ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ: ଜାତିସଂଘର ମୁଖ୍ୟାଳୟରେ ଯୋଗ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବେ ୩ ଦିନିଆ ଐତିହାସିକ ଆମେରିକା ଗସ୍ତରେ ରହିଛନ୍ତି। ଆମେରିକାରେ ପହଞ୍ଚିବା ପରେ ପ୍ରଧାନମନ୍ତ୍ରୀ ମୋଦୀ 'ଲୋଟି ନ୍ୟୁୟର୍କ ପାଲେସ୍ ହୋଟେଲ୍'ରେ ଏଲନ୍ ମସ୍କଙ୍କୁ ଭେଟିଥିଲେ।ଏହା ପରେ ସେ ଜାତିସଂଘର ମୁଖ୍ୟାଳୟରେ ପହଞ୍ଚିଥିଲେ। ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଜାତିସଂଘର ମୁଖ୍ୟାଳୟରେ ଯୋଗ କରିଥିବା ଦେଖାଯାଇଥିଲା। ସେ ୧୮୦ଟି ଦେଶର ପ୍ରତିନିଧିଙ୍କ ସହିତ ମିଶି ଯୋଗାଭ୍ୟାସ କରିଥିଲେ।ମୋଦୀଜୀ ଯୋଗାଭ୍ୟାସ ଆରମ୍ଭ କରିବା ପୂର୍ବରୁ ଜାତିସଂଘରେ ଭାରତର ରାଷ୍ଟ୍ରଦୂତ ରୁଚିରା କମ୍ବୋଜ ଉପସ୍ଥିତ ଅତିଥିଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ ଯେ ଆଜିର ଉତ୍ସବ ପ୍ରକୃତରେ ବିଶେଷ କାରଣ ପ୍ରଧାନମନ୍ତ୍ରୀ ମୋଦୀ ଏଠାରେ ଯୋଗ କରିବା ପାଇଁ ଆମର ନେତୃତ୍ୱ ନେବେ। ତାଙ୍କ ନେତୃତ୍ୱରେ ଜୁନ୍ ୨୧କୁ ଆନ୍ତର୍ଜାତୀୟ ଯୋଗ ଦିବସ ଭାବେ ଘୋଷଣା କରାଯାଇଥିଲା। ରୁଚିରା କମ୍ବୋଜଙ୍କ ପରେ ପ୍ରଧାନମନ୍ତ୍ରୀ ମୋଦୀ ଉପସ୍ଥିତ ଅତିଥିଙ୍କୁ ସମ୍ବୋଧିତ କରିଥିଲେ। ସେ କହିଥିଲେ, ଆମେ ସମଗ୍ର ମାନବିକତାର ସଭାସ୍ଥଳରେ ଏକାଠି ହୋଇଛୁ। ମୁଁ ଆପଣ ସମସ୍ତଙ୍କୁ ଦେଖି ଆନନ୍ଦିତ ଏବଂ ଆସିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି। ମୋତେ କୁହାଯାଇଛି ଯେ ପ୍ରାୟ ପ୍ରତ୍ୟେକ ଦେଶର ପ୍ରତିନିଧି ଆଜି ଏଠାରେ ପ୍ରତିନିଧିତ୍ୱ କରୁଛନ୍ତି। ଯୋଗର ଅର୍ଥ ହେଉଛି ଏକତା, ତେଣୁ ଆମେ ଏକାଠି ହେବା ଯୋଗର ଅନ୍ୟ ଏକ ରୂପ।

## ୨୦୪୭ ମଧ୍ୟରେ ବିକଶିତ ଭାରତ ଗଠନ ସ୍ୱପ୍ନ ସାକାର ହେବ

ନୂଆଦିଲ୍ଲୀ : ଲୋକସଭା ବାଚସ୍ପତି ଓମ୍ ବିର୍ଲା। ଗୋଆ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନକୁ ସମ୍ବୋଧନ କରିଛନ୍ତି। ସ୍ୱତନ୍ତ୍ର ଅଧିବେଶନରେ 'ବିକଶିତ ଭାରତ ୨୦୪୭: ଜନପ୍ରତିନିଧିଙ୍କ ଭୂମିକା' ଶୀର୍ଷକ ଉପରେ ଆଲୋଚନା ହୋଇଛି। ଆଲୋଚନାରେ ଭାଗ ନେଇ ବାଚସ୍ପତି ଶ୍ରୀ ବିର୍ଲା କହିଥିଲେ ୭୫ ବର୍ଷର ଗଣତାନ୍ତ୍ରିକ ଯାତ୍ରାରେ ଭାରତ ଅନେକ ଉପଲବ୍ଧି ହାସଲ କରିଛି। ୨୦୪୭ ମଧ୍ୟରେ ବିକଶିତ ଭାରତ ଗଠନ କରିବାର ସ୍ୱପ୍ନ ସାକାର ହେବ। ସେ କହିଲେ, ପଞ୍ଚାୟତରୁ ସଂସଦ ପର୍ଯ୍ୟନ୍ତ ସମସ୍ତ ଲେଜିସ୍ଲେଟିଭ୍ ସଂସ୍ଥାମାନଙ୍କ ଦାୟିତ୍ୱ ରହିଛି ସେମାନେ ଜନତାଙ୍କ ସମସ୍ତଙ୍କ ସମସ୍ୟାକୁ କାର୍ଯ୍ୟପାଳିକା ପର୍ଯ୍ୟନ୍ତ ପ୍ରଭାବୀ ଢଙ୍ଗରେ ପହଞ୍ଚାନ୍ତୁ। ସଦସ୍ୟମାନଙ୍କ ମର୍ଯ୍ୟାଦାପୂର୍ଣ୍ଣ ଆଚରଣ ଯୋଗୁ ସଂସଦର ସମ୍ମାନ ବୃଦ୍ଧି ପାଇଥାଏ। ବଦଳୁଥିବା ପରିଦୃଶ୍ୟରେ ସଂସଦରୁ ସାଧାରଣ ଲୋକମାନଙ୍କ ଆଶା ଓ ଆକାଂକ୍ଷା ମଧ୍ୟ ବଢ଼ିଛି ବୋଲି ସେ କହିଥିଲେ।

## ଦ୍ରୁତଗତିରେ ଚାଲିଛି ରାମ ମନ୍ଦିର ନିର୍ମାଣ କାର୍ଯ୍ୟ
# ମକର ସଂକ୍ରାନ୍ତିରେ ହେବ ପ୍ରାଣ ପ୍ରତିଷ୍ଠା



ଲକ୍ଷ୍ନୌ: ମକର ସଂକ୍ରାନ୍ତି ଅବସରରେ ଅର୍ଥାତ ଆସନ୍ତା ବର୍ଷ ଜାନୁୟାରୀ ୧୪ ତାରିଖରେ ଉତ୍ତର ପ୍ରଦେଶର ଅଯୋଧ୍ୟାରେ ନିର୍ମିତ ରାମ ମନ୍ଦିରର ହେବ ପ୍ରାଣ ପ୍ରତିଷ୍ଠା। ଏହି ଉତ୍ସବ ୧୦ ଦିନ ପର୍ଯ୍ୟନ୍ତ ଖୁବ୍? ଜାକଜମକରେ ପାଳନ ହେବ । ଏହା ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହୋଇଥିବାରୁ ଏଥିରେ ଯୋଗ ଦେବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମନ୍ତ୍ରିତ କରାଯିବ ବୋଲି ମନ୍ଦିର ନିର୍ମାଣ ସମିତି ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ରା ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଶ୍ୱର ବିଭିନ୍ନ ସ୍ଥାନର ସାଧୁସନ୍ଥ ଯୋଗ ଦେବେ । ଏହି କାର୍ଯ୍ୟକ୍ରମର ପ୍ରଚାର, ପ୍ରସାର ଦେଶ ସମେତ ବିଦେଶରେ କରିବା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେବ ବୋଲି ନୃପେନ୍ଦ୍ର ମିଶ୍ରା କହିଛନ୍ତି। ଏଥିସହ ସେ କହିଛନ୍ତି, ରାମ ମନ୍ଦିରର ଆୟୁଷ ପ୍ରାୟ ପାଖାପାଖି ହଜାରେ ବର୍ଷ ପର୍ଯ୍ୟନ୍ତ ରହିବ । ଏହା ସବୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲା ରହିବ । ମନ୍ଦିର ତଳେ ମଧ୍ୟ ବହୁ କାରୁକାର୍ଯ୍ୟପୂର୍ଣ୍ଣ ନିର୍ମାଣ କାମ ହୋଇଛି, ଯାହାକି ରାମ କଥା ପ୍ରଦର୍ଶୀତ କରିବ ।ସୂଚନାଯୋଗ୍ୟ, ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ୩ ମହଲା ବିଶିଷ୍ଟ ରାମ ମନ୍ଦିରର ଗ୍ରାଉଣ୍ଡ ଫ୍ଲୋର କାମ ଆସନ୍ତା ଅକ୍ଟୋବର ମାସ ସୁଦ୍ଧା ଶେଷ ହେବ। ମନ୍ଦିରର ୩ ପାର୍ଶ୍ୱରେ ଦ୍ୱାର ରହିବ ତଥା ତାହାର ଶିଖର ସୁନାରେ ନିର୍ମିତ ହେବ ବୋଲି ମନ୍ଦିର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ରାମ ମନ୍ଦିରର ଲମ୍ବା ୩୮୦ ଫୁଟ, ଚଉଡ଼ା ୨୫୦ ଫୁଟ, ଉଚ୍ଚତା ୧୬୧ ଫୁଟ ଓ ମନ୍ଦିରରେ ୩୯୨ଟି ପିଲାର ରହିବ। ସାଗୁଆନ କାଠରେ ମନ୍ଦିରର ୪୬ଟି ଦ୍ୱାର ନିର୍ମାଣ କରାଯିବ। ଗର୍ଭଗୃହର କବାଟରେ ସ୍ୱର୍ଣ୍ଣ ଲେପ ରହିବ। ଏହି ଭବ୍ୟ ମନ୍ଦିରର ପ୍ରାଣ ପ୍ରତିଷ୍ଠା ଆସନ୍ତା ବର୍ଷ ଜାନୁଆରୀରେ ହେବ ବୋଲି କୁହାଯାଇଥିଲେ ବି ଏହାର ତାରିଖ ଘୋଷଣା କରାଯାଇ ନ ଥିଲା। ଏବେ ତାରିଖ ଘୋଷଣା କରାଯିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସୁକତା ଦେଖାଦେଇଛି।

## ଗ୍ରୀସ୍ ଡଙ୍ଗା ବୁଡି ଘଟଣାରେ ୩୦୦ ପାକିସ୍ତାନୀ ମୃତ



ଇସଲାମାବାଦ : ଗତ ସପ୍ତାହରେ, ଗ୍ରୀସରେ ଏକ ଡଙ୍ଗା ଦୁର୍ଘଟଣାରେ ୩୦୦ପାକିସ୍ତାନୀ ବୁଡ଼ିଯିବାର ଆଶଙ୍କା କରାଯାଇଛି। ଏହାକୁ ନେଇ ପାକିସ୍ତାନରେ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି। ଡଙ୍ଗାରେ ପ୍ରାୟ ୭୫୦ ଜଣ ଯାତ୍ରୀ ଥିଲେ। ତେବେ ଏହାର କ୍ଷମତା କେବଳ ୩୫୦ଲୋକଙ୍କୁ ବହନ କରିବାକୁ କୁହାଯାଇଛି । ଏ ସମ୍ପର୍କରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ ମାନବ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାନବ ଚାଲାଣ ଅଭିଯୋଗରେ ପାକିସ୍ତାନର ବିଭିନ୍ନ ସ୍ଥାନରୁ ପ୍ରାୟ ୧୪ଜଣଙ୍କୁ ଗିରଫ କରାଯାଇଛି। ସେ ମଧ୍ୟ ପୂର୍ବ ଏବଂ ଆଫ୍ରିକା ଦେଇ ପାକିସ୍ତାନୀମାନଙ୍କୁ ୟୁରୋପରେ ବେଆଇନ ଭାବେ ଅନୁପ୍ରବେଶ କରିଥିବା ଅଭିଯୋଗ ହୋଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ସ୍ୱୀକାର କରିଛନ୍ତି ଯେ ସେ ସେହି ଡଙ୍ଗାରେ ତିନି ଜଣଙ୍କୁ ପଠାଇଛନ୍ତି।

## ବୁଡ଼ାଜାହାଜ ଉଦ୍ଧାରକାରୀଙ୍କୁ ପାଣି ଭିତରୁ ଶୁଭିଛି ଶବ୍ଦ

ୱାସିଂଟନ୍: 'ଟାଇଟାନିକ୍'ର ଭଗ୍ନାଂଶ ଦେଖାଇ ନେବା ପାଇଁ ୫ଜଣ ପର୍ଯ୍ୟଟକଙ୍କୁ ନେଇଯାଇଥିବା ନିଖୋଜ ବୁଡ଼ାଜାହାଜ ସନ୍ଧାନ ନେଉଥିବା ଉଦ୍ଧାରକାରୀ ଦଳ ଉତ୍ତର ଆଟ୍‌ଲାଣ୍ଟିକ୍ ସାଗର ପାଣି ଭିତରେ ଶବ୍ଦ ଶୁଣିଥିବା କଥା ଯୁକ୍ତରାଷ୍ଟ୍ର ଆମେରିକାର ତଟରକ୍ଷୀ ବାହିନୀ ସୁନିଶ୍ଚିତ କରି କହିଛି। ଦୁଇ ଦିନ ପୂର୍ବରୁ ଜଳରାଶିର ଯେଉଁ ଅଞ୍ଚଳରୁ ବୁଡ଼ା ଜାହାଜଟି ନିଖୋଜ ହୋଇଯାଇଥିଲା ସେ ଅଞ୍ଚଳରୁ ସେମାନେ ଏହି ଶବ୍ଦ ଶୁଣିଥିବା କଥା କହିଛନ୍ତି। ଅଫିସିଆଲ୍ ଟୁଇଟର ପେଜ୍‌ରେ 'ୟୁଏସ୍ କୋଷ୍ଟ ଗାର୍ଡ'ର 'ଫାଷ୍ଟ ଡିଷ୍ଟ୍ରିକ୍ଟ' କହିଛି, ତଲାସ ଚାଲିଥିବା ଅଞ୍ଚଳରେ ନାନାଡିୟାନ୍ ପି-୩ ବିମାନ ପାଣି ଭିତରୁ ଶବ୍ଦ ଶୁଭୁଥିବା ବାରିପାରିଛି। ଫଳତଃ, ଏହି ଶବ୍ଦ କେଉଁଠୁ ଶୁଭୁଛି ତାହା ଜାଣିବା ଲାଗି ଚେଷ୍ଟା କରିବା ପାଇଁ ପୁଣି ଉକ୍ତ ଅଞ୍ଚଳରେ 'ରିମୋଟ୍‌ଲି ଅପରେଟେଡ୍ ଭେଇକଲ୍ ମୁତୟନ କରାଯାଇଛି। ଉଲ୍ଲେଖଯୋଗ୍ୟ, ସମୁଦ୍ର ଶଯ୍ୟାରେ ଥିବା ପ୍ରକାଣ୍ଡ ପୋତ 'ଟାଇଟାନିକ୍'ର ଭଗ୍ନାଂଶ ଦେଖାଇବା ପାଇଁ ରବିବାର ଦିନ ପର୍ଯ୍ୟକଟମାନଙ୍କୁ ନେଇ ଯାଇଥିବା ଗୋଟାଏ ୨୧ ଫୁଟ୍‌ବିଶିଷ୍ଟ କ୍ଷୁଦ୍ର ବୁଡ଼ାଜାହାଜ ନିଖୋଜ ହୋଇ ଯାଇଥିବା ଜଣାପଡ଼ିଥିଲା। ବାୟୁ ଯୋଗଣା ଶେଷ ହେବା ପୂର୍ବରୁ ଉକ୍ତ ବୁଡ଼ାଜାହାଜରୁ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରି ଆଣିବା ପାଇଁ ଉଦ୍ଧାକାରୀ ଦଳ ପାରୁପର୍ଯ୍ୟନ୍ତ ଉଦ୍ୟମ ଚଳାଇଛନ୍ତି।

## ଲୋକସଭା ନିର୍ବାଚନକୁ ନେଇ ପ୍ରସ୍ତୁତ ହେଉଛି ସମାଜବାଦୀ ପାର୍ଟି

ଲକ୍ଷ୍ନୌ : ଉତ୍ତରପ୍ରଦେଶରେ ପ୍ରତ୍ୟେକ ଦଳ ଲୋକସଭା ନିର୍ବାଚନ ପାଇଁ ପ୍ରସ୍ତୁତି ଲାଗି ମିଶନ ମୋଡରେ ଲାଗିଯାଇଛନ୍ତି। ସମାଜବାଦୀ ପାର୍ଟି ଲୋକ ସଭା ନିର୍ବାଚନ ପାଇଁ ଟିକେଟ ଫାଇନାଲ କରିବା ପ୍ରକ୍ରିୟା ଉପରେ କାମ ଆରମ୍ଭ କରିଛି। ସୂଚନାନୁସାରେ, ଏପର୍ଯ୍ୟନ୍ତ ଦଳ ଏହାର ପ୍ରାୟ ୧୦ରୁ ୧୨ଜଣ ନେତାଙ୍କୁ ମଇଦାନକୁ ଓହ୍ଲାଇବାକୁ ସଙ୍କେତ ଦେଇଛି। ଅଗଷ୍ଟ ଏବଂ ସେପଟ୍ଟେମ୍ବର ସୁଦ୍ଧା ସମସ୍ତ ପ୍ରାର୍ଥୀ ଚୂଡ଼ାନ୍ତ ହୋଇଯିବେ ବୋଲି ବିଶ୍ୱାସ କରାଯାଉଛି। ଲୋକ ସଭା ନିର୍ବାଚନ ପାଇଁ ପ୍ରସ୍ତୁତିରେ ନିୟୋଜିତ ଏସପି ବର୍ତ୍ତମାନ ଜିଲ୍ଲାସ୍ତରୀୟ ବୈଠକ କରୁଛି। ଦଳର ଜିଲ୍ଲାସ୍ତରୀୟ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କେଉଁ ଆସନ ପାଇଁ କେଉଁ ନେତା ଚୟନ କରାଯିବା ଉଚିତ ସେ ସମ୍ପର୍କରେ ମତାମତ ନେବା। ଦଳର ନେତୃତ୍ୱ ସେହି ନେତାଙ୍କ ସପକ୍ଷରେ ସ୍ଥାନୀୟ ସ୍ତରରେ ସର୍ବାଧିକ ସମ୍ଭାବ୍ୟ ସହମତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି ଯିଏ ସେମାନଙ୍କ ପାଇଁ ଜିତି ପାରିବେ। ସୂଚନାନୁସାରେ, ମେନପୁରୀ, କନ୍ନୌଜ, ଆଜମଗଡ ଏବଂ ଫିରୋଜାବାଦ ଆସନ ମୁଲାୟମ ପରିବାର ସହିତ ରହିବ।

## ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର ଦେବା ନିଷ୍ପତ୍ତିକୁ ନେଇ ବର୍ଷିଲା କଂଗ୍ରେସ

ନୂଆଦିଲ୍ଲୀ : ଗୋରଖପୁରର ଗୀତା ପ୍ରେସକୁ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୦୨୧ର ଗାନ୍ଧୀ ଶାନ୍ତି ପୁରସ୍କାର ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏବେ ଏହାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି।



କଂଗ୍ରେସ କେନ୍ଦ୍ର ସରକାରଙ୍କର ସମାଲୋଚନା କରି କହିଛି ଯେ ଏହା ସମ୍ମାନ ନୁହେଁ ଉପଦ୍ରବ ଭଳି ପଦକ୍ଷେପ। ସୂଚନାଯୋଗ୍ୟ, କେନ୍ଦ୍ରର ଅହିଂସକ ଓ ଅନ୍ୟ ଗାନ୍ଧିବାଦୀ ପ୍ରଣାଳୀ ମାଧ୍ୟମରେ ସାମାଜିକ, ଆର୍ଥିକ ଓ ରାଜନୈତିକ ପରିବର୍ତ୍ତନର ଦିଗରେ ଉତ୍କୃଷ୍ଟ ଯୋଗଦାନ ପାଇଁ ଗୀତା ପ୍ରେସକୁ ପୁରସ୍କାର ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହାକୁ ବିରୋଧ କରି କଂଗ୍ରେସ ନେତା ଜୟରାମ ରମେଶ ଟୁଇଟ କରିଛନ୍ତି ଯେ, ଗୀତା ପ୍ରେସକୁ ଗାନ୍ଧୀ ଶାନ୍ତି ପୁରସ୍କାର ୨୦୨୧ ଦେବା ସାବରକର ଓ ଗଡସେଙ୍କୁ ପୁରସ୍କାର ଦେବା ଭଳି, ଏହି ନିଷ୍ପତ୍ତି ଏକ ଉପହାସ ଭଳି।

## ସୁଦାନରେ ଏୟାର ଷ୍ଟ୍ରାଇକ୍, ୫ ପିଲାଙ୍କ ସମେତ ୧୭ ମୃତ

*ଖାର୍ତୁମ : ସୁଦାନର ରାଜଧାନୀ ଖାର୍ତୁମର ଦକ୍ଷିଣ ଭାଗରେ ଏୟାର ଷ୍ଟ୍ରାଇକ୍ ହୋଇଛି। ଫଳରେ ୫ ପିଲାଙ୍କ ସମେତ ୧୭ ଜଣଙ୍କର ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ସୁଦାନ ରାଜଧାନୀର ସ୍ୱାସ୍ଥ୍ୟ ବିଭାଗ ଫେସ୍‌ବୁକ୍‌ରେ ଏକ ପୋଷ୍ଟ ଶେୟାର କରିଛି। ଏଥିରେ କ୍ୟାପଶନ ଲେଖାଅଛି, ଶନିବାର ୟର୍ମୋକ୍ ଜିଲାର ଏକ ଏୟାର ଷ୍ଟ୍ରାଇକ୍‌ରେ ୫ ପିଲାଙ୍କ ସମେତ ୧୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨୫ଟି ଘର ନଷ୍ଟ ହୋଇଯାଇଛି।*

## ପାକିସ୍ତାନରେ ଆର୍ଥିକ ସଙ୍କଟ: ୟୁଏଇକୁ ବିକ୍ରି କରିବ କରାଚୀ ବନ୍ଦର



ଇସଲାମାବାଦ : କରାଚି ବନ୍ଦର ଟର୍ମିନାଲକୁ ହସ୍ତାନ୍ତର କରିବା ପାଇଁ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହିତ ଚୁକ୍ତି ଶେଷ କରିବାକୁ ପାକିସ୍ତାନ ଏକ ବୁଝାମଣା କମିଟି ଗଠନ କରିଛି। ଏକ୍ସପ୍ରେସ ଟ୍ରିବ୍ୟୁନ ରିପୋର୍ଟ କରିଛି ଜରୁରୀକାଳୀନ ପାଣ୍ଠି ସଂଗ୍ରହ ପାଇଁ ଗତ ବର୍ଷ ପ୍ରଣୟନ ହୋଇଥିବା ଆଇନ ଅନୁଯାୟୀ ଏହି ପଦକ୍ଷେପ ପ୍ରଥମ ଆନ୍ତଃ-ସରକାରୀ କାରବାର ହୋଇପାରେ। ଆନ୍ତଃସ୍ୱ-ସରକାରୀ ବାଣିଜ୍ୟ କାରବାର ଉପରେ କ୍ୟାବିନେଟ କମିଟିର ଏକ ବୈଠକରେ ଅର୍ଥମନ୍ତ୍ରୀ ଇଶାକ ଦାର୍ ଅଧ୍ୟକ୍ଷତା କରିଥିଲେ। ନିଷ୍ପତ୍ତି ଅନୁଯାୟୀ, କରାଚି ବନ୍ଦର ଟ୍ରଷ୍ଟ (କେପିଟି) ଏବଂ ୟୁଏଇ ସରକାରଙ୍କ ମଧ୍ୟରେ ବାଣିଜ୍ୟିକ ଚୁକ୍ତିନାମା ପାଇଁ ଏକ କମିଟି ଗଠନ କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। କରାଚି ବନ୍ଦର ଟର୍ମିନାଲକୁ ହସ୍ତାନ୍ତର କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ୟୁଏଇ ଏଜେନ୍ସି ସହିତ ସରକାରଙ୍କ ବ୍ୟବସ୍ଥା ଅନୁଯାୟୀ ଏକ ଡ୍ରାଫ୍ଟ ଅପରେଶନ, ରକ୍ଷଣାବେକ୍ଷଣ, ପୁଞ୍ଜି ବିନିଯୋଗ ଏବଂ ବିକାଶ ଚୁକ୍ତିନାମାକୁ ଚୂଡ଼ାନ୍ତ କରିବାକୁ ବୁଝାମଣା କମିଟିକୁ ଅନୁମତି ଦିଆଯାଇଛି। ଗଠିତ ବୁଝାମଣା କମିଟି ସାମୁଦ୍ରିକ ବ୍ୟାପାର ମନ୍ତ୍ରୀ ଫୈସଲ ସାବଜୱାରୀଙ୍କ ଦ୍ୱାରା ପରିଚାଳିତ ହେବ। କମିଟିର ସଦସ୍ୟମାନେ ଅର୍ଥ ଏବଂ ବୈଦେଶିକ ବ୍ୟାପାର ବିଭାଗର ଅତିରିକ୍ତ ସଚିବ, କରାଚି ବନ୍ଦର ଟର୍ମିନାଲ (କେପିଟି) ର ଚେୟାରମ୍ୟାନ ତଥା କେପିଟିର ଜେନେରାଲ ମ୍ୟାନେଜର ଅଛନ୍ତି। ଟର୍ମିନାଲଗୁଡିକୁ ଆବୁଧାବି ବନ୍ଦର ଗ୍ରୁପର ଏକ ସହାୟକ କମ୍ପାନୀ ଆବୁଧାବି ବନ୍ଦର (ଏଡିପି)କୁ ହସ୍ତାନ୍ତର କରିବାକୁ ଏକ ଚୁକ୍ତିନାମା କରିବାକୁ ପାକିସ୍ତାନ ଲକ୍ଷ୍ୟ ରଖିଛି। ଏକ୍ସପ୍ରେସ ଟ୍ରିବ୍ୟୁନ ରିପୋର୍ଟ କରିଛି ୟୁଏଇ ସରକାର ଗତ ବର୍ଷ ପାକିସ୍ତାନ ଇଣ୍ଟରନ୍ୟାଶନାଲ କଣ୍ଟେନର ଟର୍ମିନାଲର ପ୍ରଶାସନିକ ନିୟନ୍ତ୍ରଣରେ କରାଚି ବନ୍ଦର ଟର୍ମିନାଲ ହାସଲ କରିବାକୁ ଆଗ୍ରହ ଦେଖାଇଥିଲେ।

## ଗୀତା ପ୍ରେସ ବିବାଦ ଉପରେ ପ୍ରତିକ୍ରିୟା ରଖିଲେ ଅମିତ ଶାହା

ନୂଆଦିଲ୍ଲୀ : ଗୋରଖପୁର ସ୍ଥିତ ପ୍ରସିଦ୍ଧ ଗୀତା ପ୍ରେସକୁ ୨୦୨୧ବର୍ଷ ପାଇଁ ଗାନ୍ଧୀ ଶାନ୍ତି ପୁରସ୍କାର ଘୋଷଣା ପରେ ଭାଜପା ଓ କଂଗ୍ରେସ ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ଏହି ନିଷ୍ପତ୍ତିକୁ କଂଗ୍ରେସ ସମାଲୋଚନା କରିଛି। ବର୍ତ୍ତମାନ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ମଧ୍ୟ ଏହି ପ୍ରସଙ୍ଗରେ ଟୁଇଟ କରିଛନ୍ତି। ସୋମବାର କହିଛନ୍ତି , ଯଦି ଭାରତର ଗୌରବମୟ ପ୍ରାଚୀନ ସନାତନ ସଂସ୍କୃତି ଏବଂ ଆଧାର ଗ୍ରନ୍ଥକୁ ଯଦି ଆଜି ଆଜି ସହଜରେ ପଢା ହୋଇପାରିବ, ତେବେ ଏଥିରେ ଗୀତା ପ୍ରେସର ଏକ ତୁଳନାତ୍ମକ ଅବଦାନ ରହିଛି। ଶାହା ଆହୁରି ମଧ୍ୟ କହିଛନ୍ତ, ୧୦୦ବର୍ଷରୁ ଅଧିକ ସମୟ ଧରି ଗୀତା ପ୍ରେସ ରାମଚରିତ ମାନସ ଠାରୁ ଶ୍ରୀମଦ ଭାଗବଦ ଗୀତା ପର୍ଯ୍ୟନ୍ତ ଅନେକ ପବିତ୍ର ଗ୍ରନ୍ଥ ନିଃସ୍ୱାର୍ଥ ଭାବରେ ଲୋକଙ୍କ ପାଖରେ ପହଞ୍ଚାଇବାରେ କାର୍ଯ୍ୟ କରିଛି। ଗାନ୍ଧୀ ଶାନ୍ତି ପୁରସ୍କାର ୨୦୨୧ ଗ୍ରହଣ କରୁଥିବା ଗୀତା ପ୍ରେସ ସେମାନଙ୍କ ତରଫରୁ କରାଯାଉଥିବା ଏହି ଭାଗୀରଥ କାର୍ଯ୍ୟ ପାଇଁ ଏକ ସମ୍ମାନ। ଅହିଂସା ତଥା ଅନ୍ୟାନ୍ୟ ଗାନ୍ଧୀ ପ୍ରଣାଳୀ ମାଧ୍ୟମରେ ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ପରିବର୍ତ୍ତନ ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୀତା ପ୍ରେସକୁ ଏହି ପୁରସ୍କାର ପ୍ରଦାନ କରାଯିବ।

## କୋକୋ ଦ୍ୱୀପରେ ଚୀନ ନିର୍ମାଣ କରୁଛି ଗୁଇନ୍ଦା ଘାଟି

ନୂଆଦିଲ୍ଲୀ : ବଙ୍ଗୋପସାଗରର କୋକୋ ଦ୍ୱୀପରେ ଗୁଇନ୍ଦା ଓ ନିରୀକ୍ଷଣ ଘାଟି ନିର୍ମାଣ କରିବାକୁ ଚୀନକୁ ମିଆଁମାର ଅନୁମତି ଦେଇଛି। ଓଡ଼ିଶାର ବାଲେଶ୍ୱର ତଥା ଏପିଜେ କଲାମ ଦ୍ୱୀପରୁ କରାଯାଉଥିବା କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ଏବଂ ବିଶାଖାପାଟଣାରେ ରଖାଯାଇଥିବା ଗୁରୁତ୍ୱପୂର୍ଣ୍ଣ ସାମରିକ ସଂପତ୍ତିକୁ ନିରୀକ୍ଷଣ କରିବା ଲାଗି ଉକ୍ତ ଘାଟି କାର୍ଯ୍ୟ କରୁଛି। ବିଶାଖାପାଟଣାରୁ ମାତ୍ର ୫୦ କିମି ଦୂରରେ ନୂଆକରି ନିର୍ମିତ ରାମବିଲ୍ଲି ନୌସେନା ଘାଟିରେ ଭାରତର ଆଣବିକ ବୁଡ଼ାଜାହାଜ ଚଳାଚଳ ଉପରେ ଚୀନ ସେନା ତୀକ୍ଷ୍ଣ ନଜର ରଖିଛି। ଏଥିପାଇଁ ଭାରତ ଗଭୀର ଉଦେବଗ ପ୍ରକାଶ କରିଛି। ବରିଷ୍ଠ ଜେନେରାଲ ମିନ୍ ଅଙ୍ଗ ହ୍ଲେଙ୍ଗଙ୍କ ନେତୃତ୍ୱରେ ପରିଚାଳିତ ମିଆଁମାରର ରାଜନେ?ତିକ ନେତୃତ୍ୱ ସହିତ ଭାରତ ଏହାର ଆଲୋଚନା ଆଗାମୀ ଦିନରେ ଜାରି ରଖିବ ବୋଲି ଜଣାଯାଇଥିଲେ ମଧ୍ୟ ବିଦେଶ ବ୍ୟାପାର ମନ୍ତ୍ରାଳୟ କୋକୋ ଦ୍ୱୀପ ପ୍ରସଙ୍ଗ ଉଠାଇଛି। ମିଆଁମାର ପକ୍ଷରୁ ଏ ନେଇ ଯେଉଁ ଉତ୍ତର ରଖାଯାଇଛି ସେଥିରେ ବିଦେଶ ମନ୍ତ୍ରାଳୟ ସନ୍ତୁଷ୍ଟ ନାହିଁ। ଏଭଳି ସ୍ଥିତିରେ କୋକୋ ଦ୍ୱୀପରେ ରନୱେ ସଂପ୍ରସାରଣ, ସୁରକ୍ଷିତ ଘର ନିର୍ମାଣ, ନିରୀକ୍ଷଣ କେନ୍ଦ୍ର ସ୍ଥାପନ କିମ୍ବା ଭିତ୍ତିଭୂମି ବିକାଶ କାର୍ଯ୍ୟ ଚୀନ ସରକାର କରୁଥିବା ବିଷୟକୁ ମିଆଁମାର ସେନା ସରକାର ଗ୍ରହଣ କରିବାକୁ ପ୍ରସ୍ତୁତ ନାହିଁ। ୨୦୨୧ରେ ସେନାର ବରିଷ୍ଠ ଜେନେରାଲ ମିନ୍ ଅଙ୍ଗ ହ୍ଲେଗ୍ ଦେଶର ଶାସନକୁ ନିଜ ଅକ୍ତିଆରକୁ ନେବାପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ମିଆଁମାର ସହିତ ସଂପର୍କ ଛିନ୍ନ କରିଛନ୍ତି। ଏଭଳି ସ୍ଥିତିରେ ଚୀନ ସହିତ ସଂପର୍କ ନରଖିବା ଛଡ଼ା ମିଆଁମାର ନିକଟରେ ଅନ୍ୟ କେ?ଣସି ବିକଳ୍ପ ନାହିଁ। ଚୀନ ମିଆଁମାରକୁ ପାଖାପାଖି ୪ ବିଲିଅନ ଡଲାରର ସହାୟତା ପ୍ରଦାନ କରିଛି ଏବଂ ବେଲ୍ଟ ରୋଡ୍ ଇନିସିଏଟିଭରେ ଏହି ଦେଶକୁ ସାମିଲ କରିବା ଲାଗି ଚେଷ୍ଟା ଚଳାଇଛି। ବଙ୍ଗୋପସାଗର ଏବଂ ଭାରତ ମହାସାଗରରେ ଆଧିପତ୍ୟ ବିସ୍ତାର କରିବା ପାଇଁ ଚୀନ ଉକ୍ତ ପ୍ରକଳ୍ପ (ଚୀନ-ମିଆଁମାର-ବାଂଲାଦେଶ) ନିର୍ମାଣ କରିବାକୁ ଆଗ୍ରହ ରଖିଛି। କୋକୋ ଦ୍ୱୀପରେ ରନୱେର ସଂପ୍ରସାରଣ ପରେ ସେଠାରେ ପରିବହନ ବିମାନ ଅବତରଣ କରିପାରିବ। ଏଥିସହିତ ନୂଆ ଘର ମଧ୍ୟ ନିର୍ମାଣ କରାଯାଇଛି। ଯେଉଁଠି ଚୀନ ସମେତ ମିଆଁମାରର ପ୍ରାୟ ୧୫୦୦ ସୈନିକ ରହୁଛନ୍ତି। ବାଜପେୟୀ ସରକାରଙ୍କ ଅମଳରେ ପ୍ରତିରକ୍ଷା ମନ୍ତ୍ରୀ ଥିବା ଜର୍ଜ ଫର୍ଣ୍ଣାଣ୍ଡିଜ୍ ପ୍ରଥମେ କୋକୋ ଦ୍ୱୀପରୁ ଚୀନ ଭାରତର ସାମରିକ କାର୍ଯ୍ୟକ୍ରମ ଉପରେ ଗତିବିଧି ରଖିଥିବା ବିଷୟ ସାମ୍ନାକୁ ଆଣିଥିଲେ। କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଭାରତରେ ଥିବା ଚୀନ ସମର୍ଥକମାନେ ସେହି ପ୍ରସଙ୍ଗକୁ ସେତେଟା ଗୁରୁତ୍ୱ ଦେଇନାହାନ୍ତି।

## ଜେଲ୍‌ରେ ଦଙ୍ଗା: ୪୧ କଏଦୀଙ୍କୁ ନିର୍ମମ ହତ୍ୟା



ହଣ୍ଡୁରସ୍: ଜେଲ୍ ଚାରି କାନ୍ଥ ଭିତରେ ଘଟିଲା ସାଂଘାତିକ ଦଙ୍ଗା। ଏହି ଦଙ୍ଗାରେ ୪୧ ମହିଳାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଏପରି ଏକ ଲୋମଟାଙ୍କୁରା ଘଟଣା ଆମେରିକାର ମଧ୍ୟଭାଗରେ ଥିବା ହଣ୍ଡୁରସ୍ ନାମକ ଏକ ଦେଶରେ ଘଟିଛି। ହଣ୍ଡୁରସ୍‌ର ଏକ ମହିଳା କାରାଗାର ଗତକାଲି ରକ୍ତରଞ୍ଜିତ ହୋଇ ଯାଇଥିଲା। ଜେଲ୍ ମଧ୍ୟରେ ଘଟିଥିବା ଦଙ୍ଗାରେ ୪୧ ମହିଳା କଏଦୀଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। କିଛି ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଥିବା ବେଳେ କାହାକୁ ଛୁରୀ ଭୁଷି ତ କାହାକୁ ପୋଡ଼ି ମାରି ଦିଆଯାଇଛି। ଏପରି ଲୋମହର୍ଷଣକାରୀ ଘଟଣା ସମଗ୍ର ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

ହଣ୍ଡୁରସ୍ ଅଞ୍ଚଳର ତାମରାରେ ଥିବା ଜେଲ୍ ଭିତରର ଦୃଶ୍ୟ ଅତ୍ୟନ୍ତ କରୁଣ ଥିବା ବେଳେ ଏହାକୁ ଦେଖି କେହି ନିଜ କୋହ ସମ୍ଭାଳି ପାରିବା ସମ୍ଭବ ନୁହେଁ । ଜେଲ୍ ଭିତରେ ପ୍ରାୟ ୨୬ ମହିଳାଙ୍କ କଏଦୀଙ୍କ ଦଗ୍ଧ ହୋଇ ଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ଅବଶିଷ୍ଟଙ୍କ ମଧ୍ୟରୁ ଛୁରୀ ଭୁଷି ତ ବନ୍ଧୁକ ଗୁଳିରେ କାହାର ଜୀବନ ନେଇଛନ୍ତି ଦୁର୍ବୃତ୍ତ । ଏହି ଘଟଣାରେ ଗୁରୁତର ହୋଇଥିବା ୭ ଜଣ ଏବେ ନିକଟସ୍ଥ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଫରେନସିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳ ଯାଞ୍ଚ କରିବା ସହ ୪୧ ଜଣଙ୍କ ପ୍ରାଣହାନୀ ହୋଇଥିବା କହିଛନ୍ତି। ଜେଲ୍ ମଧ୍ୟରେ ବହୁ ବନ୍ଧୁକ ଓ ମାରଣାସ୍ତ୍ର ଇତସ୍ତତ ହୋଇ ପଡ଼ିଥିବା ବେଳେ ତାହା କିଏ ଭିତରକୁ ଆଣିଲା ତାହା ସ୍ପଷ୍ଟ ହୋଇ ପାରିନି ବୋଲି ହଣ୍ଡୁରସ୍‌ର ଜାତୀୟ ପୁଲିସ୍ ନିରୀକ୍ଷଣ ଏଜେନ୍ସିର ପ୍ରବକ୍ତା କହିଛନ୍ତି। ଏପରି ସାଂଘାତିକ ଘଟଣା ଜେଲ୍?ର ସୁରକ୍ଷା ଅଧିକାରୀଙ୍କ ବିନା ଅଗୋଚରରେ ହେବା ସମ୍ଭବ ନୁହେଁ।

ଏଥିରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ହଣ୍ଡୁରସ୍ ରାଷ୍ଟ୍ରପତି ଜିଆମାରା କାଷ୍ଟ୍ରୋ କହିଛନ୍ତି। ଦେଶର ଜେଲ ବ୍ୟବସ୍ଥାର ମୁଖ୍ୟ ଜୁଲିସା ଭିଲାନୁଏଭା କହିଛନ୍ତି ଯେ ଜେଲ ଭିତରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ଚାଲିଥିବା ଖବର ପାଇ ନିକଟରେ ଚଢ଼ାଉ କରିଥିଲୁ। ତାହାକୁ ବିରୋଧ କରି ଜେଲ୍ ଭିତରେ ଏହି ଆକ୍ରମଣ କରାଯାଇଛି। ମାତ୍ର ଆମେ ଆଉ ପଛକୁ ଫେରିବୁନି ବୋଲି ସେ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ସୂଚନାଯୋଗ୍ୟ, ହଣ୍ଡୁରସ୍‌ର ବିଭିନ୍ନ ଜେଲ୍ ବହୁ ଗ୍ୟାଙ୍ଗ ଦ୍ୱାରା ନିୟନ୍ତ୍ରିତ ହେଉଛି। ସେଠାରେ ଅନ୍ତେବାସୀମାନେ ପ୍ରାୟତଃ ନିଜର ନିୟମ ସ୍ଥିର କରିବା ସହ ନିଷିଦ୍ଧ ସାମଗ୍ରୀ ବିକ୍ରି କରିଥାନ୍ତି। ସେମାନେ ଜେଲ୍ ମଧ୍ୟକୁ ବନ୍ଧୁକ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କରିବାରେ ମଧ୍ୟ ସକ୍ଷମ । ହଣ୍ଡୁରସ୍‌ର ବିଭିନ୍ନ ଜେଲ୍‌ରେ ଏହି ସମସ୍ୟା ବାରମ୍ବାର ଦେଖା ଯାଉଥିବାରୁ ଚଢ଼ାଉ କରାଯାଇଥିଲା। ଯାହାର କି ଭୟଙ୍କର ପରିଣାମ ଦେଖିବାକୁ ମିଳିଛି। ବାରିଓ -୧୮ ଗ୍ୟାଙ୍ଗର ବନ୍ଦୀ ଥିବା କିଛି ସଦସ୍ୟ ଏପରି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ସେମାନେ କିଛି କଏଦୀଙ୍କୁ ପୋଡ଼ି ଦେଇଥିବା ବେଳେ କାହାକୁ ବନ୍ଧୁକ ମାରିଛନ୍ତି ତ ଛୁରୀ ଭୁଷି ଭୁଷି କାହା ଜୀବନ ନେଇ ଯାଇଛନ୍ତି । ଏହି ଘଟଣା ଖବର ପ୍ରଚାରିତ ହେବା ପରେ ଜେଲ୍? ବାହାରେ ଲୋକଙ୍କ ଭିଡ଼ ଜମିଛି। କିଏ ଜେଲ୍‌ରେ ବନ୍ଦୀ ଥିବା ନିଜ ଝିଅ ବିଷୟରେ ପଚାରୁଛି ତ କିଏ ନିଜ ମା' ପାଇଁ ମୁଣ୍ଡ ପିଟୁଛି। ଏ ଯାବତ ମୃତକଙ୍କ ପରିଚୟ ଦିଆଯାଇ ନ ଥିବାରୁ ସମ୍ପର୍କୀୟ ଆଶଙ୍କା ମଧ୍ୟରେ ଦିନ କାଟୁଛନ୍ତି।

## ତାମିଲ୍ନାଡୁରେ ୨ ବସ୍ ମୁହାଁମୁହିଁ ଧକ୍କା: ୪ ମୃତ, ୭୦ ଆହତ

କୁଡ୍ଡାଲୋର: ଆଜି ତାମିଲନାଡୁର କୁଡ୍ଡାଲୋର୍ ଜିଲ୍ଲାରେ ୨ଟି ବସ୍ ମୁହାଁମୁହିଁ ଧକ୍କା ଖାଇବାରୁ ଅନ୍ୟୁନ ୪ଜଣ ଯାତ୍ରୀଙ୍କର ମୃତ୍ୟୁ ଘଟିଛି ଓ ୭୦ଜଣ ଆହତ ହୋଇଥିବା କଥା ପୁଲିସ କହିଛି। କୁଡ୍ଡାଲୋର୍ ଜିଲ୍ଲାର ନେଲ୍ଲିକୁପ୍ପମ୍ ନିକଟ ପଟ୍ଟମବକ୍କମ୍‌ରେ ଏହି ସଡ଼କ ଦୁର୍ଘଟଣା ଘଟିଛି। ଘରୋଇ ବସ୍ ଦୁଇଟି କୁଡ୍ଡାଲୋର୍ ଏବଂ ପାନରୁଟି ମଧ୍ୟରେ ଚଳାଚଳ କରନ୍ତି। ଗୋଟିଏ ବସ୍ର ଆଗ ଚକ ଟାୟାର୍ ଫାଟି ଯିବାରୁ ତାହା ଚାଳକଙ୍କ ନିୟନ୍ତ୍ରଣରୁ ବାହାରି ଯାଇ ସଡ଼କର ବିପରୀତ ପଟୁ ଆସୁଥିବା ଆଉ ଗୋଟିଏ ବସ୍ ସହିତ ମୁହାଁମୁହିଁ ଧକ୍କା ଖାଇଥିଲା। ଆହତମାନଙ୍କୁ ସାହାଯ୍ୟ କରିବା ପାଇଁ ଜିଲ୍ଲାର ବରିଷ୍ଠ ରାଜସ୍ୱ ଅଧିକାରୀ ଓ ପୁଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ଆମ୍ବୁଲାନ୍ସ ଆସିବା ପୂର୍ବରୁ ଆହତମାନଙ୍କୁ ସ୍ଥାନୀୟ ଲୋକେ କୁଡ୍ଡାଲର୍ ସରକାରୀ ଡାକ୍ତରଖାନାକୁ ନେଇଯାଇଥିଲେ। ବସ୍ ଦୁର୍ଘଟଣା ମୃତ ଯାତ୍ରୀଙ୍କ ପରିବାରବର୍ଗଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଏମ୍. କେ. ଷ୍ଟାଲିନ୍ ୨ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ଅର୍ଥରାଶି ଘୋଷଣା କରିଥିବା ବେଳେ ଚିକିତ୍ସାଧୀନ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

# ନବ ନିଯୁକ୍ତ ୧୯ ଓଡ଼ିଶା ସୂଚନା ସେବା ଅଧିକାରୀ ବିଭିନ୍ନ ଉପଖଣ୍ଡ ଓ ଜିଲ୍ଲା ସଦର ମହକୁମାରେ ଅବସ୍ଥାପିତ ହେବେ

ଭୁବନେଶ୍ୱର, (ପିପିଏସ୍): ଓଡିଶା ସୂଚନା ସେବା (ଦ୍ୱିତୀୟ ଶ୍ରେଣୀ)ବର୍ଗରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀପଦରେ ନିଯୁକ୍ତି ପାଇଥିବା ୧୯ଜଣ ଅଧିକାରୀଙ୍କୁ ବିଭିନ୍ନ ଉପଖଣ୍ଡ ତଥା ଜିଲ୍ଲାରେ ଅବସ୍ଥାପିତ ହେବା ସଂପର୍କରେ ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ଜଣାଯାଇଛି । ଗତକାଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟ କନଭେନସନ ସେଂଟରଠାରେ ସ୍ୱତନ୍ତ୍ର ସମାରୋହରେ ଏହି ଅଧିକାରୀମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ ।
ପ୍ରାପ୍ତ ସୂଚନା ଅନୁଯାୟୀ ବିଭିନ୍ନ ଜିଲ୍ଲା ଏବଂ ଉପଖଣ୍ଡ ସଦର ମହକୁମାରେ ଉପଖଣ୍ଡ ସୂଚନା ଓ ଲୋକ ସଂପର୍କ ଅଧିକାରୀ(ଏସଡିଆଇପିଆରଓ) ଭାବେ କେ.ଶ୍ରବଣ କୁମାରଙ୍କୁ ଅନୁଗୋଳ, ଐଶ୍ୱର୍ଯ୍ୟା ସାମନ୍ତଙ୍କୁ ବାଲେଶ୍ୱର, ବିନାୟକ ମିଶ୍ର (ପଦମପୁର),ଅମ୍ଳାନ ଦାସ(ବାଙ୍କୀ), ଅଭିଷେକ ବେହେରା (ଢେଙ୍କାନାଳ), ପ୍ରତିଚୀ ତନୟା ମହାନ୍ତି(ଜଗତସିଂହପୁର),ପ୍ରହଲ୍ଲାଦ କାଶଲା(ବାଲିଗୁଡା), ସାଧୀନ କୁମାର ମନ୍ତ୍ରୀ(ଆନନ୍ଦପୁର), ସାର୍ଥକ ଅଭିନନ୍ଦନ ରାୟ(ଚମ୍ପୁଆ), ଅବିନାଶ ପାଣି(ଉଦଳା), ସଂଯୁକ୍ତା କୁଲୁ(ସମ୍ବଲପୁର) ସଦରମହକୁମାରେ ଅବସ୍ଥାପିତ ହେବା ନେଇ ତାଲିକା ଚୂଡାନ୍ତ ହୋଇଛି । ସେହିପରି ସାଗତିକା ବେହେରାଙ୍କୁ ସହକାରୀ ସୂଚନା ଅଧିକାରୀ ପଢିଆରୀ ପାଠାଗାର,କଟକ, ଆଲୋକ କୁମାର ମହାନ୍ତି ଓ ସନ୍ଦିପ କୁମାର ବଳଙ୍କୁ ଯଥାକ୍ରମେ କେନ୍ଦ୍ରାପଡା ଓ ନୂଆପଡା ଜିଲ୍ଲାର ଭାରପ୍ରାପ୍ତ ଡିଆଇପିଆରଓ ଭାବେ ଅବସ୍ଥାପିତ କରାଯାଇଛି । ସରୋଜ କୁମାର ସାହୁ (ପିଆରଓ,ଏଲଆର),ସାତୀ ସ୍ନିଗ୍ଧା ସୁଆର, ତନୂଜା ମହାନ୍ତି, ରୋଜାଲିନ୍ ସାହୁ ଏବଂ ସୁଶ୍ରୀ ସଂଗୀତ ମହାରଣା,ପି.ଆର.ଓ(ଗ୍ରୁପ୍ ଅଫ ଡିପାର୍ଟମେଂଟସ୍) ଭାବେ ଖୋର୍ଦ୍ଧା ଜିଲ୍ଲା(ରାଜ୍ୟ ସଦର ମହକୁମା,ଭୁବନେଶ୍ୱର) ରେ କାର୍ଯ୍ୟ କରିବେ । ଖାଲି ଥିବା ଏହିସବୁ ପଦବୀ ପୂରଣ ପାଇଁ ଓଡିଶା ଲୋକସେବା ଆୟୋଗ ଜରିଆରେ ଚୟନ ପରେପ୍ରାର୍ଥୀମାନଙ୍କୁ ବିଭିନ୍ନ ସ୍ଥାନରେ ଅବସ୍ଥାପିତ ହେବା ନେଇ ପୂର୍ବରୁ ଗତ ମଇ ୩୦ ତାରିଖରେ କାଉନସେଲିଂ କରାଯାଇଥିଲା ।

# ଶିଖରଚଣ୍ଡୀ ନିକଟରେ ହାତୀପଲ



ଭୁବନେଶ୍ୱର:ଆନ୍ଦୋଳନରେ ବନ କର୍ମଚାରୀ ଥିବା ବେଳେ ସହରରେ ବୁଲୁଛନ୍ତି ହାତୀ । ବନ କର୍ମଚାରୀ ସଂଘର ଆନ୍ଦୋଳନର ସିଧାସଳଖ ପ୍ରଭାବ ପଡ଼ିଛି ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ । ଭୁବନେଶ୍ୱର ଉପକଣ୍ଠ ଶିଖରଚଣ୍ଡୀରେ ପହଞ୍ଚିଥିଲେ ହାତୀ ପଲ । ସହର ଭିତରେ ହାତୀକୁ ଦେଖି ଛାନିଆ ହୋଇଯାଇଥିଲେ ସ୍ଥାନୀୟ ବାସିନ୍ଦା ।କିଛି ଘଣ୍ଟାର ଆତଙ୍କ ପରେ ହାତୀପଲ ଜଙ୍ଗଲକୁ ଫେରି ଯାଇଥିବା ସୂଚନା ମିଳିଛି । ଏହା ପୂର୍ବରୁ ହାତିଆସୁଣିରେ ହାତୀ ପଶିଆସିଥିବା ଦେଖିବାକୁ ମିଳିଛି । ହାତିଆସୁଣି ମନ୍ଦିର ପାଖରେ ୩ଟି ଜାଗାରେ ପାଚେରୀ ଭାଙ୍ଗି ଥିବାରୁ ହାତୀ ପଶିଆସିଥିବା ସ୍ଥାନୀୟ ଲୋକେ କହିଥିଲେ ।

# ରଥଯାତ୍ରା ସମୟରେ ଉନ୍ନତମାନର ଯାତ୍ରୀ ପରିସେବା ତୀର୍ଥଯାତ୍ରୀଙ୍କ ଆକାଂକ୍ଷାକୁ ସମର୍ପିତ : ରେଳମନ୍ତ୍ରୀ

ଭୁବନେଶ୍ୱର,(ପିପିଏସ୍): ରେଳ, ଯୋଗାଯୋଗ ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁରୀ ଗସ୍ତରେ ଆସି ସନ୍ଧ୍ୟାରେ ତୀର୍ଥଯାତ୍ରୀ ତଥା ଭକ୍ତମାନଙ୍କ ପାଇଁ ରେଳବାଇ ପକ୍ଷରୁ ଯୋଗାଇ ଦିଆଯାଉଥିବା ସୁବିଧା ଗୁଡିକୁ ନିରୀକ୍ଷଣ କରିଥିଲେ ।ଶ୍ରୀ ବୈଷ୍ଣବ ମଧ୍ୟ ପୁରୀ ଷ୍ଟେସନ ଠାରେ ବିଭିନ୍ନ ସ୍ଥାନରୁ ଆସି ଯାତ୍ରୀ ବିଶ୍ରାମଗାର ରେ ବିଶ୍ରାମ ନେଉଥିବା ଭକ୍ତଙ୍କୁ ଭେଟିଥିଲେ ଏବଂ ରେଳବାଇ ଦ୍ୱାରା ପ୍ରଦାନ କରାଯାଉଥିବା ଯାତ୍ରା ସମ୍ବନ୍ଧରେ ଅଭିଜ୍ଞତା ଏବଂ ସୁବିଧାରେ ଉନ୍ନତି ଆଣିବା ପାଇଁ ମତାମତ ନେଇଥିଲେ । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ ଭାରତୀୟ ରେଳ, ଦେଶର ଜୀବନ ରେଖା ଏବଂ ରାଷ୍ଟ୍ରର ବିଭିନ୍ନ ସ୍ଥାନରେ ବିକାଶ ଦିଗରେ ପ୍ରତିବଦ୍ଧ । ଭାରତୀୟ ରେଳବାଇ ମଧ୍ୟ ଭାରତୀୟ ଅର୍ଥନୀତିର ଅଭିବୃଦ୍ଧିର ବାର୍ତ୍ତା ଅଟେ । ରେଳବାଇ କେବଳ ଏହାର ଅଂଚଳ ଗୁଡିକରେ ଭିତିଭୂମି ବିକାଶ କରୁନାହିଁ ବରଂ ଯାତ୍ରୀମାନଙ୍କ ଯାତ୍ରା ଅଭିଜ୍ଞତା ଓ ଯାତ୍ରୀ ପରିସେବାକୁ ମଧ୍ୟ ଉନ୍ନତ କରୁଛି ।
ଶ୍ରୀ ବୈଷ୍ଣବ ଏହା ମଧ୍ୟ କହିଛନ୍ତି ଯେ, ଚଳିତ ବର୍ଷ ରଥ ଯାତ୍ରା ସମୟ ମଧ୍ୟରେ ରେଳବାଇ ପକ୍ଷରୁ ୬୪୦ ଟି ନିୟମିତ ଏବଂ ୨୦୮ ଟି ବିଶେଷ ଟ୍ରେନ୍ ଚଳାଚଳ କରୁଛି । ବିଶେଷ ଟ୍ରେନ୍ ଗୁଡିକ ଚଳିତ ବର୍ଷ ମହାରାଷ୍ଟ୍ରର ନନ୍ଦେଡ୍, ତେଲେଙ୍ଗାନାର କାଛିଗୁଡା ଓ ସିକନ୍ଦରାବାଦ, ଆନ୍ଧ୍ରପ୍ରଦେଶର ବିଶାଖାପାଟନମ୍ ଏବଂ ପଲାସା; ଛତିଶଗଡର ଜଗଦଳପୁର ସହିତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପୁରୀକୁ ଚଳାଚଳ କରୁଛି । ସେ ଏହା ମଧ୍ୟ କହିଛନ୍ତି ଯେ ଭିଡ ନିୟନ୍ତ୍ରଣ, ଟ୍ରେନ୍ ସୂଚନା ପ୍ରଣାଳୀ / ଅନୁସନ୍ଧାନ କେନ୍ଦ୍ର, ଭିଡିଓ ୱାଲ୍ ପ୍ରଦର୍ଶନ, ମୋବାଇଲ୍ ଆପରେ ଇକୋଆର୍ ଯାତ୍ରା ଆପ୍ ଏବଂ ୟୁଟିଏସ୍ ଆପ୍ ବ୍ୟବସ୍ଥା, ଅତିରିକ୍ତ ଟିକେଟ୍ ବୁକିଂ କାଉଂଟର ଏବଂ ଭ୍ରାମ୍ୟମାଣ ଟିକେଟ୍ କାଉଂଟର, ତୀର୍ଥଯାତ୍ରୀ ଅପେକ୍ଷା କ୍ଷେତ୍ର/ ଶେଡ୍, ସୁରକ୍ଷା ବ୍ୟବସ୍ଥା ପାଇଁ ବିଶେଷ ପଦକ୍ଷେପ ନିଆଯାଇଛି । ଏହା ସହିତ ବିଦ୍ୟୁତ୍ ଯୋଗାଣ, ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା ଏବଂ ନିରାପତା, ପାନୀୟ ଜଳ, ଯାତ୍ରୀମାନଙ୍କ ସୁବିଧା ପାଇଁ ପର୍ଯ୍ୟାପ୍ତ ଶୌଚାଳୟ, କ୍ୟାଟରିଂ ଆଣ୍ଡ ଆତିଥ୍ୟ, ମେଡିକାଲ୍ ସୁବିଧା ଏବଂ ଆମ୍ବୁଲାନ୍ସ ଇତ୍ୟାଦିକୁ ମଧ୍ୟ ବ୍ୟବସ୍ଥା କରାଯାଇ ଯାତ୍ରୀମାନଙ୍କୁ ସୁବିଧା ପ୍ରଦାନ କରାଯାଉଛି ।

# ନିର୍‌ତାରରେ ଯୋଗ ଦିବସ



କଣ୍ଟାପଡା (ପିପିଏସ): ଭାରତସରକାରଙ୍କ ଅଧିନସ୍ତ ଓଲଟପୁରସ୍ଥିତ ଜାତୀୟ ପୁନର୍ବାସ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ସଂସ୍ଥାନରେ ଭାରତ ସରକାରଙ୍କ ପ୍ରାୟୋଜିତ ବିଶ୍ୱ ଯୋଗଦିବସ-୨୦୨୩ (ବସୁଧୈବକୁଟୁମ୍ବକମ୍) ପାଳନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ସଂସ୍ଥାନର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ଉପନିର୍ଦ୍ଦେଶକ ଡା. କିଶୋରଚନ୍ଦ୍ର ମହାପାତ୍ର, ପ୍ରଶାସନିକ ଉପନିର୍ଦ୍ଦେଶକ ଡା. ପବିତ୍ର କୁମାର ସାହୁ ଉଦ୍‌ଘାଟନକରିଥିଲେ । ଏହି କାର୍ଯ୍ୟକ୍ରମରେ ଇଣ୍ଡିୟାନ ଇନଷ୍ଟିଚ୍ୟୁଟ ଅଫ୍ ଯୋଗିକ ସାଇନ୍ସର ବରିଷ୍ଠ ଯୋଗ ଏବଂ ପ୍ରାକୃତିକ ଚିକିତ୍ସକ ସୁରେନ୍ଦ୍ରପ୍ରଧାନ ଏବଂ ନିବେଦିତା ସାହୁଯୋଗଦେଇ ଯୋଗଦ୍ୱାରା କିପରି ଶାରିରୀକ, ମାନସିକ, ଆଧ୍ୟାତ୍ମିକ ସ୍ୱାସ୍ଥ୍ୟରେ ଉନ୍ନତି ମାନବ ଜୀବନରେ ଆଣିହେବ ଏବଂ ଯୋଗ ଦ୍ୱାରା କିପରି ଏକ ବିଶ୍ୱଗଠନ କରିହେବ ସେ ବିଷୟରେ ଆଲୋକପାତ କରିବା ସହିତ ଯୋଗର ବିଭିନ୍ନ କୌଶଳ ପ୍ରଦର୍ଶନକରିଥିଲେ । ଏହି ଯୋଗଭ୍ୟାସକର୍ମଶାଳାରେ ୧୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଅନୁଷ୍ଠାନର କର୍ମଚାରୀ, ଦିବ୍ୟାଙ୍ଗବ୍ୟକ୍ତି ଏବଂ ସେମାନଙ୍କ ପରିବାରବର୍ଗଯୋଗଦେଇ ସକାଳ ଘ.୭:୦୦ରୁ ଘ.୮:୩୦ ପର୍ଯ୍ୟନ୍ତ ଯୋଗାଭ୍ୟାସ କରିଥିଲେ । ଶେଷରେ ଇଂସତ୍ୟଜିତ ପଟ୍ଟନାୟକ ଧନ୍ୟବାଦଅର୍ପଣକରିବାସହ ଅନୁଷ୍ଠାନର ବରିଷ୍ଠ କର୍ମଚାରୀ ଚିତ୍ତରଞ୍ଜନମିଶ୍ର, ମନୋରଞ୍ଜନ ଶତପଥୀ ଏବଂ ସଞ୍ଜୀବ ସେଠୀ ଇତ୍ୟାଦି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବରିଷ୍ଠ ନାଗରିକ ନିବାସରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର



ବାଙ୍କୀ,(ପିପିଏସ୍): ଡମପଡ଼ା ବ୍ଲକ ଇନ୍ଦୁମତୀ ପାଟଣା ବରିଷ୍ଠ ନାଗରିକ ନିବାସ ଠାରେ ମା'ଚର୍ଚ୍ଚିକା ସାମ୍ବାଦକ ସଂଘ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ଅରବିନ୍ଦ ବୀରବର ହରିଚନ୍ଦନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନିକଟବର୍ତ୍ତୀ ପଞ୍ଚାୟତ କୁଶୁପଙ୍ଗି ଓ ଡମପଡ଼ା ଅଞ୍ଚଳରୁ ଶତାଧିକ ବୃଦ୍ଧ ବୃଦ୍ଧା ଆସି ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । ମୋତିଆ ବିନ୍ଦୁରେ ଆକ୍ରାନ୍ତ ବୃଦ୍ଧବୃଦ୍ଧାଙ୍କର ଉଚ୍ଚ ଚିକିତ୍ସାର ବ୍ୟବସ୍ଥା କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଂଘ ସଂପାଦକ ମନୋଜ କୁମାର ଦଳେଇ , କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମହାପାତ୍ର, ସହ ସଂପାଦକ ଅଶୋକ କୁମାର ରଣା, ପୁର୍ଣ୍ଣେନ୍ଦୁ ନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ସ୍ୱାସ୍ଥ୍ୟସେବାରେ ଅବହେଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ଚେତାବନୀ

## ରୋଗୀଙ୍କୁ ଦୁର୍ବ୍ୟବହାର ପାଇଁ ଚାକିରିରୁ ବହିଷ୍କୃତ ହେଲେ ପୁନଃ ନିଯୁକ୍ତ ଡ଼ାକ୍ତର

ଭଦ୍ରକ, (ପିପିଏସ୍): ଅବସରପ୍ରାପ୍ତ ଟି.ବି. ରୋଗ ବିଶେଷଜ୍ଞ ଡ଼ା. ବେଣୁଧର ନାୟକ ଏକବର୍ଷ ପାଇଁ ପୁନଃ ନିଯୁକ୍ତି ପାଇ ଭଦ୍ରକ ଜିଲ୍ଲା ମୁଖ୍ୟ ଡ଼ାକ୍ତରଖାନାରେ କାର୍ଯ୍ୟରତ ଥିଲେ । କିନ୍ତୁ ରୋଗୀମାନଙ୍କ ପ୍ରତି ତାଙ୍କର ଖରାପ ବ୍ୟବହାର ପ୍ରଦର୍ଶନ ନେଇ ଅଭିଯୋଗ ହୋଇ ଆସୁଥିଲା । ୧୯ ତାରିଖ ଦିନ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମୁଖ୍ୟ ଡ଼ାକ୍ତରଖାନା ପରିଦର୍ଶନ କରୁଥିବା ସମୟରେ ଏ ଘଟଣାର ସତ୍ୟାସତ୍ୟ ତାଙ୍କ ନଜରକୁ ଆସିଥିଲା । ତତ୍‌କ୍ଷଣାତ୍ ଡ଼ା. ନାୟକଙ୍କୁ ଚାକିରୀରୁ ବହିଷ୍କାର କରିବାକୁ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼ା. ସନ୍ତୋଷ କୁମାର ପାତ୍ରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ତଦନୁଯାୟୀ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଆଦେଶ ବଳରେ ଡ଼ା. ଶ୍ରୀ ନାୟକଙ୍କୁ ଚାକିରୀରୁ ବହିଷ୍କାର କରାଯାଇଛି । ଉତ୍ତମ ସ୍ୱାସ୍ଥ୍ୟ ସେବା ପ୍ରଦାନରେ ଅବହେଳା ପ୍ରଦର୍ଶନ କରିବାର ପ୍ରମାଣ ଦୃଷ୍ଟିଗୋଚର ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲାମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।

# ମା'ଚର୍ଚ୍ଚିକା ଓଡ଼ିଶା ସଂକୀର୍ତ୍ତନ ସଂଘର ୧୫ତମ ବାର୍ଷିକ ମହୋତ୍ସବ



ବାଙ୍କୀ,(ପିପିଏସ୍): ମା'ଚର୍ଚ୍ଚିକା ଓଡ଼ିଶା ସଂକୀର୍ତ୍ତନ ସଂଘର ୧୫ତମ ବାର୍ଷିକ ମହୋତ୍ସବ ବାଙ୍କୀ ବ୍ଲକ ବରପୁଟ ପଞ୍ଚାୟତ ପଶାଣିଆ ଗୋପାଳ ସାହି ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିବା ବେଳେ ବାଙ୍କୀ ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ସାମନ୍ତ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ଜିଲ୍ଲାପରିଷଦ ସଭ୍ୟ ସଂଜୟ କୁମାର ପାତ୍ର, ବୈଦ୍ୟେଶ୍ୱର ଗ୍ରାମ ପଞ୍ଚାୟତ ସରପଞ୍ଚ ସୁରଞ୍ଜନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ବିଜୟ କୁମାର ପ୍ରତିହାରୀ,ବରପୁଟ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ମିଶ୍ର, ଗୋଳାଗଣ୍ଡ ଗ୍ରା.ପ. ସରପଞ୍ଚ ପ୍ରଫୁଲ୍ଲ କୁମାର ସେନାପତି, ବାଙ୍କୀ ଏନ୍‌ଏସି ଉପନଗରପାଳ ସନ୍ତୋଷ କୁମାର ରଣା-ସମ୍ମାନୀତ ଅତିଥି, ମୁଖ୍ୟ ଉପଦେଷ୍ଟା ସଂକୀର୍ତ୍ତନ ମହାସଂଘ ଓଡ଼ିଶା ଡକ୍ଟର ଗଣେଶ୍ୱର ସ୍ୱାଇଁ ଯୋଗଦେଇ ଗ୍ରାମାଞ୍ଚଳରେ ସଂକୀର୍ତ୍ତନର ବର୍ତ୍ତମାନ ସୁଦ୍ଧା ପ୍ରଭାବ ରହିଛି । ବିଶେଷ ଭାବରେ ସାଧାରଣ ଲୋକମାନେ ସଂକୀର୍ତ୍ତନ ପ୍ରତି ଆଗ୍ରହ ପ୍ରକାଶ କରିଥାନ୍ତି ବୋଲି କହିଥିଲେ । ସଂଯୋଜକ ଓ ଉପଦେଷ୍ଟା ଜୟପ୍ରକାଶ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଂପାଦକ କବୀର ବେହେରା ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ୬୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ଭାଗନେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିରଞ୍ଚି ନାରାୟଣ ସ୍ୱାଇଁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରିଷ୍ଠ ଆଇନଜୀବୀ ରମାକାନ୍ତ ପଣ୍ଡାଙ୍କ ୮ମ ବାର୍ଷିକ ଶ୍ରାଦ୍ଧଉତ୍ସବ ପାଳିତ

ବାଙ୍କୀ,(ପିପିଏସ୍): ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ରମାକାନ୍ତ ପଣ୍ଡାଙ୍କ ୮ମ ବାର୍ଷିକ ଶ୍ରାଦ୍ଧଉତ୍ସବ ବାଙ୍କୀ ଓକିଲ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ମୃତି କମିଟି ସଭାପତି ଆଇନଜୀବୀ ଯିତେନ୍ କୁମାର ରଥଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସିନିୟର୍ ଡିଭିଜନ୍ ସିଭିଲ୍ ଜଜ୍ ନବନିତା ଦାଶ, ଉପଖଣ୍ଡ ବିଗ୍ରର ବିଭାଗୀୟ ମାଜିଷ୍ଟ୍ରେଟ୍ ସାଧନଜିତ୍ ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, ହରେକୃଷ୍ଣ ଦାଶ, ପ୍ରଦୀପ କୁମାର ପୃଷ୍ଟି, ସୁଜିତ୍ କୁମାର ପଣ୍ଡା, ଭଗବାନ ପ୍ରସାଦ ଧଳ, ବର୍କ୍ସ ସୁଧାଂଶୁ ରଞ୍ଜନ ପଟ୍ଟନାୟକ, ଧର୍ମପ୍ରସାଦ ମଙ୍ଗରାଜ, ସନ୍ତୋଷ କୁମାର ନାୟକ, ସନ୍ତୋଷ ମିଶ୍ର, ପବିତ୍ର କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ରମାକାନ୍ତ ପଣ୍ଡାଙ୍କ ସ୍ମୃତିଚାରଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ସୁବାସ ଚନ୍ଦ୍ର ମିଶ୍ରଙ୍କୁ ତାଙ୍କର କାର୍ଯ୍ୟଦକ୍ଷତା ପାଇଁ ସମ୍ମାନୀତ କରାଯାଇଥିଲା ।

# ଭଣ୍ଡାରିପୋଖରୀର ବିଭିନ୍ନ ସ୍ଥାନରେ ରଥଯାତ୍ରା



ଭଦ୍ରକ, (ପିପିଏସ୍): ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଭଣ୍ଡାରିପୋଖରୀ ବ୍ଲକର ପୁରପଲ୍ଲୀରେ ଅନୁଷ୍ଠିତ ହୋଇଯାଇଛି । ମଞ୍ଜୁରୀ ବଳଦେବଜୀଉ ମନ୍ଦିରରେ ଅନୁଷ୍ଠିତ ଘୋଷଯାତ୍ରାରେ ଚୌଧୁରୀ ଦେବପ୍ରସାଦ ରାୟ ମହାପାତ୍ର ଛେରାପହରା କରିଥିଲେ । ଘଣ୍ଟ, ଘଣ୍ଟା, ସଂକୀର୍ତ୍ତନ ଏବଂ ହରିବୋଲ, ହୁଳହୁଳି ଧ୍ୱନୀ ମଧ୍ୟରେ ପହଣ୍ଡି ବିଜେ କରାଯାଇ ଶ୍ରୀଜୀଉଙ୍କୁ ରଥଉପରକୁ ଅଣାଯାଇଥିଲା । ଅଧିକାରୀ ପ୍ରଫୁଲ୍ଲ ଦାସ, ଫକିର ଚରଣ ଧଳ, ପୂଜକ ଗଦାଧର ମିଶ୍ର ଓ ରଘୁନାଥ ପଣ୍ଡା ପ୍ରମୁଖ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ପାରମ୍ପାରିକ ରୀତିନୀତି ଅନୁଯାୟୀ ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁ ରଥ ଟାଣିଥିଲେ । ପୋଲିସ ବାହିନୀ ଶାନ୍ତିଶୃଙ୍ଖଳା ରକ୍ଷାକରିଥିଲେ । ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ସୁଶାନ୍ତ ମଲ୍ଲିକଙ୍କ ସମେତ ଗ୍ରାମବାସୀମାନେ ଯାତ୍ରାକାର୍ଯ୍ୟ ପରିଚାଳନା କରିଥିଲେ । ସେହିପରି ବ୍ଲକର କୁରାଢ଼ିଆପଦା ଜଗନ୍ନାଥ ମନ୍ଦିର ଓ କୁରିଗାଁଠାରେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ଅନୁଷ୍ଠିତ ହୋଇଥିଲା । ନାଆମୀ ପଞ୍ଚାୟତର ସୋଲାପୁର ଶ୍ରୀଜଗନ୍ନାଥ ମନ୍ଦିରରେ ମହନ୍ତ ପୂର୍ଣ୍ଣଚନ୍ଦ୍ର ଦାଶ ଛେରାପହରା କାର୍ଯ୍ୟ ସମ୍ପାଦନ କରିଥିଲେ । ବୟାବନାପୁର ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ଭରତ ଚନ୍ଦ୍ର ମହାଲିକଙ୍କ ସହ ଗ୍ରାମବାସୀମାନେ ବିଧିମତେ ରଥଯାତ୍ରା ସମ୍ପାଦନା କରିଥିଲେ । ସ୍ଥାନୀୟ ସରପଞ୍ଚ ମିନତୀ ସାହୁ ପ୍ରମୁଖ ରଥଟଣା କାର୍ଯ୍ୟ ତଦାରଖ କରିଥିଲେ । ଏକବୋଲା ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା । ତେସିଙ୍ଗା ପଞ୍ଚାୟତର ବନସ୍ତା, କୁରିଗାଁ, ଝୁଟଣା ଓ ରାଜେନ୍ଦ୍ରପୁର ପଞ୍ଚାୟତର ଅଗେଇବେହେରା, ରାଜେନ୍ଦ୍ରପୁର, ଦେଓପଦା, ରାମଚନ୍ଦ୍ରପୁର ପଞ୍ଚାୟତର ସଁପୋଇ, ମୋବାରକପୁର, ମାଳଦା, ଚତୁର୍ଭୁଜପୁର ଆଦି ସ୍ଥାନରେ ବିପୁଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ରଥଯାତ୍ରା ଅନୁଷ୍ଠିତ ହୋଇଛି ।

# ମହାପ୍ରଭୁଙ୍କ ଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର, (ପିପିଏସ୍): ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ମହାସମାରୋହରେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ମାନବ ସମାଜର ମଙ୍ଗଳକାମନା କରି ସାରା ବିଶ୍ୱରେ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ ସେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି । ଏହା ପୂର୍ବରୁ ରଥଯାତ୍ରା ଅବସରରେ ରାଜ୍ୟପାଳ ବିଶ୍ୱର କୋଣ ଅନୁକୋଣରେ ଥିବା ଶ୍ରୀଜଗନ୍ନାଥ ପ୍ରେମୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଜଗନ୍ନାଥ ଚେତନା ଓ ଦର୍ଶନରେ ରହିଛି ମାନବ ଜାତିର ଉତରଣ ଓ ଆଧ୍ୟାତ୍ମ ଅନୁସରଣର ମାର୍ଗ । ରଥଯାତ୍ରା ସମାଜରେ ଶାନ୍ତି, ମୈତ୍ରୀ ଓ ପ୍ରେମ ପ୍ରତିଷ୍ଠାରେ ସହାୟକ ହେଉ ବୋଲି ସେ ଶ୍ରୀଜୀଉଙ୍କୁ ପ୍ରାର୍ଥନା କରିଛନ୍ତି ।

# ଟ୍ରେନରେ କଟି ଯୁବକ ମୃତ

ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲା ପୀରହାଟ ଥାନା ଅଧିନ ରାଜନଗର ପଞ୍ଚାୟତ ଅଧିନ ଗୁରୁଦାସପୁର ନିକଟରେ ଥିବା ଭଦ୍ରକ-ଧାମରା ରେଳପଥରେ ଖଡାଳପୋଖରୀ ଗ୍ରାମର ଉମାକାନ୍ତ ବାରିକ (୨୬) ନାମକ ଜଣେ ଯୁବକ ଟ୍ରେନରେ କଟି ମୃତ୍ୟୁବରଣ କରିଥିବା ଜଣାଯାଇଛି । ପ୍ରକାଶ ଯେ, ସୋମବାର ରାତି ପ୍ରାୟ ୮ଟା ସମୟରେ ଗୁରୁଦାସପୁର ରେଳ ପଥ ନିକଟରେ ଉମାକାନ୍ତ ମଇଁଷି ଜଗିଥିଲେ । ଏହି ସମୟରେ ଟ୍ରେନ ଆସି ତାଙ୍କୁ ଧକ୍କା ଦେଇଥିଲା । ଯାହାଫଳରେ ଉମାକାନ୍ତ ଟ୍ରେନରେ କଟି ଯାଇ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିଲେ । ଖବର ପାଇ ପୀରହାଟ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏ ସମ୍ପର୍କରେ ପୁଲିସ କେଶ ନଂ ୧୨/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାଯାଇଛି ।

# ହରିବୋଲ କ୍ଷେତ୍ରରୁ ମୋଡ଼ସାହି ମାଉସୀ ମନ୍ଦିରକୁ ଗଡ଼ିଲା ତିନିରଥ ଜିଲ୍ଲାପାଳ କଲେ ଛେରା ପହଁରା, ମହିଳା ଟାଣିଲେ ସୁଭଦ୍ରାଙ୍କ ରଥ





ଭଦ୍ରକ, (ପିପିଏସ୍): ଭଦ୍ରକ ଜିଲ୍ଲା ଭଦ୍ରକ ବ୍ଲକ ଅଧୀନ କେଶପୁର ସ୍ଥିତ ହରିବୋଲ କ୍ଷେତ୍ରରେ ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି ଉପଲକ୍ଷେ ହରିବୋଲ କ୍ଷେତ୍ରରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା । ଶଙ୍ଖ ହୁଳହୁଳି, ହରିବୋଲ ଓ ଜୟଜଗନ୍ନାଥ ଧ୍ୱନିରେ ଅତ୍ୟନ୍ତ ଭାବମୟ ପରିବେଶ ସୃଷ୍ଟି ହୋଇଥିଲା । କ୍ଷେତ୍ରଟି ଘଣ୍ଟ, ମୃଦଙ୍ଗ, କାହାଳୀ ଓ ଭକ୍ତଙ୍କ ଧ୍ୱନିରେ କମ୍ପି ଉଠିଥିଲା । ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଛେରାପହଁରା କରିଥିବା ବେଳେ ମହିଳାମାନେ ସୁଭଦ୍ରାଙ୍କ ରଥକୁ ଟାଣି ଥିଲେ । ମଙ୍ଗଳବାର ସକାଳ ୬ଟାରେ ଦ୍ୱାରପାଳ ପୂଜା ପରେ ସୂର୍ଯ୍ୟପୂଜା କରାଯାଇଥିଲା । ୭ଟାରେ ରଥ ସଂସ୍କାର ଓ ଧ୍ୱଜାରୋପଣ ପରେ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ରଥରେ ଅର୍ପଣ କରାଯାଇଥିଲା । ଏହାପରେ ଶ୍ରୀଜୀଉ ମାନଙ୍କର ସ୍ନାନ ଓ ପୂଜନ କରାଯାଇଥିଲା । ପୂର୍ବାହ୍ନ ୧୧ଟା ସମୟରେ ମହାସୁଦର୍ଶନଙ୍କ ପହଣ୍ଡି ବିଜେ କରାଯାଇ ଦେବଦଳନ ରଥରେ ରଖାଯାଇଥିଲା । ପରେ ଶ୍ରୀବଳଭଦ୍ର, ମାତା ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ବିଜେ କରାଯାଇ ରଥାରୁଢ଼ କରାଯାଇଥିଲା । ପରେ ଜିଲାପାଳ ଶ୍ରୀ ବୋନ୍ଦରଙ୍କୁ ସ୍ଥାନୀୟ ହୋମିଓ ପ୍ୟାଥିକ୍ ମେଡ଼ିକାଲ ନିକଟରୁ ଏକ ସୁସଜ୍ଜିତ ପାଲିଙ୍କିରେ ଶୋଭାଯାତ୍ରାରେ ରଥ ନିକଟକରୁ ଅଣାଯାଇଥିଲା । ସେ ୩ଟି ରଥରେ ଛେରାପହଁରା କରିଥିଲେ । ପରେ ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ଅଧୀନ ମୋଡ଼ସାହି ସ୍ଥିତ ମାଉସୀମା ମନ୍ଦିରକୁ ରଥଟଣା ହୋଇଥିଲା । ମୁଖ୍ୟ ପୂଜକ ଜନ୍ନାଥ ପଣ୍ଡା, କଳ୍ପତରୁ ଉଦ୍‌ଗାତା ପ୍ରମୁଖ ଶ୍ରୀଜୀୟୁଙ୍କ ନୀତିକାନ୍ତୀ ସମ୍ପନ୍ନ କରିଥିଲେ । ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତି ପକ୍ଷରୁ ଶରତ କୁମାର ସାହୁ, ସୁଧାରକ ଧନୀ, ସୁଶ୍ରୀ ତପସ୍ୱିନୀ ପାଢ଼ୀ, ବିଶ୍ୱମୈତ୍ରୀ ନାୟକ, ଲଳିତ ମୋହନ ମିଶ, ପୁଷ୍ପଲତା ପଣ୍ଡା, ହରିହର ଦାସ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ । ରଥ ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ପତିତପାବନ ପଣ୍ଡା, ଶ୍ରୀଧର ପୁହାଣ, ସନ୍ତୋଷ ନାୟକ, ସରୋଜ କୁମାର ପଣ୍ଡା, ଅମର ବେହେରା, ସଂଜୟ ସାହୁ, ବିଜୟ ସାହୁ, ପ୍ରକାଶ ସାହୁ, ମହେନ୍ଦ୍ର ମୁଦୁଲି, ରବିନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ମିଶ୍ର, ବସନ୍ତ ବେହେରା, ସତ୍ୟରଂଜନ ସେନାପତି, ଆଶୀଷ ପଣ୍ଡା ଏବଂ ମାଉସୀ ମା ମନ୍ଦିର କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ରବିନାରାୟଣ ସାମଲ, କୋଷାଧ୍ୟକ୍ଷ ସନାତନ ଜେନା, ଦୋଳ ଗୋବିନ୍ଦ ପୃଷ୍ଟି, ଭରତ ଚନ୍ଦ୍ର ସାହୁ, ଅତୁଲ୍ୟ ବେହେରା, ସନ୍ତୋଷ ସାମଲ, କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ମନୋରଂଜନ ଖୁଣ୍ଟିଆ, ବଂଶୀଧର ପୃଷ୍ଟି, ଦିପ୍ତୀକାନ୍ତ ଖୁଣ୍ଟିଆ, ପ୍ରକାଶ ଖୁଣ୍ଟିଆ, ଭାଗିରଥି ଖୁଣ୍ଟିଆ, ନିରାକାର ପରିଡ଼ା, ପ୍ରଶାନ୍ତ ଖୁଣ୍ଟିଆ, ପ୍ରିୟରଂଜନ ବେହେରା, ରାଜକିଶୋର ନାୟକ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ । ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଗ୍ନିଶମ ବିଭାଗ, ଜଳପରିମଳ ବିଭାଗ ପକ୍ଷରୁ ସେବା ପ୍ରଦାନ କରାଯିବା ସହ ପୋଲିସ ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରାଯାଇଥିଲା । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭାଗ ପକ୍ଷରୁ ଅସ୍ଥାୟୀ ସୂଚନା କେନ୍ଦ୍ର ସହିତ ଉତ୍କଳ ପ୍ରସଂଗ ପୁସ୍ତକ ବିକ୍ରୟର ବ୍ୟବସ୍ଥା କରାଯାଇଥିଲା । ଏହି ରଥଯାତ୍ରା ଦେଖିବା ପାଇଁ ତିହିଡ଼ି ବିଡିଓ ଜ୍ୟୋତିର୍ମୟ କର, ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୂର୍ବତନ ଜିଲାପରିଷଦ ସଭାପତି ଜଗନ୍ନାଥ ସ୍ୱାଇଁ, ଭଦ୍ରକ ବ୍ଲକ ପୂର୍ବତନ ଉପାଧ୍ୟକ୍ଷ ପ୍ରଫୁଲ୍ଲ ନାୟକ, ତିହିଡ଼ି ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ପୂର୍ବବତ ଅଧ୍ୟକ୍ଷା ସୁଶ୍ରୀ ବିଦ୍ୟୁତ୍‌ଲତା ନାୟକ, ପୂର୍ବତନ ସରପଞ୍ଚ ପ୍ରଦୀପ ପଣ୍ଡା ପ୍ରମୁଖଙ୍କ ସହିତ ହଜାର ହଜାର ଶ୍ରଦ୍ଧାଳୁ ଉପସ୍ଥିତଥିଲେ । ସେହିପରି ତିହିଡ଼ି ବ୍ଲକର ପୀରହାଟ, ଚାରିତରଫ, ତିହିଡ଼ି, ମଙ୍ଗରାଜପୁର, ମୂଷାଙ୍ଗ, କୋହ୍ଲ, ତାଳପଦା, କାଳିମେଘା, ନୂଆନନ୍ଦ ଇତ୍ୟାଦି ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

# ରଥଯାତ୍ରାରେ ସଦର ପ୍ରେସ୍‌କ୍ଲବ ତରଫରୁ ଜଳଛତ୍ର



ଫୁଲନଖରା (ପିପିଏସ୍) : ଅସହ୍ୟ ଗରମ ଓ ଗୁଳୁଗୁଳିକୁ ଲକ୍ଷ୍ୟ କରି କଟକ ସଦର ପ୍ରେସ୍‌କ୍ଲବ ତରଫରୁ କୁରାଙ୍ଗଶାସନ ରଥଯାତ୍ରାରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇ ଭକ୍ତମାନଙ୍କୁ ଦହିପଣା ସହିତ ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା । ଏହି ଜଳଛତ୍ର କେନ୍ଦ୍ରଟିକୁ କୁରାଙ୍ଗଶାସନ ସରପଞ୍ଚ ରୋହିଣୀ ଭୋଇ ଉଦ୍‌ଘାଟନ କରିଥିବା ବେଳେ ଶ୍ରୀ ଜଗନ୍ନାଥ ଆଧ୍ୟାତ୍ମିକ ଚେତନା ପରିଷଦର ଉପସଭାପତି ଗିରିଧାରୀ ସାହୁ, କୋଷାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ନାୟକ ଓ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ମହାନ୍ତି, ଅଶୋକ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ କୈଳାସ ଚନ୍ଦ୍ର ସାହୁ, ଶିକ୍ଷାବିତ୍ ଶରତ ଚନ୍ଦ୍ର ପାଲଟା, ପ୍ରବୋଧ କୁମାର ମହାପାତ୍ର, ମନୋରଂଜକନ ଦାଶ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରେସ୍‌କ୍ଲବର ଉପସଭାପତି କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ଯୁଗ୍ମ ସଂପାଦକ ରମେଶ ଚନ୍ଦ୍ର ପ୍ରଧାନ, ବରିଷ୍ଠ ସଦସ୍ୟ କାନନ ବିହାରୀ ନାୟକ, ବିଭୂତି ଭୂଷଣ ତରାଇ ଓ ସାମ୍ବାଦିକ ଆଦିତ୍ୟ ଛୋଟରାୟ ପରିଚାଳନା କରିଥିଲା ବେଳେ ଶରତ ଚନ୍ଦ୍ର ଆଚାର୍ଯ୍ୟ, ଅରୁଣ କୁମାର ସାହୁ ଓ ପ୍ରଦୀପ୍ତ ଭୋଇ ସହଯୋଗ କରିଥିଲେ ।

# ଲୋକେ ଶାନ୍ତି ଶୃଙ୍ଖଳାର ସହ ଘୋଷଯାତ୍ରାକୁ ଉପଭୋଗ କରନ୍ତୁ:ନରସିଂହ



ବଲାଙ୍ଗିର,(ହି.ସ) : ପ୍ରସିଦ୍ଧ ରଥଯାତ୍ରା ଅବସରରେ ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ ମାନ୍ୟବର ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ବଲାଙ୍ଗିରବାସୀଙ୍କ ଗହଣରେ ଭଗବାନ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର ଓ ମା ଶୁଭଦ୍ରାଙ୍କ ପ୍ରସିଦ୍ଧ ରଥଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ଚତୁର୍ଧାମୁରତିଙ୍କ ଆଶୀର୍ବାଦ ନେବା ସହିତ ନିଜ ଅଞ୍ଚଳ ତଥା ରାଜ୍ୟବାସୀଙ୍କ ପାଇଁ ଶାନ୍ତି, ମୈତ୍ରୀ ଓ ପ୍ରଗତିର କାମନା କରିଛନ୍ତି । ଆବାଳ ବୃଦ୍ଧ ବନୀତା ସମସ୍ତଙ୍କୁ ରଥଯାତ୍ରା ଉପଲକ୍ଷେ ଶ୍ରୀ ମିଶ୍ର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ମହାନ ରଥଯାତ୍ରା ଉତ୍ସବକୁ ଲୋକେ ଶାନ୍ତି ଶୃଙ୍ଖଳା ଓ ଉଲ୍ଲାସରେ ପାଳନ କରନ୍ତୁ ବୋଲି ବାର୍ତ୍ତା ଦେଇଛନ୍ତି। ମଙ୍ଗଳବାର ସଂନ୍ଧ୍ୟା ୫.୩୦ରେ ସେ ସହର ମୁଖ୍ୟ ସ୍ଥଳମାନଙ୍କୁ ଯାଇ ଲୋକମାନଙ୍କ ସହ ସାମିଲ ହୋଇ ଯାତ୍ରା ଉପଭୋଗ କରିବା ସହ ତାଙ୍କର ଭଲମନ୍ଦ ପଚାରି ବୁଝିଥିଲେ । ଏହି ଅବସରରେ ତାଙ୍କ ସହ ଜିଲ୍ଲା କଂଗ୍ରେସ ଉପଭାପତି ମନୀଷ ମିଶ୍ର, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ସେବାଦଳ ମୁଖ୍ୟ ଅସିତ ମିଶ୍ର, ଜୁଲୁ ପଟ୍ଟନାୟକ, କୈଳାସ ମିଶ୍ର, ଲୋପନ ମିଶ୍ର, ଗୋପାଳ ବରେଇ, ଅନ୍ତ ମଛଖଣ୍ଡଙ୍କ ସମେତ ଅନେକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

# ପ୍ରଥମ ଧାନ ବିହନ ବିକ୍ରୟ କେନ୍ଦ୍ରର ଶୁଭ ଉଦ୍‌ଘାଟନ

ସୁବର୍ଣ୍ଣପୁର,(ହି.ସ.):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ନିକଟରେ ଜିଲ୍ଲାର ପ୍ରଥମ ମହିଳା ସ୍ୱୟଂ ସହାୟକ ସଦସ୍ୟାଙ୍କ ଦ୍ୱାରା ପରିଚାଳିତ ଧାନ ବିହନ ବିକ୍ରୟ କେନ୍ଦ୍ରର ଶୁଭ ଉଦଘାଟନ ଜିଲ୍ଲାପାଳ ସୁବର୍ଣ୍ଣପୁର ଶ୍ରୀ ବିମଳେନ୍ଦୁ ରାୟଙ୍କ କର କମଳରେ ଅନୁଷ୍ଠିତ ହୋଇଯାଇଛି । ଏହି ଧାନ ବିହନ ବିକ୍ରୟ କେନ୍ଦ୍ର ମା ଭୈରବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜଟେସିଂହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେବାକୁ ଥିବାବେଳେ ଏହି କେନ୍ଦ୍ର ଦ୍ୱାରା ସ୍ଥାନୀୟ କୃଷକ ତଥା ଜନସାଧାରଣ ସହଜ ଓ ସୁଲଭ ମୂଲ୍ୟରେ ଚାହିଦା ମୁତାବକ ଧାନ ବିହନ ସହ ଅନ୍ୟାନ୍ୟ କୃଷି ଉପଯୋଗୀ ବିହନ ପ୍ରଭୃତି ପାଇ ପାରିବେ । ଏହି ଉଦ୍‌ଘାଟନ ଅବସରରେ ବୀରମହାରାଜପୁର ବ୍ଲକ୍ ଅଧକ୍ଷା ଶ୍ରୀମତୀ ଶାନ୍ତି ଲୁହା, ବ୍ଲକ ଉପାଧକ୍ଷ ଶ୍ରୀ ନାରାୟଣ ଲୁହା,ସହ ଜିଲ୍ଲା ସଂଯୋଜକ ମିଶନଶକ୍ତି କାର୍ତ୍ତିକ ଚନ୍ଦ୍ର ନାୟକ, ବିପିଏସିଏ ବିଥିକା ରାଣୀ ମିଶ୍ର, ବି ଏଲ ସି ରମାକାନ୍ତ ହରିପାଲ ମା ଭୈରବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ମିଶନ ଶକ୍ତି କର୍ମକର୍ତା, ସ୍ଥାନୀୟ କୃଷକ ଜନସାଧାରଣ ପ୍ରଭୃତି ଉପସ୍ଥିତ ଥିଲେ ।

# ଜିଲ୍ଲାର ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷ ବର୍ଜ୍ୟ ପାଉଁଶର ସଠିକ୍ ପରିଚାଳନା ପାଇଁ ନିର୍ଦ୍ଦେଶ

ଝାରସୁଗୁଡ଼ା,(ହି.ସ.) : ଜିଲ୍ଲାର ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷ ବର୍ଜ୍ୟ ପାଉଁଶର ସଠିକ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେ । ଏ ନେଇ ଜିଲ୍ଲାରେ ଥିବା ବିଭିନ୍ନ କମ୍ପାନୀ କର୍ତ୍ତୃପକ୍ଷମାନଙ୍କୁ କେନ୍ଦ୍ର ତଥା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପ୍ରଦୂଷଣ ସଂକ୍ରାନ୍ତୀୟ ନୀତିନିୟମ ସମ୍ପର୍କରେ ଜିଲ୍ଲାପାଳ ଅବଗତ କରାଇବା ସହ କମ୍ପାନୀ କର୍ତ୍ତୃପକ୍ଷ ସମସ୍ତ ନୀତି ନିୟମର ସଠିକ ଅନୁପାଳନ ପୂର୍ବକ ବର୍ଜ୍ୟ ପାଉଁଶର ପରିଚାଳନା ପାଇଁ ପରାମର୍ଶ ଦିଆଯାଇଛି । ନିୟମ ଅବମାନନାକାରୀଙ୍କ ବିରୁଦ୍ଧରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ପ୍ରବନ୍ଧକ ନିର୍ଦ୍ଦେଶକ(ପୁନର୍ବାସ ଓ ଥଇଥାନ) ଆଲୋମଣୀ ସେଠୀ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁଙ୍କ ସମେତ ଆର୍‌ଟିଓ, ତହସିଲଦାର ଓଓପିଜିସି,ଏମ୍‌ସିଏଲ୍ ଓ ବେଦାନ୍ତ ଆଦି କମ୍ପାନୀର ଅଧିକାରୀମାନେ ଉପସ୍ଥିତ ଥିଲେ।

# ହସ୍ପିଟାଲରେ ଭାତ ଡାଲମା ବଣ୍ଟନ

ବଲାଙ୍ଗୀର,(ହି.ସ.):ଆଜି ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ପରିସର ରେ ସହଯୋଗ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ମଧ୍ୟାହ୍ନ ଖାଦ୍ୟ ଭାତ ଡାଲମା ମଧ୍ୟାହ୍ନ ଭୋଜନ ବଣ୍ଟନ କରିଥିଲେ । ତୁଷୁରା ର ଜାଗୃତି ଶାଖା ସହଯୋଗ ରେ କାର୍ଯ୍ୟକ୍ରମ ହୋଇଥିଲା । ସାମ୍ବାଦିକ ବଳରାମ ମିଶ୍ର ଓ ସାମାଜିକ କର୍ମୀ ଅଙ୍କୁଶ ପାଣ୍ଡିଆ ଅତିଥି ଭାବରେ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଥିବା ବେଳେ ପ୍ରଯୋଜକ ସଂସ୍ଥା ସହଯୋଗ ଫାଉଣ୍ଡେସନର ସଦସ୍ୟମାନେ ଖାଦ୍ୟ ବଣ୍ଟନ କରିଥିଲେ ।

# ବିପର୍ଯ୍ୟୟ ପ୍ରାକ୍ ପ୍ରସ୍ତୁତି ସଚେତନ କରାଇବା ନେଇ ଟେବୁଲ ଟପ୍ ଏକ୍ସରସାଇଜ ବୈଠକ

ମାଲକାନଗିରି,(ହି.ସ.): ପ୍ରତି ବର୍ଷ ପରି ଚଳିତ ବର୍ଷ ମାଲକାନଗିରି ଜିଲ୍ଲାରେ ସମସ୍ତ ବହୁମୁଖୀ ବାତ୍ୟା-ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ପ୍ରାକପ୍ରସ୍ତୁତି ବିଷୟରେ ସର୍ବସାଧାରଣଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ଏକ ଟେବୁଲ ଟପ୍ ଏକ୍ସରସାଇଜ ସଦର ମହକୁମା, ୭ ଟି ବ୍ଲକ ଓ ୨ ଟି ସହରାଞ୍ଚଳରେ ରାଜ୍ୟ ସରକାର ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାର ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିରୋ କାଜୁଆଲ୍ଟି ଲକ୍ଷ୍ୟ ରଖିଛନ୍ତି । ଆମେ ଜାଗ୍ରତ ହୋଇ ପ୍ରସ୍ତୁତ ରହିଲେ ବିପର୍ଯ୍ୟୟକୁ ମୁକାବିଲା କରି ପାରିବା ଏବଂ ଏଥି ନିମନ୍ତେ ଲୋକଙ୍କ ସହଭାଗିତା ଆବଶ୍ୟକତା ରହିଛି ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହେଶ୍ୱର ଚନ୍ଦ୍ର ନାଏକ ପ୍ରକାଶ କରିଛନ୍ତି । ଏହି ସମୟରେ ସମସ୍ତ ବିଭାଗ ମଧରେ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ବିପର୍ଯ୍ୟୟ ସମୟରେ ଜିଲ୍ଲା ସ୍ତରୀୟ ଏବଂ ବ୍ଲକ, ସହରାଂଚଳ ସ୍ତରରେ କିଭଳି ପ୍ରସ୍ତୁତିକୁ ମଜବୁତ କରିହେବ ଓ ଏହି ପ୍ରସ୍ତୁତି ପାଇଁ କଣ ସବୁ ସମସ୍ୟା ଆସିପାରେ ସେଥିପାଇଁ କଣ ପ୍ରତିକାର ବ୍ୟବସ୍ଥା କରାଯିବା ଉଚିତ, ତାହାର ଉପସ୍ଥାପନା ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ।ଭାରତୀୟ ପାଣିପାଗ କେନ୍ଦ୍ରଙ୍କ ସୂଚନା ଅନୁସାରେ ବଙ୍ଗୋପ ସାଗରରେ ଏକ ଘୂର୍ଣିଝଡ ଆସନ୍ତା ୪୮ ଘଣ୍ଟାରେ କେନ୍ଦ୍ରୀଭୂତ ହେବାର ଆଶଙ୍କା ରହିଛି । ଏହାର ପ୍ରଭାବରେ ଜିଲ୍ଲାରେ ପବନ ସହିତ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି । ପ୍ରସ୍ତୁତିରେ ବିଭିନ୍ନ ସୋପାନ ଯେମିତିକି ବିପର୍ଯ୍ୟୟ ପ୍ରାକ ପ୍ରସ୍ତୁତି,ବିପର୍ଯ୍ୟୟ ସମୟରେ ପ୍ରସ୍ତୁତି ଓ ବିପର୍ଯ୍ୟୟ ପରେ ପ୍ରସ୍ତୁତି ବିଷୟରେ ଆଲୋଚନା ହୋଇଥିଲା । ମାଲକାନଗିରି, ବାଲିମେଳା ଏନଏସି, ମାଥିଲି, ଖଇରପୁଟ, ପଡ଼ିଆ, ଖଇରପୁଟ, କୋରୁକୋଣ୍ଡା, ଚିତ୍ରକୋଣ୍ଡା, କାଲିମେଳା ଓ ମାଲକାନଗିରି ପୌର ପରିଷଦରେ ଜୁନ ୧୯ ରେ ମକ୍ ଡ୍ରିଲ ଆୟୋଜନ କରାଯିବ । ବିପର୍ଯ୍ୟୟ ପରିଚାଳନା ତାଲିମ କେନ୍ଦ୍ର, ଭୁବନେଶ୍ୱରରୁ ସେକ ସରଫରାଜ ଅହମଦ ଏହାର ପର୍ଯ୍ୟବେକ୍ଷଣ ନିମନ୍ତେ ଜିଲ୍ଲା ଗସ୍ତ କରିଛନ୍ତି ।ଏହି ମକ୍ ଡ୍ରିଲରେ ପ୍ରାକ ସୂଚନାର ଯଥା ଶୀଘ୍ର ପ୍ରସାରଣ , ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରଣ, କାର୍ଯ୍ୟରେ ସମ୍ପୃକ୍ତ ଅଧିକାରୀଙ୍କ ଭୂମିକା ସନ୍ଧାନ ଓ ଉଦ୍ଧାର, ପ୍ରାଥମିକ ଚିକିତ୍ସା,ଯନ୍ତ୍ର ଓ ଉପକରଣ ବ୍ୟବହାର ଏବଂ ରିଲିଫ ବଂଟନ ଏବଂ ବିପର୍ଯ୍ୟୟ ପ୍ରସ୍ତୁତି ଉପରେ ଆଧାରିତ ରହିବ ।ଏହି ମକଡ୍ରିଲରେ ଓଡ୍ରାଫ୍ କୋରାପୁଟର ଏକ ଦଳ ପୋଡିଆ ବ୍ଲକର ସେବାଶ୍ରମ ସ୍କୁଲ ଠାରେ ତାଙ୍କର କୌଶଳ ପ୍ରଦର୍ଶନ କରି ଲୋକ ମାନଙ୍କୁ ସଚେତନ ଓ ତାଲିମ ପ୍ରଦାନ କରିବେ । ଅଗ୍ନିଶମ ସେବା ବିଭାଗ ସବୁ ଆଶ୍ରୟସ୍ଥଳୀ ରେ ନିଜର ଦକ୍ଷତା ପ୍ରଦର୍ଶନ କରିବେ ଓ ଲୋକ ମାନଙ୍କୁ ସଚେତନ କରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ସେହିପରି ବିପଦକୁ ଏଡ଼ାଇବା ନିମନ୍ତେ ପୂର୍ବରୁ ଜଙ୍ଗଲ ବିଭାଗର ଅନୁମତି ନେଇ ବିପଦଜନକ ସ୍ଥାନ ରେ ଥିବା ଗଛ କାଟି ପାରିବେ ବୋଲି ବୈଠକରେ ସୂଚନା ମିଳିଛି । ବିଭିନ୍ନ ବ୍ଲକ୍ ରେ ମଧ ଏହି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଏହି ବୈଠକରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଶ୍ରୀ ବଳଭଦ୍ର ଦୀପ, ଡେପୁଟି କଲେକ୍ଟର, ଶ୍ରୀ ଉମାପ୍ରସାଦ ଦାସଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ୨୩ରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା




ରାଉରକେଲା(ପିପିଏସ):ସାମାଜିକ ଅନୁଷ୍ଠାନ ସମର୍ପଣ ପକ୍ଷରୁ ଚଳିତ ଜୁନ୍ ମାସ ଆସନ୍ତା ୨୩ ତାରିଖରେ ୫୦ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ସରୋବର ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରାଯାଇଛି । ସମର୍ପଣ ଅନୁଷ୍ଠାନରସଭାପତି ଝୁନୁ ନାୟକ ଏ ସଂପର୍କରେ ସୂଚନା ପ୍ରଦାନ କରି କହିଛନ୍ତି ଯେ, ଆସନ୍ତା ୨୩ ତାରିଖ ଦିନ ସନ୍ଧ୍ୟା ସମୟରେ ରାଉରକେଲା କ୍ଲବ ଠାରେ ଜିଲ୍ଲାର ପ୍ରାୟ ୨୫ଟି ବିଦ୍ୟାଳୟର ୫୦ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ ପ୍ରୋତ୍ସାହିତ କରିବା ପାଇଁ ଅନୁଷ୍ଠାନ ନିଷ୍ପତ୍ତି ନେଇଛି ।

# ହିଣ୍ଡାଲ୍‌କୋ କଲୋନୀରେ ଅଗ୍ନିକାଣ୍ଡ

ସମ୍ବଲପୁର(ହି.ସ): ହୀରାକୁଦ ହିଣ୍ଡାଲକୋ କଲୋନିରେ ଅଗ୍ନିକାଣ୍ଡ ଘଟିଛି । ହିଣ୍ଡାଲକୋ କଲୋନୀରେ ରହୁଥିବା ସଂଜୀବ ହୋତାଙ୍କ ଘରେ ଆଜି ସକାଳେ ସଟ୍ ?ସର୍କିଟ ଯୋଗୁ ନିଆଁ ଲାଗି ଯାଇଥିଲାକ୍ଷ ସଂଜୀବ ଡ୍ୟୁଟିରେ ଥିବା ବେଳେ ତାଙ୍କ ପତ୍ନୀ ଘରେ ଥିଲେ । ଘରର ଟିଭି, ଏସି ସହିତ ଅନ୍ୟାନ୍ୟ ଆସବାବପତ୍ର ସବୁ ପୋଡ଼ିଯାଇଛି । ଘଟଣା ସଂକ୍ରାନ୍ତରେ ଖବର ପାଇ ହିଣ୍ଡାଲକୋର ଅଗ୍ନିଶମ ବାହୀନି ସେଠାରେ ପହଂଚି ନିଆଁ ଲିଭାଇଥିଲା । ତେବେ, ସେତେବେଳକୁ ଘରର ସବୁ କିଛି ପୋଡ଼ି ସାରିଥିଲା । ତେବେ, ଅଗ୍ନିଶମ ବାହିନୀର ନିଆଁ ଲିଭାଇବାରେ ତତ୍ପରତା ଯୋଗୁଁ ପାଖ ଘରଗୁଡ଼ିକ ନିଆଁ ଲାଗିବାରୁ ବର୍ତ୍ତି ଯାଇଥିଲା । ଏଥିରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା କହାଯାଉଛି ।

# ଜିଆଇଇଟି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱ ଯୋଗ ଦିବସ ପାଳିତ



ରାୟଗଡ,(ପିପିଏସ୍): ରାୟଗଡ ଜିଲ୍ଲା ଗୁଣୁପୁର ସଦର ମହକୁମା ସ୍ଥିତ ସ୍ଥାନୀୟ ଜି.ଆଇ.ଇ.ଟି ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ ଆଜି ବିଶ୍ୱ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ପତଞ୍ଜଳୀ ଯୋଗପୀଠର ଗୁରୁ ଅନନ୍ତ କୁମାର ପଣ୍ଡା ଯୋଗ ଦେଇ ବିଶ୍ୱବିଦ୍ୟାଳୟର ଛାତ୍ର ଛାତ୍ରୀ , ଅଧାପକ ପ୍ରମୁଖଙ୍କୁ ଯୋଗର ବିଭିନ୍ନ ଆସନମାନ କରାଇବା ସହ ପ୍ରତ୍ୟେକ ଦିନ ଯୋଗ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ପ୍ରତି ଉପକାର ବିଷୟରେ ବୁଝାଇଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ଡଏଭି ଏନ.ଏଲ ଶର୍ମା ଯୋଗଦେଇଥିବା ବେଳେ ଶିବିରକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରେମାଂଶୁ ଶେଖର ରଥ,ପ୍ରଫେସର ବାଣୀ ପ୍ରସାଦ ନାୟକ, ପ୍ରମୋଦ ପଣ୍ଡା ଓ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ । ପ୍ରଫେସର ବାଣୀ ପ୍ରସାଦ ନାୟକ, ପ୍ରମୋଦ ପଣ୍ଡା ଓ କ୍ରୀଡ଼ା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ ।

# ଭାରସାମ୍ୟ ହରାଇ ଓଲଟିଲା ପିକ୍‌ଅପ୍ ଭ୍ୟାନ୍



ରାୟଗଡ଼ା(ପିପିଏସ୍) : ରାୟଗଡର ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ରଥଯାତ୍ରା ଦେଖିବାକୁ ଆସୁଥିବା ବେଳେ ରାୟଗଡା ଥାନା ଅନ୍ତର୍ଗତ ହାଲୁଆ ଗ୍ରାମ ପଞ୍ଚାୟତର ତଳସଂକେଶ ଗ୍ରାମ ଠାରେ ଏକ ଦୁର୍ଘଟଣା ଘଟିଛି । ୩୨୬ ନମ୍ବର ଜାତୀୟ ରାଜପଥରେ ଏକ ମ୍ୟାକ୍ସ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣା ଗ୍ରସ୍ତ ହୋଇଥିବାର ଦେଖିବାକୁ ମିଳିଛି । ଉକ୍ତ ଦୁର୍ଘଟଣାରେ ୧୫ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଥିବା ବେଳେ ଜଣେ ଗୁରୁତର ଥିବା ଜଣାପଡିଛି । ଆହତମାନଙ୍କ ମଧ୍ୟରେ ଅନେକ ମହିଳା ଓ ଛୋଟ ଶିଶୁ ଥିବା ଜଣାପଡିଛି । ସମସ୍ତ ଆହତଙ୍କୁ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।ସୂଚନା ଅନୁସାରେ ଆଜି ରାୟଗଡାରେ ରଥଯାତ୍ରା ଦେଖିବାକୁ କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଅଂଚଳରୁ ଏକ ମ୍ୟାକ୍ସ ପିକଅପ ଗାଡ଼ିରେ ୧୦ରୁ ଅଧିକ ଲୋକେ ଆସୁଥିବା ବେଳେ ରାଫାକଣା ଛକ ଠାରେ ହାଲୁଆ ପଂଚାୟତର ମଧ ୫ରୁ ଊର୍ଦ୍ଧ୍ୱ ଲୋକେ ସେଠାରୁ ରାୟଗଡା ପାଇଁ ଚଢ଼ିଥିଲେ । ତେବେ ରାୟଗଡା ସହରକୁ ପହଞ୍ଚିବାକୁ ମାତ୍ର ଆଉ ୫ କିଲୋମିଟର ଦୂର ବାକି ଥିବା ବେଳେ ତଳ ସାଂକେଶ ଠାରେ ଥିବା ବୁଲାଣୀ ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଅଟୋକୁ ସାଇଡ ଦେବାକୁ ଯାଇ ମ୍ୟାକ୍ସ ପିକ୍ ?ଅପ୍ ? ଗାଡିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡିଥିଲା । ଫଳରେ ଗାଡ଼ି ଭିତରେ ଓ ଡାଲାରେ ବସିଥିବା ରୋମି ମଣ୍ଡାଙ୍ଗୀ, ଲକ୍ଷ୍ମୀ ନାୟକ, ରାଧା ମଣ୍ଡାଙ୍ଗୀ, ସମିଆ ଶାରକା, ଦୁନାଇଁ ସାରାକା, ଏଷା ସାରକା, ସୌଦାମିନୀ ମାଝୀ, ରାଇତ ମାଝୀ, ଦୟାନିଧି ମାଝୀଙ୍କ ସମେତ ଅନ୍ୟ ମାନେ ରାସ୍ତା ଉପରେ ଛିଟିକି ପଡି ଆହତ ହୋଇଥିଲେ ।ଅନେକଙ୍କ ମୁଣ୍ଡ ଫାଟି ରକ୍ତାକ୍ତ ହୋଇଥିବା ଜଣାପଡିଛି । ଖବର ପାଇ ସ୍ଥାନୀୟ ଲୋକେ ତୁରନ୍ତ ଅଟୋ ଗୁଡିକ ଯୋଗେ ରାୟଗଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆହତ ମାନଙ୍କୁ ଭର୍ତ୍ତି କରାଇ ଥିଲେ ।ସମସ୍ତଙ୍କ ଚିକିତ୍ସା ଚାଲିଥିବା ଡାକ୍ତର କହିଛନ୍ତି । ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# କୋଶଳୀ ସର୍ଟ ଫିଲ୍ମ 'ବଏନା'ର ଶୁଭାରମ୍ଭ

ବଲାଙ୍ଗିର, (ହି.ସ.)- ସ୍ଥାନୀୟ ଲର୍କିପାଲି ଆମପଡ଼ା ଗାଆଁରେ କାଇଁଚ ମିଡ଼ିଆର ପଂଚମ ଅବଦାନ କୋଶଳୀ ସର୍ଟ ଫିଲ୍ମ 'ବଏନା' ର ଶୁଭାରମ୍ଭ ହୋଇଯାଇଛି । ତିନି ଦିନ ଧରି ଉକ୍ତ ଗାଆଁରେ ସୁଟିଂ ହୋଇ ଶେଷ ହେବାର ସ୍ଥିର କରାଯାଇଛି । ପଶ୍ଚିମ ଓଡ଼ିଶାର ବିଶେଷ କରି ବଲାଂଗୀର ଜିଲ୍ଲାର ଅନେକ ଗରିବ ପରିବାର ପ୍ରତିବର୍ଷ ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ନୂଆଁଖାଇ ପୂର୍ବରୁ ଆଗତୁରା ବଏନା ବା ଅଗ୍ରୀମ ଟଙ୍କା ସର୍ଦ୍ଦାର ଠାରୁ ଆଣି ନିଜର ଅଭାବ ଅନାଟନକୁ ମେଂଟାଇଥାନ୍ତି । ସେଭଳି ଏକ କରୁଣ କାହାଣୀକୁ ଭିତିକରି ଗୋଟିଏ ପରିବାର ସର୍ଦ୍ଦାର ଠାରୁ ବଏନା ନେଇ କେମିତି ନିର୍ଯ୍ୟାତିତ ହୋଇଛନ୍ତି, ତାହା ଏଇ ବଏନା ଫିଲ୍ମ ର ମୁଖ୍ୟ କାହାଣୀ ।

# ୮୪ ଘର ଅଘରିଆ ସମାଜ ପକ୍ଷରୁ ବାର୍ଷିକ ମୁଖପତ୍ର "ଅଘରିଆ ଜ୍ୟୋତି" ଉନ୍ମୋଚିତ

ବଲାଙ୍ଗିର,( ହି.ସ.): ପବିତ୍ର ରଥଯାତ୍ରା ଅବସରରେ ପବିତ୍ର ରଥଯାତ୍ରା ଅବସରରେ ୮୪ ଘର ଅଘରିଆ ସମାଜ ଆଂଚଳିକ କମିଟି ବଲାଙ୍ଗୀର ଜିଲ୍ଲାର ବାର୍ଷିକ ମୁଖପତ୍ର, ଅଘରିଆ ଜ୍ୟୋତି ଏକବିଂଶ ସଂଖ୍ୟା ସହ ସମ୍ବିଧାନ ଓ ନିୟମାବଳୀ ଅଘରିଆ ପଡା ସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଉନ୍ମୋଚନ ସମାରୋହରେ ଉପ ସଭାପତି ଲିଲି ପଟେଲ, ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ, ପୁସ୍ତକ କମିଟି ମୁଖ୍ୟ ସମ୍ପାଦକ ସନ୍ତୋଷ ରାଉତ, ସଭ୍ୟ ଭକ୍ତ ଚରଣ ନାଏକ, ମହେନ୍ଦ୍ର ପଟେଲ, ଦାଶରଥି ପଟେଲ, ସୁରେନ୍ଦ୍ର ପଟେଲଙ୍କ ସମେତ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଦ୍ୱାରିକା ନାଥ ପଟେଲ, ରାଜ କୁମାର ପଟେଲ, ଚିତ ରଞ୍ଜନ ପଟେଲ, ମିତ୍ରଭାନୁ ରାଉତ, ବଲାଙ୍ଗୀର ମଣ୍ଡଳ ସଭାପତି ଗୋବିନ୍ଦ ପଟେଲ, ଭାଲେର ମଣ୍ଡଳ ଉପ ସଭାପତି ପ୍ରଭୁ ପ୍ରସାଦ ନାଏକ, ଗୁଡ଼ି ସଭାପତି ମନୋରଞ୍ଜନ ସାଏ ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ପରିଚାଳନାରେ ମଧୁସୂଦନ ସାଏ, ମଦନ ନାଏକ, ଧୋବାଇ ପଟେଲ, ଦୁଃଶାସନ ନାଏକ, ଶ୍ରୀନିବାସ ନାଏକ, ରାମେଶ୍ୱର ନାଏକ, ଉତମ ପଟେଲ, କରୁଣାକର ପଟେଲ, ସୁଧାର୍ଥି ପଟେଲ , ପ୍ରଫୁଲ୍ଲ ନାଏକ, ଯୁଗ୍ମ ସମ୍ପାଦକ ମୁକୁନ୍ଦ ପଟେଲ, ଅଫିସ ସମ୍ପାଦକ ସୁରଥ ନାଏକ, ଆନନ୍ଦ କୁମାର ପଟେଲ, ଗୃହନିର୍ମାଣ କମିଟି ସୁଶାନ୍ତ ପଟେଲ, ଚମରୁ ପଟେଲ, କୃଷକ ମଂଚ ସଭାପତି ଉଦୟ ନାଏକ, ମହିଳା ମଂଚ ସଭାନେତ୍ରୀ ମିତା ରାଉତ, ସମେତ ମନୋରଞ୍ଜନ ରାଉତ, ହରେକୃଷ୍ଣ ପଟେଲ, ବୁଦ୍ଧଦେବ ନାଏକ, ଜୟକୃଷ୍ଣ ନାଏକ, ନୀଳମଣି ପଟେଲ, ବିରଂଚି ରାଉତ, ଦୂର୍ବାଦଳ ପଟେଲ, ନିର୍ମଳ ସାଏ, ଲକ୍ଷ୍ମୀନାରାୟଣ ସାଏ, ସଞ୍ଜୟ ସାଏ, ସଦାନନ୍ଦ ନାଏକ, ଲିପି ସାଏ, ନିଳକାନ୍ତି ନାଏକ, ଦେବଦତ ପଟେଲ, ପ୍ରମୋଦ ପଟେଲ ଓ ଭକ୍ତବନ୍ଧୁ ପଟେଲଙ୍କ ସମେତ ସମାଜର ଅନେକ ଶୁଭେଚ୍ଛୁ ସହଯୋଗ କରିଥିଲେ । ସହ ସମ୍ବିଧାନ ଓ ନିୟମାବଳୀ ଅଘରିଆ ପଡା ସ୍ଥିତ ଜଗନ୍ନାଥ ମନ୍ଦିର ଠାରେ ପୂଜାର୍ଚ୍ଚନା ପରେ ସଭାପତି ଶୁଭ୍ରାଂଶୁ ଶେଖର ପଟେଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ଏହି ଉନ୍ମୋଚନ ସମାରୋହରେ ଉପ ସଭାପତି ଲିଲି ପଟେଲ, ସାଧାରଣ ସମ୍ପାଦକ ଦିଗାମ୍ବର ନାଏକ, ପୁସ୍ତକ କମିଟି ମୁଖ୍ୟ ସମ୍ପାଦକ ସନ୍ତୋଷ ରାଉତ, ସଭ୍ୟ ଭକ୍ତ ଚରଣ ନାଏକ, ମହେନ୍ଦ୍ର ପଟେଲ, ଦାଶରଥି ପଟେଲ, ସୁରେନ୍ଦ୍ର ପଟେଲଙ୍କ ସମେତ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଦ୍ୱାରିକା ନାଥ ପଟେଲ, ରାଜ କୁମାର ପଟେଲ, ଚିତ ରଞ୍ଜନ ପଟେଲ, ମିତ୍ରଭାନୁ ରାଉତ, ବଲାଙ୍ଗୀର ମଣ୍ଡଳ ସଭାପତି ଗୋବିନ୍ଦ ପଟେଲ, ଭାଲେର ମଣ୍ଡଳ ଉପ ସଭାପତି ପ୍ରଭୁ ପ୍ରସାଦ ନାଏକ, ଗୁଡ଼ି ସଭାପତି ମନୋରଞ୍ଜନ ସାଏ ପ୍ରମୁଖ ଉପସ୍ଥିତ ଥିଲେ ।

# କନ୍ଧମାଳ ଜିଲ୍ଲାରେ ଦିନକୁ ଦିନ ବଢୁଛି ଶିଶୁ ଶ୍ରମିକ ସଂଖ୍ୟା



କନ୍ଧମାଳ,(ପିପିଏସ୍) : କନ୍ଧମାଳ ଜିଲ୍ଲା ରେ ଶିଶୁ ଶ୍ରମିକ ବଢିଛି କାରଣ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ଅଭାବ ରହିଛି ଓ କନ୍ଧମାଳ ଜିଲ୍ଲା ଶ୍ରମ ବିଭାଗ ସମ୍ପୂର୍ଣ ନିଷ୍କ୍ରିୟ ପାଲଟିଛି ରାଜ୍ୟ ସରକାର ନିରାକରଣ ସଚେତନତା ପାଇଁ ପ୍ରତି ବ୍ଲକ ପ୍ରତି ପଞ୍ଚାୟତ ରେ ଶିଶୁ ଶ୍ରମିକ ରଥ ଗଡ଼ିବା ସହ ଜନସାଧାରଣ ଙ୍କୁ ଏହି ବିଷୟ ରେ ଅବଗତ କରିବା କଥା କିନ୍ତୁ କନ୍ଧମାଳ ଜିଲ୍ଲା ଶ୍ରମ ବିଭାଗ ପଙ୍ଗୁ ପାଲଟିଛି କନ୍ଧମାଳ ଜିଲ୍ଲା ଏକ ଆଦିବାସୀ ବହୁଳ ଅଞ୍ଚଳ ଏହି ଜିଲ୍ଲା ରେ ଶ୍ରମ ବିଭାଗ ର ସଚେତନତା ଅଭାବରୁ ଦିନ କୁ ଦିନ ଶିଶୁ ଶ୍ରମିକ ବଢିବା ରେ ଲାଗିଛି ଜିଲ୍ଲା ରେ ଦୋକାନ ଓ ହୋଟେଲ ରେ ଖଟୁଥିବା ଦେଖିବାକୁ ମିଳୁଛି ଓ ଜିଲ୍ଲା ଶ୍ରମ ବିଭାଗ ଚଢ଼ାଉ ବାହାନା ରେ ମୋଟା ଅଙ୍କର ଅର୍ଥ ଆଦାୟ କରୁଥିବା ଶୁଣିବାକୁ ମିଳୁଛି କିଛି ଜାଗାରେ ନା ମାତ୍ର କୁ ଚଢାଉ କରି ନିଜ ଦାୟିତ୍ୱ ସାରିଦେଉଛି ଓ ଶିଶୁ ଓ କିଶୋର ଶ୍ରମିକ ନିଷେଦ ଆଇନ ନେଇ ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ନିଘା ନାହିଁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ପିଲା ଶିଶୁ ଶ୍ରମିକ ଭାବେ ବିବେଚିତ ହୋଉଥିବା ବେଳେ ୧୫ ରୁ ୧୮ ବର୍ଷ ପର୍ଯ୍ୟନ୍ତ ବୟସ ର ପିଲା କିଶୋର ଶ୍ରମିକ ଭାବେ ବିବେଚିତ ହେଉଛନ୍ତି ଓ ଏମାନଙ୍କୁ ନିୟମ ଅନୁଯାୟୀ କାମରେ ଲଗେଇବା କଥା ନୁହେଁ ଓ କିନ୍ତୁ ଏହି ନିୟମ ଗୁଡିକ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ସଚେତନତା କରୁନଥିବା ଦେଖିବାକୁ ମିଳିଛି ଓ କନ୍ଧମାଳ ଜିଲ୍ଲା ପ୍ରତି ବ୍ଲକ ସମେତ ପ୍ରତି ପଞ୍ଚାୟତ ରେ ମାଳ ମାଳ ଶିଶୁ ଶ୍ରମିକ ଙ୍କୁ କାର୍ଯ୍ୟରେ ଲଗାଯାଇଛି ଓ ଜିଲ୍ଲା ରେ ଶ୍ରମ ବିଭାଗ ଚଢ଼ାଉ କଲେ ଶିଶୁ ଶ୍ରମିକ ଙ୍କୁ ଉଦ୍ଧାର କରାଯାଇପାରିବ

# କେନ୍ଦୁଝରର ବକ୍ସିବାରିଗାଁ ଓ ହୁଣ୍ଡାରେ ରଥଯାତ୍ରା

କେନ୍ଦୁଝର(ହି.ସ) : ବକ୍ସିବାରିଗାଁ ଓ ହୁଣ୍ଡାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା ଅନୁଷ୍ଠିତ ହୋଇଛି । ଚତୁର୍ଦ୍ଧାମୂର୍ତ୍ତିଙ୍କର ପହଣ୍ଡି ବିଜେ କରାଯାଇଥିଲା । ବକ୍ସିବାରିଗାଁରେ ଅଭିମନ୍ୟୁ ତିୱାରି ଓ ସାଇ ଶଙ୍କର ତିୱାରି ରଥାରୂଢ଼ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନ ବିଗ୍ରହଙ୍କୁ ପୂଜାର୍ଚ୍ଚନା କରିଥିଲେ । ଗ୍ରାମର ପ୍ରଧାନ ଫକିର ମୋହନ ରାଉଳ ରଥରେ ଛେରା ପହଁରା କରିଥିଲେ । ଭାସ୍କରଚନ୍ଦ୍ର ନାଏକ ସାରଥି ଦାୟିତ୍ୱ ନିର୍ବାହ କରିଥିଲେ । ରବୀନ୍ଦ୍ର ବେହେରା, ଅକ୍ଷୟ ରଣା, ଦୁଃଶାସନ ସାହୁ, ରାଜକିଶୋର ବାରିକ, ବୃନ୍ଦାବନ ନାଏକ, ମଙ୍ଗୁଲୁ ବେହେରା, ଭୀମସେନ ବାରିକ, ଶରଣ ବାରିକ, ସଞ୍ଜୟକୁମାର ରାଉଳ, ସନ୍ତୋଷ ବାରିକ, ନିତ୍ୟାନନ୍ଦ ଦେହୁରୀ, କୁଞ୍ଜ ବେହେରା, ନିରଞ୍ଜନ ପାତ୍ର, କୁଳମଣି ଦେହୁରୀ, ଅଭିମନ୍ୟୁ ବେହେରା, ହୁନ୍ଦର ବାରିକ, ରମାକୋନ୍ତ ସାହୁ , ଯଶୋବନ୍ତ ବାରିକଙ୍କ ସମେତ ରଥ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।ହୁଣ୍ଡାରେ ରଥରେ ସୁନିଆଁ ନାଏକ ସାରଥି ଦାୟିତ୍ୱ ତୁଲାଇ ଥିଲେ । ପଣ୍ଡିତ ଶଶଧର ଶତପଥୀ ରଥାରୂଢ ଦିଅଁଙ୍କ ପୂଜାର୍ଚ୍ଚନା କରିଥିଲେ । ହେମନ୍ତ କୁମାର ଭଞ୍ଜ ଛେରାପହଁରା କରିଥିଲେ । ରଥ କମିଟିର ସେବକ ମନୋଜ କୁମାର ନାଏକ, ଜାକେଶ୍ୱର ନାଏକ, ପ୍ରମୋଦ ପାତ୍ର, ଆର୍ତ୍ତତ୍ରାଣ ଅମାନ୍ତ, ପ୍ରମୋଦରଞ୍ଜନ ବେହେରା, ପାରେଶ୍ୱର ବେହେରା, ମାର୍କଣ୍ଡ ବେହେରା, ଦାଶରଥି ବେହେରା, ଟିକିଆ ବେହେରା, ନିତ୍ୟାନନ୍ଦ ବେହେରା, ଜିତୁ ପ୍ରଧାନ, ବିନୋଦ ଗିରି, ବିପିନ ନାଏକ, ବିଦ୍ୟାଧର ମହାରଣା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ରଥଯାତ୍ରା ପରିଚାଳନା କରିଥିଲେ ।

ଯଦି ଅତ୍ୟାଚାର କରୁଥିବା ବ୍ୟକ୍ତି ବା ଦଳକୁ ଯଥୋଚିତ ଶାସ୍ତି ନ ମିଳୁଛି ତେବେ ଅତ୍ୟାଚାରିତ ପ୍ରତିଶୋଧ ନେବା ପାଇଁ ବାଟ ଖୋଜିବ ।

-ଡକ୍ଟର ହରେକୃଷ୍ଣ ମହତାବ

(ଗାଁ ମଜଲିସ୍, ୫ମ ଖଣ୍ଡ, ପୃଷ୍ଠା-୧୧୭)

ପ୍ରଜାତନ୍ତ୍ର

ତା ୨୨।୦୬।୨୦୨୩ ■ ଗୁରୁବାର

# ଚୀନ୍‌କୁ ସଠିକ୍ ସନ୍ଦେଶ

ଆମେରିକା ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସେଠାକାର ଏକ ପ୍ରମୁଖ ସମ୍ବାଦପତ୍ର 'ୱାଲଷ୍ଟ୍ରିଟ୍ ଜର୍ଣ୍ଣାଲ'କୁ ଦେଇଥିବା ଏକ ସାକ୍ଷାତକାରରେ ସୀମାନ୍ତରେ ଶାନ୍ତି ବିନା ଚୀନ ସହ ସମ୍ବନ୍ଧ ସ୍ୱାଭାବିକ ହୋଇପାରିବ ନାହିଁ ବୋଲି କହି ତାହାକୁ ଏକ ସ୍ପଷ୍ଟ ସନ୍ଦେଶ ଦେଇଛନ୍ତି । ତାଙ୍କର ଏ ମନ୍ତବ୍ୟ ଉଲ୍ଲେଖନୀୟ କାରଣ ତାଙ୍କର ଆମେରିକା ଗସ୍ତ ଉପରେ ବିଶ୍ୱର ଅନ୍ୟ ଦେଶମାନଙ୍କ ସମେତ ଚୀନ ମଧ୍ୟ ଦୃଷ୍ଟି ରଖିଛି । ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଆମେରିକା ଗସ୍ତ ବିଶେଷ ଉଲ୍ଲେଖନୀୟ କାରଣ ସେଠାର ଶାସକ ଓ ବିରୋଧୀ ଏହି ଯାତ୍ରାକୁ ମାଇଲଖୁଣ୍ଟ ବୋଲି ମାନୁଛନ୍ତି । ସମସ୍ତେ ଏକମତ ଯେ ଏହି ଯାତ୍ରା ଭାରତ ଓ ଆମେରିକାର ସମ୍ବନ୍ଧରେ ଏକ ନୂଆ ଯୁଗର ସୂତ୍ରପାତ କରିବ । ଏହାକୁ ଚୀନ ଭଲ ଭାବରେ ବୁଝିଛି ଓ ସେଥିପାଇଁ ତାହାର ବୈଦେଶିକ ମନ୍ତ୍ରୀ କହିଛନ୍ତି, ଆମେରିକା ଯେବେ ବି ଉଦ୍ୟମ କରୁ ପଛେ ଗ୍ଲୋବାଲ ସପ୍ଲାଇ କ୍ଷେତ୍ରରେ ଭାରତ ତାହାର ସମାକକ୍ଷ ହୋଇ ପାରିବ ନାହିଁ । ଚୀନ ବୈଦେଶିକ ମନ୍ତ୍ରୀଙ୍କ ବୟାନରୁ ସ୍ପଷ୍ଟ ଜଣାପଡୁଛି ଯେ ଆମେରିକା ପକ୍ଷରୁ ଭାରତକୁ ମହତ୍ତ୍ୱ ଦିଆଯାଉଥିବାକୁ ଚୀନ ଗ୍ରହଣ କରିପାରୁ ନାହିଁ ।

ଚୀନ କହିଛି ଭାରତକୁ ନିଜର ବିକାଶ ଲାଗି ଚୀନ ସହିତ ଅଧିକ ବ୍ୟାପାର-ବାଣିଜ୍ୟ ଓ ଆର୍ଥିକ ସହଯୋଗ ବଢ଼ାଇବା ଦରକାର । ଏ ପ୍ରକାର କୁଟିଳ ବିଚାରକୁ ଦେଖି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ତରଫରୁ ଚୀନକୁ ଏ ବାର୍ତ୍ତା ଦେବାର ଆବଶ୍ୟକ ହୋଇଯାଇଥିଲା ଯେ ସୀମାନ୍ତରେ ଶାନ୍ତି ବଜାୟ ରହିଲେ ହିଁ ସମ୍ବନ୍ଧ ସ୍ୱାଭାବିକ ହୋଇପାରିବ । ଅବଶ୍ୟ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଜାତୀୟ ତଥା ଆନ୍ତର୍ଜାତିକ ସ୍ତରରେ ଏକଥା ଦୋହରାଇ ଆସିଛନ୍ତି, କିନ୍ତୁ ଗଲୱାନରେ ଚୀନ ସେନା ସହ ରକ୍ତାକ୍ତ ସଂଘର୍ଷ ପରେ ସମ୍ଭବତଃ ଏହା ହେଉଛି ପ୍ରଥମ ଏବେ ପ୍ରଧାନମନ୍ତ୍ରୀ ଖୋଦ୍ ନିଜେ ଚୀନକୁ ଏକ ସନ୍ଦେଶ ଦେଇଛନ୍ତି ଯେ ସୀମା ବିବାଦ ସମାଧାନ ବିନା ଭାରତ ସହ ସୁସଂପର୍କ ପ୍ରତିଷ୍ଠା କରିବା ପାଇଁ ଚୀନ ଭାବୁଛି ତାହା ସମ୍ଭବପର ହେବ ନାହିଁ । ତାହା ନ ହେବା ଦରକାର କାରଣ ଗଲୱାନରେ ଚୀନର ଷଡ଼ଯନ୍ତ୍ରକୁ ଭାରତ ଭୁଲିପାରିବ ନାହିଁ ଯେପରି ୧୯୬୨ରେ ତା' ପ୍ରତି ଆକ୍ରମଣ କରାଯାଇଥିଲା ।

ଚୀନ ବୁଝିବା ଦରକାର ଯେ ଭାରତ ତାହାର କୁଟିଳ ଉଦ୍ଦେଶ୍ୟକୁ ମାପି ସାରିଲାଣି । ଚୀନ ଯେ ସୀମା ବିବାଦର ସମାଧାନ ନ କରି ସମ୍ବନ୍ଧ ସ୍ୱାଭାବିକ କରିବାକୁ ଚାହେଁ । ଚୀନର ଏହି ଉଦ୍ଦେଶ୍ୟକୁ ଦେଖି ଭାରତ ସବୁ ଚୀନ ବସ୍ତୁ ଗୁଡ଼ିକ ଉପରେ ନିଜର ନିର୍ଭରତା କମ୍ କରିବା ଆବଶ୍ୟକ ହୋଇପଡ଼ିଛି । ଏହି ପ୍ରୟାସକୁ ଗତି ଦିଆଯିବା ଦରକାର, କାରଣ ଆମେରିକା ସମେତ ବିଶ୍ୱର ଅନ୍ୟ ପ୍ରମୁଖ ଦେଶ ନିର୍ଣ୍ଣୟରେ ପହଞ୍ଚିଲେଣି ଯେ ଗ୍ଲୋବାଲ ସପ୍ଲାଏ ଚେନ୍ ଉପରେ ଚୀନ ଉପରେ ନିର୍ଭର କରିବା ବିପଦମୁକ୍ତ ନୁହେଁ ବିଭିନ୍ନ ଦେଶମାନଙ୍କର ଭରସା ସୃଷ୍ଟି ହୋଇଛି ଯେ ଭାରତ ଚୀନର ସ୍ଥାନ ନେଇ ପାରିବ । ତେଣୁ ଆମ ଦେଶର ନୀତି ନିର୍ଦ୍ଧାରକମାନଙ୍କୁ ଅଧିକ ପ୍ରୟାସ କରିବା ଦରକାର । ଚୀନଠାରୁ ଦୂରତା ବଜାୟ ରଖି ଏବଂ ତା' ଉପରେ ଭରସା ନ କଲେ ଭାରତର ହିଁ ମଙ୍ଗଳ । ଆମେରିକା ସହ ଭାରତ ନିଜର ସମ୍ବନ୍ଧ ପ୍ରଗାଢ଼ କରିଛି ଏବଂ ତାହା ସହିତ ରୁଷ ସହ ଥିବା ସମ୍ବନ୍ଧର ମାନ ବି ରଖୁଛି । ଏ ହେଉଛି ଷାଠିଏ ବର୍ଷର ଇତିହାସର ପ୍ରତିଫଳନ । ଆମେରିକା ଏ ବାସ୍ତବତାକୁ ବୁଝିଛି ଏବଂ ସେଥିପାଇଁ ଭାରତ ସହ ସମ୍ବନ୍ଧକୁ ବିସ୍ତାର କରିବାକୁ ଚାହୁଁଛି ।

ପରିବର୍ତ୍ତିତ ସ୍ଥିତିରେ ଅଧିକାଂଶ ବିଶ୍ୱ ସଂଗଠନମାନଙ୍କରେ ସୁଧାର ଆସିଲାଣି । ଆମେରିକା ଯଦି ବାସ୍ତବରେ ଭାରତ- ପ୍ରଶାନ୍ତ ମହାସାଗର ଅଞ୍ଚଳରେ ଚୀନର ଲଗାମହୀନ କର୍ତ୍ତୃତ୍ୱକୁ ରୋକିବାକୁ ଚାହେଁ ତାକୁ ଭାରତ ଆଞ୍ଚଳିକ ଉନ୍ନତିରେ ସାହାଯ୍ୟ କରିବାକୁ ହେବ । ସେ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଆମେରିକା ଗସ୍ତ ଏକ ନୂଆ ମାର୍ଗ ଖୋଲିବ ବୋଲି ବିଶ୍ୱାସ କରାଯାଉଛି । ❐❐

—ଭର୍ତ୍ତୃହରି ମହତାବ

# ସେ ପଥର ନୁହେଁ

ଶାସ୍ତ୍ରଗୁଡ଼ିକ ଜୀବନ ବାର୍ତ୍ତା ବହନ କରିଥାନ୍ତି। ଭଗବାନଙ୍କ ମୂର୍ତ୍ତିଗୁଡ଼ିକ ଜୀବନ୍ତ ଶିକ୍ଷା ପ୍ରଦାନ କରିଥାନ୍ତି। ସେମାନେ କାଠ ବା ପଥର ନୁହଁନ୍ତି। ଥରେ ରାଣୀ ରାସମଣୀଙ୍କ କୃଷ୍ଣ ମନ୍ଦିରର କୃଷ୍ଣ ମୂର୍ତ୍ତିର ଗୋଡିଟି ଭାଙ୍ଗିଗଲା। ଅନେକେ ପରାମର୍ଶ ଦେଲେ ଯେ ସେ ମୂର୍ତ୍ତି ଆଉ ପୂଜା ହୋଇପାରିବ ନାହିଁ। କିନ୍ତୁ ଶ୍ରୀରାମକୃଷ୍ଣ ପରମହଂସ ଏ ପ୍ରକାର ପରାମର୍ଶକୁ ସମର୍ଥନ କଲେନାହିଁ। ସେ ପଚାରିଲେ ଆଜି ଯଦି ଆପଣଙ୍କ ଜ୍ୱାଇଁ ମାଥୁରବାବୁଙ୍କ ଗୋଡ ଭାଙ୍ଗି ଯାଇଥାନ୍ତା ଆପଣ କ'ଣ ତାଙ୍କୁ ପରିତ୍ୟାଗ କରି ଦେଇଥାନ୍ତେ ? ମୂର୍ତ୍ତିଟିକୁ ଆଉ ଥରେ ସଜାଡ଼ି, ମରାମତି କରି ପୂଜା କରିବାକୁ ସେ ଉପଦେଶ ଦେଲେ। ନିଜ ବୃତ୍ତି ଅନୁସାରେ କାମ କର। ନିଜ ସହ ବା ନିଜ ଆଦର୍ଶ ସହ ମିଥ୍ୟାଚାର କରନାହିଁ। ତୁମେ ଯେଉଁ ଆଦର୍ଶ କଥା କହୁଛ ତାହା ଯଦି କାମରେ କଲ ନାହିଁ ତେବେ ତାହା ଗୋଟିଏ ଭୀରୁତା। ତୁମେ କହୁଛ ଯେ ବାବା ସବୁ କିଛି ଜାଣି ପାରନ୍ତି ଓ ଦେଖି ପାରନ୍ତି, କିନ୍ତୁ ପୁଣି ବେଳେ ବେଳେ ବାବା ଏଠାରେ ନାହାନ୍ତି ବୋଲି ଭାବି କିଛି ଭୁଲ କାମ କରି ପକାଇ ଥାଅ। ଦେବମୂର୍ତ୍ତିକୁ ଜୀବନ୍ତ ଭାବି ପୂଜା କରୁଛ କିନ୍ତୁ କେହି ଜାଣିବେ ନାହିଁ ବୋଲି କିଛି ଜିନିଷ ସେଇ ମୂର୍ତ୍ତି ପଛରେ ଲୁଚାଇ ଦେଇ ପାରୁଛ।

ଶାସ୍ତ୍ର ଆମ୍ଭମାନଙ୍କୁ ଦେଉଥିବା ସବୁ ମୂଲ୍ୟବାନ ବାର୍ତ୍ତା ହେଉଛି 'ତୁମର ସ୍ୱାଭାବିକ କର୍ମ କରିଯାଅ, ନୀତି ଦୃଷ୍ଟିରୁ ଯାହା କରିବା କଥା ତାହା ସମ୍ପାଦନ କରିଯାଅ, ଅଧିକାର ମୁତାବକ ଜୀବନ ଯାପନ କର। କିନ୍ତୁ ଆସକ୍ତି ବଢ଼ିବାକୁ ଦିଅ ନାହିଁ। ପରିବାର, ଧନ ସମ୍ପତ୍ତି, ଖ୍ୟାତି, ଜ୍ଞାନ ଏବଂ କୌଶଳ ଏସବୁ ବାବଦରେ ନିଜକୁ ଜଣେ ଜିମ୍ମାଦାର ଭାବେ ଭାବ। ଯେତେବେଳେ ଆଉ ପାରିବୁ ଡାକରା ଆସିବ ସେତେବେଳେ ଏସବୁକୁ ପଛରେ ପକାଇ ଆନନ୍ଦରେ ବାହାରି ପଡ଼। ଜୀବନରେ ଯେତେ ଶୀଘ୍ର ଶୃଙ୍ଖଳାଭ୍ୟାସ କରାଯାଏ ସେତେ ଭଲ। ଏ ସବୁକୁ ବୃଦ୍ଧି ବୟସକୁ ରଖିବା ଠିକ ନୁହେଁ। ସେତେବେଳକୁ ଏ ଦେହ ବୟସାଧିକ୍ୟ ହେତୁ ଦୁର୍ବଳ ଓ ପ୍ରାୟ ଅକାମୀ ହୋଇ ଯାଇଥିବ। ଅନେକେ ଲୋକ ତାଙ୍କ ପିଲାମାନଙ୍କୁ ସାଧୁସନ୍ଥ ବା ପବିତ୍ର ଗ୍ରନ୍ଥ ମାନଙ୍କ ଠାରୁ ଦୂରରେ ରଖିବାକୁ ଚେଷ୍ଟା କରନ୍ତି। ସେମାନଙ୍କର ଭୟ ଯେ କାଳେ ପିଲା ବୟସରୁ ସେମାନେ ଏସବୁକୁ ଭଲ ପାଇଯିବେ। କିନ୍ତୁ ଏ ବିଷୟରେ କୌଣସି ବେଳ ଅତିଶୀଘ୍ର ନୁହେଁ। ତୁମେ ଯେତେବେଳେ ଆରମ୍ଭ କରି ସେଇଟି ବିଳମ୍ବ ବୋଲି ଭାବ। କାରଣ କିଏ କହି ପାରିବ କେତେବେଳେ ଜୀବନର ଶେଷ ପର୍ଦ୍ଦାଟି ପଡ଼ିଯିବ ?

ସନ୍ତୋଷ କୁମାର ସାହୁ, ପୁରୀ

# ମହାନଦୀର ମରମ କଥା

## ପ୍ରଦୋଷ କୁମାର ଦାସ

ଓଡ଼ିଶାର ପଶ୍ଚିମ ଭାଗ ତଥା ପୂର୍ବ ଉପକୂଳ ମଧ୍ୟରେ ଜଳ ସମ୍ପଦ ର ସହକାର ଏବଂ ସଂପର୍କର ସେତୁବନ୍ଧ ଭଳି ମହାନଦୀ ହେଉଛି ଆମ ଓଡ଼ିଶାର ଜୀବନ ରେଖା ସଦୃଶ। ଓଡ଼ିଶାର ସମୃଦ୍ଧି ରେ ବିଶେଷ ଗୁରୁତ୍ୱ ରଖୁଥିବା ଏହାର ଜଳ ସମ୍ପଦ ଆମ ଜୀବନ ରେଖାର ଶକ୍ତ ରଜ୍ଜୁ ରୂପେ ପରିଗଣିତ। ଓଡ଼ିଶା ଛାତିରେ ମହାନଦୀର ଗତିଶୀଳତା ଉପରେ ଅବିଚାରିତ ଭାଗ ବସାଇ ପଡୋଶୀ ଛତିଶଗଡ ରାଜ୍ୟ ବିବାଦ ଘେରରେ ଦୀର୍ଘ ବର୍ଷ ହେଲା ନିଜକୁ ଛିଡ଼ା କରାଇଛି। ଓଡ଼ିଶାର ସ୍ୱାର୍ଥ କୁ ପଛକୁ ଠେଲି ଦେଇ ଏହାର ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ଜଳକୁ ଏକତରଫା ଦଖଲନାମା ଚଳାଇ ଛତିଶଗଡ଼ ରାଜ୍ୟ ଆମ ରାଜ୍ୟ ଓଡ଼ିଶା ପାଇଁ ସତେ ଯେମିତି କଣ୍ଟା ସାଜିଛି । ସାଂପ୍ରତିକ ପରିସ୍ଥିତିରେ ଏହି ବିବାଦର ଏକ ଗଠନମୂଳକ ତଥା ଆଶୁସମାଧାନର ଆବଶ୍ୟକତା ରଖୁଛି।

ଆଇଆଇଟି ବମ୍ବେ ଓ ମାଡ୍ରାସ ପକ୍ଷରୁ ବହୁ ପୂର୍ବରୁ ହୋଇଥିବା ଏକ ଅନୁଧ୍ୟାନ ରୁ ଜଣାଯା ଯେ, ଗତ ୧୯୫୧ ରୁ ୧୯୭୫ ମସିହା ରେ ମହାନଦୀର ରହିଥିବା ସ୍ଥିତି ଠାରୁ ପରବର୍ତ୍ତୀ ସମୟ ଗତ ୧୯୭୬ ରୁ ୨୦୦୦ ମସିହା ମଧ୍ୟରେ ରହିଥିବା ଫରକ ମଧ୍ୟରେ ଆସିଥିବା ସ୍ଥିତି ରେ ଶତକଡା ୧୦ ଭାଗ ହ୍ରାସ ପାଇଛି। ଯଦି ଏହି ଭଳି ଧାରା ଜାରି ରହିଲେ ,ମହାନଦୀର ପରିସର ସଙ୍କୁଚିତ ହେବାସହିତ ଏହାର ପ୍ରାକୃତିକ ଅବସ୍ଥିତିରେ ଅନେକ ନକରାତ୍ମକ ପରିବର୍ତ୍ତନ ଆସିବା ସୁନିଶ୍ଚିତ। ଏହା ବିଶେଷକରି ଉଭୟ ଆମ ରାଜ୍ୟ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ଉପରେ ଜଳ ଓ କୃଷି ସମସ୍ୟା ତଥା ଆନୁସଙ୍ଗିକ ଜୈବ ବିବିଧତା କ୍ଷେତ୍ରରେ ମଧ୍ୟ ଗଭୀର ପ୍ରଭାବ ପକାଇବ। ଏହି କାରଣରୁ ଉଭୟ ରାଜ୍ୟ ବାସୀଙ୍କ ଜୀବନ ଧାରଣର ମାନ ରକ୍ଷା ଦିଗରେ ମଧ୍ୟ ଆଶଙ୍କା ପ୍ରକାଶ ପାଉ। କାରଣ ପାରସ୍ପରିକ ବୁଝାମଣା ଅଭାବରୁ ଯଦି ମହାନଦୀ ଜଳ ବଣ୍ଟନ ରେ ଅନୀୟମିତତା ଜାରି ରହିଲେ ପଡୋଶୀ ପଡୋଶୀ ହୋଇ ରହିଥିବା ଉଭୟ ଓଡ଼ିଶା ଓ ଛତିଶଗଡ଼ ପାଇଁ ଶୁଭଙ୍କର ନୁହେଁ। ଗୋଟିଏ ପଟରେ ଛତିଶଗଡ଼ର ମହାନଦୀ ଅବବାହିକାରେ ଛଳ ଛଳ ଛଳ ଲହଡ଼ା ଭାଙ୍ଗୁଥିବା ବେଳେ ଓଡ଼ିଶାର ମହାନଦୀର ଅବବାହିକା ଶୁଖା ପଡ଼ିବା ନ୍ୟାୟୋଚିତ ନୁହେଁ। ପ୍ରାୟ ୮୫୧ କିମି ଦୀର୍ଘ ଉକ୍ତ ମହାନଦୀ ର ସ୍ଥିତି ପ୍ରତି ସାମ୍ପ୍ରତିକ ପରିବର୍ତ୍ତିତ ଜଳବାୟୁର ଅନୀୟମିତତା ଗଭୀର ପ୍ରଭାବ ପକାଇଚାଲିଥିବାରୁ ପରିବେଶବିତ୍ ମାନଙ୍କ ପକ୍ଷରୁ ଉଦବେଗ ପ୍ରକାଶ ପାଉଛି। ବର୍ଷା ଶୂନ୍ୟତା ଓ ଅତିରିକ୍ତ ବର୍ଷା ପ୍ରଭାବରେ ଉଭୟ ଜଳ ମରୁଡ଼ି ଓ ବନ୍ୟା ପ୍ଲାବନର ପରିସ୍ଥିତି କୁ ମଧ୍ୟ ଏହି ମହାନଦୀକୁ ଭୋଗ କରିବାକୁ ପଡୁଛି। ଉଲ୍ଲେଖଯୋଗ୍ୟ, ମହାନଦୀ ରେ ଛତିଶଗଡ଼ର ବେଆଇନ ବ୍ୟାରେଜ ନିର୍ମାଣ କାରଣରୁ ମହାନଦୀ ଜଳ ସହ ପରିପୃଷ୍ଟ ତଥା ଏହା ସହ ସମ୍ବଲଗ୍ନ ଆମ ରାଜ୍ୟ ର ପ୍ରାୟ ୧୬ ଟି ଜିଲ୍ଲାର ନଦୀ ଜଳ ବିଶେଷ ପ୍ରଭାବିତ ହେଉଛି।

ଏତଦ ବ୍ୟତୀତ ମହାନଦୀ ସମେତ ଏହା ସଂଲଗ୍ନ ଶାଖା ନଦୀ ଗୁଡ଼ିକରେ ରହିଥିବା ଜୈବ ମଣ୍ଡଳ ଗୁରୁତର ପ୍ରଭାବିତ ହେବାରେ ଲାଗିଛି। ଅନୁଧ୍ୟାନ ରୁ ଜଣାଯାଏ, ଯେକୌଣସି ନଦୀରେ ସ୍ୱଭାବିକ ଜଳ ପ୍ରବାହ ପ୍ରକ୍ରିୟାକୁ ଅବରୋଧ କରାଗଲେ ଏହା ଉପରେ ନିର୍ଭରଶୀଳ ସମଗ୍ର ଜୈବମଣ୍ଡଳ ଗୁରୁତର ପ୍ରଭାବିତ ହେବା ଥୟ ଅଟେ। ମହାନଦୀ ର ଉପର ମୁଣ୍ଡରେ ଛୋଟବଡ ଏକାଧିକ୍ ବ୍ୟାରେଜ ଓ ଆନିକଟ ନିର୍ମାଣ କରାଇ ଛତିଶଗଡ଼ ରାଜ୍ୟ ତାର ଶିଳ୍ପାୟନକୁ ସମୃଦ୍ଧ କରାଇବା ନିମନ୍ତେ ଓଡ଼ିଶା ର ମହାନଦୀ ଜଳକୁ ଅଟକାଉ୍ଛି ଏକ ପ୍ରମୁଖ କାରଣ ଅଟେ। ଏହାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ମଧ୍ୟରେ ସ୍ପଷ୍ଟ ବିବାଦ କ୍ରମେ ଘନେଇବାରେ ଲାଗିଛି। ଏଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ରାଜ୍ୟ ପ୍ରଥମେ ନିଜକୁ ଭାରତବାସୀ ଭାବେ ବିବେଚନା କରି ରାଜ୍ୟ, ରାଜନୀତି ରୁ ଉର୍ଦ୍ଧ୍ୱ କୁ ଯାଇ ନ୍ୟାୟୋଚିତ ଉପାୟରେ ଉଭୟ ରାଜ୍ୟ ର ସ୍ୱାର୍ଥ ରକ୍ଷା କରିବା ସହ ଆଦର୍ଶ ସ୍ଥାନୀୟ ବୁଝାମଣା ରେ ଉପନୀତ ହୋଇ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ହେବ। ସୂଚନା ମୁତାବକ, ମହାନଦୀ ଜଳ ବିବାଦକୁ ନେଇ ଆନ୍ତଃ ରାଜ୍ୟ ଜଳ ବିବାଦ ଆଇନ, ୧୯୫୬ ଅନୁସାରେ ଗଠିତ ଟ୍ରିବ୍ୟୁନାଲ ଶୁଣାଣି ଜାରି ରହିଛି। ଏହି ପ୍ରସଙ୍ଗରେ ଗତ ୨୦୧୮ ମସିହାରୁ ମାନ୍ୟବର ଟ୍ରିବ୍ୟୁନାଲର ଶୁଣାଣି ଚାଲିଥିବା ଅବସରରେ ନିକଟରେ ସରଜମିନ ଅନୁଧ୍ୟାନ ନିମନ୍ତେ ଟ୍ରିବ୍ୟୁନାଲଙ୍କ ଏକ ପ୍ରତିନିଧି ଦଳ ଉଭୟ ଛତିଶଗଡ଼ ଓ ଆମ ରାଜ୍ୟ ଓଡ଼ିଶାର ମହାନଦୀ ସମ୍ବଲଗ୍ନ ବିଭିନ୍ନ କ୍ଷେତ୍ର ପରିଦର୍ଶନ ପାଇଁ ଆସୁଥିବା ପ୍ରକାଶ। ଟ୍ରିବ୍ୟୁନାଲ ର ଅଧକ୍ଷ ତଥା ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଏ .ଏମ ଖାନୱିଲକର ଙ୍କର ଅଧ୍ୟକ୍ଷତାରେ ଏହି ଟିମ୍ ରେ ଅନ୍ୟ ସଦସ୍ୟ ଯଥା ପାଟନା ହାଇକୋର୍ଟ ର ବିଚାରପତି ଜଷ୍ଟିସ ରବି ରଞ୍ଜନ , ଦିଲ୍ଲୀ ହାଇକୋର୍ଟ ର ବିଚାରପତି ଜଷ୍ଟିସ ଇନ୍ଦ୍ରମିତ କୌର କୋଚ ରଙ୍କ ସମେତ ରେଜିଷ୍ଟ୍ରାର, ୨ ଆସେସର, ଉଭୟ ରାଜ୍ୟ ର ଜଳସମ୍ପଦ ଅଧିକାରୀ, ଆଇନଜୀବୀ ଓ ବୈଷୟିକ ଟିମ୍ ସଦସ୍ୟ ସାମିଲ୍ ରହିଛନ୍ତି ୧୦ ରୁ ୧୪ ତଥା ପରବର୍ତ୍ତୀ ଆସନ୍ତା ମେ ମାସ ୧୮ ରୁ ସେ ୨୨ ପର୍ଯ୍ୟନ୍ତ ୨ଟି ପର୍ଯ୍ୟାୟରେ ଓଡ଼ିଶା ଗସ୍ତ କରୁଥିବା ସୂଚନା ରୁ ପ୍ରକାଶ। ପୂର୍ବରୁ ଏହି ପ୍ରତିନିଧି ଦଳ ଗତ ଏପ୍ରିଲ ମାସ ୨୦ ତାରିଖ ରୁ ୨୨ ତାରିଖ ଛତିଶଗଡ଼ ରାଜ୍ୟ ମହାନଦୀ ଅଞ୍ଚଳ ଗସ୍ତ ସାରିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ, ଟ୍ରିବ୍ୟୁନାଲ ଗଠନର ଦୀର୍ଘ ୫ ବର୍ଷ ପରେ ଏହାର ଏକ ପ୍ରତିନିଧି ଦଳ ଛତିଶଗଡ଼ ଗ୍ରାଉଣ୍ଡ ଜିରୋ ଅଞ୍ଚଳ ପରିଦର୍ଶନ କରୁଥିବା ବେଳେ ଚତୁର ଛତିଶଗଡ଼ ଚତୁରେ ଚତୁରେ ରୋକିଥିବା ମହାନଦୀ ଜଳକୁ ଏ ମଧ୍ୟରେ ଛାଡିଦେଇଥିବାରୁ ଶୁଖାପଡିଥିବା ମହାନଦୀର ଉପରମୁଣ୍ଡରେ ଜଳରାଶି ଲହଡ଼ା ଭାଙ୍ଗୁଥିବା ଜଣାଯାଇଛି। ଟ୍ରିବ୍ୟୁନାଲ ପ୍ରତିନିଧି ଙ୍କ ଆଗରେ ନିଜକୁ ସଚ୍ଚୋଟ ଓ ସାଧୁ ଦର୍ଶାଇବାକୁ ଯାଇ ଛତିଶଗଡ଼ ରାଜ୍ୟ ଏଭଳି ପ୍ରତାରଣା କରିଥିବା ଚର୍ଚ୍ଚା ହେଉଛି। ଏହି ପ୍ରତିନିଧି ଦଳ ମେ ମାସର ୧/୨ୟ ସପ୍ତାହରେ ଓଡ଼ିଶାର ମହାନଦୀ ଅବବାହିକା ର ସମ୍ବଲଗ୍ନ ବିଭିନ୍ନ ଅଞ୍ଚଳକୁ ମଧ୍ୟ ସରଜମିନ ଅନୁଧ୍ୟାନ କରିବାକୁ ଆସୁଥିବା ସୂଚନାରୁ ପ୍ରକାଶ। ଯଥା, ପଡୋଶୀ ରାଜ୍ୟ ଛତିଶଗଡରେ ମହାନଦୀରେ ଏକାଧିକ ବ୍ୟାରେଜ ନିର୍ମାଣ ପ୍ରଭାବରେ ସମସ୍ତ ଆମ ରାଜ୍ୟ ଓଡ଼ିଶାର ଅନ୍ୟତମ ଭାତହାଣ୍ଡି କୁହାଯାଉଥିବା ସୁବର୍ଣ୍ଣପୁର ଜିଲ୍ଲାର ବିନିକା ଏବଂ ଡୁଙ୍ଗୁରିପାଲି ଅଞ୍ଚଳରେ ସିଧା ସଳଖ ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ଏ ଅଞ୍ଚଳରେ ମହାନଦୀ ଜଳ ପ୍ରବାହ ହ୍ରାସ ପାଇଥିବାରୁ ରବି ଚାଷ ମଧ୍ୟ ପ୍ରଭାବିତ ହେଉଛି। ସୂଚନା ରୁ ପ୍ରକାଶ, ଏହି ଜିଲ୍ଲାର ଶହେ କିଲୋମିଟର ଯାଏ ମହାନଦୀ ପରିବ୍ୟାପ୍ତ ହୋଇଥିବାବେଳେ ଖରାଦିନେ ଜଳସ୍ତର ନିମ୍ନକୁ ହ୍ରାସ ପାଉଥିବାରୁ ଚାଷବାସ ପାଇଁ ଚାଷୀଙ୍କୁ ଜଳ ସେଚନ ସମସ୍ୟା ଭୋଗିବାକୁ ପଡୁଛି। ମହାନଦୀରେ ଜଳାଭାବ ଯୋଗୁଁ ମତ୍ସ୍ୟଜୀବୀଙ୍କ ଜୀବିକା ବିପନ୍ନ ହେଉଛି। ସେହିପରି, ରାୟଗଡ଼ା ନିକଟରେ ଗତ ୨୦୧୪-୧୫ ମସିହାରେ ଛତିଶଗଡ଼ ସରକାରଙ୍କ ପକ୍ଷରୁ କେଲୋ ନଦୀ ଉପରେ ଡ୍ୟାମ ନିର୍ମାଣ କରିବାପରଠାରୁ ଏହି ନଦୀର ତଳ ମୁଣ୍ଡରେ ରହୁଥିବା ଲୋକଙ୍କ ଦୁଃଖ ବଢିଯାଇଛି। ବିଶେଷ କରି ଅଣମୌସୁମୀ ଋତୁରେ କେଲୋ ନଦୀ ଉପରେ ଚାଷବାସ ନିମନ୍ତେ ନିର୍ଭରଶୀଳ ଝାରସୁଗୁଡ଼ା ଜିଲ୍ଲାର କନକଡୋରା, ଲୁହ୍ମଗା,ଅମାପାଲି, ବଡଧରା,କୁଶମେଲ ଆଦି ଅଞ୍ଚଳରେ ତଥା ବାଦିମାଲ ସମେତ ପଡୋଶୀ ରାଜ୍ୟ ଛତିଶଗଡ଼ ରାଜ୍ୟ ସମ୍ବଲଗ୍ନ ପ୍ରାୟ ୬ ଟି ପଞ୍ଚାୟତବାସୀଙ୍କ ଚାଷବାସ ଜନୀତ ଜୀବନଜୀବିକା ଗୁରୁତର ପ୍ରଭାବିତ ହେଉଛି। ଏତଦ୍ ବ୍ୟତୀତ ବୌଦ୍ଧ ଜିଲ୍ଲା ମହାନଦୀ ମାଛ ପାଇଁ ସାରା ଓଡ଼ିଶାରେ ପ୍ରସିଦ୍ଧ। ଏଠାରେ ମହାନଦୀ ମଧ୍ୟ ଶତାଧିକ କିମି ପରିବ୍ୟାପ୍ତ। ହେଲେ ଛତିଶଗଡ଼ ରାଜ୍ୟ ର ମହାନଦୀର ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କାର୍ଯ୍ୟ ପାଇଁ ଏଠା ମହାନଦୀ ର ତଳ ମୁଣ୍ଡରେ ଥିବା ମହାନଦୀ ଅବବାହିକାରେ ଗ୍ରୀଷ୍ମ ଋତୁରେ ମରୁଭୁମି ସମାନ ସ୍ଥିତି ଉପୁଜୁଛି। ଫଳରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ବଂଶାନୁକ୍ରମିକ ଚାଲିଥିବା ମତ୍ସ୍ୟ ଧରା ଜୀବିକା ଘୋର ବାଧାପ୍ରାପ୍ତ ହୋଇଛି। କେବଳ ସେତିକି ନୁହେଁ, ମହାନଦୀ ଜଳ ଉପରେ ନିର୍ଭରଶୀଳ ସ୍ଥାନୀୟ ଅଗଣିତ ଅଧିବାସୀ ମଧ୍ୟ ସେମାନଙ୍କର ଦୈନନ୍ଦିନ ଜୀବନ ଜୀବିକା ଓ ଚଳଣିର ସମ୍ପାଦନରେ ଘୋର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଛତିଶଗଡ଼ ସରକାର କେବଳ ଯେ ଏକଚାଟିଆ ଭାବେ ମହାନଦୀ ରେ ଏକାଧିକ ବ୍ୟାରେଜ ନିର୍ମାଣ କରି ମହାନଦୀ ର ଜଳ ଓଡ଼ିଶାକୁ ଆସିବାକୁ ଦେଇନାହାନ୍ତି, ଏଥି ସହିତ ଏହାର ଶାଖା 'କେଲୋ' ନଦୀର ଉପର ମୁଣ୍ଡରେ ଏକାଧିକ ବ୍ୟାରେଜ ନିର୍ମାଣ କରି ଏହାକୁ ଏକପ୍ରକାର କବଜାରେ ରଖିଥିବାରୁ ସ୍ଥାନୀୟ ଅଞ୍ଚଳରେ ଅଭିଯୋଗ ଓ ଅସନ୍ତୋଷ ବ୍ୟକ୍ତ କରାଯାଉଛି। ଛତିଶଗଡ଼ ରାଜ୍ୟ ର ମହାନଦୀ ଜଳକୁ ଅବରୋଧ କାରଣରୁ ଓଡିଶାର ଚାଷବାସ ଓ ମତ୍ସ୍ୟ ଚାଷ ଉପରେ ଘୋର ପ୍ରଭାବ ପଡୁଥିବା ଅଭିଯୋଗ ହେଉଛି। ସର୍ବୋପରି ପ୍ରଦୂଷଣ ରକ୍ଷା କ୍ଷେତ୍ରରେ ଆମ ଜୀବନ ରେଖା ସଦୃଶ ମହାନଦୀ ଅନେକ ସମସ୍ୟା ର ସମ୍ମୁଖୀନ । ସୂଚନା ରୁ ପ୍ରକାଶ, ଛତିଶଗଡ଼ ର ରାୟଗଡ଼ ଜିଲ୍ଲାର ନଦନଦୀ ନାଳ ଦେଇ ବ୍ୟାପକ ପରିମାଣରେ ବର୍ଜ୍ୟବସ୍ତୁ ମହାନଦୀ ମଧ୍ୟକୁ ନିଷ୍କାସିତ ହେଉଛି। ଆମ ରାଜ୍ୟ ବାସୀ ଏଥିପାଇଁ ସଚେତନ ମଧ୍ୟ ନୁହଁନ୍ତି। ପ୍ରଶାସନିକ ସ୍ତରରେ ଏହାକୁ ରୋକିବାରେ ଉଦାସୀନତା ଦେଖାଯାଉଛି। ଝାରସୁଗୁଡ଼ା ଜିଲ୍ଲାର କୋଇଲା ବର୍ଜ୍ୟ ,କଟକ, ସମ୍ବଲପୁର, ହୀରାକୁଦ, ବୁର୍ଲା, ସୋନପୁର,ବୌଦ୍ଧ, ଆଠମଲ୍ଲିକ, ଆଦି ଅଞ୍ଚଳରେ ମଇଳା ଓ ବର୍ଜ୍ୟବସ୍ତୁ ବ୍ୟାପକ ପରିମାଣରେ ନିଷ୍କାସିତ ହୋଇ ମହାନଦୀ ମଧ୍ୟକୁ ପ୍ରବେଶ କରୁଥିବାରୁ ସଂପୃକ୍ତ ସ୍ଥାନୀୟ ମହାନଦୀ ଜଳ ବ୍ୟବହାର ଅନୁପଯୋଗୀ ହୋଇଯାଇଛି। ଏପରିକି ଏହି ଅଞ୍ଚଳରେ ମହାନଦୀ ଜଳ ସ୍ନାନ ଶୌଚାରି ପାଇଁ ମଧ୍ୟ ଅନୁପଯୁକ୍ତ ହୋଇଯାଇଛି।

ଏହି କାରଣରୁ ଓଡିଶାର ସାତକୋଶିଆ, ଚିଲିକା,ଅଂଶୁପା, ଭିତରକନିକା ଅଭୟାରଣ୍ୟରେ ମହାନଦୀ ଜଳ ଶୁଷ୍କ ତା ଓ ପ୍ରଦୂଷଣ ଜୈବ ବିବିଧତା ଓ ଜଳଜ ପ୍ରାଣୀ ଓ ଉଦ୍ଭିଦ ଙ୍କ ସୁରକ୍ଷା ନିମନ୍ତେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ପ୍ରକାଶ। ଏଭଳି ସ୍ଥିତିରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାନଦୀ ସୁରକ୍ଷା ପାଇଁ ଦୀର୍ଘ ବର୍ଷ ଧରି କରିଆସିଥିବା ଉଦାସୀନତା ସାଧାରଣ ରେ କ୍ଷୋଭ ସୃଷ୍ଟି କରୁଛି। ଏହି ପ୍ରସଙ୍ଗରେ ଆମ ଦେଶର ତତ୍କାଳୀନ ରାଷ୍ଟ୍ରପତି ଶ୍ରୀ ରାମନାଥ କୋବିନ୍ଦଙ୍କ ପକ୍ଷରୁ ସଂସଦର କେନ୍ଦ୍ରୀୟ ହଲରେ ସମ୍ବୋଧନ କାଳରେ ' ମହାନଦୀ ସମେତ ଅନ୍ୟାନ୍ୟ ନଦୀ ଗୁଡ଼ିକୁ କିପରି ପ୍ରଦୂଷଣ ମୁକ୍ତ କରାଯାଇପାରିବ ,ସେନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ବକ୍ତବ୍ୟ ରଖିଥିଲେ। ହେଲେ ପରବର୍ତ୍ତୀ ସମୟରେ ଏହା ଉପରେ କି ପଦକ୍ଷେପ ନିଆଗଲା, ସେ ବିଷୟରେ ନା ରାଜ୍ୟ ସରକାର,ନା କେନ୍ଦ୍ର ସରକାର, ଆବଶ୍ୟକ ପଦକ୍ଷେପ ଦୂରେ ଥାଉ, କେହି ଏବାବଦରେ ଚର୍ଚ୍ଚା ମଧ୍ୟ କଲେନାହିଁ।

ତେବେ ସେଯାହା ହେଉ, ମହାନଦୀ ରେ ଛତିଶଗଡ଼ର ମନମାନି ଓ ନଦୀ ଜଳକୁ ଅବରୋଧ ଶୀର୍ଷକ ଉପୁଜୁଥିବା ବିଭିନ୍ନ କାରଣ, ଓ ସମସ୍ୟା କୁ ଯଦି ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳ ଓ ଜନପ୍ରତିନିଧି, ଶାସକ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଓ ଜନପ୍ରତିନିଧି, ଅନ୍ୟାନ୍ୟ ଦଳର ଜନପ୍ରତିନିଧି ଓ ଦଳୀୟ ନେତା, ବୁଦ୍ଧିଜୀବୀ, ପରିବେଶପ୍ରେମୀ ଓଡ଼ିଶାର ଜୀବନ ରେଖା ସଦୃଶ ଆମ ମହାନଦୀ ସମ୍ମୁଖୀନ ହେଉଥିବା ସମସ୍ୟା ଓ ଦୁର୍ଦ୍ଦଶା ଲାଗି ପ୍ରଭାବିତ ଓଡିଶ୍ୟାସୀଙ୍କ ସ୍ୱାର୍ଥ ରକ୍ଷା ପାଇଁ ଟ୍ରିବ୍ୟୁନାଲ ପ୍ରତିନିଧି ଦଳ ଙ୍କୁ ଏହି ସରଜମିନ ଅନୁଧ୍ୟାନ କାଳରେ ଏକମତ ସ୍ୱର ଉତ୍ତୋଳନ କରିବାରେ ପରମ କର୍ତ୍ତବ୍ୟ ବୋଲି ବିଚାର କରନ୍ତି , ତେବେ ହୁଏତ ମହାନଦୀ ଓଡ଼ିଶାର କଲ୍ୟାଣ ହେବା ନିଃସନ୍ଦେହ।

ଅତି ବୃଷ୍ଟିପାତ ହେଲେ ମହାନଦୀ ରେ ବନ୍ୟା ହୋଇ ହାହାକାର ହେଉଛି, ବର୍ଷା ନହେଲେ ଏହାର ବକ୍ଷ ସୁଷ୍କ ମରୁଭୂମି ସଦୃଶ ହୋଇଯାଉଛି। ଛଳ ଛଳ ପ୍ରବାହିତ ମହାନଦୀ ର ଉପର ମୁଣ୍ଡରେ ଛତିଶଗଡ଼ ରାଜ୍ୟ ର ବେଆଇନ ବ୍ୟାରେଜ ଓ ଆନିକଟ ନିର୍ମାଣ ଓଡ଼ିଶାର ଜୀବନଜୀବିକା ଉପରେ ଗଭୀର ପ୍ରଭାବ ପକାଉଛି। ପରିବେଶ ପ୍ରଦୂଷଣ ସଚେତନତା ଅଭାବ ରୁ ମହାନଦୀ ଜଳ ଆଜି ପ୍ରଦୂଷିତ। ମହାନଦୀ ର ମରମକୁ ଆଜି ଆମେ ବୁଝି ମଧ୍ୟ ବୁଝି ପଦକ୍ଷେପ ନେବାରେ ଉଦାସୀନ କାହିଁକି ? ଆନ୍ତଃ ରାଜ୍ୟ ନଦୀ ଜଳ ବଣ୍ଟନ ଓ ପରିବେଶ ପ୍ରଦୂଷଣ ସଚେତନତା ଦିଗରେ ସହମତ ଆଣି ଆପୋଷ ବୁଝାମଣା କରିବାକୁ ଦଳମତ ନିର୍ବିଶେଷରେ ତଥା ସମସ୍ତ ରାଜନୀତି ରୁ ଉର୍ଦ୍ଧ୍ୱ କୁ ଯାଇ ଉଭୟ ପକ୍ଷରୁ ସବୁରି କଲ୍ୟାଣ ପାଇଁ ଆମକୁ ଏକତ୍ରିତ ଆଲୋଚନା କରିବାକୁ ପଡ଼ିବ। ଭାରତ ସରକାରଙ୍କ ପକ୍ଷରୁ ମହାନଦୀ ସୁରକ୍ଷା ପାଇଁ ନିରପେକ୍ଷ ସହଯୋଗ ଯୋଗାଇ ଦେବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ। ସମସ୍ତଙ୍କୁ ଭାରତବାସୀ ଭାବେ ସବୁରି କଲ୍ୟାଣ ପାଇଁ ଆମକୁ ଆମର ରାଜ୍ୟ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରି ଏକ ଦିଗରେ ସର୍ବ ସମ୍ମତ ବୁଝାମଣା ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବାକୁ ପଡିବ। ମହାନଦୀ ଆମର ଗଙ୍ଗା ମାତା ସଦୃଶ ।

ନାରୁଣୀ, ଖୋର୍ଦ୍ଧା

ମୋ: ୬୩୭୦୪୯୫୯୪୪

# ମୀନ, ଶନି ଆତଙ୍କ

## ଅଜୟ କୁମାର ବେହେରା

ପ୍ରାୟ ତିରିଶ ବର୍ଷର ଗତିପଥରେ ଶନି ୩୬୦ ଅଂଶ ଗତି ପାଇଁ ୩୦ ମାସ ଧରି ୧/୧ ରାଶିରେ ରହିଥାନ୍ତି। ୧ରାଶି ୩୦ ଅଂଶ ଏକକର ହୋଇଥିବାରୁ ୧ ଅଂଶ ଗତି ପାଇଁ ଶନି ୧ମାସ ସମୟ ନିଅନ୍ତି। ସବୁ ରାଶି ସ୍ଥିତି ଗତି ପାଇଁ ବ୨/୬ ମାସ ୩୦ ମାସ ଲାଗେ। ୧୨ ରାଶି ମଧ୍ୟରେ ମୀନ ରାଶି ଏକ ଏହି ରାଶିରେ ଶନି ପ୍ରତି ୩୦ ବର୍ଷ ପାଖାପାଖି ସବୁ ରାଶି ପରି ଆସିଥାନ୍ତି। ରାଶି ଚକ୍ର ଏକ ଅସରନ୍ତି ଗୋଲାକାର ବୃତ୍ତର ରାସ୍ତା। ଏଥିରେ ମନ୍ଥର ଓ ଦ୍ରୁତ ଗତି ଭେଦରେ ୯ଗ୍ରହ ଭ୍ରମଣ ରତ ରାହୁ କେତୁ ପ୍ରାୟ ୧୮ ବର୍ଷରେ ରାଶି ଚକ୍ର ଭ୍ରମଣରେ ରହି ବ୧/୬ ମାସ ଏକ ରାଶିରେ ରହନ୍ତି। ବୃହସ୍ପତି ପ୍ରାୟ ବ୧୨ର୍ଷରେ ରାଶି ଚକ୍ର ଭ୍ରମଣରେ ରହନ୍ତି ଏ ପାଇଁ ୧ ରାଶିରେ ବ୧ର୍ଷ ପ୍ରାୟ ରହନ୍ତି। ଏହାବାଦ ଚନ୍ଦ୍ର ଏକ ଚନ୍ଦ୍ରମାସରେ ରାଶି ଚକ୍ର ଭ୍ରମଣରେ ରହିଥାନ୍ତି, ୧ ରାଶିରେ ଦି୨/୬ ଘଣ୍ଟା ରହନ୍ତି ସେମିତି ବ୧ର୍ଷରେ ସୂର୍ଯ୍ୟଙ୍କ ରାଶି ଚକ୍ର ପରିକ୍ରମା ୧ ସୌରମାସରେ ୧ରାଶି ଭୋଗ କରନ୍ତି। ଶୁକ୍ର ଓ ବୁଧ ରବିଙ୍କ ଗୋଡ଼ାଣିଆ ରବିଙ୍କ ପାଖାପାଖି ଥିବାରୁ ରବିଙ୍କ ଆଗପଛ ବା ସାଥିରେ ସର୍ବଦା ରହିବା ଦେଖାଯାଏ। ମଙ୍ଗଳ ବିଚିତ୍ରଗତିର ଗ୍ରହ ଏହାଙ୍କର ପ୍ରାୟ ୪୫ ଦିନ ଏକ ରାଶି ରହଣି ହୋଇଥାଏ। ମାତ୍ର ବେଳେ ବେଳେ ପ୍ରାୟ ୭ ମାସ କୌଣସି ରାଶିରେ ରହିଯାଆନ୍ତି ଯାହାକୁ ମହାସ୍ତମ୍ଭ ଗତି କୁହାଯାଏ।

ଗ୍ରହ ମାନଙ୍କର ପରିକ୍ରମାରେ ରାଶି ରହଣିର କ୍ରମ ଦୂରତ୍ୱରେ ଫଳଦାୟୀ ହୋଇଥାନ୍ତି। ଏପରି କାରଣରୁ ୧ଗ୍ରହର ଦେୟ ଫଳ ସର୍ବଦା ଏକାପରି ହୋଇନପାରେ। ମୀନ, ଶନି ସହିତ ଅନ୍ୟ ଗ୍ରହର କୌଣସି ଦୂରତ୍ୱ ପାଇଁ କୌଣସି ସ୍ଥିତି ନଜାଣି କେବେ ମେଦିନୀ ଜ୍ୟୋତିଷରେ ଫଳ କୁହା ନଯାଇପାରେ। ଗ୍ରହ ସ୍ଥିତି ରାଶିର ମେଦିନୀୟ ଜ୍ୟୋତିଷରେ ରାଶି ଓ ନକ୍ଷତ୍ର ସମ୍ବନ୍ଧ ଅଲଗା, ଋତୁଚକ୍ର ଅନୁସାରେ ଅଲଗା। ଅସ୍ତ ଉଦୟ ବକ୍ରୀ ବାଲ୍ୟ ବାର୍ଦ୍ଧକ୍ୟ ଫଳ ଅଲଗା, ପୁଣି ପ୍ରତି ଚାରି ବର୍ଷରେ ବର୍ଷାର ସ୍ଥିତି ଆବର୍ତ୍ତକ, ସାବର୍ତ୍ତକ, ଦ୍ରୋଣ, ପୁଷ୍କର ମେଘ ଚକ୍ର, ଚର ସ୍ଥିର ଦ୍ୱିସ୍ୱ କ୍ରମରେ ଶନି ସ୍ଥିତିରେ ଆଢ଼କ ବଦଳିବାରେ ମୀନ ଦ୍ୱିସ୍ୱରାଶି ଯୋଗୁ ଆଢ଼କ ଫଳ ଭିନ୍ନ ଯୁକ୍ତ ବିଯୁକ୍ତ ରାଶିରେ ଶନି ରହିବା ବେଳେ ଅଗ୍ନୀ ସ୍ଥିତି ଫଳ ଅଲଗା ଅଗ୍ନୀ ହନୁମାନ କପାଳ ଲାଞ୍ଜ ସମ୍ବନ୍ଧ ବିଚାର ବି ଅଛି। ପଣା ସଂକ୍ରାନ୍ତି ଦିନ ଶକାବ୍ଦଃ ଆରମ୍ଭ ଚୈତ୍ରଶୁକ୍ଳ ପ୍ରତିପଦରେ ସମ୍ବତ୍ ଆରମ୍ଭ ଏ ଦିନ ବାରପତି ଦୃଷ୍ଟେ ବର୍ଷର ଫଳାଫଳ ଭିନ୍ନ ଭିନ୍ନ ହୁଏ। ସମୁଦ୍ର ଚକ୍ରରେ ପଣା ସଂକ୍ରାନ୍ତି ଦିବସରେ ଚନ୍ଦ୍ର ସ୍ଥିତି ନକ୍ଷତ୍ରରୁ ଧରାଯାଏ ସମୟ କାହା ଗୃହରେ ଯଥା ମାଳୀ କୁମ୍ଭାର ପରି ଗୃହରେ ରହିଲେ ଫଳ ବର୍ଷର ଭିନ୍ନ ଭନ୍ନ ହୋଇଥାଏ। ଆର୍ଦ୍ରା ନକ୍ଷତ୍ରରେ ରବି ପ୍ରବେଶ କାଳୀନ କରପତି କାରପତି ଦୃଷ୍ଟେ ଓ ଚନ୍ଦ୍ର ସ୍ଥିତି ନକ୍ଷତ୍ର ସ୍ଥିତି ଦୃଷ୍ଟେ ଜଳ ଆଢ଼କ ବର୍ଷାର ଦିନ ବର୍ଷକୁ ଆଗକୁ କେତେ ଦିନ (୧ଦିନ ୨୪ ଘଣ୍ଟା ଏକକ)ରେ କେତେ ଘଣ୍ଟା ବର୍ଷା ହୋଇପାରେ ଏହାର ଫଳ ଧାର୍ଯ୍ୟ।

ଏହାପରେ ପ୍ରତିମାସ ସଂକ୍ରାନ୍ତି ଦୃଷ୍ଟେ ଆହୁରି ଅନେକ ବାରଦୃଷ୍ଟେ ଅଧିକର୍ତ୍ତା। ବର୍ଷରେ ରୁହନ୍ତି। ଅତଏବ ଏକ ପୂର୍ଣ୍ଣାଙ୍ଗ ତଥ୍ୟର ବିଚାର ନକରି କେବଳ ମୀନ ଶନିର ଆତଙ୍କ ସୃଷ୍ଟି କରିବା ଉଚିତ ନୁହେଁ। ବର୍ଷ ବର୍ଷର ରେକର୍ଡ଼ ପ୍ରତି ୩୦ ବର୍ଷର ଥରେ ତର୍ଜମା କରିଲେ ବି ବର୍ଷର ରାଜା ମନ୍ତ୍ରୀ ପାରିଷଦ ଦୃଷ୍ଟେ ଭିନ୍ନ ହୋଇଯାଏ। ମୀନ ଶନି ଅନେକ ବାର ଯାଇଛି, ହେଲେ ଶନିଙ୍କୁ ଏକଲା ବିଚାର କରିବା ପଦ୍ଧତି କେବେ ଜ୍ୟୋତିଷରେ ନାହିଁ। ପୃଥିବୀର ସ୍ଥିତି ରବି ଦୃଷ୍ଟେ ରବିସ୍ଥିତିରୁ ସର୍ବଦା ୧୮୦ ଅଂଶ ଦୂରରେ ରହିବା ପରି ଶନି ବି ଏପରି ରହନ୍ତି। ରବି ସହିତ ଶନି ଅର୍ଥ ଶନି ଅସ୍ତ ଓ ପରେ ପରେ ଉଦୟ ରବିରୁ ୧୮୦ ଅଂଶ ଦୂରତ୍ୱରେ ଅର୍ତ ଶନି ପଛୁଆ ଗତି ବିଶିଷ୍ଟ ଯାହାକୁ ଅତିବକ୍ର କୁହାଯାଏ। ଶନି ରବିରୁ ୧୮୦ ଅଂଶ ଦୂରରେ ଅର୍ଥ ପୃଥିବୀର ଅତି ନିକଟରେ ଅଛନ୍ତି।

ଶନି ରବି ପାଖରେ ରହିଲେ ରବିଙ୍କ ପୃଥିବୀକୁ ଯାହା ଆକର୍ଷଣ ତା ସହିତ ଶନିଙ୍କ ଆକର୍ଷଣ ଯୋଡ଼ି ହୋଇ ଏକ ବିବାଦୀୟ ସମ୍ବନ୍ଧ ପୃଥିବୀରେ କରାଇଥାଏ। ପୁଣି ପୃଥିବୀ ନିକଟରେ ଶନି ରହିଲେ ଦଳିତ ଜାଗରଣ ଦାନାବାନ୍ଧେ ପ୍ରଶାସନରେ ଦଣ୍ଡନୀତି ପ୍ରବଳ ହୁଏ। ଅଭାବ ପଡ଼େ ଚାଲାଣ ବାଧାପ୍ରାପ୍ତ ହୁଏ ଏପରି ସହିତ ଭଙ୍ଗ ପରିବେଶ ହୁଏ। ଏପରି ଅନ୍ୟ ଗ୍ରହ ସମ୍ବନ୍ଧ ପ୍ରତ୍ୟେକ ବେଳରେ ତଦନ୍ତ କରାଯାଏ କେବଳ ମନୀ ଶନିଙ୍କୁ ଏତେ ଡର କେବେ ହେବ ଏହା ସହିତ କେଉଁ ଗ୍ରହ କିପରି ଥିଲା ଖୋଜ ଦରକାର। ଏ ସମୟରେ ମୀନ ଶନି ଆସି ନାହିଁ ଏପରି ଆତଙ୍କିତ ହେବା ଛାଡ଼ କରାଯାଉ। ରବି ୧ମାସରେ ଶନି ୨ବର୍ଷରେ ୧ ରାଶି ବାସ ଅତଏବ ୨ ବର୍ଷରେ ୩୦ ମାସରେ ରବି ଶନି ବିଭିନ୍ନ କୌଣିକ ବିନ୍ଦୁରେ ରହିବେ ଏ ମଧ୍ୟରେ ସଂସ୍କାର ସଂହାର ୨ଟି ରହିଛି। ସଂହାର ଯୁଗ ଏବେ ନାହିଁ ସଂସ୍କାରକୁ ପ୍ରାଧାନ୍ୟ ସମସ୍ତେ ଦେଲେ ଶାନ୍ତି ମିଳିବ।

ଅରୁଣୋଦୟ ମାର୍କେଟ, କଟକ,

ମୋ:୯୪୩୭୦୩୧୨୫୩

# ଖାଦ୍ୟ ଅପଚୟ

## ସୌଭାଗ୍ୟ ରଂଜନ ମହାନ୍ତି

ୱାର୍ଲ୍ଡ ଫୁଡ ପ୍ରୋଗ୍ରାମ (ଡବ୍ଲୁଏଫପି) ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ବିଶ୍ୱରେ ଭୋକିଲାଙ୍କ ସମ୍ପର୍କରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ତାହା ଯେତିକି ଉଦବେଗଜନକ ସେତିକି ଚିନ୍ତାଜନକ ମଧ୍ୟ। ରିପୋର୍ଟରେ କୁହାଯାଇଛି ଯେ, ବିଶ୍ୱରେ ଆବଶ୍ୟକ ପରିମାଣର ଖାଦ୍ୟ ଉତ୍ପାଦନ ହେଉଥିଲେ ମଧ୍ୟ ଅନେକ ଦେଶ ଖାଦ୍ୟ ସଂକଟ ଦେଇ ଗତି କରୁଛନ୍ତି। ଏହା ପଛରେ ମୁଖ୍ୟ କାରଣ ହେଉଛି ଖାଦ୍ୟ ଅପଚୟ ବା ନଷ୍ଟ। ସେହିପରି ଖାଦ୍ୟ ନଷ୍ଟ କରିବା ଦ୍ୱାରା ବିଶ୍ୱରେ ଖାଦ୍ୟ ସଂକଟର ମାତ୍ର ବୃଦ୍ଧି ପାଇବାରେ ଲାଗିଛି। ଫୁଡ ଆଣ୍ଡ ଏଗ୍ରିକଲଚର ଅର୍ଗାନାଇଜେସନ କହିଛି ଯେ, ୨୦୧୯ରେ ଖାଦ୍ୟଭାବ କାରଣରୁ ବିଶ୍ୱର ୬୯୦ ନିୟୁତ ଲୋକ ଭୋକିଲା ରହିଥିଲେ। ୨ ବିଲିୟନ ଲୋକଙ୍କ ପାଖରେ ଖାଦ୍ୟ ଗ୍ରହଣର କରିବାର ସୁଯୋଗ ଥିଲେ ମଧ୍ୟ ସେମାନେ ଭୋଗ ଉପାସରେ କାଳାତିପାତ କରୁଛନ୍ତି। ନିକଟରେ ଗତିସଂଘ ପର୍ଯ୍ୟାବରଣ କାର୍ଯ୍ୟକ୍ରମ (ୟୁଏନିପି) ପକ୍ଷରୁ ପ୍ରକାଶିତ ରିପୋର୍ଟ କୁହାଯାଇଛି ଯେ, ବିଶ୍ୱର ଜନସଂଖ୍ୟା ୮୦୦ କୋଟିକୁ ଅତିକ୍ରମ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୮୩ କୋଟି ଲୋକ ଭୋକ ଉପାସରେ ରହୁଛନ୍ତି। ଯଦି ଖାଦ୍ୟ ନଷ୍ଟକୁ ରୋକିଦିଆଯାଇପାରିବ, ତେବେ ଭୋଗରେ ରହୁଥିବା ଲୋକଙ୍କୁ ପେଟ ପୁରା ଖାଦ୍ୟ ଯୋଗଇ ଦେବା ସମ୍ଭବ ହୋଇପାରିବ। ତେବେ ଚିନ୍ତାର କାରଣ ଏହା ଯେ, ବିଶ୍ୱର ଦୁଇ ଜନବହୁଳ ରାଷ୍ଟ୍ର ଚୀନ ଓ ଭାରତରେ ଖାଦ୍ୟ ନଷ୍ଟ ସର୍ବାଧିକ ଖାଦ୍ୟ ନଷ୍ଟ ବା ଅପଚୟରେ ଚୀନ ପ୍ରଥମ ସ୍ଥାନରେ ରହିଥିବାବେଳେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ରିପୋର୍ଟ ଅନୁସାରେ ଭାରତରେ ଗୋଟିଏ ବର୍ଷରେ ପ୍ରାୟ ୬.୮୭ କୋଟି ଟନ ଖାଦ୍ୟ ନଷ୍ଟ ହୋଇଥାଏ। ସେହିପରି ଚୀନରେ ବାର୍ଷିକ ୯.୬ କୋଟି ଟନ ଖାଦ୍ୟ ନଷ୍ଟ ହେଉଥିବାବେଳେ ଆମେରିକା ୧.୯୩ କୋଟି ଟନ ଖାଦ୍ୟ ଶସ୍ୟ ନଷ୍ଟ ହେଉଥିବା ରିପୋର୍ଟରେ କୁହାଯାଇଛି। ଆମେ ଏସବୁ ଏଠାରେ ଅବତାରଣା କରିଛୁ ଏଇଥିପାଇଁ ଯେ, ୨୦୨୨ ପାଇଁ ପ୍ରକାଶିତ ବିଶ୍ୱ କ୍ଷୁଧା ସୂଚକାଙ୍କରେ ୧୨୧ଟି ଦେଶ ମଧ୍ୟରୁ ତାଲିକାରେ ଭାରତ ୧୦୭ ନମ୍ବର ସ୍ଥାନରେ ରହିଛି। ଏଥିରୁ ଦେଶରେ ଦାରିଦ୍ର୍ୟ ବା ଭୋକିଲା ସ୍ଥିତି କେତେ ଉଦବେଗଜନକ ସ୍ଥିତିରେ ରହିଛି, ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ୨୦୨୧ରେ କ୍ଷୁଧା ସୂଚକାଙ୍କର ଭାରତ ୧୦୧ ନମ୍ବର ସ୍ଥାନାରେ ରହିଥିବା ବେଳେ ୨୦୨୨ରେ ଛଅଟି ସ୍ଥାନ ତଳକୁ ଖସିଛି। ଅର୍ଥାତ ଦେଶରେ ଦାରିଦ୍ର୍ୟ ବଢିବାରେ ଲାଗିଛି ବୋଲି ନିସନ୍ଦେହରେ କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଦେଶରୁ ଦାରିଦ୍ର୍ୟ ଦୂରିକରଣ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବହୁ ଯୋଜନା ଦେଶ ସ୍ୱାଧୀନତା ପରଠାରୁ କାର୍ଯ୍ୟକାରୀ କରିଛନ୍ତି। ମାତ୍ର ଏହାର ସୁଫଳ ଯେ, ଲୋକଙ୍କ ନିକଟରେ ପହଁଚିପାରିନାହିଁ, ଏହା ସ୍ୱୀକାର କରିବାକୁ ହେବ। ଆମ ଦେଶରେଯେକୌଣସି ଯୋଜନାର ମାତ୍ର ୧୫ ପ୍ରତିଶତ ଲୋକଙ୍କ ନିକଟରେ ପହଁଚିଥିବାବେଳେ ୮୫ପ୍ରତିଶତ ବାଟମାରଣା ହେଉଥିବା ନେଇ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ପାର୍ଲିଆମେଂଟରେ ଯେଉଁ ବୀବୃତି ଦେଇଥିଲେ, ତାହା ଅକ୍ଷରେ ଅକ୍ଷରେ ସତ୍ୟ, ବୋଧ ହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ। ଖାଦ୍ୟାଭାବ ଯୋଗୁଁ ଦେଶର ୩୩ଲକ୍ଷ ଶିଶୁ କୁପୋଷଣର ଶିକାର। ସୂଚନା ଅଧିକାର ଆଇନ କାଳରେ ସରକାରଙ୍କ ଠାରୁ ମିଳିଥିବା ତଥ୍ୟ ଅନୁଯାୟୀ ଦେଶରେ ମୋଟ ୩୩ଲକ୍ଷ ଶିଶୁ ପୁଷ୍ଟିହୀନ ଅଛନ୍ତି। କେବଳ ଶିଶୁଙ୍କ କୁପୋଷଣ ନୁହେଁ, ପେଟକୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନପାଇ ଦେଶରେ କୋଟି କୋଟି ଲୋକ କେବଳ ଅନ୍ତ ସାରୀ ଶୂନ୍ୟ ହୋଇପଡିଥିବା ବେଳେ ବହୁ ମାରାତ୍ମକ ରୋଗରେ ପିଡିତ। ଖାଦ୍ୟ ଅପଚୟ ରୋକାଯାଇପାରିଲେ କୁପୋଷଣର ଅନ୍ତ ଘଟିବ, ବୋଧହୁଏ ଏଥିରେ କେହି ଦ୍ୱିମତ ହେବେ ନାହିଁ।

ଭୁବନେଶ୍ୱର

ମୋ:୯୪୩୭୯୯୪୩୭୯

# ସଂପାଦକଙ୍କୁ ପତ୍ର

## ବଢୁଛି ପାନୀୟ ଜଳର ଅଭାବ

ମହାଶୟ,

ଜଳର ଅନ୍ୟନାମ ଜୀବନ। ଜଳ ବିନା କୌଣସି ପ୍ରାଣୀ, ଜନ୍ତୁ, ବୃକ୍ଷଲତା, ସରୀସୃପ, କୀଟପତଙ୍ଗ, ଜୀବନଧାରଣ କରିବା ସମ୍ପୂର୍ଣ୍ଣ ଅସମ୍ଭବ। ତେଣୁ ଜଳର ଆବଶ୍ୟକତା ଅନୁଭବ କରି ଆବାହମାନ କାଳରୁ ପାନୀୟ ଜଳ ଓ ଅନ୍ୟାନ୍ୟ ବ୍ୟବହାର ପାଇଁ ଜଳର ବ୍ୟବସ୍ଥା କରାଯାଇ ଆସୁଛି। ସଭ୍ୟସମାଜରେ ପ୍ରତ୍ୟେକ ସରକାର ଦେଶର ଜନସାଧାରଣଙ୍କୁ ସୁସ୍ଥ ପାନୀୟ ଜଳ ସହ ବ୍ୟବହାର ଉପଯୋଗୀ ଓ ଚାଷପଯୋଗୀ ଜଳ ଯୋଗାଇ ଦେଇଥାନ୍ତି। ଏବେ ଓଡ଼ିଶାରେ ଜଳ ସମସ୍ୟା ଉତ୍କଟ ହେଉଥିବାର ପରିଲକ୍ଷିତ ହେଉଛି। ସରକାରୀ ହିସାବ ଅନୁଯାୟୀ ରାଜ୍ୟର ଗ୍ରାମାଞ୍ଚଳରେ ଥିବା ୫୫ ହଜାର ୧୮୬ ଜନବସତିରେ ପାନୀୟ ଜଳ ବ୍ୟବସ୍ଥା ନାହିଁ। ସହରାଞ୍ଚଳରେ ୧୪୫ ୱାର୍ଡ଼ରେ ବି କୌଣସି ପ୍ରକାର ପାନୀୟ ଜଳ ବ୍ୟବସ୍ଥା ନାହିଁ। ଏସବୁ ଅଞ୍ଚଳରେ ଲୋକେ ବାଧ୍ୟ ହୋଇ ଚୁଆ, ପୋଖରୀ, ଝରଣା ପାଣି ପିଉଛନ୍ତି। ରାଜ୍ୟରେ ପାନୀୟ ଜଳଯୋଗାଣ ଏଭଳି ଦୟନୀୟ ସ୍ଥିତିରେ ପଡ଼ିଛି। ରାଜ୍ୟ ଚତୁର୍ଥ ଅର୍ଥ କମିସନ ତାଙ୍କ ରିପୋର୍ଟରେ ଆଙ୍କିଥିବା ଚିତ୍ରରେ ଏକଥା ଦର୍ଶାଇଛନ୍ତି। ସ୍ଥିତି ସୁଧାରିବା ପାଇଁ ପାନୀୟ ଜଳ ବାବଦରେ ୧୦ ହଜାର ୮୯ କୋଟି ଟଙ୍କା ଯୋଗାଇ ଦେବାକୁ କମିସନ୍ ସୁପାରିଶ କରିଛନ୍ତି। ରିପୋର୍ଟ ଅନୁସାରେ, ରାଜ୍ୟର ୨୦% ଅଞ୍ଚଳରେ ଜଳ କ୍ଲୋରାଇଡ୍ ପ୍ରଦୂଷିତ। ୭୦% ଅଞ୍ଚଳରେ ମାତ୍ରାଧିକ ଲୌହ ପ୍ରଦୂଷଣ ରହିଛି ଏବଂ ୨% ଅଞ୍ଚଳରେ ଜଳ ଫ୍ଲୋରାଇଡ୍ ପ୍ରଦୂଷିତ ହୋଇ ରହିଛି। ଉପକୂଳ ଓଡ଼ିଶାର ଅନେକ ଅଞ୍ଚଳର ପାଣି ଲୁଣିଆ ଓ କ୍ଷାରଯୁକ୍ତ। ଏସବୁ ଅଞ୍ଚଳର ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବାକୁ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ପ ତେଣୁ ରାଜ୍ୟର ପ୍ରଗତିର ମାନଦଣ୍ଡ ଭାବରେ କଂକ୍ରିଟ୍ ସିମେଣ୍ଟ ରାସ୍ତା, ଉଚ୍ଚ ଅଟ୍ଟାଳିକା, କଳକାରଖାନା ପାଇଁ ରାଜ୍ୟ ସରକାର ଗର୍ବିତ ହେବା ପରିବର୍ତ୍ତେ ରାଜ୍ୟର ଜଳ ସମସ୍ୟାର ବାସ୍ତବ ସମାଧାନ ଦିଗରେ ଅଗ୍ରାଧିକାର ଦେବା ଏକାନ୍ତ ଆବଶ୍ୟକ।

ସର୍ବେଶ୍ୱର ନାୟକ, ପୁରୀ

# ଘରୁ ଅଳିଆ ନେବାରେ ବିଫଳ ବିଏମ୍ସି !



ଭୁବନେଶ୍ୱର, (ପିପିଏସ) : ରାଜଧାନୀ ଭୁବନେଶ୍ୱରରେ ପରିମଳ ବ୍ୟବସ୍ଥା ସୁଧୁରିବାକୁ ଭୁବନେଶ୍ୱର ମହାନଗର ନିଗମ ବ୍ୟାପକ ବ୍ୟବସ୍ଥା ହାତକୁ ନେଉଛି। ସକାଳ ୫ଟାରୁ ରାତି ୯ଟା ଯାଏଁ ସଫେଇ କର୍ମୀ ପର୍ଯ୍ୟାୟକ୍ରମେ ଝାଡୁ ମରା ହେଉ କି ଡ୍ରେନ୍ ସଫେଇ ହେଉ କି ଘର ଘର ବୁଲି ସ୍ୱଚ୍ଛସାଥୀ ଓ ସାନିଟାରି ଇନିସପେକ୍ଟରଙ୍କ ପୃଥକ ପୃଥକ ଅଳିଆ ନେବା ସଚେତନତା ହେଉ, ସବୁ ଯୋଜନାକୁ ହାତକୁ ନେଇ ବିଏମସି ଏବେ ପରିମଳ ବ୍ୟବସ୍ଥା ଯେତେ ସୁଧାରବାକୁ ଉଦ୍ୟମ କରୁଛି ତାହା ସଠିକ୍ ହୋଇପାରୁନାହିଁ। ସହରରେ ବର୍ଜ୍ୟ ପରିଚାଳନା କରିବାରେ ଉଚିତ ଭିତ୍ତିଭୂମି ନଥିବାରୁ ଏକାଧିକ ୱାର୍ଡରୁ ଦୈନିକ ସଠିକ୍ ରୂପେ ଅଳିଆ ଉଠି ପାରୁନଥିବା ଦେଖାଦେଉଛି। ଏବେ ମଧ୍ୟ ଭୁବନେଶ୍ୱରରେ ଶତ ପ୍ରତିଶତ ଘରୁ ବର୍ଜ୍ୟ ସଂଗ୍ରହ କରାଯାଇ ପାରୁନାହିଁ। ପର୍ଯ୍ୟାପ୍ତ ମାଇକ୍ରୋକମ୍ପୋଷ୍ଟିଙ୍ଗ ସେଣ୍ଟର (ଏମ.ସି.ସି.) ଓ ମ୍ୟାଟେରିଆଲ ରିକଭର ଫ୍ୟାସିଲିଟି ସେଣ୍ଟର (ଏମ.ଆର.ଏଫ୍) ନଥିବାରୁ ସହର ଭିତରୁ ବାହାରୁଥିବା ବର୍ଜ୍ୟକୁ ସହର ଭିତରେ ପ୍ରକ୍ରିୟାକରଣ କରିବାରେ ବିଏମସି ବିଫଳ ହୋଇଛି। ଏବେ ସୁଦ୍ଧା ବିଏମସିର ୩୭ଟି ଏମସିସି ଓ ୨୦ଟି ଏମଆରଏଫ୍ କାର୍ଯ୍ୟକ୍ଷମ ରହିଛି। ଏଗୁଡିକ ମଧ୍ୟରୁ କିଛି ଦିନକୁ ୫ ଟନ୍ ଓ ୩.୫ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ କରୁଛନ୍ତି। ଭୁବନେଶ୍ୱରରୁ ଦୈନିକ ହାରାହାରି ୮ ଶହ ଟନ୍ ବର୍ଜ୍ୟ ବାହାରୁଥିବା ବିଏମସି ଅଧିକାରୀ ସ୍ପଷ୍ଟ କରିଥିଲାବେଳେ ପ୍ରାୟ ୩୦୦ ଟନ୍ ବର୍ଜ୍ୟ ପ୍ରକ୍ରିୟାକରଣ କରାଯାଉଛି। ବଳକା ବର୍ଜ୍ୟ ସୈନିକ ସ୍କୁଲ୍ ନିକଟ ଟିଟିଏସ୍କୁ ଯାଉଛି। ମେଗା ଏମସିସି ଓ ଏମଆରଏଫ୍ କାମ ସନ୍ତୋଷଜନକ ଭାବେ ଆଗେଇ ପାରୁନାହିଁ। ଏହି ପ୍ରକଳ୍ପ ନ ସରିବା ପର୍ଯ୍ୟନ୍ତ ସହରରେ ଏବେ ବର୍ଜ୍ୟ ପରିଚାଳନାର ଦୁଃସ୍ଥିତି ନଜରକୁ ଆସୁଛି। ବିଏମସିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ପଲାଶୁଣୀରେ ହେବାକୁ ଥିବା ମେଗା ଏମସିସି ଓ ଏମଆରଏଫକୁ ସାରା ଭୁବନେଶ୍ୱରର ବର୍ଜ୍ୟ ଆସିବ। ଭୁବନେଶ୍ୱରରୁ ଦୈନିକ ୮ ଶହ ୪ ଟନ୍ ବର୍ଜ୍ୟ ବାହାରୁଛି। ପୂର୍ବରୁ ଦିନକୁ ୬ ଶହ ଟନ୍ ବର୍ଜ୍ୟ ବାହାରୁଥିଲାବେଳେ ଚଳିତ ବର୍ଷ ଏହା ବୃଦ୍ଧିପାଇ ୮ ଶହ ୪ ଟନରେ ପହଞ୍ଚିଥିବା ବିଏମସିର ବର୍ଷ ପୂର୍ତ୍ତି ରିପୋର୍ଟ କାର୍ଡରେ ସ୍ପଷ୍ଟ କରାଯାଇଛି। ଏହି ସ୍ଥିତିରେ ସହରର ବର୍ଜ୍ୟ ପରିଚାଳନାକୁ ସୁଗମ କରିବାକୁ ବର୍ତ୍ତମାନ ୩୭ଟି ଏମସିସି ଓ ୨୦ଟି ଏମଆରଏଫ କାର୍ଯ୍ୟକ୍ଷମ ଅଛି। ପ୍ରତିଶ୍ରୁତି ମୁତାବକ ଗତ ମେ ମାସ ୧୭ ତାରିଖରୁ ଭୁଆସୁଣୀ ଡମ୍ପିଙ୍ଗ ୟାର୍ଡରେ ବିଏମସି ଅଳିଆ ପକାଇବା ବନ୍ଦ କରିଛି। ଯାହା ଫଳରେ ଶ୍ରମିକ ସ୍କୁଲ ପାଖ ଟିଟିଏସରେ ଅଳିଆ ଉଚ୍ଛୁଳୁଥିବା ନଜରକୁ ଆସୁଛି। ଦିନକୁ ପ୍ରାୟ ୨ଶହ ୫୦ ସଫେଇ ଗାଡ଼ି ପର୍ଯ୍ୟାୟକ୍ରମେ ଏଠାରେ ବର୍ଜ୍ୟ ଫିଙ୍ଗୁଛନ୍ତି। ଟିଟିଏସର ବର୍ଜ୍ୟ ପରିମାଣ ବୃଦ୍ଧି ପାଉଥିବାରୁ ଏବେ ଦାୟିତ୍ୱରେ ଥିବା ପରିମଳ ଅଧିକାରୀ ବର୍ଜ୍ୟକୁ ଥାକଥାକ କରି ଏହାର ପାହାଡ଼ ବନାଇବାରେ ଲାଗି ପଡ଼ିଛନ୍ତି। ବର୍ତ୍ତମାନ ସମୟରେ ପ୍ରବଳ ଗରମ ଲାଗି ଦିନ ୧୨ଟାରୁ ଅପରାହ୍ଣ ୩ଟା ଯାଏଁ କାମ ବନ୍ଦ କରାଯାଉଛି। ବର୍ଜ୍ୟକୁ ସଫେଇ ଗାଡ଼ି ତଳେ କୁଢେଇ ଦିଆଯାଉଛି। ଏହାକୁ ଜେସିବି ଦ୍ୱାରା ଆଗକୁ ଠେଲାଯାଉଛି। ସେଠାରୁ ବଡ଼ ପ୍ରୋକଲିନ୍ ମେସିନ୍ ଦ୍ୱାରା ସେଗୁଡିକୁ ତଳୁ ଉଠାଇ ଉପରେ ରଖାଯାଉଛି। ଏହି କାମରେ ମୋଟ ୫ ମେସିନ ଓ ଡୋଜର ଲଗାଯାଇଥିବା ନଜରକୁ ଆସିଛି। ଅବଶ୍ୟ ଦୁର୍ଗନ୍ଧ କମେଇବା ଲାଗି ବାହ୍ୟ କେମିକାଲ ଗ୍ୟାସ ବ୍ୟବହାର କରାଯିବା ଫଳରେ ସାମାନ୍ୟ ଗନ୍ଧ କମିଛି କିନ୍ତୁ ସହର ଭିତରେ ମେଗା ଏମ୍ସିସି ଓ ଏମ୍ଆର୍ଏଫ୍ ପ୍ରୋଜେକ୍ଟ କାର୍ଯ୍ୟକ୍ଷମ ହେବା ପର୍ଯ୍ୟନ୍ତ ଏହି ସ୍ଥିତି ଏପରି ହେବ ବୋଲି ଆଶା କରାଯାଉଛି। ମୁଖ୍ୟ କଥା ହେଲା ତେବେ ସହରଯାକର ବଳକା ବର୍ଜ୍ୟ ଟିଟିଏସକୁ ଆସୁଛି। ମେଗା ଏମ୍ସିସି, ଏମ୍ଆର୍ଏଫ୍ ପ୍ରକଳ୍ପ ନ ସରିବାଯାଏ ଭୁଆସୁଣି ଡମ୍ପିଂ ୟାର୍ଡ଼ର ବିକଳ୍ପ ଭାବେ ଟିଟିଏସକୁ ରଖାଯାଇଛି। ଆସନ୍ତା ୬ ମାସ ମଧ୍ୟରେ ନିର୍ମାଣଧୀନ ଥିବା ୬ଟି ମେଗା ଏମ୍ସିସି ଓ ଏମ୍ଆର୍ଏଫ୍ କାର୍ଯ୍ୟ ସରିବାକୁ ବିଏମ୍ସି ଗୁରୁତ୍ୱ ଦେଉଥିବା ଶୁଣିବାକୁ ମିଳୁଛି। ହେଲେ ମୁଖ୍ୟକଥା ହେଲା ମେଗା ଏମ୍ସିସି ଓ ଏମ୍ଆର୍ଏଫ୍ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ ହେବା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଟିଟିଏସ୍ ନିକଟରେ ହେବାକୁ ଥିବା ମେଗା ଏମ୍ଆର୍ଏଫ୍ ଓ ଏମ୍ସିସି କାମ ଏବେ ଶତକଡ଼ା ୫୦ ଭାଗ ଶେଷ ହେଉଥିଲାବେଳେ ଆହୁରି ୫୦ ଭାଗ ବାକି ଅଛି। ହେଲେ ପଳାଶୁଣିରେ ହେବାକୁ ଥିବା ମେଗା ଏମ୍ସିସି ଓ ଏମ୍ଆର୍ଏଫ୍ ଏବେ ସୁଦ୍ଧା ଆରମ୍ଭ ହୋଇନାହିଁ। କେବଳ ବାଉଣ୍ଡିଂ ୱାର୍ଡ଼ ଓ ଷ୍ଟକଚର ନିର୍ମାଣ କରାଯାଇଛି। ଯଦି ଏପରି ସ୍ଥିତି ଲାଗି ରୁହେ ତେବେ ଆଗକୁ ଭୁବନେଶ୍ୱର ବର୍ଜ୍ୟମୟ ହୋଇଯିବ। ସେବେଠାରୁ ବଡ଼ କଥା ହେଲା ଗତ କାଳବୈଶାଖୀରେ ଭୁବନେଶ୍ୱରରେ ବହୁ ଗଛ ଭାଙ୍ଗିଯାଇଥିଲା ଏହାକୁ କାଟିବା ସହ ବିଏମ୍ସି ରାସ୍ତା ପରିଷ୍କାର କରିଥିଲା। ହେଲେ ସେଗୁଡ଼ିକ କେଉଁଠି ରଖାଯିବ ତାହା ପାଇଁ ଏବେ ବିଏମ୍ସିର ବୁଦ୍ଧି ହଜିଯାଇଛି। ପ୍ରବଳ ଖରା ତାତି ଲାଗି ରହିଥିବାରୁ ଯଦି ଉକ୍ତ ସବୁଜ ବର୍ଜ୍ୟ ଟିସିଏସ୍କୁ ଯିବ ତେବେ ଶୁଖିକି ନିଆଁ ଲାଗିବାର ସମ୍ଭାବନା ଅଛି। ତେଣୁ ଆଗୁଆ ସତର୍କ ଅବଲମ୍ବନ କରି ବିଏମ୍ସି ସବୁଜ ବର୍ଜ୍ୟବସ୍ତୁ ଗୁଡ଼ିକୁ କେଲୁ ଚରଣ ପାକ୍ ଗୁଡ଼ିକରେ ଥିବା ଖାଲରେ ଫିଙ୍ଗିଦେଇଛି। ବଡ଼ କଥା ହେଲା ଏସବୁ ସତ୍ତ୍ୱେ ସବୁଜ ଆବର୍ଜନା ସହର ଭିତରେ ରହିଯାଇଛି। ଏପରିକି ବିଏମ୍ସି ମୁଖ୍ୟ କାର୍ଯ୍ୟାଳୟ ସାମ୍ନାରେ ଥିବା ସତ୍ୟନଗର ଶ୍ମଶାନରେ ବହୁ ପରିମାଣରେ ବର୍ଜ୍ୟ ପଡ଼ିରହିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ସ୍ମାର୍ଟ ଜନପଥ ବିକାଶ କରାଯାଇଥିଲେ ମଧ୍ୟ ପଡ଼ି ରହିଥିବା ଆବର୍ଜନା ସ୍ମାର୍ଟ ଜନପଥ ଛବିକୁ ମଳିନ କରୁଥିବା ବିଷୟ ସାଧାରଣ ପ୍ରକାଶ ପାଇଛି ଏବଂ ଭୁବନେଶ୍ୱରରେ ପ୍ରାୟ ସମସ୍ତ ୱାର୍ଡ଼ରେ ଏବେ କଞ୍ଜରଭେନ୍ସି ଲେନ ସଫେଇ ଚାଲିଛି। ୫୨ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରାୟ ୭୫ କି.ମି.ର କଞ୍ଜରଭେନ୍ସି ଲେନକୁ ବିକାଶ କରାଯାଉଛି। ଏଥିରେ ପେଭରବ୍ଲକ ରାସ୍ତା ସହ ଓପନଏୟାର ଜିମ୍, ଲାଇବ୍ରେରୀ ଓ ଅନ୍ୟାନ୍ୟ ମନୋରଞ୍ଜନ ବ୍ୟବସ୍ଥା କରିବାକୁ ବିଏମ୍ସି ଯୋଜନା କରିଛି ହେଲେ ଉକ୍ତ କଞ୍ଜରଭେନ୍ସିରୁ ବାହାରୁଥିବା ବର୍ଜ୍ୟ ଏବେ ସାଧାରଣରେ ଚିନ୍ତାର କାରଣ ପାଲଟିଛି। ଆଭ୍ୟନ୍ତରୀଣ ରାସ୍ତାଗୁଡ଼ିକ ପ୍ରାୟ ୮ ରୁ ୧୦ ଫୁଟ୍ ମଧ୍ୟରେ ହୋଇଥିଲାବେଳେ ରାସ୍ତାର ମଧ୍ୟଭାଗରେ କଞ୍ଜରଭେନ୍ସିରୁ ବାହାରୁଥିବା ଅଳିଆ ପଡ଼ିରହୁଛି। ସଫେଇ ସଂସ୍ଥାକୁ ଏହାକୁ ତୁରନ୍ତ ଉଠାଇବାକୁ ବିଏମ୍ସି ନିର୍ଦ୍ଦେଶ ଦେଉଥିଲାବେଳେ ଏଗୁଡ଼ିକ ୨/୩ ଦିନ ପଡ଼ି ରହୁଛି। ଏଗୁଡ଼ିକ ଅଧିକ ଦିନ ପଡ଼ିବା କାରଣରୁ ଅଞ୍ଚଳରେ ପ୍ରବଳ ଦୁର୍ଗନ୍ଧ ହେଉଛି, ଯାହାଫଳରେ ଉକ୍ତ ଲେନ୍ ଦେଇ ଯାତାୟାତ କରିବା ସ୍ଥାନୀୟ ଲୋକ ନାପସନ୍ଦ କରୁଛନ୍ତି। ପ୍ରତ୍ୟେକ ଦିନ ଭୁବନେଶ୍ୱର ଏକ ଘରୁ ଅଳିଆ ନ ଉଠିବାରୁ ଭୁବନେଶ୍ୱରବାସୀ ପୁଣି ରାସ୍ତାରେ ଅଳିଆ ଫିଙ୍ଗା ଆରମ୍ଭ କଲେଣି। ଏଥିପ୍ରତି ଯାଞ୍ଚ କରିବାକୁ ମଧ୍ୟ ବିଏମ୍ସି ପଛଘୁଞ୍ଚା ଦେଉଛି। କେଉଁ ସ୍ଥାନରେ ଅଳିଆ ପଡ଼ିରହୁଛି କିଏ ଫିଙ୍ଗୁଛି ଏହାର ତଦାରଖ କରିବାକୁ ସାନିଟାରୀ ଇନ୍ସପେକ୍ଟର ଓ ସ୍ୱଚ୍ଛସାଥିଙ୍କୁ ବିଏମ୍ସି ନିୟୋଜିତ କରିଥିବାବେଳେ ଏବେ ସେମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ହୋଇଛି। ସହରର ପ୍ରମୁଖ ସ୍ଥାନ ରାସ୍ତାକଡ଼, ଖୋଲାସ୍ଥାନମାନଙ୍କର ଅଳିଆ ପଡ଼ିରହୁଛି। ନିଯୁକ୍ତି ପାଇଥିବା ସ୍ୱଚ୍ଛତା କର୍ମଚାରୀ ଖିଲାପ ପ୍ରଦର୍ଶନ ସହ ଘରୋଇ ଠିକା ସଂସ୍ଥା ଯିଏକି ଘର ଘର ବୁଲି ଅଳିଆ ନେବାକଥା ସେମାନଙ୍କ ମଧ୍ୟରେ ତାଳମେଳ ରହୁନାହିଁ। ଯାହାଫଳରେ ରାସ୍ତା କଡ଼ରେ ପଡ଼ିରହୁଛି ବର୍ଜ୍ୟ, ଯାହା ଚିନ୍ତାର କାରଣ ପାଲଟିଛି। ସହରକୁ ବର୍ଜ୍ୟ ତଥା ଡଷ୍ଟବିନ ମୁକ୍ତ କରିବା ସହ ସ୍ୱଚ୍ଛ ଓ ସୁନ୍ଦର ସହର ଗଢ଼ି ତୋଳିବାକୁ ବିଏମ୍ସି ଯୋଜନା କରୁଥିଲାବେଳେ ବିନା ନାଗରିକ ସହଭାଗିତାରେ ଏହା ଅସମ୍ଭବ ବୋଲି ପ୍ରକାଶ ପାଉଛି। ଅନ୍ୟପଟେ ପ୍ରତ୍ୟେକ ଦିନ ବିଭିନ୍ନ ଘରୁ ବର୍ଜ୍ୟ ନ ଉଠିବାକୁ ନେଇ ଜନସାଧାରଣରେ ମାଳମାଳ ଅଭିଯୋଗ ବିଏମ୍ସିର ହସ୍ତଗତ ହେଉଛି ବିଶେଷକରି ୱାର୍ଡ଼ ନଂ ୫, ୮, ୧୯, ୨୦, ୨୭, ୪୭, ୩୫ ୱାର୍ଡ଼ରୁ ଅଧିକ ଅଭିଯୋଗ ଆସୁଥିବାର ଦେଖାଯାଉଛି। ଲୋକେ ପୃଥକ ପୃଥକ କରି ବର୍ଜ୍ୟ ଘର ବାହାରେ ଗଦା କରୁଥିଲାବେଳେ ସଫେଇ କର୍ମୀ ସେଗୁଡ଼ିକୁ ନନେଉଥିବା ଜନସାଧାରଣ କ୍ଷୋଭର ସହ ପ୍ରକାଶ କରିଛନ୍ତି। କିଛି ସଫେଇ କର୍ମୀ ସକାଳୁ ଘର ଆଗରେ ଝାଡୁ ମାରୁଛନ୍ତି ଅଥଚ ବର୍ଜ୍ୟ ନ ଉଠିବା ଦେଖାଯାଉଛି। ସେହିପରି ସଫେଇ ଗାଡ଼ି କେତେବେଳେ ଆସୁଛି କେତେବେଳେ ଯାଉଛି ତା'ର ହିସାବ ନାହିଁ। ସ୍ଥିତି ଏମିତି ହେଲାଣି, ଘର ବାହାର ଓ ସହରର ରାସ୍ତାକଡ଼ର ସବୁଠି ବର୍ଜ୍ୟମୟ ଦେଖାଯାଉଛି। ସହରର ପରିମଳ ଭିତ୍ତିଭୂମିକୁ ନ ସୁଧାରିବାରୁ ବର୍ତ୍ତମାନ ଅବସ୍ଥା ସଂଗୀନ ହୋଇପଡ଼ିଛି। ସହର ପରିମଳ ଅବସ୍ଥା ଠିକ୍ ନ ହୁଏ ତେବେ ଏହାର ଛବି ମଳିନ ପଡ଼ିବା ସହ ବିଭିନ୍ନ ବର୍ଜ୍ୟବସ୍ତୁ କାରଣରୁ ଅନେକ ସଂକ୍ରାମକ ରୋଗ ବ୍ୟାପିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।















# ରାୟଗଡାରେ ବିଶ୍ୱ ଯୋଗ ଦିବସ ପାଳିତ




ରାୟଗଡା(ପିପିଏସ୍) : ଓ୍ୱାକର୍ସ କ୍ଲବ ରାୟଗଡ଼ା ଆନୁକୂଲ୍ୟରେ ଓ ମହିଳା ଓ୍ୱାର୍କସ କ୍ଲବ, ଲାଫ୍ଟର୍ସ କ୍ଲବ, ଗାୟତ୍ରୀ ପରିବାର, ବରିଷ୍ଠ ନାଗରିକ ସଂଘ, ସରସ୍ୱତୀ ଶିଶୁ ମନ୍ଦିର, ଜନଶିକ୍ଷା ସଂସ୍ଥାନ ଓ କିଶୋର ଚନ୍ଦ୍ର ପଣ୍ଡାଙ୍କ ମିଳିତ ସହଯୋଗରେ ସ୍ଥାନୀୟ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଆନ୍ତର୍ଜାତିକ ଯୋଗ ଦିବସ କ୍ଲବର ଉପଦେଷ୍ଟା ଶ୍ରୀ ସତ୍ୟବାଦୀ ପତିଙ୍କ ତତ୍ତ୍ୱାବଧାନରେ ଓ ବରିଷ୍ଠ ସଭ୍ୟ ଅଭିମନ୍ୟୁ ନାଏକ, ଡଃ ଦୁଃଖୀରାମ ଦାସଙ୍କ ଉପସ୍ଥିତରେ ପାଳିତ ହୋଇଯାଇଛି । ଯୋଗଗୁରୁ ଜୟରାମ ଯୋଗ ଡେମୋନଷ୍ଟ୍ରେସନ କରିଥିଲେ । ଯୋଗ ଶିବିରରେ ବିଭିନ୍ନ ଅନୁଷ୍ଠାନର କର୍ମଚାରୀ ତଥା ନାଗରିକ ବୃନ୍ଦ ବହୁ ସଂଖ୍ୟାରେ ଯୋଗଦେଇଥିଲେ । ଶିବିରକୁ ପରିଚାଳନା କରିଥିଲେ ସଭାପତି ଶଙ୍କର୍ଷଣ ମଙ୍ଗରାଜ ଓ ସହଯୋଗ କରିଥିଲେ ବାସିନା ଡାଲିରାଜୁ, କିଶୋର ଚନ୍ଦ୍ର ପଣ୍ଡା, ସଲଭା ରାଜୁ । ଯୋଗର ଉପକାରିତା ସମ୍ପର୍କରେ ଆଲୋଚନା କରିବା ସହିତ ଘରେ ମଧ୍ୟ ଯୋଗ କରିବାକୁ ଗୁରୁ ଜୟରାମ ପରାମର୍ଶ ଦେଇଥିଲେ । ଗୁରୁ ଜୟରାମ ଓ ସହଯୋଗୀ ଗୁରୁ ଆର୍ତତ୍ରାଣ ମହାନ୍ତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଧନ୍ୟବାଦ ଦେଇଥିଲେ କ୍ଲବର ସମ୍ପାଦକ ଜଳନ୍ଧର ପୁଷିକା ।

# ମଦ୍ୟପ ଯୁବକର ଆକ୍ରମଣରେ ଜଣେ ମୃତ



ସମ୍ବଲପୁର(ହି.ସ) : ଓଡ଼ିଶା-ଛତିଶଗଡ଼ ସୀମାନ୍ତ ମହୁଦି ଗ୍ରାମରେ ଅଭାବନୀୟ ଘଟଣା ଘଟିଛି । ମଦ୍ୟପ ଯୁବକଙ୍କ ପ୍ରାଣାନ୍ତକ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ମୁହୁଦି ଗାଁରେ ଦିନ ଦ୍ୱିପହର ଏହି ହତ୍ୟାକାଣ୍ଡ ହୋଇଛି । ଶ୍ୟାମଲାଲ ପ୍ରଧାନ ଗାଁ ଦାଣ୍ଡରେ ଚୁଟି କାଟୁଥିବା ବେଳେ ଜଣେ ମଦ୍ୟପ ଯୁବକ ପାଟିତୁଣ୍ଡ କରୁଥିଲେ । ଶ୍ୟାମଲାଲ ମନା କରିବାରୁ ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ ଟାଙ୍ଗିଆ ଅତର୍କିତ ଭାବେ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ଶ୍ୟାମଲାଲଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ରେଙ୍ଗାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ହତ୍ୟାକାରୀ ଯୁବକକୁ ଅଟକ ରଖି ଛାନଭିନ ଚଳାଇଛି ରେଙ୍ଗାଲି ପୁଲିସ ।

# କଲ୍ୟାଣସିଂହପୁରରେ ଘୋଷଯାତ୍ରା ମହାଆଡ଼ମ୍ବରରେ ପାଳିତ



ରାୟଗଡା(ପିପିଏସ୍): ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକରେ ଥିବା ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ଘୋଷଯାତ୍ରା ବା ରଥଯାତ୍ରା ଆଡମ୍ବରରେ ପାଳନ କରାଯାଇଛି ।ପାଗ ଅନୁକୂଳ ସତ୍ତ୍ୱେ ହଜାର ହଜାର ଭକ୍ତ ଆସି ଶ୍ରୀଜିଉଙ୍କୁ ଦର୍ଶନକରିବା ଶହ ରଥଟାଣରେ ଭାଗ ନେଇ ଆନନ୍ଦ ଅନୁଭବ କରିଥିବା ଦେଖିବାକୁ ମିଳିଛ ।ବର୍ତ୍ତମାନ ଶ୍ରୀ ଜଗନ୍ନାଥ, ବଳଭଦ୍ର, ମା' ସୁଭଦ୍ରା ଓ ପତିତପାବନଙ୍କ ଘୋଷଯାତ୍ରା ବିଧିବଦ୍ଧ ଭାବେ ମନ୍ଦିର ପରିଚାଳନା କମିଟି ଓ ତହସିଲଦାର ବା ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ ରେ ଅନୁଷ୍ଠିତ କରାଯାଉଛି । ସକାଳୁ ଶ୍ରୀଜିଉଙ୍କ ମଙ୍ଗଳ ଆଳତୀ , ଅବକାଶ ସକାଳଧୂପ କରିବା ପରେ ଖେଚୁଡ଼ି ଭୋଗ ଲାଗି କରିବା ପରେ ସେବାୟତ ଓ ମନ୍ଦିର ପୂଜକ ମାନେ ଶ୍ରୀଜିଉଙ୍କୁ ସୁସଜ୍ଜିତ କରିଥାନ୍ତି। ସକାଳ ୯ ଟା ସମୟରେ ପୁରହିତ ନରସିଂହ ତ୍ରିପାଠୀ ଙ୍କ ଦ୍ୱାରା ରଥ ପ୍ରତିଷ୍ଠା ୧୨ଟା ମଧ୍ୟରେ ମଙ୍ଗଳାରୋପଣ କରାଇବା ପରେ ଅପରାହ୍ନ ୨ଟା ରେ ଶ୍ରୀ ବଳଭଦ୍ର,ଶ୍ରୀଜଗନ୍ନାଥ,ମାଆ ସୁଭଦ୍ରା ଓ ପତିତପାବନଙ୍କୁ ସେବାୟତ ମାନେ ଗୋଟି ପହଣ୍ଡି କରି ରଥାରୂଢ଼ କରିଥିଲେ । ଭକ୍ତଙ୍କୁ ରଥରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଦର୍ଶନ ଦେବାପରେ ୪ଟା ସମୟରେ ରଥଟଣା ଆରମ୍ଭ କରିଥିଲେ । ଦେବୋତ୍ତର ବିଭାଗର ସମସ୍ତ କର୍ମଚାରି ଓ ମନ୍ଦିର ପରିଚାଳନା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ ।ଏଥିରେ ସ୍ଥାନୀୟ ପୁଲିସ ସିଆର ପି ଏଫ ଇ୪ର୍ଥ ବଟାଲୀୟନର ଯବାନଉପସ୍ଥିତ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଟ୍ରାଫିକ ନିୟମ କରିଥିଲେ ।ସନ୍ଧ୍ୟା ପରେ ଶ୍ରୀଜିଉଙ୍କୁ ମାଉସୀ ମା ମନ୍ଦିରକୁ ପହଣ୍ଡି କରି ନିଆଯାଇଥିଲା । ସମସ୍ତ ନୀତିକାନ୍ତି ଠିକ୍ ରୂପେ ପାଳନ ହେଉଥିବା ପରିଚାଳନା କମିଟି ସଭାପତି ନରସିଂହ ପାଢ଼ୀ କହିଛନ୍ତି । ।

## ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଟେବୁଲ ଟପ୍ ଏକ୍ସରସାଇଜ୍
# ଜିରୋ କାଜୁଆଲିଟି ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱାରୋପ

ସୁବର୍ଣ୍ଣପୁର, (ହି.ସ.)- ଜିଲ୍ଲାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତାରେ ଟେବୁଲ ଟପ ଏକ୍ସରସାଇଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଜରୁରୀକାଳୀନ ଶାଖା ଦ୍ୱାରା ଆହୂତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାରେ ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ପାଇଁ ବିଭାଗୀୟ ପ୍ରସ୍ତୁତି ଓ କାର୍ଯ୍ୟକାରିତା ଉପରେ ବିଭିନ୍ନ ବିଭାଗ ବନ୍ୟା ପୂର୍ବରୁ, ବନ୍ୟା ସମୟରେ ଓ ବନ୍ୟା ପରବର୍ତୀ ପଦକ୍ଷେପ ଉପରେ ଅଧିକାରୀ ମାନେ ବିଭାଗୀୟ କାର୍ଯ୍ୟକ୍ରମର ବିସ୍ତୃତ ତଥ୍ୟ ଦୃଶ୍ୟ ଶ୍ରାବ୍ୟ ମାଧ୍ୟମରେ ଉପସ୍ଥାପନା କରିଥିଲେ । ଜିଲ୍ଲାପାଳ ଶ୍ରୀ ରାୟ ବିଭାଗ ମାନଙ୍କ ଦ୍ୱାରା ପ୍ରସ୍ତୁତ କାର୍ଯ୍ୟକ୍ରମର ତଥ୍ୟ ଗୁଡିକର ପ୍ରତ୍ୟେକଟି ବିନ୍ଦୁ ଉପରେ ବିଷଦ ଭାବରେ ଆଲୋଚନା କରି ସମ୍ଭାବ୍ୟ ବନ୍ୟାର ସଠିକ ଓ ସଫଳ ମୁକାବିଲା ନିମନ୍ତେ ବିପର୍ଯ୍ୟୟର ଅତ୍ୟନ୍ତ ଗୁରୁତର ପ୍ରଭାବକୁ ଧ୍ୟାନରେ ରଖି ସମସ୍ତ ବିଭାଗ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ ଦେଇ ବନ୍ୟା ଆଶ୍ରୟ ସ୍ଥଳୀ ମାନଙ୍କରେ ସମୟ ପୂର୍ବରୁ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହିତ ବନ୍ୟା ସମ୍ବନ୍ଧୀୟ ଯେକୌଣସି ପୂର୍ବ ସୂଚନାର ବ୍ୟାପକ ଜନ ସଚେତନତା ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ ଏହି ପରିପ୍ରେକ୍ଷୀରେ ସମସ୍ତ ବିଭାଗ ପରସ୍ପର ମଧ୍ୟରେ ସୁ ସମ୍ପର୍କ ରକ୍ଷା ପୂର୍ବକ କାର୍ଯ୍ୟ କରି ଜିଲ୍ଲାରେ ଜିରୋ କାଜୁଆଲିଟି ଉପରେ ଗୁରୁତ୍ୱଦେବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଜିଲ୍ଲାର ସମ୍ପୃକ୍ତ ପ୍ରତ୍ୟେକ ଅଧିକାରୀ ତଥା କର୍ମଚାରୀ ସମ୍ଭାବ୍ୟ ବନ୍ୟାର ମୁକାବିଲା ନିମନ୍ତେ ସମ୍ପୂର୍ଣ ପ୍ରସ୍ତୁତ ରହି ସ୍ଥିତି ପରିସ୍ଥିତିକୁ ଦେଖି ତ୍ୱରିତ ପଦକ୍ଷେପ ପାଇଁ କାର୍ଯ୍ୟ କରିବାକୁ ଗୁରୁତ୍ୱାରୋପ କରିଛନ୍ତି । କାର୍ଯ୍ୟର ବ୍ୟବସ୍ଥିତ ପରିଚାଳନା ନିମନ୍ତେ ଜିଲ୍ଲା ସ୍ତର, ଉପଖଣ୍ଡ ସ୍ତର, ବ୍ଲକ ସ୍ତର ତଥା ସମ୍ପୃକ୍ତ ବିଭିନ୍ନ ବିଭାଗ କାର୍ଯ୍ୟାଳୟରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ କାର୍ଯ୍ୟକ୍ଷମକୁ ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀ ତଥା ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ଲାଇନ ଡିପାର୍ଟମେଂଟର ଅଧିକାରୀ ମାନେ ବିଗତ ବର୍ଷ ର ଅଭିଜ୍ଞତାକୁ ନେଇ ନିଜ ବିଭାଗ ସମ୍ପୃକ୍ତ ସମ୍ବେଦନଶୀଳ କାର୍ଯ୍ୟକୁ ସମୟ ପୂର୍ବରୁ ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କାର୍ଯ୍ୟକ୍ରମରେ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷର ଆଶ୍ରୟସ୍ଥଳୀ ସଂଯୋଜକ ସୁଦେଶ କୁମାର ସେଠୀ ଯୋଗଦାନ କରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଓସଡ଼ମା ଓ ଏନଡିଆରଏଫର ଭୂମିକା ଉପରେ ଆଲୋକପାତ କରି ପ୍ରତ୍ୟେକ ବିଭାଗ ସଂଗଠିତ ହୋଇ ନିଜ ନିଜର ଦାୟିତ୍ୱକୁ ନିଷ୍ଠାର ସହ ସମ୍ପାଦନ କଲେ ଆମେ ନିଶ୍ଚିତ ସଫଳ ହେବା ବୋଲି କହିଥିଲେ । ଏହି ପରିପ୍ରେକ୍ଷୀରେ ଆଜି ସମସ୍ତ ବ୍ଲକ ସ୍ତର ସହ ମ୍ୟୁନିସିପାଲିଟି ସୋନପୁର, ଏନଏସି ବିନିକା ଓ ତରଭାରେ ମଧ୍ୟ ଟେବୁଲ ଟପ ଏକ୍ସରସାଇଜ ଅନୁଷ୍ଠିତ ହୋଇଥିବା ବେଳେ ଆସନ୍ତା କାଲି ୧୯ ତାରିଖ ପୂର୍ବାହ୍ନ ୯ଟା ସମୟରେ ଜିଲ୍ଲାରେ ଥିବା ୬ ଗୋଟି ବହୁମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ ଠାରେ ମକ ଡ୍ରିଲ୍ ଅନୁଷ୍ଠିତ ହେବ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଶ୍ରୀମତୀ ସୁପାର ଠେଲା ଉପସ୍ଥିତ ରହିଥିବା ବେଳେ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ସିଡିଓ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ ସୋନପୁର ଡ଼ଃ. ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ବୀରମହାରାଜପୁର ଉପ ଜିଲ୍ଲାପାଳ ଅଶୋକ ଭୋଇ ପ୍ରମୁଖ ଯୋଗଦାନ କରି ନିଜ ନିଜର ସୁଚିନ୍ତିତ ମତବ୍ୟକ୍ତ କରି ସମ୍ଭାବ୍ୟ ବନ୍ୟାର ଉଚିତ ମୁକାବିଲା ନିମନ୍ତେ ବିଭାଗ ବିଭାଗ ମଧ୍ୟରେ ଉତମ ସମନ୍ୱୟ ରକ୍ଷା କରି ଦୃଢ଼ ମାନସିକତା ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି । ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ମାଇକ୍ରୋ ପ୍ଲାନିଂ କରି ବିଭାଗୀୟ କାର୍ଯ୍ୟର ଦାୟିତ୍ୱ ବଂଟନକୁ ନିଶ୍ଚିତ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ ଡିପାର୍ଟମେଂଟର ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ, ମ୍ୟୁନିସିପାଲିଟି ସୋନପୁର ଓ ବିଜ୍ଞାପିତ ଅଂଚଳ ପରିଷଦ ବିନିକା ଓ ତରଭା, ବିଭିନ୍ନ ଗଣମାଧ୍ୟମର ଜିଲ୍ଲା ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହିଥିଲେ । ଜିଲ୍ଲା ଜରୁରୀ ଶାଖା ଅଧିକାରୀ ଆନନ୍ଦ କୁମାର ପଣ୍ଡା ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ଜରୁରୀ ଶାଖାର ପ୍ରକଳ୍ପ ଅଧିକାରୀ ବିଶ୍ୱନାଥ ନାୟକ କାର୍ଯ୍ୟକ୍ରମର ରୂପରେଖ, ବ୍ୟବସ୍ଥିତ କାର୍ଯ୍ୟଖସଡ଼ା ଉପରେ ସୂଚନା ପ୍ରଦାନ କରିଥିଲେ ।

# ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ମକ୍‌ଡ୍ରିଲ୍

ଝାରସୁଗୁଡ଼ା, (ହି.ସ.) : ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସକାଶେ ଅଗ୍ନିଶମ ବାହିନୀ ଓ ଓଡ୍ରାଫ ପକ୍ଷରୁ ବହୁମୁଖୀ ଆଶ୍ରୟସ୍ଥଳୀ ମହୁଦି ଠାରେ ମକ୍ ଡ୍ରିଲ ପ୍ରଦର୍ଶନ କରାଯାଇଛି । ଏହି ଅବସରରେ ସମ୍ଭାବ୍ୟ ବନ୍ୟା ସମୟରେ ପ୍ରାକ ପ୍ରସ୍ତୁତି ଉଦ୍ଧାର କାର୍ଯ୍ୟର ନମୁନା ପ୍ରଦର୍ଶନ କରାଯିବା ସହ ଉପସ୍ଥିତ କାର୍ଯ୍ୟକ୍ରମରେ ଜନସାଧାରଣ ସଚେତନ ହେବାକୁ ପରାମର୍ଶ ଦିଆଯାଇଥିଲା ।

କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ଡେପୁଟି କଲେକ୍ଟର(ଇମରଜେନ୍ସି) ପ୍ରତିମା ପିଙ୍ଗ, ଡି ପି ଓ ସୁଶାନ୍ତ ମିଶ୍ର, ଏବିଡିଓ ଲଖନପୁର, ଓଡ୍ରାଫ ବାହିନୀ , ରେଙ୍ଗାଲି ଆଇ ଆଇ ସି, ସ୍ଥାନୀୟ ସରପଂଚ ଓ ଜନ ସାଧାରଣ ଉପସ୍ଥିତ ଥିଲେ ।

# ଡ୍ରିମ୍ ଟିମ୍ ଫାଉଣ୍ଡେସନର ଅଷ୍ଟମ ପ୍ରତିଷ୍ଠା ଦିବସ




ରାଉରକେଲା(ପିପିଏସ): ସାମାଜିକ ପ୍ରତିବଦ୍ଧତା ରଖି ତିଆରି ହୋଇଥିବା ସ୍ୱେଚ୍ଛାସେବୀ ଅନୁଷ୍ଠାନ ଡ୍ରିମ ଟିମ୍ ଫାଉଣ୍ଡେସନର ଅଷ୍ଟମ ପ୍ରତିଷ୍ଠା ଦିବସ ସିଭିଲଟାଉନସିପଠାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ମୁଖ୍ୟ ଟ୍ରଷ୍ଟି ପଦ୍ମିନୀ ପାଣିଗ୍ରାହୀ ଓ ଅଧ୍ୟକ୍ଷ ଅମୀୟ ଦାସ, ବରିଷ୍ଠ ସଦସ୍ୟ ଅଜୟ ପୂଜାରୀ ଓ ଆଲୋକ ବେହେରା ପ୍ରମୁଖ ଯୋଗଦେଇ ବିଗତ ବର୍ଷର କାର୍ଯ୍ୟଗୁଡିକୁ ସମୀକ୍ଷା କରିବା ସହ ଆଗକୁ କିପରି କାର୍ଯ୍ୟକ୍ରମଗୁଡିକ ଲୋକାଭିମୁଖୀ ହୋଇ ପାରିବ ସେ ସଂପର୍କରେ ବିଭିନ୍ନ ପ୍ରସ୍ତାବ ପାରିତ କରିଥିଲେ । ପ୍ରତିଷ୍ଠା ଦିବସ ଉପଲକ୍ଷେ କେକ୍ କଟାଯାଇ ଉପସ୍ଥିତ ସଦସ୍ୟଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା । ସୂଚନାଯୋଗ୍ୟ ଯେ ଡ୍ରିମ ଟିମ୍ ସହରରେ ହେଉଥିବା ବିଭିନ୍ନ ଭୋଜିଭାତରେ ବଳକା ହେଉଥିବା ଖାଦ୍ୟଗୁଡିକ ସଂଗ୍ରହ କରି ଆବଶ୍ୟକତା ହେଉଥିବା ଭୋକିଲା , ଆଶ୍ରମ କିମ୍ବା ବସ୍ତି ଅଞ୍ଚଳରେ ବଣ୍ଟନ କରିଦେଇଥାନ୍ତି । ଏଥିପାଇଁ ଭୋଜିଭାତ କରୁଥିବା ଅନୁଷ୍ଠାନ ଗୁଡିକ ବଳକା ଖାଦ୍ୟ ରହିଲେ ଡ୍ରିମ୍ ଟିମ୍ ସହ ଯୋଗାଯୋଗ କରିଥାନ୍ତି । ଏହି ପ୍ରତିଷ୍ଠା ଦିବସ ପାଳନ ଅବସରରେ ଅନ୍ୟ ବରିଷ୍ଠ ସଦସ୍ୟ ସର୍ବଶ୍ରୀ ସନ୍ତୋଷ ସଏ, ମହେନ୍ଦ୍ର ମହାନ୍ତି, ବିକାଶ ବାନାର୍ଜୀ, ଅଜୟ ପ୍ରଧାନ, ମୀନତି ବାରିକ, ସୁଦୀପ୍ତା ଜେନା, ପଞ୍ଚାନନ ଜେନା, ଲିତାଞ୍ଜଳୀ ପତି, ସଲିତ ପତି ପ୍ରମୁଖ ଉପସ୍ଥିତ ଥିଲେ ।

# ନାବାଳିକାକୁ ଅପହରଣ ସହ ଦୁଷ୍କର୍ମ ଅଭିଯୋଗ

ଜୟପୁର, (ହି.ସ.)- ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିଥିବା ମାମଲାରେ ଜଣେ ନାବାଳକକୁ କାବୁ କରିଛି ଜୟପୁର ଟାଉନ ପୋଲିସ । ପୋଲିସର ସୂଚନା ଅନୁଯାୟୀ, ଜୟପୁର ସହରର ଜଣେ ନାବାଳିକାକୁ ଅପହରଣ କରି ନେଇ ଦୁଷ୍କର୍ମ କରାଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ପୋଲିସ ବୋରିଗୁମ୍ମା ଥାନା ଫୁଫୁଗାଁରେ ନାବାଳିକାକୁ ଉଦ୍ଧାର କରି ନାବାଳକକୁ କାବୁ କରି ଡାକ୍ତରି ମାଇନା କରାଇଛି । ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରି ନାବାଳକକୁ ଜୁଭେଲାଇନ ଜଷ୍ଟିଶ ବୋର୍ଡଙ୍କ ନିକଟରେ ହାଜର କରିଥିବା ଜୟପୁର ଟାଉନ ପୋଲିସ ତରଫରୁ ସୂଚନା ଦିଆଯାଇଛି ।

## ମୋଦୀଙ୍କ ସ୍ୱଚ୍ଛ ଶାସନର ୯ ବର୍ଷ ପୂର୍ତ୍ତି ଅବସରରେ
# ଜନସମ୍ପର୍କ ଓ ସାଧାରଣ ସଭା କାର୍ଯ୍ୟକ୍ରମ



ବାଲିଗୁଡା(ପିପିଏସ୍): ମୋଦିଜୀଙ୍କ ସ୍ୱଚ୍ଛ ଶାସନର ୯ ବର୍ଷ ପୂର୍ତ୍ତି ଅବସରରେ ଦେଶବ୍ୟାପି ବିଜେପିର ମହା ଜନସମ୍ପର୍କ କାର୍ଯ୍ୟକ୍ରମ । ଏହି ଅବସରରେ ବାଲିଗୁଡା ନିର୍ବାଚନ ମଣ୍ଡଳୀ କନ୍ଥଆଗାଁ ମଣ୍ଡଳ ବାଲିଗୁଡା ଶକ୍ତିକେନ୍ଦ୍ର ଜିଡୁବାଡ଼ି ଠାରେ କ. ନୂଆଗାଁ ମଣ୍ଡଳ ସଭାପତି ଲାମ୍ବୁରା ପ୍ରଧାନଙ୍କ ନେତୃତ୍ୱରେ ଏହି ଜନସମ୍ପର୍କ ଏବଂ ସାଧାରଣ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଜଗନ୍ନାଥ ସାହୁ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଦ୍ମଚରଣ ଦାସ, ବାଲିଗାଡା ସରପଞ୍ଚ କନକଲତା ପ୍ରଧାନ, ଜିଲ୍ଲା ଏସଟି ମୋର୍ଚ୍ଚା ସଭାପତି ବିସିକେଶନ ପ୍ରଧାନ, ଜିଲ୍ଲା କୋଷାଧକ୍ଷ ବିଜୟ ସାହୁ, ଜିଲ୍ଲା ସ୍ୱଚ୍ଛ ଭରତ ସଂଯୋଜୀକା କଳ୍ପନା କହଁର, ବରିଷ୍ଠ ନେତା ଦିଗାମ୍ବର ପାଣିଗ୍ରାହୀ, ସୁରେନ୍ଦ୍ର ପାତ୍ର, ଦିବାକର ସାହୁ, ଆର୍ଦ୍ଦିକନ୍ଦ ପଟ୍ଟନାୟକ, ସୁଭାଶିଷ ମିଶ୍ର, ବିଜୟ ପ୍ରଧାନ, ଉଦ୍ଧବ ଦିଗାଳ, ଅରୂପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ

ମାଲକାନଗିରି, (ହି. ସ.): ଜିଲ୍ଲା ପ୍ରଶାସନ ଏବଂ ଲୋକ ସେବକ ମଣ୍ଡଳ ତଥା ସମାଜ ପକ୍ଷରୁ ଆଜି ଜିଲ୍ଲାରେ ପୁଣ୍ୟାତ୍ମା ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଉପ ଜିଲ୍ଲାପାଳ ଡ଼ଃ ଅକ୍ଷୟ କୁମାର ଖେମୁଣ୍ଡୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରୁଣା କୋର୍ଟ ପରିସରରେ ଥିବା ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରିଛନ୍ତି । ଡ଼ଃ ଖେମୁଣ୍ଡୁ ଶ୍ରଦ୍ଧାଞ୍ଜଳି ଜଣାଇ କହିଥିଲେ ଯେ ଓଡ଼ିଆ ଜାତି ପାଇଁ ଏକ ସଂକଳ୍ପସ୍ନାତ ଓ ଉତ୍ସର୍ଗୀକୃତ ପ୍ରାଣସତା ସହ ସେ ଏକ ଅନୁଷ୍ଠାନ ଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସ ଓଡ଼ିଶାର ଜଣେ ସାଧୀନତା ସଂଗ୍ରାମୀ, ସମାଜସେବୀ, କବି, ଲେଖକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲେ । ତାଙ୍କୁ ଅନୁସରଣ କରି ଏ ଜାତିର ଇତିହାସ ଲେଖା ଯାଇଥିଲା । ଓଡ଼ିଶା ଲୋକଙ୍କର ଦୁର୍ଦ୍ଦଶା, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ, ଅହିଂସା ଆନ୍ଦୋଳନ, ମହାତ୍ମା ଗାନ୍ଧୀଙ୍କ ବାର୍ତା ଓ ଭାରତୀୟ ଜାତୀୟ କଂଗ୍ରେସର ଆଭିମୁଖ୍ୟ ପ୍ରଚାର ତଥା ଜନସାଧାରଣଙ୍କୁ ଅବଗତ କରାଇବା ନିମନ୍ତେ ସେ ୧୯୧୯ ଅକ୍ଟୋବର ମାସ ୪ ତାରିଖ ଦଶହରା ତିଥିରେ ସାପ୍ତାହିକ ସମାଜ ଖବରକାଗଜ ପ୍ରକାଶ କରିଥିଲେ । ତାଙ୍କ ନିକଟରେ ଓଡ଼ିଆ ଜାତି ଚିର ଉପକୃତ ରହିବ ବୋଲି ମଧ୍ୟ ସେ ପ୍ରକାଶ କରିଛନ୍ତି । ଏହି ଅବସରରେ ସର୍କିଟ ହାଉସ ପ୍ରାଙ୍ଗଣ ରେ ଥିବା ଉତ୍କଳମଣି ମଧୁସୂଦନ ଦାସଙ୍କ ପ୍ରତିମୂର୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯାଇଛି । ଏହି ଅବସରରେ ଉତ୍କଳ ସମ୍ମିଳନୀ ର ଆଜୀବନ ସଦସ୍ୟ ରବୀନ୍ଦ୍ର ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ପ୍ରମିଳା ମାଝୀ, ରଞ୍ଜନ ସାଇଁ, ପ୍ରକାଶ ପଟ୍ଟନାୟକ, ରଞ୍ଜନ ମହାନ୍ତି, ବାର ଏସୋସିଏସନ୍ ସଭାପତି ଓ ସଦସ୍ୟଗଣ, ବୁଦ୍ଧିଜୀବୀ ଏବଂ ଛାତ୍ର ଛାତ୍ରୀ ଉପସ୍ଥିତ ରହି ପଣ୍ଡିତ ଗୋପବନ୍ଧୁ ଦାସଙ୍କର ସ୍ମୃତିଚାରଣ କରିଥିଲେ ।

# ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା, (ହି.ସ.) : କିର୍ମିରା ପଂଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଜି ମୋଟ ୨୫ଟି ଅଭିଯୋଗ ଶୁଣାଣି ହୋଇଛି । ଏଥିମଧ୍ୟରୁ ୬ଟି ସାମୁହିକ ଓ ୧୯ଟି ବ୍ୟକ୍ତିଗତ । ଜିଲ୍ଲାପାଳ ଆବୋଲୀ ସୁନିଲ ନରଓ୍ୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟ କୁମାର ସାହୁ, ପଂଚାୟତ ସମିତି ଉପାଧ୍ୟକ୍ଷା ସାବିତ୍ରୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟା ରୀତା ବାଗ ସହକାରୀ ଜିଲ୍ଲାପାଳ ହରେନ କୁମାର ସାହୁଙ୍କ ସମେତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ରେଙ୍ଗାଲିପାଲି ପଂଚାୟତରେ ନୂତନ ନଳକୂପ ଖନନ, କାଜୁ ବଗିଚାରେ କାଜୁ ବୃକ୍ଷ ରୋପଣ, ନକ୍ସାପାଲିରେ ମରୁଡ଼ି ସହାୟତା ପ୍ରଦାନ ସମ୍ବନ୍ଧୀୟ ୬ଟି ସାମୁହିକ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଜମି ବିବାଦ, ଗାଈ ଗୁହାଳ ନିର୍ମାଣ ବାବଦକୁ ବକେୟା ଅର୍ଥ, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ଭୀମଜୋର ପଶୁ ଚିକିତ୍ସାଧିକାରୀଙ୍କ କାର୍ଯ୍ୟରେ ଅନୁପସ୍ଥିତି, କିର୍ମିରା ମଝିବାହାଲ ରାସ୍ତାରେ ଥିବା ମଦ ଦୋକାନ ସ୍ଥାନାନ୍ତରଣ ଆଦି ୧୯ଟି ବ୍ୟକ୍ତିଗତ ଅଭିଯୋଗଗୁଡ଼ିକ ସମ୍ପର୍କରେ ଶୁଣାଣି କରାଯାଇଥିଲା । ସମସ୍ୟା ସମାଧାନ ପାଇଁ ଜନ ଅଭିଯୋଗ ଶୁଣାଣି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ । ଯଥା ସମୟରେ ସମସ୍ୟା ସମାଧାନ ପାଇଁ ଅଧିକାରୀମାନେ ତତ୍ପର ହେବା ସହ ଜନ ଶୁଣାଣି ଅଭିଯୋଗଗୁଡ଼ିକରେ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବାକୁ ତାଗିଦ କରିଥିଲେ । ଶିବିରରେ ଜଣେ ଭିନ୍ନକ୍ଷମଙ୍କୁ ହ୍ୱିଲ ଚେୟାର ସହ ମଧୁବାବୁ ପେନସନ, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ସହାୟତା ବାବଦକୁ ତିନି ହଜାର ଟଙ୍କା ପ୍ରଦାନ କରାଯାଇଥିଲା ।

# ସମର କରାଟେ ଓ ଟାଇକଣ୍ଡୋ କୋଚିଂ କ୍ୟାମ୍ପ ଉଦ୍‌ଯାପିତ

ବଲାଙ୍ଗିର, ( ହି.ସ.)- ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନ ଓ ବଲାଙ୍ଗିର ଜିଲ୍ଲା ଟାଇକଣ୍ଡୋ ଏସୋସିଏସନ ତରଫରୁ ଚାଲିଥିବା ସମର କ୍ୟାମ୍ପ ଆଜି ଉଦ୍‌ଯାପିତ ହୋଇଯାଇଛି । ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେସନର ସଂପାଦକ ଅସୀମ କୁମାର ଭୋଇଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ଉଦ୍‌ଯାପନି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଲୋକସଭା ସଦସ୍ୟ ସଂଗୀତା କୁମାରୀ ସିଂଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଟିଭି ବ୍ୟୁରୋ ଚିଫ୍ ମନରଞ୍ଜନ ଯୋଷୀ ଯୋଗ ଦେଇଥିଲେ । ଏହି ଅବସରରେ କରାଟେ ଅର୍ଗାନାଇଜେସନର ସଂପାଦକ

## ପ୍ରକୃତି ମିତ୍ରଙ୍କୁ ସମ୍ବର୍ଦ୍ଧନା

ଅସୀମ କୁମାର ଭୋଇ ରାଜ୍ୟ ସରକାରଙ୍କ ଠାରୁ ପ୍ରକୃତି ମିତ୍ର ପୁରସ୍କାର ପାଇଥିବାରୁ ତାଙ୍କୁ ଅତିଥିଗଣ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି କରାଟେ ଅର୍ଗାନାଇଜେସନର ନିଜସ୍ୱ ଭିତିଭୂମି ପାଇଁ ଜିଲ୍ଲାପାଳଙ୍କ ସଙ୍ଗେ ଯୋଗାଯୋଗ କରିବା ସଙ୍ଗେ ସଙ୍ଗେ ଅନୁଷ୍ଠାନ ପାଇଁ ଏକ ଟ୍ରେନିଂ ହଲ୍ ତିଆରି କରାଯିବ ବୋଲି ମୁଖ୍ୟ ଅତିଥି ପ୍ରତିଶୃତି ଦେଇଥିଲେ । ସମ୍ମାନିତ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଏହି ଅନୁଷ୍ଠାନ ଆତ୍ମରକ୍ଷା ପ୍ରଶିକ୍ଷଣ ଦେବା ସଙ୍ଗେ ସଙ୍ଗେ ଯଦି ସମାଜ ରକ୍ଷା ସୁରକ୍ଷା ଦେଇପାରନ୍ତା ତାହା ହେଲେ ସମଗ୍ର ସମାଜ ଉପକୃତ ହୋଇପାରନ୍ତା ଏବଂ ଦଶନ୍ଧୀ ଧରି ଚାଲିଥିବା ଏହି ସଂଗଠନର ନିଜସ୍ୱ ଟ୍ରେନିଂ ହଲର ଆବଶ୍ୟକତା ରହିଥିବା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପ୍ରୀୟାଂଶି ଦାଶ ପରିଚାଳନା କରିଥିବା ବେଳେ ପ୍ରକୃତି ମିଶ୍ର, ଅସୀମ ଭୋଇ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଜଷ୍ଟିସ୍ ସଞ୍ଜୀୟ ମିଶ୍ରଙ୍କ ମାତୃ ବିୟୋଗ

ବଲାଙ୍ଗିର, ( ହି.ସ.)- ଝାରଖଣ୍ଡ ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ସଂଜୟ ମିଶ୍ରଙ୍କ ମାଆ ତଥା ସୁନାମଧନ୍ୟ ଆଇନଜୀବୀ ମାର୍କଣ୍ଡ ମିଶ୍ରଙ୍କ ଧର୍ମପତ୍ନୀ ଜ୍ୟୋତିର୍ମୟୀ ମିଶ୍ରଙ୍କ ବିୟୋଗ ହୋଇଯାଇଛି । କିଛି ବର୍ଷ ହେଲା ହେଲା ସେ ବାର୍ଦ୍ଧକ୍ୟଜନିତ କାରଣରୁ ଅସୁସ୍ଥ ରହିଥିଲେ । ଶନିବାର ଦିନ ୨ଟା ୩୦ ମିନିଟ ସମୟରେ ବଲାଙ୍ଗୀର ଟିକ୍ରାପଡାସ୍ଥିତ ବାସଭବନରେ ୮୦ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଥିବା ବେଳେ ଆଜି ତାଙ୍କ ନିଜ ଗ୍ରାମ ଛତାମଖନା ନିକଟସ୍ଥ ସୁକତେଲନଦୀରେ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି । ତାଙ୍କ ବିୟୋଗର ଖବର ପ୍ରଚାରିତ ହେବାପରେ ବଲାଙ୍ଗୀରର ବହୁ ବିଶିଷ୍ଟ ବ୍ୟକ୍ତିବିଷେଶ ତାଙ୍କ ବାସଭବନକୁ ପହଂଚି ଶେଷଦର୍ଶନ କରିଥିଲେ । ଜ୍ୟୋତିର୍ମୟୀ ସୋନପୁର ଗଡଜାତର ମାଜିଷ୍ଟ୍ରେଟ ସ୍ୱର୍ଗତ ରାମଚନ୍ଦ୍ର ତ୍ରୀପାଠୀଙ୍କ ସାନଝିଅ ତଥା ଓଡିଶାର ପୂର୍ବତନ ପୋଲିସଡିଜି ଅମୀୟଭୂଷଣ ତ୍ରୀପାଠୀଙ୍କ ଭଉଣୀ ଥିଲେ । ତାଙ୍କ ବିୟୋଗରେ ବଲାଙ୍ଗୀର ଓ ସୋନପୁର ଜିଲ୍ଲାରେ ଗଭୀର ଶୋକପ୍ରକାଶ ପାଇଛି । ଆଜି ତାଙ୍କର ଛତାମଖନାରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ଓ ତାଙ୍କ ଜ୍ୟେଷ୍ଠପୁତ୍ର ଜଷ୍ଟିସ ସଂଜୟ ମିଶ୍ର ମୁଖାଗ୍ନି ଦେଇଥିଲେ । ଶେଷକୃତ୍ୟରେ ତାଙ୍କ ବଡପୁଅ ଜଷ୍ଟିସ ସଂଜୟ, ସାନ ପୁଅ ଅଜୟ, ଚାରି ଝିଅ ବିଜୟଲକ୍ଷ୍ମୀ, ହେମାଙ୍ଗିନୀ, ଚୟନୀକା ଓ ମୌସୁମୀ, ଜ୍ୱାଇଁ ବୃନ୍ଦାବନ ଟାଲି, ଗଣେଶ ଦାସ ଓ ପ୍ରକାଶ ଚନ୍ଦ୍ର ହୋତା ପ୍ରମୁଖଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହିଥିଲେ ।

# ବାଲିଗୁଡ଼ାରେ ଘୋଷଯାତ୍ରା ପାଳିତ



ବାଲିଗୁଡ଼ା(ପିପିଏସ୍) : ବିଶ୍ୱ ନିୟନ୍ତା ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଘୋଷଯାତ୍ରା । ସାଥିରେ ବଡ଼ଭାଇ ପ୍ରଭୁ ବଳଭଦ୍ର ଓ ଭଉଣୀ ମା ସୁଭଦ୍ରାଙ୍କୁ ସାଥିରେ ନେଇ ମାଉସୀ ଘରକୁ ନବଦିନାତ୍ମକ ଯାତ୍ରାରେ ବାହାରିଛନ୍ତି ମହାପ୍ରଭୁ । କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ମଧ୍ୟ ମହାପ୍ରଭୁଙ୍କ ଘୋଷଯାତ୍ରା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି । ରଥଯାତ୍ରାକୁ ନେଇ ବାଲିଗୁଡ଼ା ଶ୍ରୀ ଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ଯଥା ରିତିନିତୀ ପ୍ରକାରେ ପୂଜାର୍ଚ୍ଚନା ପରେ ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ହୋଇ ରଥାରୁଢ଼ ହୋଇଥିଲେ । ପରେ ବାଲିଗୁଡ଼ା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା ଯଥା ବିଧି ଅନୁସାରେ ତିନି ରଥରେ ଛେରାପହଁରା କରିଥିଲେ । ରଥାରୁଢ଼ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ବେସ୍ ଆନନ୍ଦ ଉଲ୍ଲାସର ସହ ତିନି ରଥକୁ ଟାଣି ନେଇଥିଲେ ଭକ୍ତ । ନିର୍ଦ୍ଧାରିତ ସମୟରେ ମାଉସୀ ମା' ମନ୍ଦିରରେ ପହଁଚିଲେ ମହାପ୍ରଭୁ । ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଅଗ୍ନିଶମ ବାହିନୀ ଓ ଆମ୍ବୁଲାନ୍ସ ମଧ୍ୟ ପ୍ରସ୍ତୁତ ରହିଥିଲା । ମନ୍ଦିର ଟ୍ରଷ୍ଟି ସମେତ ସହରର ବିଭିନ୍ନ ସଙ୍ଗଠନର ସଦସ୍ୟମାନେ ମହାପ୍ରଭୁଙ୍କ ଘୋଷଯାତ୍ରାରେ ପୂର୍ଣ୍ଣ ସହଯୋଗ କରିଥିଲେ ।

# ସୂଚନା ପ୍ରଦାନ ନକରିବାରୁ ଅବସରପ୍ରାପ୍ତ କର୍ମଚାରୀଙ୍କ ଠାରୁ ୨୫ହଜାର ଟଙ୍କା ଜରିମାନା

ଯାଜପୁର, (ପିପିଏସ) : ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜନୈକ ଅବସରପ୍ରାପ୍ତ କର୍ମଚାରୀ ସୂଚନା ଅଧିକାର ଆଇନ ଅନୁଯାୟୀ ସୂଚନା ନଦେବାରୁ ତାଙ୍କ ଠାରୁ ୨୫ ହଜାର ଟଙ୍କା ଜରିମାନା ଆଦାୟ କରିବାକୁ ଓଡ଼ିଶା ସୂଚନା କମିଶନ ଏକ ରାୟ ପ୍ରଦାନ କରିଛନ୍ତି । ବିବରଣୀରୁ ପ୍ରକାଶ ଯାଜପୁର ଜିଲ୍ଲା ଏରବାଙ୍କ ପଂଚାୟତ ଗୋବିନ୍ଦପୁର ଗ୍ରାମର ରମେଶ ଚନ୍ଦ୍ର ସାହାଣୀ ନାମକ ଜଣେ ସୂଚନା ଅଧିକାରୀ କର୍ମୀ ବିଦ୍ୟାଳୟ ମାନଙ୍କୁ ମଧ୍ୟାହ୍ନଭୋଜନ ବଂଟନ ସଂପର୍କରେ ଗତ ତା ୧୭.୦୫.୨୦୨୨ରିଖରେ ସୂଚନା ଅଧିକାର ଆଇନ ଅନୁଯାୟୀ ସୂଚନା ମାଗିଥିଲେ । ଏହି ସୂଚନା ତା୨୯.୦୬.୨୦୨୨ରିଖ ଦେବାକୁ ଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ତତ୍କାଳୀନ କାର୍ଯ୍ୟରତ ଜନସୂଚନା ଅଧିକାରୀ ବିଜୟ କୁମାର ମିଶ୍ର ସୂଚନା ପ୍ରଦାନ କରିନଥିଲେ । ଏହାପରେ ଶ୍ରୀ ସାହାଣୀ ଓଡ଼ିଶା ସୂଚନା କମିଶନଙ୍କ ନିକଟରେ ଅପିଲ ଦାଏର କରିଥିଲେ । ଏହି ଅପିଲ ଶୁଣାଣି ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରମାକାନ୍ତ ସେଠୀ ନାମକ ଜଣେ କର୍ମଚାରୀ ଓଡ଼ିଶା ସୂଚନା କମିଶନଙ୍କ କୋର୍ଟରେ ହାଜର ହୋଇ ଗତ ତା୦୪.୦୪.୨୦୨୩ରିଖରେ ଲିଖିତ ଜବାବ ଦାଖଲ କରିଥିଲେ । ଏହି ଲିଖିତ ଜବାବରେ ତତ୍କାଳୀନ ଜନସୂଚନା ଅଧିକାରୀ ବିଜୟ କମ୍ଭାର ମିଶ୍ର ଅଭିଯୋଗକାରୀ ଶ୍ରୀ ସାହାଣୀଙ୍କୁ ସୂଚନା ପ୍ରଦାନ କରିବା ପାଇଁ ୧୨୦୮ ଟଙ୍କା ଦାଖଲ କରିବାକୁ ଏକ ପତ୍ର ମାଧ୍ୟମରେ ଜଣାଇଥିଲେ । ଇତି ମଧ୍ୟରେ ଶ୍ରୀ ମିଶ୍ର ଅବସରଗ୍ରହଣ କରିସାରିଥିଲେ । ଚୂଡାନ୍ତ ଶୁଣାଣି ସମୟରେ ଅଭିଯୋଗକାରୀ ଶ୍ରୀ ସାହାଣୀ ଜଣେ ଆର୍ଥିକ ଦୃଷ୍ଟିରୁ ଦାରିଦ୍ର ସୀମାରେଖା ତଳ ବର୍ଗର ଲୋକ ହୋଇଥିବାରୁ ୧୨୦୮ ଟଙ୍କା ଦେବାପାଇଁ ବାଧ୍ୟ ନୁହଁ ବୋଲି ଆଇନ୍ ସମ୍ମତ ଅଟେ । ଶ୍ରୀ ସାହାଣୀ ସୂଚନା ମାଗିବା ସମୟରେ ବିପିଏଲ୍ କାର୍ଡର ଜେରକ୍ସ ଦାଖଲ କରିଥିଲେ । ଏହା ବ୍ୟତିତ ଶ୍ରୀ ସାହାଣୀଙ୍କୁ ୧୨୦୮ଟଙ୍କା ମଗାଯାଇଥିବା ପତ୍ରଟି କପୋଳକଳ୍ପିତ ଏବଂ ମିଥ୍ୟା ବୋଲି ସୂଚନା କମିଶନ ରାୟରେ ପ୍ରକାଶ କରିଛନ୍ତି । ଚୂଡାନ୍ତ ଶୁଣାଣି କରି ମେ ମାସ ୧୫ ତାରିଖରେ ସୂଚନା କମିଶନ ଅବସରପ୍ରାପ୍ତ ଜନଶୁଣାଣି ଅଧିକାରୀ (ପି.ଆଇ.ଓ) ବିଜୟ କୁମାର ମିଶ୍ରଙ୍କୁ ୨୫ହଜାର ଟଙ୍କା ଅର୍ଥ ଜରିମାନା କରି ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥ ଅର୍ଡର ପାଇବାର ୩୦ଦିନ ମଧ୍ୟରେ ଶ୍ରୀ ମିଶ୍ର ପୈଠ ନକଲେ ତାଙ୍କ ପେନସନ୍ ରୁ କାଟି ଜମା କରିବାକୁ ଜିଲ୍ଲା ଶିକ୍ଷାଅଧିକାରୀ ଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି ।

# ଜଙ୍ଗଲ ଜମିରେ ବ୍ୟକ୍ତିଗତ ପୋଖରୀକୁ ନେଇ ଗ୍ରାମବାସୀଙ୍କ ଅଭିଯୋଗ

ଚମ୍ପୁଆ, (ହି.ସ.) : ଚମ୍ପୁଆ ରେଞ୍ଜ ଉଖୁଣ୍ଡା ବନଖଣ୍ଡ ଅଧିନସ୍ଥ ମଣ୍ଡମା ଗ୍ରାମରେ ଥିବା ଗ୍ରାମ୍ୟ ଜଙ୍ଗଲ ଜମିରେ ବ୍ୟକ୍ତିଗତ ପୋଖରୀ ଖନନକୁ ନେଇ ଗ୍ରାମବାସୀମାନେ ଚମ୍ପୁଆ ରେଞ୍ଜରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ ମଣ୍ଡମା ଗ୍ରାମର ଗ୍ରାମବାସୀମାନେ ଗାଡିଆବଣ ଅଂଚଳରେ ଆଜକୁ ଦୀର୍ଘ ୩୫ ବର୍ଷ ଧରି ବନବିଭାଗ ସହାୟତା ରେ ବୃକ୍ଷ ରୋପଣ କରି ଏକ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିବା ସହିତ ତାହାର ଦେଖା ଶୁଣା କରି ଆସୁଥିଲେ । କିନ୍ତୁ ସେହି ଗ୍ରାମର ଟଙ୍କଧର ମହାନ୍ତ ନାମକ ଜଣେ ପ୍ରଭାବଶାଳୀ ବ୍ୟକ୍ତି ଗ୍ରାମ୍ୟ ଜଙ୍ଗଲରେ ଥିବା ଗଛଗୁଡ଼ିକୁ କାଟି ସଫା କରିବା ସହିତ ଜେସିବି ମେସିନ ଲଗାଇ ନିଜର ଏକ ବ୍ୟକ୍ତିଗତ ପୋଖରୀ ଖନନ କରୁଛନ୍ତି । ଗ୍ରାମବାସୀ ମାନେ ଏହା ଜାଣିବା ପରେ ଚମ୍ପୁଆ ରେଞ୍ଜରଙ୍କ କାର୍ଯ୍ୟାଳୟକୁ ଆସି ଏ ନେଇ ଚମ୍ପୁଆ ରେଞ୍ଜରଙ୍କୁ ଏକ ଲିଖିତ ଅଭିଯୋଗ ଦେବା ସହିତ ଏହି ଅଭିଯୋଗର ଏକକିତା ନକଲ ବିଡିଓ, ତହସିଲଦାର, ଡିଏଫଓ ଏବଂ ଜିଲ୍ଲାପାଳଙ୍କୁ ଦେଇଥିବା ସୂଚନା ମିଳିଛି । ତେବେ ଚମ୍ପୁଆ ରେଞ୍ଜର ଶ୍ରୀ ଅକ୍ଷୟ ଛତ୍ରିଆଙ୍କୁ ଏ ବିଷୟରେ ପଚାରିବାରୁ ସେ ଉକ୍ତ ଗ୍ରାମ୍ୟ ଜଙ୍ଗଲ କେଉଁ କିସମର ଜମି ରେ ଅବସ୍ଥିତ ତାହା ପ୍ରଥମେ ତଦାରଖ କରାଯିବା ସହିତ ଆବଶ୍ୟକ ସ୍ଥଳେ ଦୋଷୀଙ୍କ ବିରୁଦ୍ଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ରଥଯାତ୍ରାରେ ସେବାୟତଙ୍କ ସାମ୍ବାଦିକଙ୍କୁ ମାଡ ଘଟଣା ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ ପକ୍ଷରୁ ନିନ୍ଦା

କାକଟପୁର, (ପିପିଏସ) : ଦିନକୁ ଦିନ ସାମ୍ବାଦିକ ମାନଙ୍କ ଉପରେ ବଢ଼ି ଚାଲିଛି ଆକ୍ରମଣ । ପବିତ୍ର ରଥଯାତ୍ରା ଦିନ ପୁରୀଜିଲ୍ଲାର ୨ ବରିଷ୍ଠ ସାମ୍ବାଦିକଙ୍କୁ ସେବାୟତଙ୍କ ମାଡ ମାରିବା ଘଟଣା ଓଡ଼ିଶାରେ ଏକ ନିନ୍ଦନୀୟ ଘଟଣା ପାଲଟିଛି । ସାମ୍ବାଦିକଟିଏ ଏଠି ସୁରକ୍ଷିତ ନୁହଁ ବୋଲି ସ୍ପଷ୍ଟ ପ୍ରମାଣିତ ହୋଇଛି । ପୁରୀଜିଲ୍ଲାର ଜଣେ ବୈଦୁତ୍ୟୁକ ଗଣମାଧ୍ୟମର ସାମ୍ବାଦିକ ଚିତ୍ତରଞ୍ଜନ ମହାନ୍ତି ଏବଂ ତାଙ୍କର ସହଯୋଗୀଙ୍କୁ ପୁରୀର ୨ ସେବାୟତଙ୍କ ମାଡ ମାରିବା ଭଳି ଅମାନବୀୟ ଘଟଣାକୁ ନେଇ ପୁରୀଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘ ଦୃଢ଼ ନିନ୍ଦା କରିବା ସହ ପ୍ରତିବାଦ ଜଣାଇଛି ।ବୁଧବାର ଅପରାହ୍ନରେ ପୁରୀଜିଲ୍ଲା ପେଷାଦାର ସାମ୍ବାଦିକ ସଂଘ(ଉତ୍କଳ ସାମ୍ବାଦିକ ସଙ୍ଘ, ଓଡିଶା ଅନୁବନ୍ଧିତ)ର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଉକ୍ତ ଘଟଣାରେ ସାମ୍ବାଦିକଙ୍କୁ ମାଡ ଘଟଣାକୁ ନେଇ ସଂଘର ସଦସ୍ୟମାନେ ଉଦବେଗ ପ୍ରକାଶ କରିବା ସହିତ ତୁରନ୍ତ ରାଜ୍ୟ ସରକାର ଏହି ମାମଲାରେ ହସ୍ତକ୍ଷେପ କରି ସେବାୟତ ଦ୍ୱୟ ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ ।ଯଦି ଦୋଷୀକୁ ଉପଯୁକ୍ତ ଦଣ୍ଡ ଦିଅ ନ ଯାଏ ଆଗାମୀ ଦିନରେ ଏହା ଆନ୍ଦୋଳନରେ ରୂପାନ୍ତରିତ ହେବ ବୋଲି ସଂଘ ଚେତାବନୀ ଦେଇଛି । ଅନ୍ୟ ମାନଙ୍କ ମଧ୍ୟରେ ଉତ୍କଳ ସାମ୍ବାଦିକ ସଙ୍ଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୁରୀଜିଲ୍ଲା ପେଷାଦାର ସାମ୍ବାଦିକ ସଙ୍ଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ସୁବୁଦ୍ଧି, ଉପସଭାପତି କମଳ ଲୋଚନ ଦୀକ୍ଷିତ, ସଞ୍ଜୟ ପତି, ସଂଗଠନ ସମ୍ପାଦକ ଆଦିତ୍ୟ କୁମାର ରାଉତ, ବିଜୟ କୁମାର ମହାପାତ୍ର, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଶାନ୍ତ କୁମାର ବାରିକ, ସାଂସ୍କୃତିକ ସମ୍ପାଦକ ସମୀର କର, ପ୍ରଦୀପ ପଣ୍ଡା, ପ୍ରଶାନ୍ତ ଜେନା, ଭାଗବତ ସ୍ୱାଇଁ ପ୍ରମୁଖ ଯୋଗଦେଇ ଘଟଣାର ତୀବ୍ର ନିନ୍ଦା କରିଥିଲେ ।

# ସମାଜସେବୀଙ୍କ ଶ୍ରାଦ୍ଧବାର୍ଷିକ ଅନୁଷ୍ଠିତ



କଟକ, (ପିପିଏସ) : ଖାନନଗର ତେଲି ସାହିର ପୂର୍ବତନ ମୁରବୀ ତଥା ରାମଲୀଳା ପ୍ରଚାର ସମିତିର ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କର ଗତବର୍ଷ ଶ୍ରୀଗୁଣ୍ଡିଚାରେ ଦେହାନ୍ତ ହୋଇଥିଲା । ସମାଜ ସେବାରେ ଉଲ୍ଲେଖନୀୟ ଅବଦାନ ପାଇଁ ଅନେକ ପ୍ରଶଂସା ସାଉଁଟିଥିଲେ । ତାଙ୍କ ଶ୍ରାଦ୍ଧବାର୍ଷିକରେ ସ୍ମୃତିଚାରଣ ଉଦ୍ଦେଶ୍ୟରେ ବାସଭବନରେ ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ଯୁବ ନେତା ଦେବାଶିଷ ସାହୁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦାନକରି ପୁତ୍ର ରାକେଶ କୁମାର ସାହୁ ଓ ରାଜ କୁମାର ସାହୁଙ୍କୁ ସମବେଦନା ଜ୍ଞାପନ କରିଥିଲେ ।

## ବିଭିନ୍ନ ସ୍ଥାନରେ ବିଶ୍ୱ ଯୋଗ ଦିବସ

ଖୋର୍ଦ୍ଧା, (ହି.ସ.) : ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଖୋର୍ଦ୍ଧା ଶାଖା ପକ୍ଷରୁ ଆନ୍ତର୍ଜାତିକ ଯୋଗ ଦିବସ ପାଳନ କରାଯାଇଛି । ଏଥିରେ ଖୋର୍ଦ୍ଧା ଏବଂ ଏହାର ଆଖପାଖ ଅଂଚଳରୁ ବହୁ ବ୍ରହ୍ମକୁମାର ଏବଂ ବ୍ରହ୍ମକୁମାରୀମାନେ ଉପସ୍ଥିତ ରହି ଯୋଗ ଅଭ୍ୟାସ କରିଛନ୍ତି । ବ୍ରହ୍ମକୁମାର ଜୟକୃଷ୍ଣ ଶତପଥୀ ଏବଂ ବ୍ରହ୍ମକୁମାରୀ ଅନୁରାଧା ଯୋଗ ଶିବିର କୁ ପରିଚାଳନା କରିଛନ୍ତି । ଏହି ଅବସରରେ ମୁଖ୍ୟ ଅତିଥି ରୁପେ ସୋଆ ବିଶ୍ୱ ବିଦ୍ୟାଳୟର ପରାମର୍ଶଦାତା ବିଶିଷ୍ଟ ଚିକିତ୍ସକ ଅଶୋକ ମହାପାତ୍ର ଯୋଗଦେଇଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଭଦ୍ରକ ଜିଲ୍ଲାକୁ ୨୧.୬୦କୋଟି ଟଙ୍କା ମିଳିଲା

**ଭଦ୍ରକ ବିଧାନସଭା କ୍ଷେତ୍ରରେ ଉନ୍ନୟନ କାର୍ଯ୍ୟ ଲାଗି ଖର୍ଚ୍ଚ ହେବ ୪.୨୨କୋଟି ଟଙ୍କା**

ଭଦ୍ରକ, (ପିପିଏସ) : ଆଜି ପୂର୍ବାହ୍ନରେ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଅପର୍ତିବିନ୍ଧା ସ୍ଥିତ ବାସଭବନ ଠାରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ କୃତଜ୍ଞତା ଓ ଧନ୍ୟବାଦ ସଭା ଅନୁଷ୍ଠିତ ହୋଇଯାଇଛି । ସୂଚନାଯୋଗ୍ୟ : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଭଦ୍ରକ ଜିଲ୍ଲାର ଉନ୍ନୟନ ମୂଳକ କାର୍ଯ୍ୟ ଲାଗି ୨୧କୋଟି ୬୦ଲକ୍ଷ ଟଙ୍କାର ଅନୁଦାନ ମିଳିଛି । ସେହିଭଳି ଭଦ୍ରକ ବିଧାନସଭା କ୍ଷେତ୍ରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୪କୋଟି ୨୨ଲକ୍ଷ ଟଙ୍କା ର ଅନୁଦାନ ରାଶି ଯୋଗାଇଛନ୍ତି । ମୋଟାମୋଟି ୮୦ଗୋଟି ପ୍ରକଳ୍ପ ବାବଦକୁ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଏହି ସ୍ୱତନ୍ତ୍ର ଅନୁଦାନ ରାଶିରେ ଭଦ୍ରକ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧିନ ସମସ୍ତ ମନ୍ଦିର ଓ ମଜାର ଗୁଡିକର ଉନ୍ନତିକରଣ କାର୍ଯ୍ୟ କରାଯିବ ବୋଲି ଜଣାଯାଇଛି । ଭଦ୍ରକ ବିଧାୟକଙ୍କ ବାସଭବନରେ ଅନୁଷ୍ଠିତ ଏହି କୃତଜ୍ଞତା ଓ ଧନ୍ୟବାଦ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ ସଭାପତିତ୍ୱ କରିଥିଲେ । ଶ୍ରୀ ସ୍ୱାଇଁ ତାଙ୍କ ବକ୍ତବ୍ୟରେ ଭଦ୍ରକ ଜିଲ୍ଲା ଓ ଭଦ୍ରକ ବିଧାନସଭାକ୍ଷେତ୍ର ଲାଗି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ପାଣ୍ଠିରୁ ଅନୁଦାନ ରାଶି ମିଳିଥିବାରୁ ସର୍ବପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ଜିଲ୍ଲାବାସୀଙ୍କ ତରଫରୁ କୃତଜ୍ଞତା ଅର୍ପଣ କରିଥିଲେ । ସେହିଭଳି ମୁଖ୍ୟମନ୍ତ୍ରୀଙ୍କୁ ଭଦ୍ରକ ବିଧାୟକଙ୍କ ଅନୁରୋଧ କ୍ରମେ ଭଦ୍ରକ ବିଧାନସଭା କ୍ଷେତ୍ରରୁ ୪କୋଟି ୨୨ଲକ୍ଷ ଟଙ୍କାର ଅନୁଦାନ ମିଳିଥିବାରୁ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କୁ ସେ କୃତଜ୍ଞତା ଅର୍ପଣ କରିଥିଲେ । ସେହିଭଳି ଭଦ୍ରକ ଟାଉନ ବିଜେଡି ସଭାପତି ତାହେର ମହମ୍ମଦ ତାଙ୍କ ବକ୍ତବ୍ୟରେ : ମୁଖ୍ୟମନ୍ତ୍ରୀଙ୍କ ଠାରେ ଭଦ୍ରକ ବିଧାୟକ ଶ୍ରୀ ମଲ୍ଲିକଙ୍କ ଭଦ୍ରକ ନିର୍ବାଚନ ମଣ୍ଡଳୀରେ ଥିବା ବିଭିନ୍ନ ଧର୍ମପୀଠ ଗୁଡିକର ଉନ୍ନତିକରଣ ଓ ମରାମତିକରଣ ଲାଗି ଅନୁରୋଧ କରିଥିଲେ । ଗତ ୧୧ତାରିଖରେ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କ ଭଦ୍ରକ ଗସ୍ତ ବେଳେ ବି ଏହି ଦାବିପତ୍ର ଦିଆଯାଇଥିଲା । ତେଣୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକଙ୍କୁ ସେ କୃତଜ୍ଞତା ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ଭଦ୍ରକ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌର ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନା, ଭଦ୍ରକ ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଜିଲ୍ଲା ପରିଷଦ ସଭ୍ୟ ତଥା ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ମଳୟ ଜେନା, ଭଦ୍ରକ ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ ନାୟକ, ବରିଷ୍ଠ କାଉନସିଲର ଦିଲିପ ନାୟକ, ସେକ ଜୁଲଫିକର ଅଲ୍ଲୀ, କାଉନସିଲର ଆଶୀଷ ଅମିତାଭ ମହାପାତ୍ର, ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀର ଜେନା ଓ ପ୍ରଣୟ ଦାସ, ବିଜେଡିନେତା-ଇଂ.ପ୍ରିୟବ୍ରତ ନାୟକ, ଶ୍ୟାମସୁନ୍ଦର ନାୟକ, ରାକେଶ ପଣ୍ଡା, ବିଧାନସଭାସ୍ତରିୟ ମନୋଜ ବାରିକ, ଯୁବ ସଭାପତି ସୂର୍ଯ୍ୟକାନ୍ତ ଦାସ, ରାଜେଶ ଦାସ ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ ।

## ଅଂଶୁଘାତରେ ଦୁଇ ଶିକ୍ଷକ ଓ ଛାତ୍ର ଅସୁସ୍ଥ

ଖୋର୍ଦ୍ଧା, (ହି.ସ.) : ବୁଧବାର ଠାରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟ ଖୋଲିଛି । ପୂର୍ବାହ୍ନ ୧୦ଟା ରୁ ଶ୍ରେଣୀ ଗୃହ ପାଠପଢା ଆରମ୍ଭ ହୋଇଛି । ତେବେ ଅତ୍ୟଧିକ ଗରମ ଯୋଗୁ ୨ ଜଣ ଶିକ୍ଷକ ଓ ଜଣେ ଛାତ୍ର ଅଂଶୁଘାତରେ ଅସୁସ୍ଥ ହୋଇଛନ୍ତି । ସେମାନଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ତେବେ ଅତ୍ୟଧିକ ଗରମ ଯୋଗୁ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ଶ୍ରୀକାନ୍ତ କୁମାର ସାହୁ ଅଂଶୁଘାତରେ ଅସୁସ୍ଥ ହୋଇପଡିଥିଲେ । ତେଣୁ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ଅଂଶୁଘାତ ବିଭାଗରେ ସେ ଚିକିତ୍ସିତ ହେଉଥିବା ଜଣାପଡିଛି । ସେହିପରି ଆଡଖଣ୍ଡିଆ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ କାଇପଦର୍ ମାଳିସାହି ଉପ୍ରା ବିଦ୍ୟାଳୟ ଷଷ୍ଠ ଶ୍ରେଣୀ ଛାତ୍ର ସାଇ ରାମ ମହାପାତ୍ର ମଧ୍ୟ ଅଂଶୁଘାତରେ ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ

ପୁରୀ, (ହି.ସ.) : ପବିତ୍ର ରଥଯାତ୍ରା-୨୦୨୩ ଅବସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଫଟୋଚିତ୍ର ପ୍ରଦର୍ଶନୀ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଂଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି ।ସ୍ଥାନୀୟ ଭୋଳାନାଥ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଜାତୀୟ ସ୍ତରୀୟ ପଲ୍ଲୀଶ୍ରୀ ମେଳା ସହିତ ଆୟୋଜିତ ଏହି ଫଟୋଚିତ୍ର ପ୍ରଦର୍ଶନୀରେ ଚନ୍ଦନ ଯାତ୍ରା ଠାରୁ ଆରମ୍ଭ କରି ଅଧରପଣା ପର୍ଯ୍ୟନ୍ତ ସମସ୍ତ ପ୍ରମୁଖ ନୀତି, ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ବେଶ, ଭୋଗ ଓ ପର୍ବପର୍ବାଣି, ସମୟ ଚକ୍ରରେ ଶ୍ରୀମନ୍ଦିର ଏବଂ ବିଦେଶୀ ଓ ଭାରତୀୟ ମୁଦ୍ରାରେ ଶ୍ରୀମନ୍ଦିର ଆଦି ବିରଳ ଓ ଦୁର୍ଲ୍ଲଭ ଫଟୋ ପ୍ରଦର୍ଶିତ ହୋଇଛି । ତତ୍ ସହିତ, ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରମୁଖ ଜନହିତକର ଯୋଜନା ଓ ଉପଲବ୍ଧି, କୃଷି ବଜେଟ୍, ମୋ ଘର, ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କୁ ନଗଦ ଆକାରରେ ଅର୍ଥ ପ୍ରଦାନ, ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ରାଜ୍ୟ ସରକାରଙ୍କୁ ପ୍ରଦତ୍ତ ସମ୍ମାନ ସମ୍ପର୍କୀତ ତଥ୍ୟ ଓ ଫଟୋଚିତ୍ର ସ୍ଥାନିତ ହୋଇଛି । ଏଥି ସହିତ, ପ୍ରଦର୍ଶନୀ ମଣ୍ଡପର ବାହାର କାନ୍ଥରେ ନେତ୍ରୋତ୍ସବ ଠାରୁ ନିଳାଦ୍ରୀବିଜେ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଶ୍ରୀଜଗନ୍ନାଥଙ୍କ ଦୈନନ୍ଦିନ ନୀତି ନିର୍ଘଣ୍ଟର ସଂକ୍ଷିପ୍ତ ସୂଚନା ପ୍ରଦାନ କରାଯାଇଛି । ଏହି ପ୍ରଦର୍ଶନୀ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ ।ପ୍ରଦର୍ଶନୀ ଉଦଘାଟନ ସମୟରେ ମନ୍ତ୍ରୀ ଅମାତଙ୍କ ସହିତ ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ, ଜଗତସିଂହପୁର ସାଂସଦ ରାଜଶ୍ରୀ ମଲ୍ଲିକ, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରଦର୍ଶନୀରେ ବିଭାଗୀୟ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

## କୋର୍ଟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା କୋର୍ଟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇ ଯାଇଛି । ମାନ୍ୟବର ଜିଲ୍ଲା ଓ ଦୌରାଜଜ ବିଶ୍ୱଜିତ ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ କୋର୍ଟର ସମସ୍ତ ବିଚାରପତି ଏଥିରେ ଅଂଶ ଗ୍ରହଣ କରି ଯୋଗ କରିଥିଲେ । ଯୋଗ ଦ୍ୱାରା ପ୍ରତ୍ୟେକ ମଣିଷର ସ୍ୱାସ୍ଥ୍ୟ ଓ ମସ୍ତିଷ୍କ ସୁସ୍ଥ ରହିଥାଏ ବୋଲି ମାନ୍ୟବର ବିଚାରପତିମାନେ ମତବ୍ୟକ୍ତ କରିଥିଲେ । ବୁଧବାର ସକାଳେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋର୍ଟର ଅନ୍ୟ କର୍ମଚାରୀ ମାନେ ଅଂଶ ଗ୍ରହଣ କରିଥିଲେ ।

# ଇଦ୍-ଉଲ୍-ଜୁହା ପର୍ବ ପାଳନ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ




ଭଦ୍ରକ, (ପିପିଏସ) : ଜୁନ୍ ୨୯,୩୦ ଓ ଜୁଲାଇ ୧ ତାରିଖ ୩ ଦିନ ଧରି ଭଦ୍ରକରେ ପାଳିତ ହେବାକୁ ଥିବା ଇଦ୍‌ଉଲ ଅଜହା (ବକରିଦ୍) ପର୍ବ ପାଳନ ଉପଲକ୍ଷେ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ସହକାରୀ ଜିଲ୍ଲାପାଳ, ଜୁଡ଼ିସିଆଲ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଏହି ଭାଇଚରାର ପର୍ବ ଉଦ୍-ଉଲ-ଅଜହା ଭଦ୍ରକରେ ସମ୍ପୂର୍ଣ୍ଣ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବା ପାଇଁ ସମସ୍ତ ପ୍ରସ୍ତୁତି ନିଆଯାଇଛି ବୋଲି ମୁସଲିମ୍ ଜମାତର କର୍ମକର୍ତ୍ତାମାନେ ବୈଠକରେ ପ୍ରକାଶ କରିଥିଲେ । ୨୯ ତାରିଖରେ ସକାଳ ୮ଟାରୁ ୧୦ଟା ମଧ୍ୟରେ ସମସ୍ତ ମସ୍‌ଜିଦ୍ ମାନଙ୍କରେ ସମୂହ ପ୍ରାର୍ଥନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସକାଳ ୯ଟାରେ ଇଦ୍‌ଘାରେ ସାମୂହିକ ପ୍ରାର୍ଥନା ଆୟୋଜନ ନେଇ ସୂଚନା ପ୍ରଦାନ କରାଯାଇଥିଲା । ଏହି ପର୍ବ ପାଳନ ଉପଲକ୍ଷେ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବାକୁ ଥିବା ଆବଶ୍ୟକ ସହଯୋଗ ସମ୍ବନ୍ଧରେ ମଧ୍ୟ ବୈଠକରେ ଆଲୋଚନା କରାଯାଇଥିଲା । ଜନ ସମାବେଶ ଜାଗା ମାନଙ୍କରେ ପାନୀୟ ଜଳ ପାଇଁ ଟ୍ୟାଙ୍କର ବ୍ୟବସ୍ଥା ମୁଖ୍ୟ ପ୍ରାର୍ଥନା ସ୍ଥଳ ରାସ୍ତାଘାଟ ବିଶେଷ କରି ଇଦ୍‌ଘା ପରିସର ସଫେଇ, ଶାନ୍ତି ଶୃଙ୍ଖଳା ରକ୍ଷା, ଯାନବାହାନ ଓ ଗହଳି ନିୟନ୍ତ୍ରଣ ପାଇଁ ପୋଲିସ୍ ମୁତୟନ ଆଦି ଆବଶ୍ୟକ ବ୍ୟବସ୍ଥା ସମ୍ବନ୍ଧରେ କର୍ମକର୍ତ୍ତାଙ୍କ ପ୍ରସ୍ତାବ କ୍ରମେ ପଦକ୍ଷେପ ନିଆଯିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପୂର୍ବ ବର୍ଷ ପରି ଏ ବର୍ଷ ମଧ୍ୟ ଆବଶ୍ୟକ ଅନୁଯାୟୀ ପୋଲିସ୍ ମୁତୟନ, ପୋଲିସ୍ ପଇଁତରା ଆଦି ବ୍ୟବସ୍ଥା ସମ୍ବନ୍ଧରେ ଏସ୍.ପି. ସୂଚନା ପ୍ରଦାନ କରିଥିଲେ । ସାମାଜିକ ଗଣ ମାଧ୍ୟମର ଦୁରୁପଯୋଗ ନ କରିବାକୁ ଆଞ୍ଚଳିକ ସ୍ତରରେ ଯୁବଗୋଷ୍ଠୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଦିଗରେ ଯତ୍ନବାନ୍ ହେବାକୁ ଏସ୍.ପି. କମିଟିକୁ ପରାମର୍ଶ ପ୍ରଦାନ କରିଥିଲେ । ସାମ୍ପ୍ରଦାୟିକ ସଦ୍ଭାବ ନେଇ ହିନ୍ଦୁ ମୁସଲିମ୍ ପରସ୍ପର ସହଯୋଗରେ ଏ ପର୍ବ ଖୁବ୍ ଶାନ୍ତି ଶୃଙ୍ଖଳାର ସହ ସମାପିତ ହୁଏ ବୋଲି ହିନ୍ଦୁ ସୁରକ୍ଷା ସମିତିର କର୍ମକର୍ତ୍ତା ବିଦ୍ୟାଧର ସାହୁ, ସୁଧାରକର ରାଉତ ପ୍ରମୁଖ ମତ ପ୍ରକାଶ କରିଥିଲେ । ଶାନ୍ତି ଶୃଙ୍ଖଳାର ସହ ଏ ପର୍ବ ପାଳନ ପାଇଁ ପ୍ରଶାସନ ତରଫରୁ ଆବଶ୍ୟକୀୟ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ସି.ଟି.ଡ଼ି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଡ଼ି.ଏସ୍.ପି. ଡ଼ି.ଆଇ.ବି. କମଳ ଲୋଚନ ଭୂୟାଁ, ଆର.ଆଇ. ପୋଲିସ୍ ମନୋରଞ୍ଜନ ତରାଇ, ଟାଉନ୍, ପୁରୁଣାବଜାର ଓ ଗ୍ରାମାଞ୍ଚଳ ଥାନାର ଆଇ.ଆଇ.ସି. ସଂପୃକ୍ତ ବିଭାଗୀୟ ଅଧିକାରୀ, ମୁସଲିମ୍ ଜମାତ୍ର ସମ୍ପାଦକ ଅବଦୁଲ ମୋକିତ ଖାଁ ଓ ଅନ୍ୟ କର୍ମକର୍ତ୍ତା ସେକ୍ ମହମ୍ମଦ ଜକାଉଲ୍ଲା, ସେକ୍ ସେରାଜୁଦ୍ଦିନ୍, ଜମିଲ ଅଖତର ଖାଁ, ହାଜି କୟୁମ୍ ଅଲି ସାହା ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପାଣିକୋଇଲିରେ ବିଭିନ୍ନ ସ୍ଥାନରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ

କୋରେଇ, (ହି.ସ.) : ଭାରତ ବର୍ଷ ଯୋଗ ଓ ଆଧ୍ୟାତ୍ମିକତାର ଦେଶ । ଆବାହମାନ କାଳରୁ ମୁନିଋଷିମାନେ ଯୋଗାଭ୍ୟାସ ଦ୍ୱାରା ଶହ ଶହ ବର୍ଷ ପର୍ଯ୍ୟନ୍ତ ନିରୋଗ ଭାବେ ବଂଚି ରହିବା ସହିତ ସମାଜକୁ ଆଧ୍ୟାତ୍ମିକତାର ମୟମଞ୍ଜାନ ପ୍ରଦାନ କରି ଆସିଛନ୍ତି ।

ଆଜି ବିଶ୍ୱ ପାଳୁଛି ଯୋଗ ଦିବସ । ଆନ୍ତର୍ଜାତୀକ ଯୋଗ ଦିବସ ଉପଲକ୍ଷେ ପାଣିକୋଇଲିର ସରସ୍ୱତୀ ଶିଶୁ ମନ୍ଦିର,ବରିଷ୍ଠ ନାଗରିକ ମଂଚ ପାଣିକୋଇଲି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ବିଭିନ୍ନ ଅନୁଷ୍ଠାନରେ ଯୋଗାଭ୍ୟାସ ତାଲିମ ଦିଆଯାଇଥିଲା ।

ପାଣିକୋଇଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ହୋଇଥବା ଯୋଗ ଶିବିରକୁ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡ଼ାକ୍ତର ସାଗରିକା ସାସ ଉଦଘାଟନ କରିଥିବା ବେଳେ ହୃଷିକେଶ ସାହୁ ଯୋଗ ଶିକ୍ଷା ଦେଇଥିଲେ ।

ଉକ୍ତ ଶିବିରରେ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ମାନସ ରଂଜନ ଗୁଇଁ, ସୁଜ୍ଞାନୀ ମଞ୍ଜରୀ ମହନ୍ତ, ମୁକୁନ୍ଦ ଚନ୍ଦ୍ର ରାୟ, ବିଶ୍ୱଜିତ ଦାସ.ପାର୍ବତୀ ସାହୁ, ରଶ୍ମିତା ଦାସ, ନୟନପ୍ରଭା ନାୟକଙ୍କ ସମେତ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ ।

ସେହିପରି ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଯୋଗ ଦିବସ ପାଳନ କରାଯାଇଥିଲା ।

ଉକ୍ତ ଶିବିରକୁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ନାରାୟଣ ଚନ୍ଦ୍ର ସାହୁ ଉଦଘାଟନ କରିଥିଲେ ।

ଶିବିରରେ ଯୋଗଗୁରୁ ସନ୍ତୋଷ କୁମାର ବିଶ୍ୱାଳ ଯୋଗ ଶିକ୍ଷା ଦେଇଥିବା ବେଳେ ପ୍ରଧାନାଚାର୍ଯ୍ୟ ପ୍ରମୋଦ କୁମାର ପଣ୍ଡା, ରତ୍ନାବତୀ ଦାସ, ରୋଜାଲୀନ ଧିର, ଲତା ମଂଜରୀ ସାହୁ, ବଟକୃଷ୍ଣ ସାନ୍ତରା, ବିରଂଚି ନାରାୟଣ ପଣ୍ଡା, ନିତ୍ୟାନନ୍ଦ ମହାପାତ୍ରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ ଛାତ୍ରଛାତ୍ରୀ ଯୋଗ ଶିକ୍ଷା ଲାଭ କରିଥିଲେ ।

ପାଣିକୋଇଲି ବରିଷ୍ଠ ନାଗରିକ ମଂଚ ତରଫରୁ ଯୋଗ ଦିବସ ଉପଲକ୍ଷେ ମଂଚର କାର୍ଯ୍ୟାଳୟଠାରେ ସଭାପତି ନୃସିଂହ ଚରଣ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଶିବିରରେ ପାତଞ୍ଜଳୀ ଯୋଗ ସମିତିର ସଦସ୍ୟ ପଦ୍ମ ଚରଣ ଘଡ଼ାଇ ଏବଂ ଦାମୋଦର ନାୟକ ଯୋଗ ଶିକ୍ଷା ପ୍ରଦାନ କରିଥିଲେ ।

ଉକ୍ତ ଶିବିରରେ ମଂଚର ସମ୍ପାଦକ ସୁରେନ୍ଦ୍ର ରାୟ, ପ୍ରାଧ୍ୟାପକ ଉମାକାନ୍ତ ଖଣ୍ଡାଇ. ଦାମୋଦର ମହାପାତ୍ର, ବୃନ୍ଦାବନ ଜେନା. ରାମଚନ୍ଦ୍ର ମଳିକ, ଗୌରାଙ୍ଗ ବାରିକ, ପ୍ରାଣକୃଷ୍ଣ ନାୟକ, ଚିନ୍ତାମଣୀ ସ୍ୱାଇଁ, ଗୋକୁଳାନନ୍ଦ ମହାପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ଅଂଶ ଗ୍ରହଣ କରିଥିଲେ ।

ସେହିପରି ପାଣିକୋଇଲିସ୍ଥିତ ସିଟ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ତରଫରୁ ଯୋଗ ଦିବସ ପାଳନ କରାଯାଇଥିଲା ।

ଉକ୍ତ ଶିବିରକୁ ସଂସ୍ଥାର ନିର୍ଦ୍ଦେଶକ ସନ୍ଦୀପ କୁମାର ନାୟକ ଉଦ୍‌ଘାଟନ କରିଥିବା ବେଳେ ଶିକ୍ଷକ ଜ୍ୟୋତିଷ ବେହେରା ଯୋଗଶିକ୍ଷା ପ୍ରଦାନ କରିଥିଲେ । ଇତ୍ୟବସରରେ ସୁର୍ଯ୍ୟନମସ୍କାର , ପ୍ରାଣାୟମ,ସମେତ ସମସ୍ତ ଯୋଗାସନ ଶିକ୍ଷାକେନ୍ଦ୍ରର ଛାତ୍ରଚାତ୍ରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଶେଷରେ ସଂସ୍ଥାର କର୍ମଚାରୀ ମଧୁସ୍ମିତା ଦାସ ଓ ବିକାଶ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲାରେ ରାଷ୍ଟ୍ରୀୟ ବୌଦ୍ଧ ମହାସଭା ଅନୁଷ୍ଠିତ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ବୌଦ୍ଧ ମହାସଭା ବୁଧବାର ପବ୍ଲିକ ରିଡିଂ ରୁମ ଠାରେ ଅନୁଷ୍ଠିତ ହୋଇଯାଇଛି । କିଶୋର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ବୌଦ୍ଧ ମହାସଭାର ରାଷ୍ଟ୍ରୀୟ ଉପ ସଭାପତି ମହେଶ୍ୱର ବୌଦ୍ଧ ମୁଖ୍ୟ ଅତିଥି ଭାବେ, ରାଜ୍ୟ ସାଧାରଣ ସଂପାଦକ ରାଜେନ୍ଦ୍ର କୁମାର ଭକ୍ତ ମୁଖ୍ୟ ବକ୍ତା ଭାବେ, ଆମ୍ବେଦକର ଲୋହିଆ ବିଚାର ମଂଚର ସାଧାରଣ ସଂପାଦକ ଦଶରଥ ମଲ୍ଲିକ ଓ କୌଳସ ଚନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ, ଜିଲ୍ଲା ସଭାପତି ବିଳାଶିନୀ ମଲ୍ଲିକ, ସେକ ଅହେସାନ ଅଲ୍ଲୀ, ରୋହିତ ମଲ୍ଲିକ ପ୍ରମୁଖ ଯୋଗ ଦେଇ ସଂଗଠନକୁ ମଜବୁତ କରିବା ଉପରେ ଆଲୋଚନା କରିଥିଲେ । ତୃଣମୂଳ ସ୍ତରରୁ ଆରମ୍ଭ କରି ସଂଗଠନ କିଭଳି ମଜବୁତ ହେବା ସହ ଆଗକୁ ବଢ଼ି ପାରିବ ସେନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଥିଲା । ସମ୍ବିଧାନ ପ୍ରଣେତା ଆମ୍ବେଦକରଙ୍କର ବିଚାର ଓ ଜୀବନଶୈଳୀ ଉପରେ ଆଲୋଚନା କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ରାଷ୍ଟ୍ରୀୟ ବୌଦ୍ଧ ସଂଗଠନର କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

# ବିଦ୍ୟୁତ ବିଭାଗ ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇବେ ଗ୍ରାମବାସୀ

କୋରେଇ, (ହି.ସ.) : ରାଜ୍ୟ ସରକାର ଓଡ଼ିଶାର ଜନସାଧରଣଙ୍କର ସୁବିଧା ଲାଗି ନୁହେଁ ବରଂ ୨୦୨୪ରେ ନିର୍ବାଚନୀ ଖର୍ଚ୍ଚ ଉଠାଇବା ଲାଗି ଟାଟା ପାୱାର ହାତରେ ବିଦ୍ୟୁତ ବିଭାଗକୁ ଟେକି ଦେଇଛନ୍ତି । ତୁରନ୍ତ ସମାଧାନ ନ ହେଲେ ଆଗାମୀ ନିର୍ବାଚନରେ ବିଜେଡ଼ି ସରକାରଙ୍କୁ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ । ଏଠାରେ ପ୍ରକାଶ ଥାଉକି ରାଜ୍ୟ ସରକାର ମେ ୨୮ ତାରିଖ ୨୦୨୦ରୁ ଟାଟାକୁ ରାଜ୍ୟର ବିଦ୍ୟୁତ ବଂଟନ ଦାୟିତ୍ୱ ଦେବା ପରେ ସାରା ରାଜ୍ୟର ବିଦ୍ୟୁତ ସମସ୍ୟା ବଢ଼ି ବଢ଼ି ଚାଲିଛି । ମନଇଚ୍ଛା ବିଦ୍ୟୁତ ବିଲ.ଘଂଟା ଘଂଟା ମରାମତି ଆଳରେ ପାୱାର କଟ କିମ୍ବା ସାମାନ୍ୟ ବର୍ଷା ପବନ ଆସିଲେ ବିଦ୍ୟୁତ ସରାହବରାହ ବନ୍ଦ ଭଳି ଦୈନନ୍ଦିନ ସମସ୍ୟା ବଢ଼ି ଚାଲିଛି । ପାଣିକୋଇଲି ବିଦ୍ୟୁତ ବିଭାଗ ଅଧିନରେ ଥିବା ଦାମୋଦରପୁର ଗ୍ରାମବାସୀଙ୍କ ଅବସ୍ଥା କହିଲେ ନ ସରେ । ଅଘୋଷିତ ବିଦ୍ୟୁତ କାଟ ସହିତ ଦିନ ଦିନ ଧରି ଲାଇନ ନରହିବା ଯୋଗୁଁ ଅଂଚଳ ବାସୀଙ୍କ ସମସ୍ୟା ବଢ଼ି ବଢ଼ି ଚାଲିଛି ଟାଟା ପାୱାର ଦାୟିତ୍ୱ ନେବା ପରେ ।ସୁଚନାଯୋଗ୍ୟ ଯେ ପାଣିକୋଇଲି ପିଦ୍ୟୁତ ସବଷ୍ଟେସନରୁ ଦାମୋଦରପୁର ଗ୍ରାମବାସୀ ମାନେ ପାଉଥିବାଲାଇନଟି ସୋତି ଫିଡ଼ର ସହିତ ରହିଅଛି । ଉକ୍ତ ଫିଡ଼ରଟି ଉପରେ ଗୋଳେଇପୁର ସମେତ ସୋତି, ହାଟସାହି, ଟିକର, ତେଲିଆ, ଖାନ୍ଦରାପୁର. ବାଙ୍କସାହି, ତଣ୍ଡରା, ବଡ଼ବିରୁହାଁ. ବରେଇ ଆଦି ଗ୍ରାମର ଉପଭୋକ୍ତା ମାନେ ନିର୍ଭରଶୀଳ ଥିବା ବେଳେ ତାହା ଅନୁନ୍ୟ ୧୫ କିମି ଦୁରକୁ ବିଦ୍ୟୁତ ଯୋଗାଉଛି । ଦାବୋଦରପୁର ଗ୍ରାମର ଜନସାଧାରଣ ଉକ୍ତ ସୋତି ଫିଡ଼ରରୁ ଲାଇନ ପାଉଥବା ବେଳେ ତାହାର ଫ୍ୟୁଜ ପଏଂଟ ଏକ ବିଲ ମଟଝିରେ ଥିବାରୁ ରାତିରେ ଫ୍ୟୁଜ ଚାଲିଗଲେ ସେ ସ୍ଥାନକୁ ଯାଇ ଫ୍ୟୁଜ ବାନ୍ଧିବା ବିପଦଜନକ ହୋଇଥିବାରୁ ତଥା ବିଷଧର ସର୍ପଙ୍କ ସ୍ଥାନ ହୋଇଥିବାରୁ କର୍ମଚାରୀ ମାନେ ରାତିରେ ଆସି ଫ୍ୟୁଜ ବାନ୍ଧିବାକୁ ଭୟ କରନ୍ତି । ଫଳରେ ପୁରା ଗ୍ରାମବାସୀ ମାନେ ରାତି ସାରା ଅନ୍ଧାରରେ ରୁହନ୍ତି । ଏ ସଂକ୍ରାନ୍ତରେ ଗ୍ରାମବାସୀଙ୍କ ଦରଫରୁ ଦାମୋଦରପୁର ଗ୍ରାମବାସୀ ପାଉଥିବା ଲାଇନଟିକୁ ଅନ୍ୟ ଫିଡ଼ରକୁ ବଦଳାଇବା ଲାଗି ବାରମ୍ବାର ଦାବି ସତ୍ୱେ ବିଭାଗୀୟ ଅଧିକାରୀ ମାନେ କର୍ଣ୍ଣପାତ କରୁନାହାନ୍ତି । ଫଳରେ ଗ୍ରାମବାସୀଙ୍କ ମନରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି ।ଯଦି ଟାଟା ପାୱାର କର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ଧ୍ୟାନ ନ ଦିଅନ୍ତି ତେବେ ବିଦ୍ୟୁତ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି ।

# ଚକଡା ଲାଗିଲା ଶ୍ରୀବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ

କେନ୍ଦ୍ରାପଡ଼ା, (ହି.ସ.) : ଶ୍ରୀ ଗୁଣ୍ଡିଚାର ଦ୍ୱିତୀୟ ଦିବସରେ ତୁଳସୀ କ୍ଷେତ୍ରାଧିପତି ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ ମା ମନ୍ଦିର ଚକଡାରେ ପହଁଚିଛି ।

ହଜାର ହଜାର ଭକ୍ତ ଶ୍ରଦ୍ଧାଳୁଙ୍କ ସମାବେଶରେ ଏହି ସର୍ବ ବୃହତ ତାଳଧ୍ୱଜ ରଥ ବୁଧବାର ଅପରାହ୍ନ ୪ଟା ୩୦ ମଧ୍ୟରେ ମାଉସୀ ମା ମନ୍ଦିର ନିକଟରେ ପହଁଚିବା ସହ ଭକ୍ତ ମାନଙ୍କ ପାଇଁ ରଥଯାତ୍ରାର ମୁଖ୍ୟ ଆକର୍ଷଣ ଶ୍ରୀଜୀୟୁ ମାନଙ୍କ ବାର୍ଷିକ ଉତ୍ସବ ପ୍ରଥମ ପର୍ଯ୍ୟାୟ ସମାପ୍ତ ହୋଇଛି ।

କେନ୍ଦ୍ରାପଡାରେ ଚଳି ଆସୁଥିବା ବହୁ ବର୍ଷର ପରମ୍ପରା ଶ୍ରୀ ଗୁଣ୍ଡିଚାର ରଥଟଣା ଗତକାଲି ହୋଇପାରି ନଥିଲା ।

ମହାଜନ ପାଣିଗ୍ରାହୀ ସେବକ ମାନଙ୍କ ଅପରିଣାମ ଦର୍ଶୀ କାର୍ଯ୍ୟକଳାପ ଓ ମନ୍ଦିର ପ୍ରଶାସନର ଖାମ ଖିଆଲ ନୀତି ପାଇଁ ଗତକାଲି ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣି ପାରି ନଥିଲେ ।

ଗୁଣ୍ଡିଚାରେ ପ୍ରଥମ ଦିନରେ ଜୀଉମାନେ ରଥାରୁଢ ହେବାପରେ ଗୋଟିଏ ଦଉଡି ରଥ ଟଣା ଯିବାର ପରମ୍ପରା ଚଳି ଆସୁଥିଲା ।

ଦିଅଁ ମାନଙ୍କ ପହଣ୍ଡି ବିଜେ ବହୁ ବିଳମ୍ବରେ ଆରମ୍ଭ କରାଯାଇ ଥିବାରୁ ପହଣ୍ଡି ଶେଷ ହେବାପରେ ରାତି ୮ଟା ସୁଦ୍ଧା ରଥରେ ଘୋଡା ବନ୍ଧାଯାଇ ନଥିଲା ଓ ରଥ ଚାଲି ନଥିଲା ।

ତେବେ ଆଜି ରଥ ଉପରେ ଦିଅଁ ମାନଙ୍କ ନିତ୍ୟ ସେବାପୂଜା କରିବା ସହ ଦିନ ୧ଟା ୩୦ ମିନିଟରେ ରଥଟଣା ଆରମ୍ଭ ହୋଇ ଅପରାହ୍ନ ୪ଟା ୩୦ ସୁଦ୍ଧା ରଥ ଚକଡା ଲାଗିଥିବା ଜଣାପଡିଛି ।

ଆଜିର ରଥଟଣାରେ ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା, ବିଜେପି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ବୈଦନାଥ ଚାଟାର୍ଜୀ, ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡା ପ୍ରମୁଖ ନେତୃ ମଣ୍ଡଳୀ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା ।

ଆଜି ଜୀଉ ମାନେ ରଥରେ ରହିବା ପରମ୍ପରା ସହ ଆସନ୍ତା କାଲି ରାତ୍ର ୯ଟା ସମୟରେ ଶୀଜୀଉ ମାନଙ୍କ ଗୁଣ୍ଡିଚା ମନ୍ଦିର ପ୍ରବେଶ ପହଣ୍ଡି ବିଜେ ନୀତି ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

# ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ

କେନ୍ଦ୍ରାପଡ଼ା, (ହି.ସ.) : କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଜିଲ୍ଲା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ କୁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଯୋଗ ଗୁରୁ ସଂଜୟ ମଥାନ, ଟୁଲୁ ମଲିକ, ଭରତ କୁମାର ସାହୁ, ଦିବାକର ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଂଚଳ ଓ ଶିକ୍ଷା ଅନୁଷ୍ଠାନରୁ ଆସିଥିବା ଛାତ୍ରଛାତ୍ରୀ ମାନେ ଏହି ଆନ୍ତର୍ଜାତୀୟ ଯୋଗ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇ ଥିଲା ।

## ଯାଜପୁରରେ ରଥାରୁଢ଼ ହେଲେ ଚତୁର୍ଦ୍ଧା ମୂର୍ତ୍ତି

# ଶ୍ରୀଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବାର୍ଷିକୋତ୍ସବ ପାଳନ



ଯାଜପୁର, (ପିପିଏସ) : ଯାଜପୁର ଦଶାଶ୍ୱମେଧ ଘାଟ ଠାରେ ଥିବା ଜଗନ୍ନାଥ ମନ୍ଦିରର ରଥଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରଥଯାତ୍ରା ଦିନ ଯାଜପୁରରେ ଚତୁର୍ଦ୍ଧା ମୂର୍ତ୍ତି ରଥାରୁଢ଼ ହେବାପରେ ପରଦିନ ରଥଯାତ୍ରା କରାଯାଇଥାଏ। ସେହି ଅନୁସାରେ ମଙ୍ଗଳବାର ଦିନ ପ୍ରାତଃ ସମୟରେ ମଙ୍ଗଳାଆଳତୀ ପରେ ପହଂଡି କରାଯାଇ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥାରୁଢ଼ କରାଯାଇଥିଲା। ବୁଧବାର ଦିନ ରଥଯାତ୍ରା କରାଯାଇ ଚତୁର୍ଦ୍ଧା ମୂର୍ତ୍ତିକୁ ମାଉସି ମା' ମନ୍ଦିର ନିଆଯିବାର କାର୍ଯ୍ୟକ୍ରମ ରହିଅଛି। ଏହି ଅବସରରେ ଜଗନ୍ନାଥ ବଡଦାଣ୍ଡରେ ଶ୍ରୀ ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ବାର୍ଷିକୋତ୍ସବ ପାଳନ କରାଯିବା ସହ ଭଜନ ସମାରୋହ କରାଯାଇଥିଲା। ଏଥିରେ ଚେତନା ପରିଷଦର ସଭାପତି ସନ୍ତୋଷ କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଉଦ୍‌ଘାଟକ ଭାବେ ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଗୋପିନାଥ କୁଅଁର, ସମ୍ମାନିତ ଅତିଥି ଭାବେ ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ବରିଷ୍ଠ ଗଣମାଧ୍ୟମ ପ୍ରତିନିଧି ସମରଜିତ ମହାନ୍ତି , କାଉନସିଲର ସରିତା ଖୁଂଟିଆ ପ୍ରମୁଖ ଯୋଗଦେଇ ଜଗନ୍ନାଥ ପ୍ରେମୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶ୍ରୀ ଜଗନ୍ନାଥ ଚେତନା ପରିଷଦ ପକ୍ଷରୁ ଜଗନ୍ନାଥ ସେବା କରୁଥିବା ବ୍ୟକ୍ତିବିଶେଷ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରତ୍ୟେକ ଦିନ ଫୁଲ ଓ ତୁଳସୀ ପ୍ରଦାନ କରୁଥିବା ସତ୍ୟଭାମା ସାହୁ, ମନ୍ଦିରରେ ପ୍ରତ୍ୟେକ ଦିନ ଭାଗବତ ପଠନ କରୁଥିବା ବବିତା ବିଶ୍ୱାଳ, ଜଗନ୍ନାଥଙ୍କ ରଙ୍ଗ ଶିଳ୍ପୀ ସୁବାଷ ଦାଶ, ସ୍ୱାସ୍ଥ୍ୟସେବା ଯୋଗାଉଥିବା ସ୍ୱାସ୍ଥ୍ୟକର୍ମୀ ହୃଶିକେଷ ସାହୁ, ଗୀତାଜାଗରଣ ପରିଷଦର ଅଧ୍ୟକ୍ଷା ପ୍ରତୀମା କରଙ୍କୁ ପୁଷ୍ପଗଛ, ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ଚେତନା ପରିଷଦର ସଂପାଦକ ଆଲୋକ କୁମାର ବେହେରା ବାର୍ଷିକ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ସ୍ମୃତିରଂଜନ ମହାନ୍ତି ସଭା ସଂଚାଳନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସହ ସଂପାଦକ ସରୋଜ କୁମାର ଜେନା, ଜନାର୍ଦ୍ଦନ ମହାନ୍ତି, ଶୁଭେନ୍ଦୁ ସାମନ୍ତ, ଆଲୋକ ଜେନା, ବଳରାମ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ଏରବାଙ୍କ ଗୋଷ୍ଠୀ ସଂଘର୍ଷରେ ୧ ଗିରଫ

ଯାଜପୁର, (ପିପିଏସ) : ଯାଜପୁର ବ୍ଲକ ଏରବାଙ୍କ ପଂଚାୟତ ଏରବାଙ୍କ ଗ୍ରାମରେ ଶେଷ ରଜ ଦିନ ସାମାନ୍ୟ ଘଟଣାକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ଘଟିଥିଲା। ଏହି ଘଟଣାରେ ୪ଜଣ ଗୁରୁତର ଆହତ ହେବା ଅନ୍ୟ କେତେକ ଆହତ ହୋଇଥିଲେ। ଏ ନେଇ ସଦର ଥାନାରେ ୪ଟି ମାମଲା ରୁଜୁ କରାଯାଇଥିଲା। ସଦର ପୁଲିସ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିଲା। ମଙ୍ଗଳବାର ସଦର ଥାନାଧିକାରୀ ମାନସ ରଞ୍ଜନ ଚକ୍ର ଏକ ବିଶେଷ ସୂତ୍ରରୁ ଖବର ପାଇ ଉପରୋକ୍ତ ଅଞ୍ଚଳର ଜିଲା ପରିଷଦ ସଭ୍ୟଙ୍କ ଘରେ ପଶି ମାରଧର କରିବା ଘଟଣାରେ ସୁବାସ ମଲ୍ଲିକ ନାମକ ଜନୈକ ବ୍ୟକ୍ତିକୁ ପୁଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ସଦର



ଥାନାଧିକାରୀ ଶ୍ରୀ ଚକ୍ର ସୂଚନା ଦେଇଛନ୍ତି।

## ପୁରୁଣାଗଡ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ

ଅନୁଗୋଳ, (ପିପିଏସ) : ଅନୁଗୁଳ ଜିଲ୍ଲା ର ସର୍ବ ପୁରାତନ ଐତିହ ସମ୍ପନ୍ନ ପୁରୁଣାଗଡ ର ଜଗନ୍ନାଥ ମନ୍ଦିର ରେ ଉପଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ମହା ଆଡମ୍ବର ସହକାରେ ଯଥାରୀତିରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତି ହୋଇ ଯାଇଛି । ସୂଚନା ଯେ, ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପୁରୁଣାଗଡ ଜଗନ୍ନାଥ ମନ୍ଦିର ରେ ଉପଜିଲ୍ଲାପାଳ ଶ୍ରୀ ବୈଡୁରା ଦୀପ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମହାପ୍ରଭୁ ଚତୁର୍ଦ୍ଧାମୂର୍ତ୍ତି ଙ୍କ ପହଣ୍ଡି ବିଜେ, ରଥାରୂଢ଼, ଛେରା ପହଁରା ପରେ ହଜାର ହଜାର ଜଗନ୍ନାଥ ପ୍ରେମୀ ଭକ୍ତଗଣ ଙ୍କ ଦ୍ୱାରା ରଥ ଟଣା ହୋଇଥିଲା । ପ୍ରବଳ ଜନ ସମାଗମ ରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ବନ୍ତଳା ଥାନା ଅଧିକାରୀ ଙ୍କ ସହ ଦୁଇ ପ୍ଲାଟୁନ ପୋଲିସ ମୁତୟନ ରହିଥିଲେ ।ଜିଲ୍ଲା ପ୍ରଶାସନ ତରଫରୁ ମାଜିଷ୍ଟ୍ରେଟ ସୁକାନ୍ତ କୁମାର ସାହୁ ଙ୍କ ପ୍ରତକ୍ଷ ତତ୍ତ୍ୱାବଧାନ ରେ ଶାନ୍ତି ଶୃଙ୍ଖଳା ର ସହ ସଠିକ ସମୟରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇ ମାଉସୀ ମା ମନ୍ଦିର ରେ ରଥ ପହଂଚି ଥିଲା । ଉପ ଜିଲ୍ଲାପାଳ ଙ୍କ ସହିତ ଅନୁଗୁଳ ବିଡ଼ିଓ ଶ୍ରୀ ଅରବିନ୍ଦ ବେହେରା ରଥଯାତ୍ରା କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ । ଏହି ଅବସରରେ ପୁରୁଣାଗଡ ଜଗନ୍ନାଥ ମନ୍ଦିର ପରିସର ରେ ଭକ୍ତ ମାନଙ୍କ ପାଇଁ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା କୁ ଉପଜିଲ୍ଲାପାଳ ଉଦଘାଟନ କରିଥିଲେ।

# ସୁବର୍ଣ୍ଣପୁର ଶ୍ରୀଶ୍ରୀ ତୃତୀୟ ଦେବଙ୍କ ଘୋଷଯାତ୍ରା

ବାଙ୍କୀ, (ପିପିଏସ) : ବାଙ୍କୀ ବ୍ଲକ ଅନ୍ତର୍ଗତ ସରଣ୍ଣାଗଡ଼ର ସୁବର୍ଣ୍ଣପୁର ଗ୍ରାମ ବିଜେ ରାଜପ୍ରତିଷ୍ଠିତ ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ତୃତୀୟ ଦେବ ଜୀଉଙ୍କ ଘୋଷ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ରୀତିନୀତି ଅନୁଯାୟୀ ପ୍ରତ୍ୟୁଷରୁ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ପରେ ଶ୍ରୀ ଜୀଉଙ୍କ ବେଶ ସଜ୍ଜା ଓ ବାଳଭୋଗ ଲାଗି କରାଯାଇଥିଲା। ପ୍ରଥମ ଧୂପରେ ପ୍ରିତିଅନ୍ନ, ଖେଚୋଡ଼ି, ଡାଲ୍‌ମା ଆଦି ଭୋଗ ଲାଗି କରାଯାଇଥିଲା। ହୋମ ପୂଜାପାଠ ପରେ ରାଜପୁରୋହିତ ଖଗେନ୍ଦ୍ର ନାରାୟଣ ତ୍ରିପାଠୀ ଛେରା ପହଁରା କରିଥିଲେ। ପ୍ରଥମେ ରଥକୁ ମଦନମୋହନ ବିଜେ କରିଥିବା ବେଳେ ବ୍ରାହ୍ମଣ ସେବକମାନେ ଶ୍ରୀମନ୍ଦିରରୁ ପ୍ରଭୁ ବଳଭଦ୍ର , ଜଗନ୍ନାଥ ଓ ଶୁଭଦ୍ରାଙ୍କୁ ପହଣ୍ଡି ବିଜେ କରି ରଥ ଉପରେ ବିଜେ କରିଥିଲେ । ପୂଜାର୍ଚ୍ଚନା ପରେ ଭକ୍ତମାନେ ରଥଟାଣି ମାଉସୀମା'ଘର ନିକଟରେ ପହଞ୍ଚିଥିଲେ। ସନ୍ଧ୍ୟା ହେବାରୁ ଜୀଉଙ୍କ ରଥ ଗତକାଲି ଟଣା ନଯାଇ ଆଜି ସାକଲୁ ଶ୍ରୀଜୀଉ ଗୁଣ୍ଡିଚା ଘର ଅଭିମୁଖେ ଯାତ୍ରା



କରିଥିଲେ। ପୁରୋହିତ ରାଜକିଶୋର ତ୍ରିପାଠୀ, ପ୍ରଭୂଦତ୍ତ ଦାଶ, ସରୋଜ କୁମାର ତ୍ରିପାଠୀ, ବଡପଣ୍ଡା ଦେବୀପ୍ରସାଦ ପଣ୍ଡା, ଶୁଭେନ୍ଦୁ କୁମାର ମହାପାତ୍ର, ବିଶ୍ୱରଞ୍ଜନ ପଣ୍ଡା, ଭୁବନାନନ୍ଦ ପଣ୍ଡା, ଟହଲ ସେବାୟତ ଜିତେନ୍ଦ୍ର କୁମାର ଦାଶ ପ୍ରଭୃତି ଶ୍ରୀଜୀଉଙ୍କ ସମସ୍ତ ସେବାୟତ କାର୍ଯ୍ୟ ପରିଚାଳନା କରିଥିଲେ। ସାରଥି ନିଶିକାନ୍ତ ଦାଶ ରଥର ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ। ଶ୍ରୀ ଶ୍ରୀ ତୃତୀୟା ଦେବ ଜୀଉଙ୍କୁ ରଥ ଉପରେ ଦର୍ଶନ ନିମନ୍ତେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସାମଗମ ହୋଇଥିଲା। ଗ୍ରାମ୍ୟ କମିଟି ସଭାପତି ରମେଶ ଚନ୍ଦ୍ର ସେଠୀ, ସଂପାଦକ ଗନ୍ଧର୍ବ ଦଳେଇ, ପୋଲିସ୍ ପ୍ରଶାସନ, ସ୍ୱାସ୍ଥ୍ୟ ବିଭାଗ ଓ ଅଗ୍ନିଶମ ବିଭାଗ ସମସ୍ତ କାର୍ଯ୍ୟକୁ ସହଯୋଗ କରିଥିଲେ। ଜିଲ୍ଲା ପରିଷଦ ପ୍ରତିନିଧି ରାଜେଶ କୁମାର ପଣ୍ଡା , ସୁବର୍ଣ୍ଣପୁର ସରପଞ୍ଚ ପ୍ରତିନିଧି ଭ୍ରମରବର ଦଳେଇ, ସମିତି ସଭ୍ୟ ପ୍ରତିନିଧି ମାନଭଞ୍ଜନ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତର୍ଜାତିକ ଯୋଗଦିବସ ପାଳିତ

କୋଣାର୍କ, (ପିପିଏସ) : ବିଶ୍ୱ ଯୋଗଦିବସ ଉପଲକ୍ଷେ ବିଭିନ୍ନ ସଂଗଠନ ପକ୍ଷରୁ ଯୋଗ ଦିବସ ସୂର୍ଯ୍ୟମନ୍ଦିର ସ୍ଥିତ ଆଇଓସିଏଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଅଛି। ପ୍ରତ୍ୟେକ ବର୍ଷ ଜୁନ୍‌୨୧ ତାରିଖକୁ ବିଶ୍ୱ ଯୋଗଦିବସ ଭାବେ ପାଳନ କରାଯାଇଥଏ । ଚଳିତ ବର୍ଷମଧ୍ୟ ବିଭିନ୍ନ ସଂଗଠନ ପକ୍ଷରୁ ଯୋଗଦିବସ ପାଳନ କରାଯାଇଅଛି। ବିଭିନ୍ନ ସଂଗଠନ ସହିତ ବିଦ୍ୟା



ଭାରତୀ ଶିକ୍ଷ୍ୟା ବିକାଶ ସମିତି, ଓଡ଼ିଶାଙ୍କ ସଂଯୋଜନା କ୍ରମେ ସରସ୍ୱତୀ ଶିଶୁ ମନ୍ଦିର, କୋଣାର୍କ ଆନୁକୁଲ୍ୟରେ ନିମାପଡା ଓ କାକଟପୁର ସଙ୍କୁଳର ପ୍ରାୟ ୬ଟି ବିଦ୍ୟାଳୟର ୩୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀଙ୍କୁ ନେଇ ସୂର୍ଯ୍ୟମନ୍ଦିର ସମୁଖ ଆଇଓସିଏଲ୍ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ଯୋଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ତାରକ ଦାସ, ଦିବାକର ଘୋଷ, ଅକ୍ଷୟ କୁମାର ଜେନା, ଗିରିଶ କୁମାର ହାତୀ, ଆଦିତ୍ୟ ଚରଣ ଦାସ, ପ୍ରସନ୍ନ କୁମାର ମହାନ୍ତି, ନୃସିଂହ ଚରଣ ମିଶ୍ର, ରଶ୍ମି ରଂଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।ଏହି କାର୍ଯ୍ୟକ୍ରମକୁ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ମେଘନାଦ ସ୍ୱାଇଁ, ରଘୁନାଥ ମହାପାତ୍ର, ଭାଗିରଥି ସ୍ୱାଇଁ, ଡ.ପ୍ରଦୀପ କୁମାର ପାତ୍ର, ଗୋପୀନାଥ ସ୍ୱାଇଁ ଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା ଗୁରୁଜୀ ପରିଚାଳନା କରିଥିଲେ।

## ବାଇଗୁଣିଆ ରାମନାଟ୍ୟ ସଂସଦ ଉଦଯାପିତ

ଖଣ୍ଡପଡ଼ା, (ପିପିଏସ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ରାମନାଟ୍ୟ ସଂସଦର ମହାସମାରୋହ ଉଦଯାପିତ ହୋଇଯାଇଛି। ଚାରି ଦିନ ଧରି ଏହି ଉତ୍ସବର ପ୍ରଥମ ଦିନରେ ରାମ ନାଟ୍ୟରେ ରାମ ସୀତା ବିବାହ ଘର, ସୀତାଚୋରୀ, ଅଭିଷେକ ଓ ଅନୁସନ୍ଧାନ ରାମ ନାଟକ ମହିରାବଣ ବଧ ଅନୁଷ୍ଠିତ ହୋଇଥିଲା। ଏହି ମହୋତ୍ସବରେ ଆଖ ପାଖ ଅଂଚଳରୁ ବହୁଜନ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳା ଦାୟୀତ୍ୱରେ ନାଟ୍ୟ ସଂସଦର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ମାନେ ସହଯୋଗ କରିଥିଲେ। ନାଟ୍ୟ ସଂସଦର ସଭାପତି ମାନଗୋବିନ୍ଦ ମଲ୍ଲିକ, ସମ୍ପାଦକ ବିନୋଦ ବିହାରୀ ସଡ଼ଙ୍ଗୀଙ୍କ ନେତୃତ୍ୱରେ ପ୍ରତ୍ୟେକ ବର୍ଷ ପରି ଏବର୍ଷ ମଧ୍ୟ ଏ ମହୋତ୍ସବ ଅନୁଷ୍ଠିତ ହୋଇଯାଇଥିଲା।

## ଶୈଳ ଶ୍ରୀକ୍ଷେତ୍ରରେ ରଥଯାତ୍ରା – ୬୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ

ଅନୁଗୋଳ, (ପିପିଏସ) : ଅନୁଗୁଳ ଶୈଳ ଶ୍ରୀକ୍ଷେତ୍ରରେ ରଥଯାତ୍ରା ବହୁ ଧୁମଧାମରେ ପାଳନ ହୋଇଛି । ପୂର୍ବାହ୍ନ ୯ଟାରେ ପହଣ୍ଡିରେ ତିନି ଦିଅଁଙ୍କୁ ରଥାରୂଢ଼ କରାଯାଇଥିଲା । ଏହାପରେ ଦିନ ୧୨ଟା ୫୦ରେ ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଓ ଏସ୍ ? ପି ସୁଧାଂଶୁ ଶେଖର ମିଶ୍ର ଛେରା ପହଁରା କରିଥିଲେ । ପରେ ଅପରାହ୍ନ ୩.୪୩ରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ଘୋଷ ଯାତ୍ରାରେ ପାଖାପାଖ ? ୬୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ । ଅନୁଗୁଳ ଜିଲ୍ଲା କୋର୍ଟ ନିକଟରେ ୩ ରଥ ଅଟକିବା ପରେ ସେଠରେ ଭୋଗ କରାଯାଇଥିଲା । ପରେ ଥାନା ସମ୍ମୁଖରେ ମାଉସୀ ମା ଘରୁ ଆସିଥିବା ପୋଡ଼ ପିଠା ଭୋଗ କରାଯାଇଥିଲା । ରଥ ଟଣା ସମୟରେ ଖରାକୁ ଦୃଷ୍ଟିରେ ରଖି ଶ୍ରଦ୍ଧାଳୁଙ୍କ ଉପରେ ଅଗ୍ନିଶ୍ରମ ବିଭାଗ ଓ ପୌରପାଳିକା ପକ୍ଷରୁ ପାଣି ଛିଞ୍ଚନ କରାଯାଇଥିଲା । ସେହିଭଳି ଅନୁଗୋଳ ଓକିଲ ସଂଘ, ଜିଲ୍ଲା କଂଗ୍ରେସ ଓବିସି ସେଲ୍ ଓ ଠିକାଦାର ସଂଘ, ବିଭିନ୍ନ ସାମାଜିକ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷଙ୍କ ପକ୍ଷରୁ ଥଣ୍ଡା ପାନୀୟ ଜଳ ଓ ପ୍ରସାଦ ବଣ୍ଟନ କରାଯାଇଥିଲା । ତେବେ ଚଳିତ ଥର ବଡ଼ଭାଇ ବଳଭଦ୍ର ଓ ମା ଶୁଭଦ୍ରା ଆଗେ ଆଗେ ଯାଇ ମାଉସୀ ମା ମନ୍ଦିରରେ ପହଞ୍ଚିଲେ । କିନ୍ତୁ କାଳିଆରନନ୍ଦିଘୋଷ ରଥର ଦଉଡ଼ି ୩ ଥର ଛିଣ୍ଡିବା ପରେ ପାଖାପାଖି ସାଢେ ୯ଟା ସମୟରେ ମାଉସୀ ମା ଘର ସମ୍ମୁଖରେ ପହଞ୍ଚିଲା ।

## ସମନ୍ୱିତ ରୋଗନିୟନ୍ତ୍ରଣ ଦଳ ପକ୍ଷରୁ ଦହିପଣା ଓ ପାନୀୟ ଜଳଯୋଗାଣ

ବାଙ୍କୀ, (ପିପିଏସ) : ବାଙ୍କୀ ବ୍ଲକ କନ୍ତପହଁରା ପଞ୍ଚାୟତ ଅନ୍ତର୍ଗତ ଘୋଲପୁର ଗ୍ରାମରେ ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ରଥଯାତ୍ରା ଉପଲକ୍ଷେ ସମନ୍ୱୀତ ରୋଗନିୟନ୍ତ୍ରଣ ଦଳ ପକ୍ଷରୁ ଭକ୍ତମାନଙ୍କୁ ଦହିପଣା ଓ ପାନୀୟ ଜଳ ବଣ୍ଟନ କରାଯାଇଥିଲା। ମାନସ କୁମାର ବେହେରା, ସୁଧାଂଶୁ କୁମାର ବରାଳ, ଶ୍ରାବଣୀ ଖଟୁଆ, ରୁନୁବାଳା ସାହୁ, ସସ୍ମିତା ରାଉତ, ସ୍ନେହସ୍ମିତା ଜେନା, ଶିବାନୀ ମହାରଣା, ଦୀପା ଖଟୁଆ, ରୀମା ଖଟୁଆ, ଭୋଳି ନାୟକ, ସୁଜାତା ନାୟକ, ସ୍ମୃତି ମହାପାତ୍ର, ସ୍ୱର୍ଣ୍ଣଲତା ଜେନା, ଅର୍ଚ୍ଚିତା ସେନାପତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗାୟକ ବ୍ୟାସଗୁରୁ ଲକ୍ଷ୍ମୀଧର ଦାଶଙ୍କ ଜନ୍ମ ଉତ୍ସବ ପାଳିତ

କୋଣାର୍କ (ପିପିଏସ) : ଉତ୍କଳ ମାତାର ସୁଯୋଗ୍ୟ ସନ୍ତାନ, ପାଲା ଜଗତର ଦେଦୀପ୍ୟମାନ ପ୍ରତିଭା ଗାୟକ ବ୍ୟାସ, ଗାୟକ ଉତ୍କଳ ଶିରୋମଣି ଗୁରୁଦେବ ଲକ୍ଷ୍ମୀଧର ଦାଶଙ୍କର ୬୭ ତମ ଜନ୍ମ ଉତ୍ସବ ତାଙ୍କର ପୁଣ୍ୟ ଜନ୍ମ ତିଥି ଶ୍ରୀଗୁଣ୍ଡିଚା ଦିନ ସନ୍ଧ୍ୟାରେ ଗାୟକ ବ୍ୟାସ ପୂଜ୍ୟପୂଜା ପରିଷଦ ଆନୁକୂଲ୍ୟରେ ବାଙ୍ଗୋର ବରପଦା ସ୍ଥିତ ବିଶ୍ୱଶାନ୍ତି ସେବାଶ୍ରମ ପରିସରରେ ମହା ସମାରୋହରେ ପାଳିତ ହୋଇ ଯାଇଅଛି। ପ୍ରାୟ ୪୦ରୁ ଉର୍ଦ୍ଧ ଶିଷ୍ୟ, ଶିଷ୍ୟା ଓ ଶତାଧିକ ଶୁଭେଚ୍ଛୁଙ୍କ ଉପସ୍ଥିତିରେ ଗୁରୁଙ୍କର ପୂଜାର୍ଚ୍ଚନା ବିଧି ବିଧାନରେ କରାଯାଇଥିଲା। ଉକ୍ତ ଉତ୍ସବରେ ରାଜ୍ୟ ପାଲାଗାୟକ ପରିଷଦର ସାଧାରଣ ସମ୍ପାଦକ ଗାୟକ ଆନନ୍ଦ ବସନ୍ତ କୁମାର ରାଉତ ମୁଖ୍ୟଅତିଥି, ଏସ. ସି. ମେଡିକାଲ କଲେଜ, କଟକର ପ୍ରଫେସର ଡଃ ରବିନାରାୟଣ ପଣ୍ଡା ମୁଖ୍ୟ ବକ୍ତା, ବିଶିଷ୍ଟ ବାଗ୍ମୀ ରୀତି ସାହିତ୍ୟର ଆଲୋଚକ ପ୍ରଫେସର ନିରୋଦ କୁମାର ଦାସ ବିଶିଷ୍ଟ ଅତିଥି, ରାଜ୍ୟ ପାଲା ପରିଷଦ ଟ୍ରଷ୍ଟ ବୋର୍ଡ଼ ଆଇନ ପରାମର୍ଶ ଦାତା ଆଇନଜୀବୀ ଓ କବି ପ୍ରତାପ ଚନ୍ଦ୍ର ପ୍ରଧାନ ସମ୍ମାନୀତ ଅତିଥି, ବରିଷ୍ଠ ଗାୟକ ଅଭିମନ୍ୟୁ ଦୀକ୍ଷିତ ସମ୍ମାନୀତ ଅତିଥି ଭାବରେ ଯୋଗଦେଇ 'ଶାସ୍ତ୍ରୀୟ ନାଟକ ପାଲାରେ ଗାୟକ



ବ୍ୟାସ ଲକ୍ଷ୍ମୀଧର ଦାଶଙ୍କ ସମର୍ପିତ ଜୀବନ ସମ୍ପର୍କରେ ବଳିଷ୍ଠ ଆଲୋଚନା ରଖିବା ସହ ଛାତ୍ରସ୍ନେହୀ ପୂଜ୍ୟଗୁରୁ ହିଁ ଲକ୍ଷ୍ମୀଧର ଦାଶ ବୋଲି ଉଚ୍ଚାଙ୍ଗ କଣ୍ଠରେ ମତ ବ୍ୟକ୍ତ କରିଥିଲେ। ପୂଜ୍ୟପୂଜା ପରିଷଦର ସଭାପତି ଶିଷ୍ୟ ଲମ୍ବୋଦର ବେହେରାଙ୍କ ସଭା ପରିଚାଳନାରେ ଉପଦେଷ୍ଟା ଗାୟକ ବାଚସ୍ପତି ପଣ୍ଡିତ ବନବିହାରୀ ଗୁହାଚାର୍ଯ୍ୟ ମଞ୍ଚ ସଂଯୋଜନା କରିଥିଲେ। ସମ୍ପାଦକ ମଂଗରାଜ ବିଶ୍ୱାଳ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଶିଷ୍ୟ ହରିହର ଜେନା, ହିମାଂଶୁ କୁମାର ବରାଳ, ପବିତ୍ର ମୋହନ ବାରିକ, ତ୍ରିଲୋଚନ ନାୟକ, ପ୍ରକାଶ ଚନ୍ଦ୍ର ପାଗଳ, ଅମରଜିତ ମହାନ୍ତି, ବସନ୍ତ କୁମାର ମଙ୍ଗରାଜ, ସୁଶାନ୍ତ କୁମାର ସାହୁ, ଅନାଦି ଚରଣ ପ୍ରଧାନ, ସଂଘମିତ୍ରା ବରାଳ, ରାମଚନ୍ଦ୍ର ପଣ୍ଡା, ପ୍ରସନ୍ନ କୁମାର ବଷ୍ଟିଆ, ବିଶ୍ୱଜିତ ପଣ୍ଡା, ବିମଳ ପ୍ରସାଦ ଦାଶ, ବେଣୁଧର ବେହେରା, ନନ୍ଦ କିଶୋର ସେନାପତି, ପ୍ରଫୁଲ୍ଲ ଚନ୍ଦ୍ର ଦାଶ,କେଶବ ଚନ୍ଦ୍ର ରଥ, ନୀଳକଣ୍ଠ ମହାନ୍ତି, ଲକ୍ଷ୍ମୀପ୍ରିୟା ଦାଶ, ଗୋଦାବରୀଶ ମହାନ୍ତି, ଜମେଶ୍ୱର ରାଉତ, ଭିକାରୀ ପୂଜାରୀ, ଶିବପ୍ରସାଦ ଦାସ, ରବୀନ୍ଦ୍ର ବାରିକ, ପ୍ରକାଶ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ବାରିକ ପ୍ରମୁଖ ଗୁରୁପୂଜା ଓ ସହଯୋଗ କରିଥିଲେ। ଏଥିସହିତ ଗାୟକ ପ୍ରମୋଦ କୁମାର ସାହୁ, କୈଳାଶ ଚନ୍ଦ୍ର ପାଣି, ଜ୍ଞାନପ୍ରିୟ କାନୁନଗୋ, ପ୍ରମୋଦ ଜେନା, ପ୍ରତାପ ପ୍ରଧାନ, ରମେଶ ଚନ୍ଦ୍ର ପଲେଇ, ପ୍ରଫୁଲ୍ଲ କୁମାର ପଣ୍ଡା, ବୀଣାପାଣି ବାରିକ ପ୍ରମୁଖ ଗୁରୁପୂଜା କରିଥିଲେ କ୍ଷ ଶେଷରେ ଗାୟକ ଅନାଦି ଚରଣ ପ୍ରଧାନ ପାଲା ପରିବେଷଣ କରିଥିଲେ।

## ଆନ୍ତର୍ଜାତୀୟ ଯୋଗ ଦିବସ

ଖଣ୍ଡପଡ଼ା, (ପିପିଏସ) : ନୟାଗଡ ଜିଲ୍ଲା ଭାପୁର ବ୍ଲକ ର ବିଭିନ୍ନ ସ୍ଥାନରେ ବୁଧବାର ଦିନ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାପୁର ବ୍ଲକ ଫତେଗଡ଼ ଗ୍ରାମଠାରେ ଅବସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ବାରିକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଯୋଗ ସମ୍ବନ୍ଧୟ ଶିକ୍ଷା ପ୍ରଦାନ ସହ ଯୋଗ ଦିବସ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷୟତ୍ରୀ ଦେବସ୍ମିତା ସାହୁ, କଳ୍ପନା ପଣ୍ଡା, ଜ୍ୟୋଛନାମୟୀ ବିଶ୍ୱାଳ ତଥା ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ସହଯୋଗ କରିବା ସହ ଯୋଗ ଦିବସ ପାଳନ କରିଥିଲେ।

### ଗୋପ ବ୍ଲକର ଅଧିକାଂଶ ସରକାରୀ କାର୍ଯ୍ୟାଳୟରେ ବିନା ପିସିରେ କୌଣସି କାର୍ଯ୍ୟ ହେଉନି

# ଖୁଲମଖୁଲା ଚାଲିଛି ପିସି କାରବାର, ପିସି କାରବାର ଦ୍ୱାରା ହେଉଛି ନିମ୍ନମାନର କାମ

ଗୋପ, (ପିପିଏସ) : ରାଜ୍ୟ ସରକାରଙ୍କ ଅନ୍ତର୍ଗତ ୫ଟି ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ଯୋଜନାକୁ ସ୍ୱଚ୍ଛତା ଓ ପିସି ମୁକ୍ତ କରିବା ପାଇଁ ବିଭିର୍ଣ୍ଣ ସଚେତନତା କରିବା ସତ୍ତ୍ୱେବି, ଗାଁ ଠାରୁ ସହର ମଧ୍ୟରେ ତୀବ୍ର ଗତିରେ ବ୍ୟାପିବାରେ ଲାଗିଛି ପିସି କାରବାର। ଏହାର ଏକ ବଡ଼ ଉଦାହରଣଟି ହେଉଛି ଗୋପ ବ୍ଲକରେ ଥିବା ଯେତେ ବିଭାଗ ରହିଛି ସବୁଠି ପିସି କାରବାର ବଢ଼ିବାରେ ଚାଲିଛି,ବିନା ପିସିରେ ଏ ଟେବୁଲରୁ ସେ ଟେବୁଲକୁ କୌଣସି ଫାଇଲ ଯାଇପାରୁନି। ସେ ମିଶନ ଶକ୍ତି କାର୍ଯ୍ୟ ହୋଇଥାଉ କି ଭିଏଲଡବ୍ଲୁଙ୍କ ହୋଇଥାଉ ବା ପଞ୍ଚାୟତ କାର୍ଯ୍ୟ ହୋଇଥାଉ ସବୁଠି ପିସିର କାରବାର ଦେଖିବାକୁ ମିଳୁଛି। ପଞ୍ଚାୟତର ଉନୟନ ମୂଳକ କାର୍ଯ୍ୟ କୁ ଭିଏଲଡବ୍ଲୁଙ୍କ ଦ୍ୱାରା ପରିଚାଳନା କରାଯିବା କଥା କିନ୍ତୁ ଏଠାରେ କିଛି ଭିନ୍ନ ଉପରେ କାର୍ଯ୍ୟକ୍ରମ ହେଉଛି। କାର୍ଯ୍ୟ ସମାପ୍ତ ପରେ ନିୟୋଜିତ ଠିକାଦାରଙ୍କୁ ସିଧାସଳଖ ତାର ପ୍ରାପ୍ୟ ଭିଏଲଡବ୍ଲୁଙ୍କ ଦ୍ୱାରା ପୈଠ କରାଯିବା କଥା, କିନ୍ତୁ ଗୋପରେ ଯେଉଁମାନେ ପିସି କାରବାର କରୁଛନ୍ତି ତାଙ୍କ ଆକାଉଣ୍ଟ ଟଙ୍କା ଯିବା ପରେ ଠିକାଦାର ହାତକୁ ଟଙ୍କା ଆସୁଛି। ତାହା ପୁଣି ୧୩% ର ଟଙ୍କା ପିସି ଆକାରରେ ରଖୁଛନ୍ତି ଅଧିକାରୀ ଓ ଅଧିକାରିଣୀ। ଆଉ ମଧ୍ୟ ଅନେକ କାର୍ଯ୍ୟ କେବଳ କାଗଜ ପତ୍ରରେ ହୋଇଛି ବୋଲି ଦର୍ଶାୟୀ ଲକ୍ଷାଧିକ ତାଙ୍କର ମିଥ୍ୟା ବିଲ ହଡପ ହେଉଛି ବୋଲି ଶୁଣିବାକୁ ମିଳୁଛି। ଗୋପ ପଞ୍ଚାୟତର ପାଖ ପଚାୟତ ରେ ଗୋଟେ ଗୋଟେ କାର୍ଯ୍ୟ ବଦଳରେ ଦୁଇଥର ବିଲ ମଧ ହେଉଛି, ତାହା ପୁଣି ବିଭାଗୀୟ ଅଧିକାରୀ ଓ ଅଧିକାରିଣୀଙ୍କ ଜ୍ଞାତସାରରେ। ଏଠାରେ କିଛି ଅଧିକାରୀ ଓ ଅଧିକାରିଣୀଙ୍କ ପିସି କରବାରେରେ ଏତେ ଜଡିତ ବଦଳୀ ହେବା ସତ୍ତ୍ୱେ ହେଡ଼ କ୍ୱାଟର ଛାଡିବାକୁ ନାରାଜ। ଏପଟେ ଲକ୍ଷକେ ୧୩ରୁ ୨୦ହଜାର ତାଙ୍କ ଯଦି ଠିକାଦାର ପିସି ଆକାରରେ ଦେବ ତେବେ କାର୍ଯ୍ୟ ଗୁଡିକ ସ୍ୱାଭାବିକ ଖରାପ ହେଉଛି ବୋଲି ସାଧାରଣରେ ଚର୍ଚ୍ଚା ହେବାର ଶୁଣିବାକୁ ମିଳୁଛି। ପିସି ଦେବା ଦ୍ୱାରା ଏମିତି ବି ଅନେକ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ୬ ମାସ ମଧ୍ୟରେ ନଷ୍ଟ ହେବାର ନଜରକୁ ଆସିଥିବା ବେଳେ ଅଭିଯୋଗ କଲେ ମଧ୍ୟ କୌଣସି ଫରକ ପଡୁନାହିଁ। ତେଣୁ ଗୋପ ର ବିଭିର୍ଣ୍ଣ ସରକାରୀ କାର୍ଯ୍ୟାଳୟରେ ପିସି କାରବାର ବନ୍ଦ କରିବା ସହ, ବଦଳୀ ହୋଇଥିବା ସରକାରୀ କର୍ମଚାରୀଙ୍କ ସ୍ଥାନ ଛାଡିବା ଏବଂ ନୂତନ ଅଧିକାରୀ ଓ ଅଧିକାରିଣୀଙ୍କୁ ନିଯୁକ୍ତି ଦେବା ପାଇଁ ପୁରୀ ଜିଲ୍ଲାପାଳ ତୁରନ୍ତ ଦୃଷ୍ଟି ଦିଅନ୍ତୁ ବୋଲି ଦାବୀ କରିଛନ୍ତି ଗୋପ ବ୍ଲକର ବୁଦ୍ଧିଜୀବୀମାନେ।

# ଭାଗବତ ସପ୍ତାହ ପାଳନ ପ୍ରସ୍ତୁତି

ଚୌଦ୍ୱାର, (ପିପିଏସ୍) : ଓଟିଏମ୍ କଲୋନୀ ସତ୍ୟ ନାରାୟଣ ପଡ଼ିଆସ୍ଥିତ ବାବା ବୈକୁଣ୍ଠନାଥ ପ୍ରାର୍ଥନା ଗୃହରେ ଶ୍ରୀମଦ୍ ଭାଗବତ ସପ୍ତାହ ପାରାୟଣ ପ୍ରବଚନ ଓ ଗୀତା ଜ୍ଞାନ ଯଜ୍ଞ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି ।ଚୌଦ୍ୱାର ଶ୍ରୀ ଜଗନ୍ନାଥ ଭକ୍ତ ସମାଜ ଆନୁକୁଲ୍ୟରେ ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସଦସ୍ୟ ମାନେ ଯୋଗଦେଇ ଆସନ୍ତା ଜୁଲାଇ ୩ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ କିପରି ଭାବେ ଶୃଂଖଳାର ସହ ସମ୍ପନ୍ନ କରାଯିବ ସେସମ୍ପର୍କରେ ଆଲୋଚନା କରିଥିଲେ ।ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପାରିଷଦ ଦିଲ୍ଲିପ କୁମାର ସାହୁ, ଆଶୁତୋଷ ଦାସ, ଭାସ୍କର ରାଉତରାୟ, ଅନୁଷ୍ଠାନର



ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି, ସମ୍ପାଦକ ରାଜ କିଶୋର ସାମନ୍ତରାୟ, ବିଭୁତି ଦାସ, ସରିତାନନ୍ଦ ପାଲ, ନରେନ୍ଦ୍ରନାଥ ସ୍ୱାଇଁ, ଶରତ କୁମାର ଖୁଣ୍ଟିଆ, ସନ୍ତୋଷ କୁମାର ଧର, ନାରାୟଣ ସ୍ୱାଇଁ, ଅର୍ଜୁନ ପଣ୍ଡା, ବିମଳ କୁମାର ବେଉରା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।ବିଜୟହରି ପାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୌଦ୍ୱାର କଲେଜରେ ଆନ୍ତର୍ଜାତିକ ଯୋଗ ଦିବସ

ଚୌଦ୍ୱାର,(ପିପିଏସ୍): ଚୌଦ୍ୱାର କଲେଜ ପରିସରରେ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି । ଅଧକ୍ଷ ଉମେଶ ଚନ୍ଦ୍ର ଦେବାତଙ୍କ ପୌରହିତ୍ୟରେ କଲେଜର ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।ଏହି ଅବସରରେ ଯୋଗ ଗୁରୁ ଏବଂ ଅଧାପକ ମାନଙ୍କ ଦ୍ୱାରା କଲେଜର ପ୍ରଧାପକ, ଅଧାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କୁ ଯୋଗଶିକ୍ଷା ଓ ବିଭିନ୍ନ ଯୋଗ କୌଶଳ ଶିକ୍ଷା ପ୍ରଦାନ କରାଯାଇଥିଲା । ବାଣିଜ୍ୟ ବିଭାଗର ମୁଖ୍ୟ ପ୍ରଧାପକ ପ୍ରଭାକର ମିଶ୍ର, ଶରତ କୁମାର ମଲ୍ଲିକ,ସଂଜ୍ଞୟ କୁମାର ଧଳ ପ୍ରମୁଖ ଯୋଗ ମାଧ୍ୟମରେ ନିୟମିତ ଜୀବନଚର୍ଯ୍ୟାକୁ ଶୃଙ୍ଖଳିତ କରିବା ସଙ୍ଗେସଙ୍ଗେ ଛାତ୍ରୀଛାତ୍ର ମାନଙ୍କ ମଧ୍ୟରେ ଯୋଗ ଉଦ୍ୟୋଗୀ ସୃଷ୍ଟି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରାଧ୍ୟାପକ ମୋହିତ କର,ଯୁକ୍ତେଶ୍ୱର ଦାସ,ଚନ୍ଦ୍ର ଶେଖର ପଣ୍ଡା,ଦୀପକ ମହାନ୍ତି,ଦୀପକ ବେହେରା,କ୍ଷୀରାବ୍ଧୀ ଚୌଧୁରୀ,ହରପ୍ରୀୟା ମହାପାତ୍ର,ସସ୍ମିତା ଭୂୟାଁ,କ୍ରିଷ୍ଣା କାବେରୀ ଦାସ,ମମତା ସାହୁ,ବସନ୍ତ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ସମ୍ପର୍କିତ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ । ଡ. ପ୍ରଭାବତୀ ପଢିଆରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ବୈଦ୍ୟନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଗ୍ରାମପଞ୍ଚାୟତ ଅଫିସର ସତ୍ୟନାରାଣ ଭୋଇଙ୍କୁ ବଞ୍ଚାଇଲେ ରଣପୁରର ବିଧାୟକ ସତ୍ୟନାରାୟଣ





ନୟାଗଡ଼, (ପିପିଏସ) : ଗତକାଲି ବିଳମ୍ବିତ ରାତିରେ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ନିକଟରେ ବଡ଼ ଦୁର୍ଘଟଣା ଘଟିଥିଲା । ନୟାଗଡ଼ ବ୍ଲକ ଜିପିଓ ସତ୍ୟନାରାଣ ଭୋଇ ନିଜ ଗ୍ରାମକୁ ଫେରୁଥିବା ବେଳେ ଗୋଟିଏ ବୋଲେରୋ ଗାଡ଼ି ସାମ୍ନା ପଟୁ ଶକ୍ତ ଧକ୍କା ଦେଇଥିଲା ଘଟଣା ସ୍ଥଳରେ ଜିପିଓ ସଜ୍ଞାହିନ ହୋଇପଡିଥିଲେ । ତାଙ୍କ ଡାହାଣ ପଟ ଗୋଡ଼ର ଆଣ୍ଠୁ ଉପର ଓ ତଳ ଭାଙ୍ଗି ଚୁରମାର ହୋଇଥିବା ବେଳେ ମୁଣ୍ଡରେ ଶକ୍ତ ଧକ୍କା ଲାଗିଥିଲା ।ହଠାତ ବହୁ ସଂଖ୍ୟକ ଲୋକ ଘଟଣା ସ୍ଥଳରେ ପହଞ୍ଚି ଯାଇଥିଲେ । ବିଭିନ୍ନ ଆମ୍ବୁଲାନ୍ସ ଗାଡ଼ିକୁ ଫୋନ କରାଯାଇଥିଲେ ମଧ କୌଣସି ଗାଡି ଆସିନଥିଲା । ସେହି ରାସ୍ତା ଦେଇ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ନିଜ ଘରକୁ ଫେରୁଥିଲେ । ସେ ଏହି ଘଟଣା ଦେଖି ତୁରନ୍ତ ନିଜ ଗାଡିରେ ସେ ଜିପିଓ ସତ୍ୟନାରାୟଣ ଭୋଇଙ୍କୁ ତୁରନ୍ତ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ଏହି ଘଟଣାକୁ ନେଇ ବିଧାୟକଙ୍କୁ ଅନେକ ପ୍ରଶଂସା ମିଳିଛି ।ଜିପିଓ ଅତି ଗୁରୁତର ହୋଇ ପଡିବାରୁ ତାଙ୍କୁ ତୁରନ୍ତ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା । ସେ ଏବେ ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି । ଗତକାଲି ରାତିରେ ନୟାଗଡ଼ ଟାଉନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୋଲେରୋ ମାଲିକ ଲକ୍ଷ୍ମୀକାନ୍ତ ଷଡ଼ଙ୍ଗୀ ( ମୁନା )କୁ ଥାନାକୁ ଆଣିଥିଲେ । ପରେ ତାଙ୍କୁ ମେଡିକାଲ ନେଇଥିଲେ ।

## ଭଣ୍ଡାରିପୋଖରୀ - ବିଭିନ୍ନ ସ୍ଥାନରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ଭଦ୍ରକ, (ପିପିଏସ) : ଏହି ଜିଲାର ଭଣ୍ଡାରିପୋଖରୀ ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଆଜି ପାଳିତ ହୋଇଯାଇଛି। ଅଧକ୍ଷ ଭରତ ଚନ୍ଦ୍ର କରଣଙ୍କ ପୌରହିତ୍ୟରେ ଅନୁଷ୍ଠିତ ଯୋଗ ଶିବିରକୁ କ୍ରୀଡା ଶିକ୍ଷକ ଦିଲ୍ଲିପ କୁମାର ନାୟକ ଛାତ୍ରଛାତ୍ରୀମାନଙ୍କୁ ଯୋଗଭ୍ୟାସ କରାଇଥିଲେ। ବିଦ୍ୟାଳୟ ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରିଣୀ ମମିତାରାଣୀ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରରେ ଅଧାପକ ଅନନ୍ତ କିଶୋର ମହାପାତ୍ର, ହରିହର ସାହୁ, ସୁଜାତାରାଣୀ ଦାସ, ଶ୍ରାବଣୀ ଦାସ, ଗୀତାଞ୍ଜଳି ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଯୋଗାଭ୍ୟାସର ଆବଶ୍ୟକତା, ଉପଯୋଗୀତା ଓ ଉପକାରିତା ସମ୍ପର୍କରେ ବିସ୍ତୃତ ଭାବେ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ମହୁରା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରବିନ୍ଦ୍ର କୁମାର ମହାରଣାଙ୍କ ପୌରହିତ୍ୟରେ ଶିକ୍ଷକ, ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀମାନେ ଯୋଗାଭ୍ୟାସ କରିଥିଲେ। ମଞ୍ଜୁରୀରୋଡ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଯୋଗ ଦିବସ ପାଳନ ହୋଇଯାଇଛି।

## ଷ୍ଟାଡିୟମରେ ବିଶ୍ୱ ଯୋଗ ଦିବସ

ନୟାଗଡ଼, (ପିପିଏସ) : ବିଶ୍ୱ ଯୋଗ ଦିବସ ଅବସରରେ, ନୟାଗଡସ୍ଥ ନୂତନ ଷ୍ଟାଡିୟମ ପଡିଆରେ ଏକ ଯୋଗ ଶିବିର ସକାଳ ସାତ ଘଣ୍ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ରେଳ ଓ ବୟନ ଶିଳ୍ପ ରାଷ୍ଟ୍ର ମନ୍ତ୍ରୀ ଶ୍ରୀମତୀ ଦର୍ଶନା ଦର୍ଦୋଷ ଏବଂ ପୁରୀ ଲୋକସଭା କ୍ଷେତ୍ରର ସାସଂଦ ପ୍ରାର୍ଥୀ ଶ୍ରୀଯୁକ୍ତ ସମ୍ବିତ ପାତ୍ର ଯୋଗଦାନ କରିଥିଲେ। ଏହାପରେ ପୂର୍ବାହ୍ନ ଏଗାର ଘଣ୍ଟା ସମୟରେ ମୋଦିଜୀଙ୍କ ନଅବର୍ଷ ପୁର୍ତ୍ତୀ ଅବସରରେ, ଦେଶରେ ସୁଶାସନ କାର୍ଯ୍ୟକ୍ରମ ସମ୍ପର୍କିତ ଏକ ପଦଯାତ୍ରା, ନୟାଗଡ ବ୍ଲକର ବିରୁଡା ଗ୍ରାମରେ ଅନୁଷ୍ଠିତ ହେଲା। ଉକ୍ତ କାର୍ଯ୍ୟକ୍ରମରେ ମଧ ଶ୍ରୀମତୀ ଦର୍ଶନା ଦର୍ଦୋଷ ଓ ପୁରୀ ସାସଂଦ ପ୍ରାର୍ଥୀ ଶ୍ରୀଯୁକ୍ତ ସମ୍ବିତ ପାତ୍ର ମହୋଦୟ ଯୋଗଦାନ। କରଥିଲେ ଉକ୍ତ ଦୁଇଟି କାର୍ଯ୍ୟକ୍ରମରେ, ବହୁସଂଖ୍ୟାରେ ଲୋକ ଉପସ୍ଥିତ ହୋଇ ସହଯୋଗ କରିଥିଲେ।

### ସ୍ୱତନ୍ତ୍ର ସହାୟତା ଘୋଷଣା କରି ଉପ ନିର୍ବାଚନ ପ୍ରତିଶ୍ରୁତି ପାଳିଲେ ମୁଖ୍ୟମନ୍ତ୍ରୀ

# ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ନେଇ ଧାମନଗର ବିଜେଡ଼ିର କୃତଜ୍ଞତା

ଧାମନଗର (ପିପିଏସ) : ଗତ ୨୦୨୨ ମସିହା ନଭେମ୍ବର ୩ ତାରିଖରେ ଧାମନଗର ଉପ ନିର୍ବାଚନ ପରିପ୍ରେକ୍ଷୀରେ ଅକ୍ଟୋବର ୩୧ ତାରିଖରେ ଅନୁଷ୍ଠିତ ଆଭାସୀ ସଭା ମାଧ୍ୟମରେ ଧାମନଗର ବିକାଶର ଦାୟିତ୍ୱ ନେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେହି ନିର୍ବାଚନରେ ତାଙ୍କ ଦଳ ପ୍ରାର୍ଥୀନୀ ପରାଜିତ ହୋଇଥିଲେ ମଧ ଦେଇଥିବା ପ୍ରତିଶ୍ରୁତି ପାଳିଛନ୍ତି ନବୀନ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଘୋଷଣା ପାଇଁ ପ୍ରଥମ ପର୍ଯ୍ୟାୟରେ ଧାମନଗରର ବିକାଶରେ ଏକ ନୂଆ ଫର୍ଦ୍ଦ ଯୋଡ଼ିହୋଇଛି। ଧାମନଗରର ବିଭିନ୍ନ ପ୍ରକଳ୍ପ ପାଇଁ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି ମୁଖ୍ୟମନ୍ତ୍ରୀ। ଯେଉଁଥି ପାଇଁ ଧାମନଗର ନିର୍ବାଚନ ମଣ୍ଡଳୀ ବିଜେଡ଼ି ପକ୍ଷରୁ ଏକ ପ୍ରେସ



ମିଟ ମାଧ୍ୟମରେ ତାଙ୍କୁ ଧନ୍ୟବାଦ ଅର୍ପଣ ସହ କୃତଜ୍ଞତା ଜ୍ଞାପନ କରାଯାଇଛି। ବୁଧବାର ପୂର୍ବାହ୍ନରେ ଧାମନଗର ଜଳସେଚନ ଡାକ ବଙ୍ଗଳା ଠାରେ ବ୍ଲକ ବିଜେଡ଼ି ସଭାପତି ଉମେଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରେସ ମିଟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲାପରିଷଦ ସଭ୍ୟା ବିଦ୍ୟୁତଲତା ନାୟକ, ସାରଦା ପ୍ରସନ୍ନ ସାହୁ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଏନଏସି ଉପାଧ୍ୟକ୍ଷ ଓସିମ ଏଜଦାନି କାଦରୀ, ବ୍ଲକ ଯୁବ ବିଜେଡ଼ି ସଭାପତି ଭାରତ ବିଜୟ ଦଳାଇ, ଏନଏସି ସଭାପତି ସୁଶାନ୍ତ ରାଉତ, ଦୋବଲ ଜିଲ୍ଲାପରିଷଦଙ୍କ ପ୍ରତିନିଧି ପ୍ରତାପ ସାମଲଙ୍କ ସମେତ ବହୁ ଛାମୁଆ ସଂଗଠକ ଯୋଗ ଦେଇଥିଲେ। ଏଠାରେ ସୂଚନା ଯୋଗ୍ୟ ମୁଖ୍ୟମନ୍ତ୍ରୀ ବିଭିନ୍ନ ଧର୍ମାନୁଷ୍ଠାନ ଓ ଐତିହାସିକ ପୀଠକୁ ପ୍ରଥମ ପର୍ଯ୍ୟାୟରେ ୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଥିବା ସହ ପୂର୍ବରୁ ଧାମନଗରର ସମସ୍ତ ମହାବିଦ୍ୟାଳୟକୁ ୫- ଟିରେ ସାମିଲ ସହ ରୂପାନ୍ତରିତ ପାଇଁ ୧୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି। ଏଥି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ ସହ ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,୫- ଟି ସଚିବ ଭି. କେ. ପାଣ୍ଡିଆନ, ଭଦ୍ରକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଭଦ୍ରକ ସାଂସଦ ମଞ୍ଜୁଳତା ମଣ୍ଡଳଙ୍କୁ ମଧ୍ୟ ଧନ୍ୟବାଦ ପ୍ରଦାନ କରାଯାଇଛି।




# ମୀନାବଜାର

ମୋ ଦେଶ ନଈ, ପାହାଡ଼, ବନ
ଝରଣା ତାର କି ମନୋହର
କେତେ ଯେ ଫୁଲ, କେତେ ଯେ ଫଳ
ସବୁ ଶୋଭାର ଅଟଇ ଘର ।
ମାଟି ଏ ନୁହେଁ, ମାଆଟି ମୋର
ଖୁଆଇ କ୍ଷୀର କରିଛି ବଡ଼
ତାହାରି ଲାଗି ଜୀବନ ଦେବି
ମାନିବି ନାହିଁ ବତାସ ଝଡ଼ ।

– ମଙ୍ଗଲୁ ଚରଣ ବିଶ୍ୱାଳ

## ଆ'ଆ'ରେ ବରଷା



ରବୀନ୍ଦ୍ରନାଥ ମାଝୀ

ଆ'ଆ' ବରଷାରେ
ଆ' ତଳକୁ ଆ'
ବଡ଼ ଚଗଲା ଖରା ଖୁରୁଙ୍ଗ
ମାରୁଛି ଏଠି ଡିଆଁ ।।

ହାତୀ ଆଇଲା ଚିତା ଆଇଲା
ଶୋଇଲୁ ନାହିଁ ଡରି
ଖରା ଖୁରୁଙ୍ଗ ଆସିଲା ଦିନୁ
ନିଦ ଯାଇଛି ସରି ।।

ଜଲଦି ଆ' ଆ' ବରଷା
ପୋଖରୀ ଦେଏ ଭରି
ଦି'କୋଶ ଆଉ ଯିବନି ବୋଉ
ଖାଲି ମାଠିଆ ଧରି ।।

ଶୁଖିଲା ଡାଳେ କୁନି ପତର
କଅଁଳି ଉଠି ପରା
ସବୁଜ କରି ଶୁଖିଲା ମାଟି
ହସେଇ ଦେବ ଧରା ।।

ନୂଆ ପତର ମେଲିଆ ହୋଇ
ମାଟିକୁ ଦେବେ ଛାଇ
ଓଦା ମାଟିରେ ଗଛଟି ଆଉ
ଝାଉଁଳି ଯିବ ନାହିଁ ।
ପଳାଇ ଯିବ ଚଗଲା ଖରା
ଶୀତଳ ହେବ ତାତି
ପତରଭରା ନୂଆ ଡାଳରେ
ଖୋଜିବୁ ଦୋଳି ନିତି ।।

କବିତା ଭବନ, ପ୍ଲଟ ନଂ - ୧୧୩/୩୩୯୫
ଜୟଦେବ ବିହାର, ଭୁବନେଶ୍ୱର
ମୋ-୯୪୩୭୦୯୧୮୪୧

## ସବୁଜ ପୃଥିବୀ



ସୁଜାତା ମହାପାତ୍ର

ଆକାଶରେ ତାରାଫୁଲ ଦିଶେ ମନୋହର
ଧରଣୀରେ ଗଛଲତା ସବୁଜ ସୁନ୍ଦର ।
ପାହାଡ଼ ଗାଉଛି ଗୀତ ଝରଣା ସ୍ୱରରେ
ପବନ ଖେଳଇ ଦୋଳି ଆହାକି ବେଗରେ ।।

ନଈଟିଏ ବୁଲି ବାଙ୍କି ଧାଉଁଚି ସରାଗେ
ସାଗରରେ ମିଶିବାକୁ ଆକୁଳ ପରାଣେ ।
ନାନାବାୟା ଗୀତ ଗାଇ ପକ୍ଷୀଦିନ ବିତେ
କେତେ ଆନନ୍ଦରେ ଉଡ଼ି ବୁଲୁଥାନ୍ତି ସତେ ।।



ଫୁଲମାନେ କୁହାକୁହି ହୁଅନ୍ତି କାନରେ
ମଳୟ ପବନ ଆସି ଛୁଇଁଗଲା ଧୀରେ ।
ପିଲାମାନେ ଭାବଥରେ କିଏ ସେ ବିଧାତା
କାହିଁକି ଗଢ଼ିଲା ଏତେ ସୁନ୍ଦର ଧରଣୀ ।।

ଯାହାପାଇଁ ଯିଏ ତାକୁ ଗଢ଼ିଲାତ ଛାଏଁ
ସବୁକିଛି ଖଞ୍ଜିଦେଲା ଯିଏ ଯାହା ଚାହେଁ ।
ତୁମ ହାତେ ଦେଇଗଲା ସବୁରି ଦାୟିତ୍ୱ
କେମିତି ରଖିବ ତାକୁ ତୁମେ ଭାବ ଏ'ତ ।।

ଯତ୍ନନେଲେ ରତ୍ନମିଳେ ଏତ ସତକଥା
ତୁମ ଦାୟିତ୍ୱରେ ଏବେ ପୃଥିବୀର କଥା

ଅମୃତାୟନ
ମଧୁସୂଦନ ନଗର, ତୁଳସୀପୁର, କଟକ
ମୋ-୯୯୩୭୯୯୩୯୯୭

## ହସି ଉଠୁ ଏହି ଧରା



ତପନ କୁମାର ସାଇଁ

ପହିଲି ଆଷାଢ଼ ହାତ ଠାରି ଡାକେ
ଆରେ ବରଷା ଆ'
ସାଥୀ ହୋଇ ଆମେ ଦୋଳିରେ ଝୁଲିବା
ଡାକୁଛି ଧରଣୀ ମା' ।

ଶୁଖି ଯାଇଅଛି ନଈ ନାଳ ତା'ର
ପୋଖରୀ,ଗାଡ଼ିଆ,କୂଅ
ଏମିତି ଖରାରେ କିଏ ବାହାରିବ
କହୁନୁ କାହାର ପୁଅ ?

ତୋଟା ମାଳ ଗାଆଁ ଶୁଖିଲା ପଡିଆ
ଦିଶୁଅଛି ଖାଁ' ଖାଁ '
ଅସରାଏ ଖାଲି ବରଷି ଗଲେ ତୁ
ହସି ଉଠିବ ସେ ଛାଁ ।

ତୁ ନଆସିଲେ ମୋତେ ବା କିଏସେ
ପଚାରିବ କହ ଏଠି,
ବିନା ବରଷାରେ ଆଷାଢ଼ କି କହ
ପିନ୍ଧିଛି ତା' ପରିପାଟୀ ।

କେତେ ଜୀବଜନ୍ତୁ ଚାହିଁ ବସିଛନ୍ତି
ଖରା ସାଜିଅଛି ଦାଉ,
ତୁ ନ ଆସିଲେ ହାରିବେ ଜୀବନ
କାହିଁକି ରଖିବେ ଆଉ !

ତୋ' ଅମୃତ ଧାରା ଢାଳିଦେ ମୁନ୍ଦାଏ
ହସି ଉଠୁ ଏଇ ଧରା
କହିବେ ତ ଜନେ ବରଷା ଛୁଆଁରେ
ଘୁଞ୍ଚିଗଲା ଟାଣ ଖରା ।

ଅଇବିଲି, ତିର୍ତ୍ତୋଲ, ଜଗତସିଂହପୁର
ମୋ -୯୦୪୦୦୩୩୩୯୦

## ଜିଣିବ ଏକା ସିଏ



ଜୟନ୍ତିକା

ରାଜା କହନ୍ତି ଏତେ ମୋ କାମ
ବେଳ କାହିଁରେ ମୋର,
ଧିମା ଧିମାରେ ଚାଲିବି ବାଟ
ଥରକେ ଗୋଟେ ଘର ।।



ପାଖରେ ମୋର ଅଛନ୍ତି ବସି
ଭାରି କାମିକା ମନ୍ତ୍ରୀ
ସିଧା କଣେଇ ପାରନ୍ତି ଚାଲି
ଅତି କୁଶଳୀ ଯନ୍ତ୍ରୀ ।।

ହାତୀ ଘୋଡ଼ା ବି ଅଛନ୍ତି ଘେରି
ଚାରି ପାଖରେ ମୋର,
ସବା ଆଗରେ କେତେ ଯେ ସୈନ୍ୟ
ଜଗିଛନ୍ତି ମୋ ଘର ।।

ଦୂରରେ ପୁଣି ଜଗୁଆଳି ମୋ
ଅଛନ୍ତି ଡଙ୍ଗା ଦୁଇ ।
ମାରିବା ପାଇଁ ପାଖକୁ ମୋର
ଆସି ନପାରେ କେହି ।।

ଆର ରାଜାର ଦେହଟା କଳା
କଳା ତା ସାଙ୍ଗସାଥୀ,
ଭାବୁଛି ମୁହିଁ ଜିତିବ ନିଶ୍ଚେ
ଫୁଲେଇ କହେ ଛାତି ।।

ସେପଟେ ରାଜା ମୁରୁକି ହସି
କହିଲା ଭାଇ ଶୁଣ
ରଙ୍ଗରେ କେହି ଜିତିଛି କାହିଁ
ଢଙ୍ଗରେ ସିନା ଗୁଣ ।।

ଆମକୁ ନେଇ ଖେଳିବ ଯଦି
ବୁଦ୍ଧିଆ ପିଲାଟିଏ,
କଳା କି ଗୋରା ଫରକ ନାଇଁ
ଜିଣିବ ଏକା ସିଏ ।।

କଥାକାର - ୧୬୧
ଶୈଳଶ୍ରୀ ବିହାର, ଭୁବନେଶ୍ୱର
ମୋ-୮୭୬୩୯୯୮୪୯୮

## ଅଛିକେ କାଳିଆ ପରି



ଦେବାଶିଷ ଚକ୍ରବର୍ତ୍ତୀ

ବରଷକ ପରେ ମାଉସୀ ଘରକୁ
ଯାଇଛି କାଳିଆ ବୁଲିବା ପାଇଁ
ସାଥିରେ ଅଛନ୍ତି ସୁଭଦ୍ରା ଭଉଣୀ
ସୁଦରଶନ ଓ ବଳିଆ ଭାଇ ।

ଗୁଣ୍ଡିଚା ମାଉସୀ ଏତେ ଉଷତ ଯେ
ଭୂଇଁରେ ଲାଗୁନି ତାଙ୍କର ପାଦ
ମନେହୁଏ ସତେ ହାତରେ ତାଙ୍କର
ପଡିଛି ଖସି କି ପୁନେଇଁ ଚାନ୍ଦ ?



ଭକତଙ୍କ ଭିଡ଼ ଜନମ ବେଦିରେ
କାଳିଆକୁ ଟିକେ ଦେଖିବେ ବୋଲି
ଦରଶନ କରିବାକୁ ଦେବତା ବି
ଆସନ୍ତି ସରଗପୁରକୁ ଛାଡି ।

ବାହୁଡ଼ା ଦିନରେ ବାହୁଡ଼ି ଯିବସେ
ମାଉସୀ ଘରରେ ସାରି ତା ଲୀଳା
ସେଇଥି ପାଇଁକି ବଡ଼ଦାଣ୍ଡେ ଦେଖ
ତିନି ରଥ ହୋଇ ଅଛନ୍ତି ଛିଡା ।

ପୋଡ଼ପିଠା ତାକୁ ଖୋଇବା ପାଇଁକି
ମାଉସୀମା ରହି ଅଛନ୍ତି ଚାହିଁ
ମାଉସୀ ହାତର ପିଠା ପରି ମିଠା
ଦରବ ସତରେ ଅଛିକି କାହିଁ ?

ଶିରୀମନ୍ଦିରକୁ ଫେରିଲେ କାଳିଆ
ଉଜୁଳିବ ରତ୍ନବେଦୀର ଶିରୀ
ସାରା ଜଗତରେ ମଣିଷ ଠାକୁର
ଅଛିକେ କୁହନି କାଳିଆ ପରି ?

ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ-୯୪୩୭୭୫୨୩୯୫

## ଭକ୍ତିର ଶକ୍ତି



ଶୁଭନାରାୟଣ ଶତପଥୀ

ପିଲାଟିର ନାଁ ତା'ର ଚନ୍ଦନ । ବାପା ମାଆଙ୍କ ସହିତ ଓଡ଼ିଶା ବାହାରେ ରୁହେ । ବାହାରେ ରହିଲେ କ'ଣ ହେଲା ସେ ଭାରି ଓଡ଼ିଆ ସଂସ୍କୃତି ପ୍ରିୟ । ପ୍ରତବର୍ଷ ଛୁଟିରେ ଗାଁକୁ ଆସେ । ଯେତେଥର ଚନ୍ଦନ ଓଡ଼ିଆ ଆସେ ସେତେଥର ସେ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରେ । ଏଥର ଖରାଛୁଟିରେ ବି ସେ ଗାଁକୁ ଆସିଥାଏ ବାପାମାଆଙ୍କ ସହିତ । ସବୁଥର ଭଳି ଏଥର ସେ ଆଉ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିପାରିଲା ନାହିଁ । ଚନ୍ଦନ ପଚାରିବାରୁ ବାପା କହିଲେ ସ୍ନାନ ପୂର୍ଣ୍ଣିମା ଦିନ ୧୦୮ ଗରା ପାଣିରେ ଗାଧୋଇ ମହାପ୍ରଭୁଙ୍କୁ ଜ୍ୱର ହୋଇଛି । ଚତୁର୍ଦ୍ଧାମୂର୍ତ୍ତି ଅଣସରଘରେ ଅଛନ୍ତି । ଚନ୍ଦନ ମନ ଭାରି ଦୁଃଖ ହେଲା । କେମିତି ଦର୍ଶନ କରିବି ମୋ ମହାପ୍ରଭୁଙ୍କୁ ପଚାରିଲା ଚନ୍ଦନ । ବାପା କହିଲେ ଏବେ ସମସ୍ତେ ଶ୍ରୀଅଲରନାଥଙ୍କୁ ଦର୍ଶନ କରିବା ଚାଲ । ଚନ୍ଦନ ବି ଗଲା । ଭିଡ଼ ଭିତରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କରି କହିଲା ମହାପ୍ରଭୁ ତୁମକୁ ଦର୍ଶନ କରି ଧନ୍ୟ ହେଲି । ଏଥର ସବୁବର୍ଷ ଅଣସର ସମୟରେ ଶ୍ରୀ ଅଲାରନାଥଙ୍କୁ ଦର୍ଶନ କରିବା ବୋଲି ଚନ୍ଦନ କହିଲା । ସେତେବେଳକୁ ସଞ୍ଜ ନଇଁ ଆସୁଥାଏ । ମହାପ୍ରଭୁଙ୍କୁ ପ୍ରଣାମ ଜଣାଇ ଆନନ୍ଦ ବଜାରରୁ ଖିରି ଆଣି ଗାଡ଼ିରେ ବସିଲା ଚନ୍ଦନ । ବାପା କାର୍‌ଟି ଚଳାଉଥାନ୍ତି । ଆଉ ଗୋଟିଏ ସିଟ୍‌ରେ ମାଆ ବସିଥାନ୍ତି । କିଛି ଦୂର ଯିବାପରେ ଜଣେ ବ୍ୟକ୍ତି ତାଙ୍କ ଗାଡ଼ିକୁ ଅଟକାଇ କହିଲେ ବାବୁ ମୋତେ ଟିକେ ଆଗରେ ଛାଡ଼ିଦେବେ ? ଏତିକିବେଳେ ଚନ୍ଦନ କହିଲା ବାପା ଆମର ସିଟ ତ ଫାଙ୍କା ଅଛି ତାକୁ ସାଙ୍ଗରେ ନେଇ ଗଲେ ଅସୁବିଧା କ'ଣ ? ବାପା ମନେମନେ ଭାବୁଥିଲେ ଚନ୍ଦନ ଭାରି ସରଳ ବିଶ୍ୱାସୀ । ହଉ ବୋଲି କହି ସେହି ବ୍ୟକ୍ତି ଜଣଙ୍କୁ ସାଙ୍ଗରେ ନେଲେ । କିଛି ଦୂର ଯିବା ପରେ କାର୍‌ଟିକୁ ରାସ୍ତାକଡ଼କୁ ନେଇ ବାପା ରଖିଦେଲେ । କାର୍‌ରେ ବସିଥିବା ସେହି ବ୍ୟକ୍ତି ଜଣକ ପଚାରିଲେ କାର୍ ଚକାରେ ପବନ ନାହିଁ ବା ପଙ୍କଚର ହୋଇଯାଇଛି କି ? ବ୍ୟକ୍ତିଜଣଙ୍କୁ ଚନ୍ଦନର ବାପା ହଁ ସେହି ବ୍ୟକ୍ତି ଜଣଙ୍କ କହିଲେ ତୁମର ଡିକିକୁ ଟିକେ ଦେଖ । ଚନ୍ଦନର ବାପା ଡିକି ଖୋଲି ଦେଖନ୍ତି ତ ଏକ ଷ୍ଟେ-ପିନ ବା ଅନ୍ୟ ଏକ ଚକା ରହିଛି । ତାହାକୁ ଶୀଘ୍ର ଫିଟିଂ କରିଦେଲେ । କାର ପୁଣି ଚାଲିଲା । କିଛି ବାଟ ଗାଡ଼ିର ଡିକି ଖୋଲି ଦେଖନ୍ତି ତ ବାଟରେ ପଙ୍କଚର ହୋଇଥିବା ଓ ଖୋଲାଯାଇଥିବା ଚକଟି ନାହିଁ । ଚନ୍ଦନ ଓ ତା'ର ବାପା ମାଆ ବୁଝିପାରିଲେ କହିଲେ ଭକ୍ତିର ଶକ୍ତି । ଅସୁବିଧାରୁ ରକ୍ଷାକଲେ ଶ୍ରୀଅଲାରନାଥ । ହାତରେ



କହିଲେ । ପୁଣି ବ୍ୟକ୍ତି ଜଣଙ୍କ କହିଲେ ଏଠି କୌଣସି ଗ୍ୟାରେଜ ନାହିଁ । ତୁମର ପଛ ଡିକିରେ ଷ୍ଟେ-ପିନ ବା ଅନ୍ୟ ଏକ ଚକା ଅଛି, ତାକୁ ଆଣି ଲଗାଇ ଦିଅ । ଚନ୍ଦନ ଓ ତା'ର ବାପା କହିଲେ ଆମେ ତ ଷ୍ଟେ-ପିନ ବା ଅନ୍ୟ ଚକାଟିକୁ ଘରେ ଛାଡ଼ି ଆସିଛୁ । ଏବେ କରିବା କ'ଣ ? ଗଲାପରେ ସେହି ବ୍ୟକ୍ତି ଜଣଙ୍କ ଓହ୍ଲାଇପଡ଼ିଲେ । ତା'ପରେ ଚନ୍ଦନ, ତା'ର ବାପା ମାଆ ଘରେ ପହଞ୍ଚିଲେ । ଚନ୍ଦନ ଓ ତା'ର ବାପା ଧାଇଁ ଗଲେ ଗ୍ୟାରେଜ ଭିତରକୁ ଦେଖିଲେ, ଏକ ପଙ୍କଚର ହୋଇଥିବା ଷ୍ଟେ-ପିନ ବା ଅନ୍ୟ ଚକାଟି ସେଠାରେ ପଡ଼ିଛି । ଧରିଥିବା ଶ୍ରୀଅଲାରନାଥଙ୍କ ଖିରିକୁ ମୁଣ୍ଡିଆ ମାରି ସମସ୍ତେ ଖାଇଲେ ଓ ରାତିରେ ଶୋଇପଡ଼ିଲେ ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୪୩୮୪୩୨୦୨୩

## ତୁମ ତୁଳୀରୁ







କାବ୍ୟାଂଶ ବିହ୍ଲୋର,୪ର୍ଥ ଶ୍ରେଣୀ
ରୁଚିକା ହାଇସ୍କୁଲ, ୟୁନିଟ -୬, ଭୁବନେଶ୍ୱର





ନାବ୍ୟା,୭ମ ଶ୍ରେଣୀ ,ଡିପିଏସ୍,
କଳିଙ୍ଗ, ନଖରା,କଟକ





ପ୍ରିୟପ୍ରଦା ହୋତା, ଷଷ୍ଠ ଶ୍ରେଣୀ
ସେଣ୍ଟ୍ ଜାଭିୟର୍ସ ହାଇସ୍କୁଲ, ଖଣ୍ଡଗିରି, ଭୁବନେଶ୍ୱର

## ରଥଯାତ୍ରା



ବ୍ରହ୍ମମୟୀ ମିଶ୍ର



ଆଷାଢ଼ ଆକାଶେ ଭାସିଲା ମେଘ
କମିଲାଣି ଟିକେ ନିଦାଘ ରାଗ ।
ଉତ୍କଳ ରାଇଜେ ଦାରୁ ଦେବତା
ସଙ୍ଗରେ ଘେନିଣ ଭଗିନୀ ଭ୍ରାତା ।
ରଥାରୂଢ଼ ହୋଇ ଚତୁର୍ଦ୍ଧା ମୂର୍ତ୍ତି
ଜନମ ବେଦୀକୁ ବୁଲି ଯାଆନ୍ତି ।
ନଅ ଦିନ କାଟି ଖୁସି ମନରେ
ପୁଣି ବାହୁଡନ୍ତି ଶିରୀ ମନ୍ଦିରେ ।
ବାଟରେ ପଡ଼ଇ ମାଉସୀ ଘର
ପୋଡ଼ପିଠା ପ୍ରିୟ କଳା ଠାକୁର ।
ପିଠା ଲାଗି ହେଲେ ରଙ୍ଗ ଅଧରେ
ରଥ ତହୁଁ ଗଡେ ବଡ଼ ଦାଣ୍ଡରେ ।
ଏଣେ ମହାଲକ୍ଷ୍ମୀ କରନ୍ତି ରୋଷ
ରସୋଗୋଲା ପାଇ ହୁଅନ୍ତି ତୋଷ ।
କେଡେ ମହାନ୍ ଏ ଉତ୍କଳ ମାଟି
ଲୀଳା ଖେଳା କରେ ଦାରୁ ଦିଅଁଟି ।
ଭାଇ ଭଉଣୀଙ୍କ ରଥ ଯାତରା
ବିଶ୍ୱରେ ପ୍ରସିଦ୍ଧ ଅଟଇ ପରା ।

ଜଗତସିଂହପୁର
ମୋ-୯୪୩୭୮୫୩୬୩୭

## ରିମ୍ ଝିମ୍ ତୁ ଗାଆ



ପ୍ରଭାତ ଚନ୍ଦ୍ର ରଥ

ବରଷେ ହେଲା ଗଲୁଣି ଛାଡ଼ି
ଚୁଆ, ଚୁବୁକା ଖାଲି,
ଗ୍ରୀଷମ ବଡ଼ ବିଷମ ହେଲା
ତାତି ଗଲାଣି ବାଲି ।

ଚାଲି ହେଉନି ଖାଲି ପାଦରେ
ଦେହରୁ ବହେ ଝାଳ
ସୂରୁଯ ବଡ଼ ନିଠୁର ହୋଇ
ଢାଳେ କିରଣ ଜାଳ ।

ଏତିକି ବେଳେ ବରଷା ତୁ ଲୋ !
ଆକାଶୁ ଝରି ଆ'
ଆମରି କୁନା କୁନୀଙ୍କ ପାଇଁ
ରିମ୍ ଝିମ୍ ତୁ ଗାଆ ।



କୁନା କରିଛି କାଗଜ ଡଙ୍ଗା
ଭସେଇ ଦେବ ହସି
ତା'ଉପରେ ବସିଲୋ ତୁଇ
ନଈରେ ଯିବୁ ପଶି ।

ନଈରୁ ଯିବୁ ନୀଳ ସାଗରେ
ଖେଳିବୁ କେତେ ଖେଳ
ଜଣାପଡ଼ିବ ନାହିଁଲୋ କେବେ
କିପରି ଗଡ଼େ ବେଳ ।

ଅବସରପ୍ରାପ୍ତ ଶିକ୍ଷକ,
ସତ୍ୟବାଦୀ, ପୁରୀ
ମୋ-୮୭୬୩୩୦୨୫୦୭

## କହିଲ ଦେଖି ?

ହାତଗୋଡ଼ ନାହିଁ ଠାକୁର ସିଏ
ଷାଠିଏ ପଉଟି ନିଇତି ଖାଏ ।
ରଥ ଚଢ଼ିଯାଏ ମାଉସୀ ଘର
ବାରମାସେ ତେର ଯାତରା ତା'ର ।
ନାନା ବେଶେ ସିଏ ଦିଶଇ ଶୋଭା
କଳାମୁହଁ ତା'ର କି ମନୋଲୋଭା ।
କିଏ ସେ ଠାକୁର କଅଣ ନାଆଁ
ବିପଦେ ଆପଦେ ହୁଅନ୍ତି ସାହା ?
ସେ ଠାକୁର ନାଁ କହିବ ଯିଏ
ସୁନାପିଲାଟିଏ ହୋଇବ ସିଏ ।

(ଉତ୍ତର : ଜଗନ୍ନାଥ)

ସଂଯୋଜନା
ଡକ୍ଟର ସୁନାମଣି ରାଉତ
ରାଜାବଗିଚା, କଟକ - ୯
ମୋ - ୯୪୩୭୧୯୨୮୯୦
ଇମେଲ୍– sunamani.rout@gmail.com

# ଆଇସିସି ଟେଷ୍ଟ ରାଙ୍କିଂର ବୋଲି ସୂଚୀରେ ଶୀର୍ଷ ସ୍ଥାନ ବଜାୟ ରଖିଲେ ରବିଚନ୍ଦ୍ରନ ଅଶ୍ୱିନ



ନୂଆଦିଲ୍ଲୀ(ଏଜେନ୍ସୀ): ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବୁଧବାର ଜାରି ଆଇସିସି ଟେଷ୍ଟ ରାଙ୍କିଂର ବୋଲି ସୂଚୀରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ଅନ୍ୟପଟେ ବ୍ୟାଟିଂରେ ଇଂଲଣ୍ଡର ବ୍ୟାଟର ଜୋ ରୁଟ୍ ଅଷ୍ଟ୍ରେଲିଆର ବ୍ୟାଟର ମାର୍ନସ ଲାବୁସେନଙ୍କୁ ପଛରେ ପକାଇ ଏକ ନମ୍ବର ବ୍ୟାଟର ହୋଇଛନ୍ତି । ଆସେସ୍ ସିରିଜର ପ୍ରଥମ ଟେଷ୍ଟ ମ୍ୟାଚରେ ବର୍ମିଂଘମର ଏଜବେଷ୍ଟନରେ ଖେଳାଯାଇଥିଲା, ଏଠାରେ ଇଂଲଣ୍ଡକୁ ଦୁଇ ୱିକେଟରେ ପରାଜୟ ସାମନା କରିବାକୁ ପଡ଼ିଥିଲା । କିନ୍ତୁ ଇଂଲଣ୍ଡର ପୂର୍ବତନ କ୍ୟାପଟେନ ଜୋ ରୁଟଙ୍କୁ ଶତକ ମାରିବାର ଲାଭ ଟେଷ୍ଟ ବ୍ୟାଟର୍ସ ରାଙ୍କିଂରେ ମିଳିଛି । ଜୋ ରୁଟ୍ ଇଂଲଣ୍ଡ ପାଇଁ ପ୍ରଥମ ଇନିଂସରେ ଶତକ ମାରିଥିଲେ ଏବଂ ଦ୍ୱିତୀୟ ପାଳିରେ ୪୬ ରନ କରିଥିଲେ । ଯାହାର ଲାଭ ତାଙ୍କୁ ମିଳିଛି ଏବଂ ଟେଷ୍ଟର ନମ୍ବର ୱାନ ବ୍ୟାଟର ହୋଇଛନ୍ତି । ଅନ୍ୟପଟେ ଦୁଇ ଇନିଂସରେ ମାର୍ନସ ଲାବୁସେନଙ୍କ ଶସ୍ତାରେ ଆଉଟ୍ ହେବା ତାଙ୍କୁ ମହଙ୍ଗା ପଡ଼ିଛି । ଆସେସ ସିରିଜ ପୂର୍ବରୁ ଆଇସିସିର ଟେଷ୍ଟ ରାଙ୍କିଂର ଶୀର୍ଷ-୩ରେ ଅଷ୍ଟ୍ରେଲିଆ ଖେଳାଳି ରହିଥିଲେ । ମାର୍ନସଙ୍କ ପରେ ଷ୍ଟିଭ୍ ସ୍ମିଥ୍ ଦ୍ୱିତୀୟରେ ଏବଂ ଟ୍ରାଭିସ୍ ହେଡ୍ ତୃତୀୟ ସ୍ଥାନରେ ରହିଥିଲେ । ସଦ୍ୟ ରାଙ୍କିଂରେ କେନ୍ ୱିଲିୟମସନ ଦ୍ୱିତୀୟ ସ୍ଥାନରେ, ମାର୍ନସ ଏହଂ ହେଡ୍ ଯଥାକ୍ରମେ ତୃତୀୟ ଏବଂ ଚତୁର୍ଥ ସ୍ଥାନରେ ଅଛନ୍ତି । ପଞ୍ଚମ ସ୍ଥାନରେ ପାକିସ୍ତାନର ବ୍ୟାଟର ବାବର ଆଜମ ରହିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ଡବ୍ଲୁଟିସି ଫାଇନାଲରେ ଭାରତର ଚୂଡାନ୍ତ ଏକାଦଶରେ ସ୍ଥାନ ପାଇ ନଥିବା ଅଶ୍ୱିନ ୮୬୦ ଅଙ୍କ ସହ ଦୁନିଆର ଏକ ନମ୍ବର ବୋଲର ଅଛନ୍ତି । ଦ୍ୱିତୀୟରେ ଇଂଲଣ୍ଡର ଜେମ୍ସ ଆଣ୍ଡରସନ ୮୨୯ ଅଙ୍କ ଅଛନ୍ତି । ଭାରତୀୟ ବୋଲର ଜଶପ୍ରୀତ ବୁମରାହଏବଂ ରବିନ୍ଦ୍ର ଜାଡେଜା କ୍ରମଶ ଅଷ୍ଟମ ଏବଂ ନମ୍ବମ ସ୍ଥାନରେ ଅଛନ୍ତି । ଭାରତୀୟ ବ୍ୟାଟର ରୋହିତ ଶର୍ମା ୧୨ତମ ସ୍ଥାନ ଏବଂ ବିରାଟ କୋହଲି ୨୫ତମ ସ୍ଥାନରେ ଅଛନ୍ତି ।

## ଆଣ୍ଠୁ ଆଘାତ ସମସ୍ୟା ସମ୍ପର୍କରେ କାହାକୁ କହିନଥିଲେ ଧୋନି:କାଶୀ ବିଶ୍ୱନାଥନ୍

ନୂଆଦିଲ୍ଲୀ(ଏଜେନ୍ସୀ): ଚେନ୍ନାଇ ସୁପର କିଙ୍ଗସ୍ ଭେଟେରାନ୍‌ମହେନ୍ଦ୍ର ସିଂହ ଧୋନିଙ୍କ ସମର୍ପଣ ଭାବ ଓ ପ୍ରତିବଦ୍ଧତା କାରଣରୁ ଦଳ ୨୦୨୩ରେ ଚାମ୍ପିୟନ୍ ଆଖ୍ୟା ଅର୍ଜନ କରିଥିଲା । ଆଣ୍ଠୁ ଜନୀତ ସମସ୍ୟାରେ ଜୁଝୁଥିଲେ ମଧ ଧୋନି ଗୋଟିଏ ହେଲେ ମ୍ୟାଚ୍‌ରେ ବିଶ୍ରାମ ନେଇନଥିଲେ । ଟୁର୍ଣ୍ଣାମେଣ୍ଟ ଶେଷ ହେବା ପରେ ଯାଇ ସେ ମୁମ୍ବାଇର ଏକ ହସ୍ପିଟାଲରେ ଆଣ୍ଠୁ ସର୍ଜରୀ କରାଇଥିଲେ । ଏବେ ମାହିଙ୍କ ରିହାବ ଜାରି ରହିଛି । ଧୋନିଙ୍କ ଆହତ ସମସ୍ୟାକୁ ନେଇ ଏବେ ଖୁଲାସା କରିଛନ୍ତି ଦଳର ସିଇଓ କାଶୀ ବିଶ୍ୱନାଥନ୍ । ସିଏସ୍‌କେ ସିଇଓ କାଶୀ ବିଶ୍ୱନାଥନ୍ କହିଛନ୍ତି, 'ମହେନ୍ଦ୍ର ସିଂହ ଧୋନିଙ୍କ ଆଣ୍ଠୁରେ ଆଘାତ କାରଣରୁ ତାଙ୍କୁ ସମସ୍ୟା ହେଉଥିଲା । ଏହା ପରେ ମଧ ସେ କେବେ କାହାରିକୁ ଏ ନେଇ କହିନଥିଲେ । ୨୦୨୩ ଆଇପିଏଲରେ ଧୋନୀ ଗୋଟିଏ ହେଲେ ମ୍ୟାଚ୍ ହାତଛଡା କରିନଥିଲେ । ଆଣ୍ଠୁରେ ଯନ୍ତ୍ରଣା ହେଉଥିଲେ ସୁଦ୍ଧା ସେ ପଡିଆକୁ ଓହ୍ଲାଇଥିଲେ ଏବଂ ଦଳ ପାଇଁ କଠିନ ପରିଶ୍ରମ କରିଥିଲେ । ପ୍ରତି ମ୍ୟାଚ୍ ଖେଳିଥିଲେ ଏବଂ ଦଳକୁ ୫ମ ଥର ପାଇଁ ଚାମ୍ପିୟନ୍ କରାଇଥିଲେ' । ଆଣ୍ଠୁରେ ଯନ୍ତ୍ରଣା ଭୋଗିଥିବା ମହେନ୍ଦ୍ର ସିଂହ ଧୋନୀ ଚଳିତ ମାସରେ ସର୍ଜରୀ କରାଇଥିଲେ । ସିଇଓ କାଶୀ ବିଶ୍ୱନାଥନ କହିଛନ୍ତ, 'ପୂରା ଟୁର୍ଣ୍ଣାମେଣ୍ଟରେ ଧୋନିଙ୍କୁ ଖେଳିବା ନଖେଳିବା ନେଇ ପଚରା ଯାଇନଥିଲା । କାରଣ ଧୋନି ଯନ୍ତ୍ରଣା ହେଉଥିବା ନେଇ କେବେ କିଛି କହି ନଥିଲେ । ସେ ଅନଫିଟ୍ ଥିଲେ ପ୍ରଥମରୁ କହିଦେଇଥାନ୍ତେ' । ସିଏସ୍‌କେ ସିଇଓ କହିଛନ୍ତି, ଆଇପିଏଲ ଫାଇନାଲ ପର୍ଯ୍ୟନ୍ତ ବି ଆଣ୍ଠୁରେ ଯନ୍ତ୍ରଣା ହେଉଥିବା ଅଭିଯୋଗ କରିନଥିଲେ ଧୋନି । ସମସ୍ତେ ଜାଣିଥିଲେ କି ଧୋନି ଦୌଡିବା ବେଳେ ସଂଘର୍ଷ କରୁଥିଲେ । ତଥାପି ସେ ଥରେ ବି ଏ ନେଇ ଅଭିଯୋଗ କରିନାହାନ୍ତି । ଦଳ ଫାଇନାଲ ଜିତିବା ପରେ ଯାଇ ସେ ସର୍ଜରୀ ବାବଦରେ କହିଥିଲେ ।'

# ପାକିସ୍ତାନ ବୋର୍ଡର ଆବେଦନକୁ ଖାରଜ କରିଦେଲା ଆଇସିସି



ନୂଆଦିଲ୍ଲୀ(ଏଜେନ୍ସୀ): ଆଇସିସି ଏବଂ ବିସିସିଆଇ ଅକ୍ଟୋବର-ନଭେମ୍ବରରେ ଭାରତରେ ହେବାକୁ ଥିବା ଦିନିକିଆ ବିଶ୍ୱ କପର ଦୁଇ ମ୍ୟାଚର ଆୟୋଜନ ସ୍ଥଳ ପରିବର୍ତ୍ତନ ନେଇ ପାକିସ୍ତାନ ବୋର୍ଡର ଆବେଦନକୁ ଖାରଜ କରିଦେଇଛି । କ୍ରିକବଜ ପକ୍ଷରୁ ବୁଧବାର ପ୍ରକାଶିତ ରିପୋର୍ଟ ଅନୁସାରେ ବିସିସିଆଇ ଏବଂ ଆଇସିସି ମଙ୍ଗଳବାର ଏକ ବୈଠକ ପରେ ପିସିବିର ଆବେଦନକୁ ଖାରଜ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପିସିବିକୁ ଏହି ମିଳିତ ନିଷ୍ପତ୍ତି ବାବଦରେ ଅବଗତ କରାଯାଇଛି । ରିପୋର୍ଟ ଅନୁସାରେ, ଚେନ୍ନାଇରେ ଆଫଗାନିସ୍ତାନ ବିପକ୍ଷରେ ଏବଂ ବେଙ୍ଗାଲୁରୁରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଦୁଇ ମ୍ୟାଚର ଆୟୋଜନ ସ୍ଥଳ ବଦଳାଇବା ପାଇଁ ପିସିବି ଦାବି କରିଥିଲା । ଆଇସିସି ଏବଂ ବିସିସିଆଇ ପକ୍ଷରୁ ପିସିବିକୁ ପଠାଯାଇଥିବା ସନ୍ଦେଶରେ କୁହାଯାଇଛି ଯେ ଆୟୋଜନ ବଦଳାଇବାର କୌଣସି କାରଣ ନାହିଁ । ଆଇସିସି ପ୍ରତିଯୋଗୀତାରେ ଆୟୋଜନ ସ୍ଥଳ ସୁରକ୍ଷା କାରଣରୁ ପରିବର୍ତ୍ତନ କରାଯାଇ ପାରିବ, ତେବେ ପାକିସ୍ତାନ ନିଜ ଆବେଦନରେ କୌଣସି କାରଣ ସ୍ପଷ୍ଟ କରି ନଥିଲା । ଉଲ୍ଲେଖଯୋଗ୍ୟ ଯେ ୨୦୧୬ରେ ଭାରତ-ପାକିସ୍ତାନ ଟି-୨୦ ବିଶ୍ୱ କପ ମ୍ୟାଚକୁ ସୁରକ୍ଷା କାରଣରୁ ଧର୍ମଶାଳାରୁ କୋଲକାତା ସ୍ଥାନାନ୍ତରିତ କରାଯାଇଥିଲା । ପାକିସ୍ତାନ ପାଇଁ ଚେନ୍ନାଇ ଏବଂ ବେଙ୍ଗାଲୁରୁ ସବୁଠୁ ସୁରକ୍ଷିତ ବିକଳ୍ପ ବୋଲି ଧରାଯାଉଛି । ପିସିବିର ପୂର୍ବତନ ପ୍ରମୁଖ ନଜମ ସେଠୀ ମଧ ଅହମ୍ମଦାବାଦରେ ଭାରତ ସହ ଖେଳାଯିବାକୁ ନେଇ ଚିନ୍ତା ପ୍ରକାଶ କରିଥିଲେ, କିନ୍ତୁ ଏହି ଅନୁରୋଧ ଉପରେ ମଧ ବିଚାର କରାଯାଇ ନାହିଁ । ଉଲ୍ଲେଖଯୋଗ୍ୟ ଯେ ବିସିସିଆଇ ଏବଂ ଆଇସିସି ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଦିନିକିଆ ବିଶ୍ୱ କପର ପୁରା କାର୍ଯ୍ୟକ୍ରମ ଘୋଷଣା କରାଯାଇ ନାହିଁ । ରିପୋର୍ଟ ଅନୁସାରେ ଆସନ୍ତା ସପ୍ତାହରେ ମୁମ୍ବାଇରେ ଏକ କାର୍ଯ୍ୟକ୍ରମରେ ଏହାର ଘୋଷଣା ହୋଇପାରେ ।

# ସେଫ ଚମ୍ପିଆନସିପରେ ମୁହାଁମୁହିଁ ହେଲେ ଚିର ପ୍ରତିଦ୍ୱନ୍ଦୀ ଭାରତ ଏବଂ ପାକିସ୍ତାନ



ବାଙ୍ଗାଲୋର(ଏଜେନ୍ସୀ): ସେଫ ଚମ୍ପିଆନସିପରେ ବର୍ତ୍ତମାନ ମୁହାଁମୁହିଁ ହୋଇଛନ୍ତି ଚିର ପ୍ରତିଦ୍ୱନ୍ଦୀ ଭାରତ ଏବଂ ପାକିସ୍ତାନ । ଉଭୟ ଦଳ ମଇଦାନରେ କେବଳ ଖେଳ ବେଳେ ମୁହାଁମୁହିଁ ହୋଇ ନାହାନ୍ତି, ବରଂ ଉଭୟ ଦଳର ଖେଳାଳି ଏହି ଲାଇଭ ମ୍ୟାଚରେ ହାତାହାତି ହୋଇଥିବା ମଧ ଦେଖା ଯାଇଛି । ତେବେ କିଛି ସମୟ ଏହି ଉତ୍ତେଜନା ପରିସ୍ଥିତି ଲାଗି ରହିଥିବା ବେଳେ ଏହା ଶାନ୍ତ ପଡିଥିଲା । କିନ୍ତୁ ଏହି ଘଟଣାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଆଜି ମଇଦାନରେ ହୋଇଥିବା ଏହି ଲଢେଇ ପ୍ରଥମେ ଦଳର କୋଚଙ୍କ ନିକଟରୁ ଆରମ୍ଭ ହୋଇଛି । ମ୍ୟାଚର ୪୫ତମ ମିନିଟରେ ଭାରତୀୟ କୋଚ ଏବଂ ପାକିସ୍ତାନୀ ଖେଳାଳିଙ୍କ ସହ ତର୍କ ଆରମ୍ଭ ହୋଇଥିଲା । ପାକିସ୍ତାନର ଜଣେ ଖେଳାଳି ବଲ୍ ଫିଙ୍ଗିବା ସମୟରେ ଭାରତୀୟ କୋଚ ଇଗୋର ଷ୍ଟିମିକ ତାଙ୍କଠାରୁ ବଲ୍ ଛଡାଇ ନେଇଥିଲେ । ଏହାପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଥିଲା । ଏହାପରେ ଧିରେ ଧିରେ ଉଭୟ ଦଳର ଖେଳାଳି ମଧ ଏହି ଗଣ୍ଡଗୋଳରେ ସାମିଲ ହୋଇଯାଇଥିବା ଦେଖିବାକୁ ମିଳିଛି । ଉଭୟ ଦଳର ଖେଳାଳିଙ୍କ ମଧ୍ୟରେ ଠେଲାପେଲା ହେଉଥିବାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି । ଏହି ଘଟଣା ପରେ ଭାରତୀୟ କୋଚ ଇଗୋର ଷ୍ଟିମିକ ଏବଂ ଟିମ ମ୍ୟାନେଜରଙ୍କୁ ମ୍ୟାଚ ରେଫରୀ ରେଡ କାର୍ଡ ଦେଖାଇଥିଲେ ।,ହାବ୍ୟତୀତ ପାକିସ୍ତାନର କୋଚଙ୍କ ୟେଲୋ କାର୍ଡ ଦେଖାଇଥିବା ବେଳେ ଭାରତର ଡିଫେଣ୍ଡର ସନ୍ଦେଶ ଝିଙ୍ଗନ ଏବଂ ପାକିସ୍ତାନର ମିଡ ଫିଲ୍ଡର ରାହିସ ନବୀଙ୍କୁ ମଧ ୟେଲୋ କାର୍ଡ ଦେଖାଇଛନ୍ତି ମ୍ୟାଚ ରେଫରୀ । ଏହି ମ୍ୟାଚରେ ଟିମ ଇଣ୍ଡିଆ ପ୍ରଥମରୁ ହିଁ ପାକିସ୍ତାନ ଉପରେ ଭାରୀ ପଡିଥିଲା । ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଏବଂ ଅଧିନାୟକ ସୁନୀଲ ଛେତ୍ରୀଙ୍କ ହାଟ୍ରିକ ଗୋଲ ପାକିସ୍ତାନକୁ ପଛକୁ ଠେଲି ଦେଇଥିଲା । ପାକିସ୍ତାନର ଡିଫେଣ୍ଡର ବକ୍ସରେ ଭୁଲ କରିବାରୁ ଭାରତକୁ ପେନାଲ୍ଟି ମିଳିଥିଲା । ତେବେ ଏହି ମ୍ୟାଚକୁ ଜିତି ୩-୦ରେ ଆଗୁଆ ହୋଇଛି ଟିମ ଇଣ୍ଡିଆ ।

## ଇତିହାସ ସୃଷ୍ଟି କଲେ କ୍ରିଷ୍ଟିଆନୋ ରୋନାଲଡୋ

ନୁଆଦିଲ୍ଲୀ(ଏଜେନ୍ସୀ): ପର୍ତ୍ତୁଗାଲ ଅଧିନାୟକ ତଥା ମହାନ ଫୁଟବଲ ଖେଳାଳୀ ମାନଙ୍କ ମଧ୍ୟରୁ ଅନ୍ୟତମ କ୍ରିଷ୍ଟିଆନୋ ରୋନାଲଡୋ ଏକ ବଡ଼ ସଫଳତା ହାସଲ କରିଛନ୍ତି । ରୋନାଲଡୋ ୟୁରୋ ୨୦୨୪ କ୍ୱାଲିଫାୟର ମ୍ୟାଚ୍‌ରେ ଆଇସଲ୍ୟାଣ୍ଡ ବିପକ୍ଷରେ ତାଙ୍କ ଖେଳ ଜୀବନର ୨୦୦ ତମ ମ୍ୟାଚ୍ ଖେଳିଛନ୍ତି । ଏହି ମ୍ୟାଚ୍‌କୁ ରୋନାଲଡୋ ନିଜ ପାଇଁ ସତନ୍ତ୍ର ମଧ କରିଥିଲ । ଖେଳ ଶେଷ ହେବାର ଠିକ୍ ପୂର୍ବରୁ ୮୯ ତମ ମିନିଟ୍‌ରେ ଗୋଲ୍ କରି ପର୍ତ୍ତୁଗାଲ ଟିମ୍‌କୁ ୧-୦ରେ ହରାଇଥିଲା । ୩୮ ବର୍ଷୀୟ ରୋନାଲଡୋ ପ୍ରାୟ ୨୦ ବର୍ଷ ଖେଳିବା ପରେ ପର୍ତ୍ତୁଗାଲ ପାଇଁ ୨୦୦ ମ୍ୟାଚ୍ ପୁରଣ କରିଥିଲେ । ତାଙ୍କର ଏହି ଉପଲବ୍ଧି ପାଇଁ ଆଇସଲ୍ୟାଣ୍ଡ ମ୍ୟାଚ୍ ପୂର୍ବରୁ ହିଁ ତାଙ୍କୁ ସମ୍ମାନିତ କରାଯାଇଥିଲା । ଏହା ସହିତ ରୋନାଲଡୋଙ୍କ ନାମରେ ଗିନିଜ ଲ୍ଡ ରେକର୍ଡ କରିଛନ୍ତି । ଗ୍ରୁପ୍-ଜେ ରେ ରୋନାଲଡୋ ତାଙ୍କ ଟିମ୍‌କୁ ଚତୁର୍ଥ ବିଜୟ ଦେଇଥିଲେ । ପର୍ତ୍ତୁଗାଲ ଟିମ୍ ଏପର୍ଯ୍ୟନ୍ତ ଚାରି ମ୍ୟାଚ୍‌ରୁ ଚାରୋଟିରେ ବିଜୟ ହାସଲ କରିଛି । ଏହି ମ୍ୟାଚ୍‌ରେ ଗୋଲ୍ ସହିତ ରୋନାଲଡୋ ଆନ୍ତର୍ଜାତୀୟ ସ୍ତରରେ ୧୨୩ ଗୋଲ୍ ସ୍କୋର କରିଛନ୍ତି । ରୋନାଲଡୋ ୨୦୦ ମ୍ୟାଚ୍ ଖେଳିବା ପରେ ୟୁଇଏଫ୍‌ଏ ୱେବସାଇଟରେ କହିଛନ୍ତି ଯେ, ସେ ବହୁତ ଖୁସି ଅଛନ୍ତି । ଏହା ଏପରି ଏକ କ୍ଷଣ ଯାହା କେବେ ଆପଣ ଆଶା କରିପାରିବେ ନାହିଁ । ୨୦୦ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳିବା ମୋ ପାଇଁ ଏକ ଅବିଶ୍ୱସନୀୟ ଉପଲବ୍ଧି । ସବୁଠୁ ଅଧିକ ମ୍ୟାଚ୍ ଖେଳିବା କଥା କହିଲେ ରୋନାଲଡୋଙ୍କ ପରେ ଦ୍ୱିତୀୟ ସ୍ଥାନରେ କୁଏତର ବଦର ଅଲ ମୁତାବା ରହିଛନ୍ତି । ସେ ୧୯୬ ମ୍ୟାଚ୍ ନିଜ ଦେଶ ପାଇଁ ଖେଳିଛନ୍ତି ।

## ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଜିମ୍ବାୱେର ଲଗାତାର ଦ୍ୱିତୀୟ ବିଜୟ

ହରାରେ(ଏଜେନ୍ସୀ): ଆଇସିସି ଦିନିକିଆ ବିଶ୍ୱକପ୍‌ର ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟରେ ଆୟୋଜକ ଜିମ୍ବାୱେ କ୍ରମାନ୍ୱୟରେ ଦ୍ୱିତୀୟ ବିଜୟ ହାସଲ କରିଛି । ଆଜି ଅନୁଷ୍ଠିତ ଗ୍ରୁପ୍-ଏ' ମ୍ୟାଚ୍‌ରେ ଦଳ ୬ ୱିକେଟ୍‌ରେ ନେଦରଲାଣ୍ଡସ୍‌କୁ ପରାସ୍ତ କରିଥିଲା । ଏଥିସହ ଜିମ୍ବାୱେ ମୋଟ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛି । ଅପରାଜିତ ଶତକୀୟ ଇନିଂସ୍ ଖେଳି ଦଳକୁ ଜିତାଇଥିବା ସିକନ୍ଦର ରାଜା ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ । ଜିମ୍ବାୱେଠୁ ବ୍ୟାଟିଂ ଆମନ୍ତ୍ରଣ ପାଇ ନେଦରଲାଣ୍ଡ ?ସ ୬ ୱିକେଟ୍ ହରାଇ ୩୧୫ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ବିକ୍ରମଜିତ ସିଂହ ୮୮ (୯ଚୌକା), ମ୍ୟାକ୍ସ ଓ'ଦାଉଦ ୫୯ (୧୦ଚୌକା), ସ୍କଟ୍ ଏଡୱାର୍ଡ୍ସ ୮୩ (୮ଚୌକା), ସାକିବ୍ ଜୁଲଫିକର ଅପରାଜିତ ୩୪ ରନ୍ କରିଥିଲେ । ଜିମ୍ବାୱେ ପକ୍ଷରୁ ସିକନ୍ଦର ୪ଟି ୱିକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଜିମ୍ବାୱେ ୫୫ଟି ବଲ୍‌ବାକି ଥାଇ ୪ ୱିକେଟ୍ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା । ସିକନ୍ଦର ମାତ୍ର ୫୪ଟି ବଲ୍‌ରୁ ଶତକ ପୂରଣ କରିଥିଲେ । ସେ ୬ଚୌକା ଓ ୮ଛକା ସହାୟତାରେ ଅପରାଜିତ ୧୦୨ରନ୍ କରିଥିବାବେଳେ ସିନ୍ ୱିଲିୟମ୍ସ ୯୧ (୧୦ଚୌକା, ୨ଛକା), କ୍ରେଗ୍ ଏରଭାଇନ୍ ୫୦, ଜୟଲର୍ଡ଼ ଗୁମ୍ବି ୪୦ ରନ୍ କରିଥିଲେ । ନେପାଳ ୬ ୱିକେଟ୍‌ରେ ଜିତିଲା ଗ୍ରୁପ୍-ଏ'ର ଅନ୍ୟ ଏକ ମ୍ୟାଚ୍‌ରେ ନେପାଳ ୬ ୱିକେଟ୍‌ରେ ଆମେରିକାକୁ ପରାଜିତ କରିଥିଲା । ଏହି ମ୍ୟାଚ୍‌ରେ ଆମେରିକା ପ୍ରଥମେ ବ୍ୟାଟିଂ କରି ୪୯ ଓଭରରେ ୨୦୭ରନ୍ କରି ଅଲଆଉଟ୍ ହୋଇଥିଲା । ଦଳର ଶାୟନ ଜାହାଙ୍ଗିର ଅପରାଜିତ ୧୦୦ (୧୦ଚୌକା, ୩ଛକା), ସୁଶାନ୍ତ ମୋଦନି ୪୨ କରିଥିଲେ ।

# ଆସେସ୍ ସିରିଜର ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ଠାରୁ ୨ ୱିକେଟରେ ପରାସ୍ତ ହେଲା ଇଂଲଣ୍ଡ




ବର୍ମିଂହମ(ଏଜେନ୍ସୀ): ଟେଷ୍ଟ କ୍ରିକେଟରେ ଆକ୍ରମଣାତ୍ମକ ରଣକୌଶଳ ଓ ବିସ୍ଫୋରକ ବ୍ୟାଟିଂକୁ ଆପଣାଇଥିଲା ଇଂଲଣ୍ଡ ଶେଷରେ ବିଫଳ ହୋଇଛି । ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ଠାରୁ ଦଳ ଶେଷରେ ମାଡ୍ ଖାଇଛି । ବର୍ମିଂହମରେ ଖେଳାଯାଉଥିବା ଆସେସ୍ ସିରିଜରେ ପ୍ରଥମ ମ୍ୟାଚରେ ଅଷ୍ଟ୍ରେଲିଆ ଠାରୁ ୨ ୱିକେଟରେ ପରାସ୍ତ ହୋଇଛି । ୨୮୨ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଅଷ୍ଟ୍ରେଲିଆ ଶେଷ ଦିନରେ ୧୭୪ ରନ୍ ଅବଶ୍ୟକ କରୁଥିଲା । ଘରୋଇ ଦଳ ଘାତକ ବୋଲିଂ କରି ୮ ୱିକେଟ୍ ହାସଲ କରିବାରେ ସଫଳ ହୋଇଥିଲା । ଅଷ୍ଟ୍ରେଲିଆକୁ ଆବଶ୍ୟକ କରୁଥିଲା ମାତ୍ର ୫୫ ରନ୍ । ହାତରେ ୨ ୱିକେଟ୍ ବାକିଥିଲା । ଇଂଲଣ୍ଡ ବିଜୟ ନିକଟତର ହେଉଥିଲା । ହେଲେ ଅଧିନାୟକ ପ୍ୟାଟ୍ କମିନ୍ସ ଓ ନାଥନ ଲାୟନଙ୍କ ଚିତ୍ତାକର୍ଷକ ବ୍ୟାଟିଂ ବଳରେ ବିଜୟ ସ୍ୱାଦ ଚାଖିଛି ୫ଟି ମ୍ୟାଚ୍ ବିଶିଷ୍ଟ ଆସେସ୍ ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଆଗରେ ରହିଛି । ଉଭୟ ଇନିଂସରେ ଯଥାକ୍ରମେ ୧୪୧ ଓ ୬୫ ରନ ସଂଗ୍ରହ କରି ବିଜୟର ଅନ୍ୟତମ ଭୂମିକା ଗ୍ରହଣ କରିଥିବା ଉସମାନ୍ ଖ୍ୱାଜା ପ୍ଲେୟାର ଅଫ୍ ଦ ମ୍ୟାଚ୍ ହୋଇଛନ୍ତି ।ଅନ୍ତିମ ଦିନରେ କଙ୍ଗାରୁ ଦଳ ୧୦୭/୩ରୁ ବ୍ୟାଟିଂ ଆରମ୍ଭ କରିଥିଲା । ଖ୍ୱାଜା ଓ ସ୍କଟ ବୋଲାଣ୍ଡ ସତର୍କତାର ସହିତ ବ୍ୟାଟିଂ ଆରମ୍ଭ କରିଥିଲେ । ୨୧ ରନ କରି ବୋଲାଣ୍ଡ ଆଉଟ ହେବା ପରେ କ୍ରମାଗତ ଭାବେ ୱିକେଟର ପତନ ହୋଇଥିଲା । ୨୨୭ରେ ଅଷ୍ଟ୍ରେଲିଆର ୮ଟି ୱିକେଟ୍ ପତନ ହୋଇଥିଲା । ଇଂଲଣ୍ଡକୁ ବିଜୟ ପାଇଁ ମାତ୍ର ୨ଟି ୱିକେଟ୍ ଆବଶ୍ୟକ ପଡୁଥିବା ବେଳେ କ୍ୟାପଟେନ କମିନ୍ସ ଓ ନାଥନ ଲାୟନ ଲଢୁଆ ବ୍ୟାଟିଂ କରିଥିଲେ । ଯୋଡ଼ି ଭାଙ୍ଗିବାକୁ ସମସ୍ତ ଶକ୍ତି ଲଗାଇଦେଇଥିଲା । ହେଲେ ବିଫଳ ହୋଇଥିଲା । ଅଷ୍ଟ୍ରେଲିଆ ୱିକେଟରେ ଘରୋଇ ଇଂଲଣ୍ଡ ହରାଇ ଆସେସ୍ ସିରିଜରେ ପ୍ରଥମ ବିଜୟ ହାସଲ କରିଛି ।

# ୟୁରୋ ଯୋଗ୍ୟତା ପର୍ଯ୍ୟାୟରେ ଫିନଲାଣ୍ଡ ୬-୦ ଗୋଲ୍‌ରେ ବିଜୟ

ପ୍ୟାରିସ(ଏଜେନ୍ସୀ): ଚଳିତ ୟୁରୋ ଯୋଗ୍ୟତା ପର୍ଯ୍ୟାୟର ଚତୁର୍ଥ ରାଉଣ୍ଡରେ ଇଂଲଣ୍ଡ, ଫ୍ରାନ୍ସ, ଫିନଲାଣ୍ଡ, ତୁର୍କୀ, ଆୟର୍ଲାଣ୍ଡ, କାଜାଖସ୍ତାନ ପ୍ରମୁଖ ବିଜୟ ହାସଲ କରିଛନ୍ତି । ଇଂଲଣ୍ଡ ୭-୦ ଗୋଲ୍‌ରେ ନର୍ଥ ମାସିଡୋନିଆକୁ ହରାଇଥିବାବେଳେ ସାନ ମାରିନୋ ବିପକ୍ଷରେ ଫିନଲାଣ୍ଡ ୬-୦ ଗୋଲ୍‌ରେ ବିଜୟ ହାସଲ କରିଛି । ଗ୍ରୁପ୍-ବି'ରେ ଫ୍ରାନ୍ସ ସଂଘର୍ଷପୂର୍ଣ୍ଣ ବିଜୟ ହାସଲ କରିଥିଲା । ଗ୍ରୀସ ବିପକ୍ଷ ଏହି ମ୍ୟାଚ୍‌ରେ କିଲିଆନ ଏମ୍ବାପେ ଏକ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିଥିଲେ । ଜବାବରେ ଗ୍ରୀସ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ ହେଁ ଗୋଲ୍ ପରିଶୋଧ କରିପାରି ନଥିଲା । ଅନ୍ୟ ଏକ ମ୍ୟାଚ୍‌ରେ ଆୟର୍ଲାଣ୍ଡ ୩-୦ ଗୋଲ୍‌ରେ ଜିବ୍ରାଲଟରକୁ ହରାଇଥିଲା । ଦଳ ପକ୍ଷରୁ ମିକାଏଲ ଜନଷ୍ଟନ(୫୨ତମ ମିନିଟ୍), ଇଭାନ ଫର୍ଗୁସନ(୫୯ତମ ମିନିଟ୍) ଓ ଆଡାମ ଇଦାହ ୯୦+୨ତମ ମିନିଟ୍)ରେ ଗୋଲ୍ କରିଥିଲେ । ଗ୍ରୁପ୍-ସି'ରେ ଇଂଲଣ୍ଡ ୭-୦ ଗୋଲ୍‌ରେ ବିଜୟ ହାସଲ କରିଥିଲା । ଦଳ ପକ୍ଷର ବୁକାୟୋ ସାକା ହ୍ୟାଟ୍ରିକ୍ (୩୮, ୪୭ ଓ ୫୧ତମ ମିନିଟ୍) ଗୋଲ୍ କରିଥିଲେ । ସେହିପରି ହ୍ୟାରୀ କେନ୍ (୨୯, ୭୩ତମ ମିନିଟ୍‌ରେ)୨ଟି ଗୋଲ୍ ସ୍କୋର କରିଥିବାବେଳେ ମାର୍କସ ରସଫୋର୍ଡ ୪୫ତମ ମିନିଟ୍ ଓ କାଲଭିନ ଫିଲିପ୍ସ ୬୪ତମ ମିନିଟ୍‌ରେ ଅନ୍ୟ ୨ଟି ଗୋଲ୍ ସ୍କୋର କରିଥିଲେ । ଏହି ଗ୍ରୁପ୍‌ରେ ଇଂଲଣ୍ଡ ୪ଟି ମ୍ୟାଚ୍ ଜିତି ୧୨ ପଏଣ୍ଟ ହାସଲ କରିଛି । ଅନ୍ୟ ଏକ ମ୍ୟାଚ୍‌ରେ ୟୁକ୍ରେନ୍ ୧-୦ ଗୋଲ୍‌ରେ ମାଲଟାକୁ ହରାଇଥିଲା । ଦଳ ପକ୍ଷରୁ ଭିକ୍ଟର ସାଏହାନ୍‌କୋଭ ୭୨ତମ ମିନିଟ୍‌ରେ ଏକ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିଥିଲେ । ଗ୍ରୁପ୍-ଡି'ରେ ତୁର୍କୀ ୨-୦ ଗୋଲ୍‌ରେ ୱେଲ୍ସକୁ ହରାଇଥିଲା । ଦଳ ପକ୍ଷରୁ ମେହମତ ୭୨ତମ ମିନିଟ୍ ଓ ଆର୍ଦା ଗୁଲାର ୮୦ତମ ମିନିଟ୍‌ରେ ଗୋଲ୍ କରିଥିଲେ । ସେହିପରି ଆର୍ମେନିଆ ୨-୧ ଗୋଲ୍‌ରେ ଲାଟଭିଆକୁ ହରାଇଥିଲା । ଦଳ ପକ୍ଷରୁ ନାଏର ଟିକ୍ନିଜ୍ୟାନ ୩୫ତମ ମିନିଟ୍ ଓ ଟିଗ୍ରାନ୍ ବ ସେ ଗ ୟ ା ନ ୯୦+୧(ପେନାଲ୍ଟି)ତମ ମିନିଟ୍‌ରେ ଗୋଲ୍ କରିଥିଲେ । ଷ୍ଟେପା ମିକଚ୍ୟାନ୍ ଏକଙ୍କ ଆତ୍ମଘାତୀ ଗୋଲ୍ ବଳରେ ଲାଟଭିଆ ଖାତା ଖୋଲିଥିଲା । ଗ୍ରୁପ-ଏଚ୍'ରେ ଫିନଲାଣ୍ଡ ୬-୦ ଗୋଲ୍‌ରେ ସାନ ମାରିନୋକୁ ପରାସ୍ତ କରିଥିଲା । ଦଳ ପକ୍ଷରୁ ଡାନିଏଲ ହାକାନ୍ସ ହ୍ୟାଟ୍ରିକ୍(୬୫, ୭୨, ୭୪ତମ ମିନିଟ୍) ଗୋଲ୍ କରିଥିବାବେଳେ ୧୬ତମ ମିନିଟ୍‌ରେ ଗ୍ଲେନ କାମାରା, ୩୯ତମ ମିନିଟ୍‌ରେ ବେଞ୍ଜାମିନ କାଲମାନ ଓ ୭୬ତମ ମିନିଟ୍‌ରେ ଟିମୁ ପୁକି ଅନ୍ୟ ୩ଟି ଗୋଲ୍ ସ୍କୋର କରିଥିଲେ । କାଜାଖସ୍ତାନ ୧-୦ ଗୋଲ୍‌ରେ ନର୍ଦର୍ଣ୍ଣ ଆୟର୍ଲାଣ୍ଡକୁ ପରାସ୍ତ କରିଥିଲା । ଦଳ ପକ୍ଷରୁ ଆବତ ଏୟେତୋଭ ୮୮ତମ ମିନିଟ୍‌ରେ ଗୋଲ୍ କରିଥିଲେ । ସ୍ଲୋଭେନିଆ ଓ ଡେନମାର୍କ ମଧ୍ୟରେ ମ୍ୟାଚ୍ ୧-୧ ଗୋଲ୍‌ରେ ଡ୍ର' ରହିଥିଲା । ଗ୍ରୁପ୍-ଆଇ'ରେ ସ୍ୱିଜରଲାଣ୍ଡ ଓରୋମାନିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଛ୍ ୨-୨ ଗୋଲ୍‌ରେ ଡ୍ର' ରହିଥିଲା । ସ୍ୱିଜରଲାଣ୍ଡ ପକ୍ଷରୁ ଜେକି(୨୮ ଓ ୪୧ତମ ମିନିଟ୍), ରୋମାନିଆ ପକ୍ଷରୁ ଭାଲେଣ୍ଟିନ ମିହାଲା ୮୯ ଓ ୯୦+୨ ତମ ମିନିଟ୍‌ରେ ଗୋଲ୍ କରିଥିଲେ । ଅନ୍ୟ ଏକ ମ୍ୟାଚ୍‌ରେ ଇସ୍ରାଏଲ (୪୨ମିନିଟ୍‌ରେ ରାଜ ସ୍ଲୋମୋ, ୬୧ତମ ମିନିଟ୍‌ରେ ମାନୋ ସୋଲେମୋନ) ୨-୧ ଗୋଲ୍‌ରେ ଆଣ୍ଡୋରା (୫୨ତମ ମିନିଟ୍‌ରେ ଆଲବର୍ଟ ରୋଜାସ୍)କୁ ହରାଇଥିଲା । ବେଲାରୁଷ ୨-୧ ଗୋଲ୍‌ରେ କସୋଭୋକୁ ପରାସ୍ତ କରିଥିଲା ।'


## ସପ୍ତାହର ଶେଷରେ ସାପ୍ତାହିକୀ ହାତରେ

ପ୍ରଜାତନ୍ତ୍ର ସାପ୍ତାହିକୀ

୧୮ ଜୁନ୍ -୨୪ ଜୁନ୍ ୨୦୨୩




ଆଇପିଏଲ୍‌ର ମୁକୁଟ

ତାହା ବାସ୍ତବରେ ଏକ ଯାଦୁକରୀ ମୂହୁର୍ତ୍ତ ଥିଲା । ରାତି ଦୁଇଟା ବାଜିବାକୁ କିଛି ସମୟ ବାକୀ ଥିଲା, କିନ୍ତୁ କୋଟି କୋଟି ଆଖି ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମଠାରୁ ନେଇ ଦେଶ-ଦୁନିଆର ଲକ୍ଷ ଲକ୍ଷ ଘରେ ଆଖିପତା ପକାଇବାକୁ ଲୋକେ ଭୂଲିଗଲେ । ଗୁଜୁରାଟ ଟାଇଟାନ୍ସର ମୋହିତ ଶର୍ମାଙ୍କ ହାତରେ ବଲ୍ ଥିଲା ଓ ଚେନ୍ନାଇ ସୁପର କିଙ୍ଗସର ରବୀନ୍ଦ୍ର ଜଡେଜାଙ୍କୁ ଶେଷ ଦୁଇ ବଲରେ ୧୦ ରନ କରିବାର ଥିଲା । ଜଡେଜା ଛକା ଓ ଚୌକା ମାରି ପଞ୍ଚମଥର ଲାଗି ଚେନ୍ନାଇ ସୁପର କିଙ୍ଗସ୍‌କୁ ବିଜେତାର ମୁକୁଟ ପିନ୍ଧାଇପାରିଲେ ଓ ତାହା ସହିତ କ୍ରିକେଟର ସବୁଠାରୁ ରୋମାଞ୍ଚକ ଲିଗର ୧୬ତମ ପର୍ଯ୍ୟାୟ ସମାପ୍ତିରେ ପହଞ୍ଚାଇଦେଲେ । ଏହି ପ୍ରତିଦ୍ୱନ୍ଦିତାରେ କିପରି ଭାରତରେ କ୍ରୀଡା ଭାବନାକୁ ଜୀବନ୍ତ କରାଯାଇପାରିଛି, ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି । ଚେନ୍ନାଇର ସାଇ ସୁଦର୍ଶନ ୪୭ ବଲ୍‌ରେ ୯୬ ରନ କରି ଚମତ୍କାର ଖେଳ ଖେଳି ଗୁଜୁରାଟ ସ୍ଥିତିକୁ ସୁଦୃଢ଼ କରିଥିଲେ ଏବଂ ଅନ୍ୟପକ୍ଷରେ ଗୁଜୁରାଟର ରବିନ୍ଦ୍ର ଜାଡେଜା ଚେନ୍ନାଇ ବିଜୟର ଗୌରବ ଗାଥା ଲେଖିବାକୁ ସମର୍ଥ ହେଲେ । ପରାଜିତ କ୍ୟାପଟେନ ପାଣ୍ଡ୍ୟା ପ୍ରତିଦ୍ୱନ୍ଦୀଙ୍କ ପ୍ରତି ଶ୍ରଦ୍ଧାଶୀଳ ଥିଲେ, ବିଜେତା କ୍ୟାପଟେନ ମହେନ୍ଦ୍ର ସିଂହ ଧୋନୀ ଖେଳାଳୀଙ୍କୁ ନିଜ ସଂକେତ ଦ୍ୱାରା ଦର୍ଶାଉଥିଲେ

**ଜାତୀୟ:** ସୁପ୍ରିୟା, ପ୍ରଫୁଲ୍ଲ ଏନ୍‌ସିପି କାର୍ଯ୍ୟକାରୀ ସଭାପତି ଅଜିତ ପାୱାର ବଞ୍ଚିତ କାହିଁକି ?

**ସ୍ୱତନ୍ତ୍ର ପ୍ରସଙ୍ଗ:** ୨୦୨୪ ଲୋକସଭା ନିର୍ବାଚନ ପାଇଁ ବିଜେପିର ନୂଆ ରଣନୀତି

**ନାରୀ:** ମହିଳାଙ୍କ ସୌନ୍ଦର୍ଯ୍ୟ ବୃଦ୍ଧି କରେ ଗହଣା

**କ୍ଷୁଦ୍ରଗଳ୍ପ:** ଫ୍ଲାଟ୍ ଘରର ଦୁଃଖ

**ଚଳଚ୍ଚିତ୍ର:** ବାଂଲାଦେଶରେ ରିଲିଜ୍ ହେବ ସଲମାନଙ୍କ ଫିଲ୍ମ ,ନିର୍ଦ୍ଦେଶକ ନିତିନ ଗୋପୀଙ୍କର ଦେହାନ୍ତ,ଆଲିଆଙ୍କ ଅଜା ନରେନ୍ଦ୍ରନାଥ ରାଜଦାନଙ୍କ ଦେହାନ୍ତ,ପୁଣି ଥରେ ଲାଇମଲାଇଟକୁ ଆସିଲେ ସାମନ୍ଥା,ଖୋଲାଖୋଲି ଭାବେ ନିଜର ପ୍ରେମ ବ୍ୟକ୍ତ କଲେ ସୋନାକ୍ଷୀ,ସିକ୍ରେଟ୍ ନିର୍ବନ୍ଧକୁ ନେଇ ଚର୍ଚ୍ଚାରେ ଇଲିଆନା ଡି'କ୍ରୁଜ ,ପଶ୍ଚିମବଙ୍ଗ ଫିଲ୍ମ ନିର୍ମାତା ପିୟୁଷ ଶାହ ଗିରଫ,ବାପା ହେଲେ ରାଣା ଡଗୁବତୀ !,କଳାକାର ଅମୀର ରଜା ହୁସେନ୍‌ଙ୍କ ଦେହାନ୍ତ

**ଖେଳ:**୯ବର୍ଷର ପୁଅକୁ ଅଷ୍ଟ୍ରେଲିଆରୁ ଫେରାଇ ଆଣିବେ ଧାୱନ,ଚର୍ଚ୍ଚାରେ ଭାରତୀୟ କ୍ରିକେଟ୍ ଦଳର ଷ୍ଟାର ଖେଳାଳୀ ଶୁବମନ ଗିଲ,ବାହାନଗାରେ ମୃତ ଯାତ୍ରୀଙ୍କ ପିଲାଙ୍କୁ ମାଗଣାରେ ଶିକ୍ଷା ଦେବେ ବିରେନ୍ଦ୍ର ସେହୱାଗ୍,କ୍ଲବ୍ ଇଣ୍ଟର ମିଆମିରେ ସାମିଲ ହେବେ ଲିଓନେଲ୍ ମେସି,'ମ୍ୟାନ୍ ଭର୍ସେସ୍‌ୱାଇଲ୍ଡ' ଶୋ'ରେ ଆସିବେ ବିରାଟ କୋହଲି,ଆଇପିଏଲ୍ ଫାଇନାଲରେ କାନ୍ଦି ପକାଇଥିଲେ ଧୋନି,ବିବାହ କଲେ ସିଏସ୍‌କେର ଷ୍ଟାର ଓପନର୍ ରୁତୁରାଜ ଗାଏକୱାଡ

ଏବଂ **ଶେଷପୃଷ୍ଠା** ରେ ଭର୍ତ୍ତୃହରି ମହତାବଙ୍କ "ରସାତଳଗାମୀ କମ୍ୟୁନିଷ୍ଟ ଦଳ: ଆଉ ବିଚାର ?."

ନିକଟସ୍ଥ ଏଜେଣ୍ଟଙ୍କଠାରୁ ଶୀଘ୍ର ସଂଗ୍ରହ କରି ନିଅନ୍ତୁ



ସଂପାଦକ : ଭର୍ତ୍ତୃହରି ମହତାବ ❐ Printed and Published by Sri Bhartruhari Mahtab on behalf of Prajatantra Prachar Samity and Printed at Prajatantra Press, Biharibag, Chandinichowk, Cuttack- 753002, Phone-2508111, E-mail- prajatantra2003@yahoo.com/prajatantra2014@gmail.com, ❐ Regional Office- BBSR, Ph- 2393583